# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଫେବୃୟାରୀ ୧୮/୨୦୨୨ (୧୬ ପୃଷ୍ଠା) | Bhubaneswar, Friday, February 18/2022 | ★★★★★★

୪୮ଶ ଭାଗ ୮୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



CENTRE FOR SIGHT
Every eye deserves the best
A Mahindra Collaboration

## ସେଣ୍ଟର୍ ଫର୍ ସାଇଟ୍
## ଚକ୍ଷୁ ଚିକିତ୍ସାଳୟ

CFS VISION
Opticals & beyond
Powered By CENTRE FOR SIGHT
A Mahindra Collaboration
Connect with us:

# ଏବେ ସ୍ପଷ୍ଟ ଦେଖିବ ଭୁବନେଶ୍ୱର

ଆସିଗଲା ଭାରତର ବିଶ୍ୱସ୍ତରୀୟ ଆଇ କେୟାର୍ ହସ୍ପିଟାଲ୍ ଏବେ ଆପଣଙ୍କ ସହରକୁ



# ସେଣ୍ଟର୍ ଫର୍ ସାଇଟ୍

25 ବର୍ଷ | 50+ କେନ୍ଦ୍ର | 150+ ଡାକ୍ତର

ଚକ୍ଷୁ ଚିକିତ୍ସା ₹100*

ସମୟ : ସୋମବାରରୁ ଶନିବାର। ସକାଳ ୨ ଟାରୁ ସନ୍ଧ୍ୟା ୬ ଟା ପର୍ଯ୍ୟନ୍ତ

ଏନ୍ - 4/239, ନୟାପଲ୍ଲୀ (ଇନ୍ଦ୍ରଧନୁ ମାର୍କେଟ୍ ନିକଟରେ), ଭୁବନେଶ୍ୱର

9819-222-220

*ଡାକ୍ତରଙ୍କର ଚୟନ ସେଣ୍ଟର୍ ଫର୍ ସାଇଟ୍ ଦ୍ୱାରା କରାଯିବ • ନିୟମ ଏବଂ ସର୍ତ୍ତାବଳି ଲାଗୁ

ଦିଲ୍ଲୀ | ହରିୟାଣା | ଉତ୍ତରପ୍ରଦେଶ | ରାଜସ୍ଥାନ | ବିହାର | ଗୁଜରାଟ | ମଧ୍ୟପ୍ରଦେଶ | ମହାରାଷ୍ଟ୍ର | ଆନ୍ଧ୍ରପ୍ରଦେଶ | ତେଲେଙ୍ଗାନା | ପଶ୍ଚିମବଙ୍ଗ | ଓଡ଼ିଶା

# ନକଲି ଡାକ୍ତର ମାଟ୍ରିକ୍ ଫେଲ୍

ଭୁବନେଶ୍ୱର, ୧୭।୨(ବ୍ୟୁରୋ)

ଅର୍ଥ ପାଇଁ ବିଭିନ୍ନ ପ୍ରଲୋଭନ ଦେଖାଇ ୧୭ଜଣ ମହିଳାଙ୍କୁ ବିବାହ କରିଥିବା ଅଭିଯୁକ୍ତ ନକଲି ଡାକ୍ତର ରମେଶ ସ୍ୱାଇଁଙ୍କ ଅପରାଧର ତାଲିକା ଲମ୍ବି ଲମ୍ବି ଯାଉଛି। ନକଲି ଡାକ୍ତର ରମେଶ ଜେଲରେ ଥିବାବେଳେ ପ୍ରତିଦିନ ତାଙ୍କ ବିଷୟରେ ନୂଆ ନୂଆ ତଥ୍ୟ ସାମ୍ନାକୁ ଆସୁଛି। ନିଜକୁ ଡାକ୍ତର ବୋଲି ପରିଚୟ ଦେଇ ଉଚ୍ଚ ଶିକ୍ଷିତା ମହିଳାଙ୍କୁ ଟାର୍ଗେଟ କରିବା ସହ ବହୁ ଆର୍ଥିକ ଅନିୟମିତତାରେ ସମ୍ପୃକ୍ତ ଅଭିଯୁକ୍ତ ରମେଶଙ୍କ ଶିକ୍ଷାଗତ ଯୋଗ୍ୟତା ମାଟ୍ରିକ୍ ଫେଲ୍ ବୋଲି ତାଙ୍କ ସମ୍ପର୍କୀୟମାନେ ପୋଲିସକୁ କହିଛନ୍ତି। ତେବେ ପ୍ରକୃତରେ ସେ ମାଟ୍ରିକ୍ ଫେଲ୍ କି ନୁହେଁ ଏନେଇ ଯାଞ୍ଚ ଜାରି ରହିଥିବା ଡିସିପି ଉମାଶଙ୍କର ଦାଶ କହିଛନ୍ତି। ତାଙ୍କ ମୋବାଇଲରୁ ପ୍ରାୟ ୮୦ରୁ ଊର୍ଦ୍ଧ୍ୱ ଯୁବତୀ ଓ ମହିଳାଙ୍କୁ ପୋଲିସ ଯୋଗାଯୋଗ କଲାଣି। ଅନ୍ୟପକ୍ଷରେ, ଢେଙ୍କାନାଳରେ ସେ ଏକ କ୍ଲିନିକ୍ ଖୋଲିଥିଲେ। ସେହିପରି କଟକ ଜିଲା ବଡ଼ମ୍ବା ଅଞ୍ଚଳରେ ଏକ ଡାଇବେଟିକ୍ କ୍ଲିନିକ ଖୋଲି ସେଠାରେ ସେ ଡାକ୍ତରଙ୍କୁ ନିଯୁକ୍ତି କରିଥିଲେ।



ପାତ୍ରପଡ଼ାରେ ରମେଶ ରହୁଥିବା ଭଡ଼ାଘରେ ପୋଲିସ ବିଭିନ କାଗଜପତ୍ର ଯାଞ୍ଚ କରୁଛି।

- **ପାତ୍ରପଡ଼ା ଭଡ଼ାଘରେ ଚଢ଼ାଉ, କାଗଜପତ୍ର ଜବତ**
- **କଟକ,ଢେଙ୍କାନାଳରେ ଖୋଲିଥିଲେ କ୍ଲିନିକ୍**

ନିଜକୁ ଡାକ୍ତର ବୋଲି ପରିଚୟ ଦେଇ ସେଠାରେ ଘର ଭଡ଼ା ନେଇଥିଲେ। ଏପରି କି ସେଠାରେ ଏକାଧିକ ଡାକ୍ତର ଏବଂ ୧୫ଜଣ କର୍ମଚାରୀଙ୍କୁ ନିଯୁକ୍ତି କରିଥିଲେ ମଧ୍ୟ ସେମାନଙ୍କୁ ନିୟମିତ ଦରମା ଦେଉ ନ ଥିଲେ। ଏନେଇ ୨ଜଣ ଡାକ୍ତର ମଧ୍ୟ ଅଭିଯୋଗ କରିଛନ୍ତି। ରମେଶଙ୍କ ବିରୋଧରେ ୧୫ଜଣ ସ୍ତ୍ରୀ ଅଭିଯୋଗ ଆଣିଛନ୍ତି। ଏପରି କି ଲକ୍ଷ୍ନୌସ୍ଥିତ କିଙ୍ଗ ଜର୍ଜ ମେଡିକାଲ କଲେଜରେ ଜଣେ ଛାତ୍ରଙ୍କୁ ଆଡମିଶନ କରାଇଦେବା ପାଇଁ ଜଣେ ଡାକ୍ତରଙ୍କ ଠାରୁ ୬୦ହଜାର ଟଙ୍କା ଠକିଥିବା ଅଭିଯୋଗ ହୋଇଛି। ତାଙ୍କ ବିରୋଧରେ ଅଧିକରୁ ଅଧିକରୁ



ରମେଶ ସ୍ୱାଇଁ

ମହିଳା ଏବଂ ଆର୍ଥିକ ଅନିୟମିତତା ସମ୍ପର୍କିତ ଅଭିଯୋଗର ଫର୍ଦ୍ଦ ବଢୁଥିବାରୁ ତାଙ୍କୁ ୭ଦିନ ରିମାଣ୍ଡରେ ଆଣିବାକୁ କୋର୍ଟରେ ଆବେଦନ କରାଯାଇଛି। ସେ ରିମାଣ୍ଡରେ ଆସିବା ପରେ ତାଙ୍କ ବିଷୟରେ ଅଧିକ ଗୋପନ ତଥ୍ୟ ସାମ୍ନାକୁ ଆସିପାରେ ବୋଲି ଚର୍ଚ୍ଚା ହେଉଛି।

ଉଲ୍ଲେଖଯୋଗ୍ୟ, ଅଭିଯୁକ୍ତ ରମେଶ ବିଭିନ୍ନ ମାଟ୍ରିମୋନିଆଲ୍ ସାଇଟ୍ ଏବଂ ସୋସିଆଲ୍ ମିଡିଆରୁ ଉଚ୍ଚଶିକ୍ଷିତା ମହିଳାଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରି ସେମାନଙ୍କୁ ଫସାଇ ବିବାହ କରୁଥିଲେ। ବିଶେଷକରି ଏକୁଟିଆ ରହୁଥିବା ମଧ୍ୟ ବୟସ୍କା ମହିଳାଙ୍କୁ ସେ ଟାର୍ଗେଟ କରୁଥିଲେ। ସେମାନଙ୍କୁ ମିଥ୍ୟା ପ୍ରତିଶ୍ରୁତି ଓ ଜାଲ୍ ପ୍ରମାଣପତ୍ର ଦେଖାଇ ବିବାହ କରିବା ପରେ ସମୟ ସୁବିଧା ଦେଖି ଟଙ୍କା, ସୁନା ଓ ସମ୍ପତ୍ତି ଲୁଟୁଥିଲେ। ତେବେ ରମେଶଙ୍କ ଦ୍ୱାରା ପ୍ରତାରଣାର ଶିକାର ହୋଇଥିବା ଦିଲ୍ଲୀର ଜଣେ ମହିଳା ଗତବର୍ଷ ଜୁଲାଇରେ ଭୁବନେଶ୍ୱର ମହିଳା ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗ ଆଧାରରେ ରମେଶଙ୍କୁ ଗିରଫ ପାଇଁ କମିଶନରେଟ ପୋଲିସ ସେବେଠାରୁ ଉଦ୍ୟମ ଚଳାଇଥିଲା।

### ସ୍ୱାସ୍ଥ୍ୟ ବିଭାଗ ଉପ ନିର୍ଦ୍ଦେଶକ ପରିଚୟ ଦେଇ ଭଡ଼ାରେ ରହୁଥିଲେ

ଖଣ୍ଡଗିରି ଥାନା ପାତ୍ରପଡ଼ାରେ ରମେଶ ମିଥ୍ୟା ପରିଚୟ ନେଇ ଭଡ଼ା ଘର ନେଇଥିଲେ। ଘରମାଲିକ ଉପେନ୍ଦ୍ର ପ୍ରସାଦ ନାୟକ ଖଣ୍ଡଗିରି ଥାନାରେ ଅଭିଯୋଗ କରିବାପରେ ପୋଲିସ ଏକ (ନଂ.୮୬/୨୨) ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ରମେଶ ନିଜକୁ ବିଜୟଶ୍ରୀ ରମେଶ କୁମାର ବୋଲି କହିବା ସହ ସ୍ୱାସ୍ଥ୍ୟ ବିଭାଗ ଉପ ନିର୍ଦ୍ଦେଶକବା ଡେପୁଟି ଡାଇରେକ୍ଟର(ହେଲ୍ଥ) ବୋଲିକହିଥିଲେ। ଗୁରୁବାର ମଧ୍ୟାହ୍ନରେ ପୋଲିସ ଟିମ୍ ଉକ୍ତ ଘର ତାଲା ଭାଙ୍ଗି ପଶିବା ସହ ସେଠାରେ ଥିବା ରମେଶଙ୍କ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଥିବା ସୂଚନା ଦେଇଛି।

## ଡିଜିଟାଲ ହେବ ଡ୍ରାଇଭିଂ ଟେଷ୍ଟ ପ୍ରକ୍ରିୟା



ଭୁବନେଶ୍ୱର, ୧୭।୨(ବ୍ୟୁରୋ)

ଡ୍ରାଇଭିଂ ଲାଇସେନ୍ସ କରିବାକୁ ହେଲେ ଆମକୁ ପ୍ରଥମେ ଜଣେ ଇନ୍ସପେକ୍ଟରଙ୍କ ଉପସ୍ଥିତିରେ ଡ୍ରାଇଭିଂ ସ୍କିଲ୍ ଟେଷ୍ଟ ଦେବାକୁ ପଡୁଥିଲା। ବର୍ତ୍ତମାନ କ୍ୟାମେରା, ସେନ୍ସର ଏବଂ କମ୍ପ୍ୟୁଟର ଦ୍ୱାରା ଡ୍ରାଇଭିଂ ଟେଷ୍ଟ ନିଆଯିବ ଅର୍ଥାତ୍ ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣ ଡିଜିଟାଲ ହେବ। ଓଡିଶା ପରିବହନ ବିଭାଗ ପକ୍ଷରୁ ଖୁବ୍‌ଶୀଘ୍ର ଏହି ଡ୍ରାଇଭିଂ ଟେଷ୍ଟ ସିଷ୍ଟମକୁ ଲାଗୁ କରାଯିବ। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ଅତ୍ୟାଧୁନିକ ଡ୍ରାଇଭିଂ ଟେଷ୍ଟ ସିଷ୍ଟମ୍ (ଏଡିଟିଏସ୍) ପ୍ରତିଷ୍ଠା କରାଯାଉଛି। ପ୍ରଥମେ ୧୯ଟି ଆର୍‌ଟିଓରେ ଡ୍ରାଇଭିଂ ପରୀକ୍ଷଣ ଟ୍ରାକ୍‌ରେ ଏଡିଟିଏସ୍ ସ୍ଥାପନ କରାଯିବ। ଭିଡିଓ ଆନାଲିଟିକ୍ସ ଟେକ୍ନୋଲୋଜି ଏବଂ କ୍ୟାମେରା ବ୍ୟବହାର କରି ଏହି ସିଷ୍ଟମରେ ଏକ ଅତ୍ୟାଧୁନିକ ସେଟ୍‌ଅପ୍ ପ୍ରଦର୍ଶିତ ହେବ। ଯାନଗୁଡିକର ପ୍ରବେଶଠାରୁ ଆରମ୍ଭ କରି ଏହାର ଯାଞ୍ଚ ଏବଂ ଡ୍ରାଇଭିଂ ପରୀକ୍ଷା ପର୍ଯ୍ୟନ୍ତ ସବୁକିଛି ଡିଜିଟାଲ୍ ମାଧ୍ୟମରେ ସମ୍ପାଦିତ ହେବ। ଟ୍ରାକ୍‌ରେ ଫିଟ୍ ହୋଇଥିବା ଡିଜିଟାଲ୍ ସେନ୍ସରଗୁଡିକ ଏହା ଉପରେ ନଜର ରଖିବ ଏବଂ ଆବେଦନକାରୀଙ୍କ ଡ୍ରାଇଭିଂ ଦକ୍ଷତା ଉପରେ ବିଚାର କରିବ। ଏକାଧିକ କ୍ୟାମେରା ସହିତ ବୈଜ୍ଞାନିକ ଭାବରେ ପରିକଳ୍ପିତ ସିଷ୍ଟମକୁ ଆବେଦନକାରୀଙ୍କ ଅତ୍ୟାବଶ୍ୟକ ଡ୍ରାଇଭିଂ ସ୍କିଲ୍ ମୂଲ୍ୟାଙ୍କନ କରିବାକୁ ରଖାଯିବ। ଡ୍ରାଇଭିଂ ଲାଇସେନ୍ସ ପାଇବାକୁ ଚାହୁଁଥିବା ପ୍ରାର୍ଥୀଙ୍କ ଦକ୍ଷ ଏବଂ ସ୍ୱଚ୍ଛ ପରୀକ୍ଷଣ ପାଇଁ ଉନ୍ନତ ପ୍ରଶିକ୍ଷଣ ପଦ୍ଧତି ରାଜ୍ୟର ସଡକ ଦୁର୍ଘଟଣା ହ୍ରାସ କରିବାରେ ସହାୟକ ହେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଜେଲ ଗଲେ ଅଭିଯୁକ୍ତ ଡାକ୍ତର

ଭୁବନେଶ୍ୱର, ୧୭।୨(ବ୍ୟୁରୋ)

ପ୍ରସବ ପାଇଁ ଲାଞ୍ଚ ନେଇ ଗିରଫ ହୋଇଥିବା ପୁରୀ ଜିଲା ନିମାପଡ଼ା ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ତ୍ରୀ ଓ ପ୍ରସୂତି ବିଭାଗର ଡାକ୍ତର ସୁକାନ୍ତ ଜେନା ଗୁରୁବାର ଜେଲ ଯାଇଛନ୍ତି। ଇନ୍‌ଫୋସିଟି ଥାନା ପଟିଆ ନନ୍ଦନ ବିହାରସ୍ଥିତ ବାସଭବନରେ ଭିଜିଲାନ୍ସ ଚଢ଼ାଉବେଳେ ସୁକାନ୍ତ ଏବଂ ତାଙ୍କ ପରିବାର ସଦସ୍ୟଙ୍କଠାରୁ ବିପୁଳ ପରିମାଣର ଆୟ ବହିର୍ଭୂତ ସମ୍ପତ୍ତି ଠାବ କରାଯାଇଛି। ଭିଜିଲାନ୍ସ ରିପୋର୍ଟ ଅନୁଯାୟୀ, ସୁକାନ୍ତ ଇନ୍‌ଫୋସିଟି ଥାନା କଳାରାହାଙ୍ଗ ଅଞ୍ଚଳରେ ଗୋଟିଏ ୩ ମହଲା କୋଠା, ଜଟଣୀରେ ଗୋଟିଏ ଫ୍ଲାଟ୍, ପୁରୀରେ ଗୋଟିଏ ଷ୍ଟୁଡିଓ ଆପାର୍ଟମେଣ୍ଟ, ୨ଟି ଚାରିଚକିଆ ଯାନ ଠାବ ହୋଇଛି। ତାଙ୍କ ଘରୁ ୧ କୋଟି ୧୨ ଲକ୍ଷ ନଗଦ ଟଙ୍କା ମଧ୍ୟ ଜବତ କରାଯାଇଛି। ଏଥିସହ ୪୪ ଲକ୍ଷ ୧୬ହଜାର ୮୬୪ ଟଙ୍କାର ବୀମା, ୩୮ଲକ୍ଷ ୬୩ ହଜାର ଟଙ୍କାର ସ୍ଥାୟୀ ଜମା ଓ ବ୍ୟାଙ୍କ ଡିପୋଜିଟ୍ ଥିବା ଭିଜିଲାନ୍ସ

**ପ୍ରସବ ପାଇଁ ଲାଞ୍ଚ ନେବା ଘଟଣା**

- **ପୁରୀରେ ଷ୍ଟୁଡିଓ, ଆପାର୍ଟମେଣ୍ଟ, ଜଟଣୀରେ ଫ୍ଲାଟ୍**
- **୪୪.୧୬ଲକ୍ଷର ବୀମା, ୩୮. ୬୩ ଲକ୍ଷ ଟଙ୍କାର ବ୍ୟାଙ୍କ ଡିପୋଜିଟ ଜବତ**
- **ଲାଞ୍ଚ ନେବା ବେଳେ ବୁଧବାର ଧରାପଡ଼ିଥିଲେ**

ଜାଣିବାକୁ ପାଇଛି। ଅପରପକ୍ଷରେ ଓଡ଼ିଶା ଭିଜିଲାନ୍ସ ଏଯାବତ୍ ଯେତୋଟି ଘଟଣାରେ ନଗଦ ରାଶି ଜବତ କରିଛି ସୁକାନ୍ତଙ୍କ ଠାରୁ ଜବତ ହୋଇଥିବା ୧କୋଟି ୧୨ଲକ୍ଷ ନଗଦ ଟଙ୍କା ସର୍ବାଧିକ ବୋଲି କୁହାଯାଉଛି। ତେବେ ଜବତ ହୋଇଥିବା ଟଙ୍କା ଢେଙ୍କାନାଳଠାରେ ଏକ ନର୍ସିଂ ହୋମ କରିବା ଉଦ୍ଦେଶ୍ୟରେ ରଖାଯାଇଥିବା ଅଭିଯୁକ୍ତ ସୁକାନ୍ତ



ସୁକାନ୍ତ ଜେନା

କହିଛନ୍ତି। ସୁକାନ୍ତଙ୍କ ଏଭଳି ବୟାନ ଉପରେ ଅଧିକ ତଦନ୍ତ ଜାରି ରହିଛି ବୋଲି ଭିଜିଲାନ୍ସ ଅଧିକାରୀ କହିଛନ୍ତି।

ସୂଚନା ଅନୁଯାୟୀ, ପୁରୀ ଜିଲା କୋଣାର୍କ ଅଞ୍ଚଳର ପବିତ୍ର ଭୋଇ ତାଙ୍କ ସମ୍ପର୍କୀୟ ଭଉଣୀଙ୍କୁ ପ୍ରସବ ପାଇଁ ମଙ୍ଗଳବାର ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଭର୍ତ୍ତି କରିଥିଲେ। ତେବେ ଉକ୍ତ ବିଭାଗର ଡାକ୍ତର ସୁକାନ୍ତ ଜେନା ପ୍ରସବ ପାଇଁ ଟଙ୍କା ଦାବି କରିଥିଲେ। ପ୍ରସବ ପୂର୍ବରୁ ୫ ହଜାର ଓ ପରେ ୩ହଜାର ଟଙ୍କା ନେବେ ବୋଲି କହିଥିଲେ। ଦାବି ଅନୁସାରେ ପବିତ୍ର ପ୍ରଥମେ ସୁକାନ୍ତଙ୍କୁ ୫ ହଜାର ଟଙ୍କା ଦେଇଥିଲେ। ଏଥିସହ ଘଟଣା ସମ୍ପର୍କରେ ସେ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଯୋଜନା ମୁତାବକ, ପ୍ରସବ ପରେ ବୁଧବାର ଅପରାହ୍ନରେ ସୁକାନ୍ତ ଆଉ ୩ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ଭୁବନେଶ୍ୱରର ୫ ଜଣିଆ ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିଥିଲା। ପରେ ସୁକାନ୍ତ ରହୁଥିବା ଘର ଉପରେ ଚଢ଼ାଉ କରାଯାଇଥିଲା। ଏନେଇ ସୁକାନ୍ତଙ୍କ ନାମରେ ଭିଜିଲାନ୍ସ ଏକ (ନଂ.୪/୨୦୨୨) ମାମଲା ରୁଜୁ କରିଛି। ତେବେ ଆୟ ବହିର୍ଭୂତ ସମ୍ପତ୍ତି ଘଟଣାରେ ଯାଞ୍ଚ ଜାରି ରହିଥିବା ଭିଜିଲାନ୍ସ ସୂଚନା ଦେଇଛି। ଏଯାବତ୍ ହିସାବ ଜାରି ରହିଥିବାରୁ ଠାବ ହୋଇଥିବା ସମ୍ପତ୍ତି ସହ ଆୟ ବହିର୍ଭୂତ ସମ୍ପତ୍ତିର ମୋଟ ମୂଲ୍ୟ କେତେ ଭିଜିଲାନ୍ସ ପକ୍ଷରୁ କୁହାଯାଇ ନାହିଁ।

## ଭୋଟ ଲାଗି ନକଲି ଭଉା ବହି ବଣ୍ଟନ

ଦଶରଥପୁର,୧୭।୨ (ଡିଏନ୍ଏ)

ଯାଜପୁର ଜିଲା ଦଶରଥପୁର ବ୍ଲକ୍‌ରେ ଶୁକ୍ରବାର ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଭୋଟ ଗ୍ରହଣ ହେବ। ଏହି ପରିପ୍ରେକ୍ଷୀରେ ବ୍ଲକର ଥାଲକୁଡି ପଞ୍ଚାୟତରେ କେତେଜଣ ପ୍ରାର୍ଥୀ ଭୋଟ ହାତେଇବାକୁ ନକଲି ଭଉା ବହି ସହ ଟଙ୍କା ବାଣ୍ଟିଥିବା ଅଭିଯୋଗ ହୋଇଛି। ହିତାଧିକାରୀମାନଙ୍କୁ ଦିଆଯାଇଥିବା ବହିରେ ସରକାରୀ ଷ୍ଟାମ୍ପ କିମ୍ବା ବ୍ଲକ୍ ଉନ୍ନୟନ ଅଧିକାରୀଙ୍କ ଦସ୍ତଖତ ନ ଥିବା ଦେଖି ଭଉାବହି ଗ୍ରହଣ କରିଥିବା ହିତାଧିକାରୀମାନଙ୍କ ମନରେ ସନ୍ଦେହ ଜାତ ହୋଇଥିଲା। ଏନେଇ ବହୁ ହିତାଧିକାରୀ ଉକ୍ତ ପଞ୍ଚାୟତ ଦାୟିତ୍ୱରେ ଥିବା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଭଉାବହି ସମ୍ପର୍କରେ ପଚାରିଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ହିତାଧିକାରୀମାନଙ୍କୁ କୌଣସି ଭଉା ବହି ପ୍ରଦାନ କରାଯାଇ ନ ଥିବା ସୂଚନା ଦେଇଥିଲେ। ଭୋଟ ପାଇବା ଲାଗି ଭୋଟରଙ୍କୁ ଏଭଳି ମିଥ୍ୟା ପ୍ରରୋଚନା କରାଯାଇଥିବା ଚର୍ଚ୍ଚାର ବିଷୟ ହେଉଛି। ଏହାବାଦ୍ ଉକ୍ତ ବହି ସହ ହିତାଧିକାରୀଙ୍କ ପରିବାରର ପ୍ରତି ସଦସ୍ୟଙ୍କୁ ଭୋଟ ପାଇଁ ୫୦୦ ଟଙ୍କା ଲେଖାଏ ପ୍ରଦାନ କରାଯାଇଥିବା ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଛି। ଏହାପରେ ବିଡିଓ ଶ୍ୱେତା ସ୍ନିଗ୍ଧା ଘଟଣାର ତଦନ୍ତ କରି ହିତାଧିକାରୀଙ୍କଠାରୁ ନକଲି ଭଉା ବହି ଫେରାଇ ଆଣିଥିବା ସୂଚନା ମିଳିଛି।

# ଶେଷ ପର୍ଯ୍ୟାୟରେ ସୁରକ୍ଷା ବ୍ୟବସ୍ଥା

ପୁରୀ ଅଫିସ,୧୭।୨

ଚଳିତ ମାସ ୧୯ ଏବଂ ୨୦ ତାରିଖରେ ପୁରୀ ଆସୁଛନ୍ତି ରାଷ୍ଟ୍ରପତି ରାମନାଥ କୋବିନ୍ଦ। ୧୯ ତାରିଖ ଅପରାହ୍ନ ୩ଟା ୩୫ରେ ରାଷ୍ଟ୍ରପତି ପୁରୀରେ ପହଞ୍ଚି ହୋଟେଲ ଅଭିମୁଖେ ଯିବେ। ସେଠାରେ କିଛି ସମୟ ରହି ଅପରାହ୍ନ ୫ଟାରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିର ଯିବେ। ୫ଟା ୪୫ ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ରହି ରହଣି ସ୍ଥଳକୁ ଫେରିବେ। ସେହିଭଳି ୨୦ତାରିଖ ସକାଳ ୧୦ଟା ୩୫ରେ ଶ୍ରୀଚୈତନ୍ୟ ଗୌଡ଼ୀୟ ମଠ ପରିଦର୍ଶନ କରି ପୂର୍ବାହ୍ନ ୧୧ଟାରେ ଶରଧାବାଲିରେ ଅନୁଷ୍ଠିତ ଉତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ସୁରକ୍ଷା ବ୍ୟବସ୍ଥା ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଅନ୍ୟପକ୍ଷେ ରାଷ୍ଟ୍ରପତିଙ୍କ କାର୍ଯ୍ୟସୂଚୀରେ ପୁଣି କିଛିଟା ପରିବର୍ତ୍ତନ ହୋଇଛି। ରାଷ୍ଟ୍ରପତି

- **ଦିନକ ପରେ ପୁରୀ ଆସିବେ ରାଷ୍ଟ୍ରପତି**
- **ପୁଣି କାର୍ଯ୍ୟସୂଚୀରେ ପରିବର୍ତ୍ତନ**

ପୁରୀ ରାଜଭବନରେ ରାତ୍ରିଯାପନ କରିବା ପରିବର୍ତ୍ତେ ଏକ ହୋଟେଲରେ ରାତିଯାପନ କରିବେ ବୋଲି ଜିଲାପାଳ ଗୁରୁବାର ସୂଚନା ଦେଇଛନ୍ତି।

ରାଷ୍ଟ୍ରପତିଙ୍କ ପୁରୀ ଗସ୍ତକୁ ନେଇ ୪୦ ପ୍ଲାଟୁନ ପୋଲିସ ଫୋର୍ସ ସହ ଅନେକ ବରିଷ୍ଠ ପୋଲିସ ଅଧିକାରୀ ନିୟୋଜିତ ହେବେ। ଶ୍ରୀମନ୍ଦିର, ଶ୍ରୀମନ୍ଦିର ଭିତରେ ଓ ବାହାରେ, ରହଣି ସ୍ଥଳ, ରାଷ୍ଟ୍ରପତିଙ୍କ ଦର୍ଶନ, ଶରଧାବାଲି ସଭାସ୍ଥଳ ଫେରିବା ପ୍ରତ୍ୟେକ ଦିଗକୁ ନେଇ ସୁରକ୍ଷା କଡ଼ାକଡ଼ି କରାଯାଇଛି। ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ଯେପରି କୌଣସି ତ୍ରୁଟି ନ ରହିବ ସେଥିପାଇଁ ପ୍ରଶାସନ ପକ୍ଷରୁ ବଡ଼ଦାଣ୍ଡକୁ ସଂଯୋଗ କରୁଥିବା ସମସ୍ତ ରାସ୍ତାକୁ ବ୍ୟାରିକେଡ୍ କରାଯାଇଛି।



ଜିଲା ପ୍ରଶାସନ ପକ୍ଷରୁ ପୁରୀ ହେଲିପ୍ୟାଡ଼ରେ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରାଯାଇଛି।

ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ କୌଣସି ବ୍ୟକ୍ତିଙ୍କୁ ବଡ଼ଦାଣ୍ଡକୁ ଛଡ଼ାଯିବ ନାହିଁ। ସେହିପରି ହେଲିପ୍ୟାଡ୍ ମରାମତି କରାଯିବା ସହ ଚାରିପାଖରେ ବ୍ୟାରିକେଡ କରାଯାଇଛି। ଅସ୍ଥାୟୀ ଗୃହ ନିର୍ମାଣ କରାଯାଇଛି। ଗୁରୁବାର ବାୟୁସେନାର ହେଲିକପ୍ଟର ପୁରୀ ତାଳବଣିଆସ୍ଥିତ ହେଲିପ୍ୟାଡରେ ମକ୍‌ଡ୍ରିଲ୍ କରିଥିଲା। ବାୟୁସେନାର ୬ ଜଣିଆ ସଦସ୍ୟ ହେଲିକପ୍ଟରରେ ପହଞ୍ଚି ସେମାନଙ୍କ ରେଡିଓ ଫ୍ରିକ୍ୱେନ୍ସି ଟେଷ୍ଟିଂ କରିବା ସହ ଲ୍ୟାଣ୍ଡିଂ ଉପରେ ବୈଷୟିକ ପରୀକ୍ଷଣ କରିଛନ୍ତି। ଅପରପକ୍ଷେ ରାଷ୍ଟ୍ରପତିଙ୍କ ଗସ୍ତ ସମ୍ପର୍କରେ ଜିଲାପାଳ ସମର୍ଥ ବର୍ମା ସୂଚନା ଦେଇଛନ୍ତି। ରାଷ୍ଟ୍ରପତିଙ୍କ ପୁରୀ ଆସିବାଠାରୁ ଆରମ୍ଭ କରି ରହିବା, ମହାପ୍ରଭୁଙ୍କ ଦର୍ଶନ ଏବଂ ଗୌଡୀୟ ମିଶନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମ ପାଇଁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ସହ ପ୍ରଶାସନ ଯୋଗାଯୋଗରେ ରହିଛି। ତେଣୁ କୌଣସି ଅସୁବିଧା ନାହିଁ। ସେହିପରି ରାଷ୍ଟ୍ରପତି ରାଜଭବନ ପରିବର୍ତ୍ତେ ଏକ ହୋଟେଲରେ ରାତ୍ରିଯାପନ କରିବେ। ରାଷ୍ଟ୍ରପତିଙ୍କ ପ୍ରୋଟୋକଲ ଅନୁସାରେ ରାଜଭବନରେ ଆବଶ୍ୟକ ବ୍ୟବସ୍ଥା ଓ ବ୍ଲୁ ବୁକ ସୁରକ୍ଷା ଦୃଷ୍ଟିକୋଣରୁ ଏକ ଘରୋଇ ହୋଟେଲରେ ରାଷ୍ଟ୍ରପତି ଅବସ୍ଥାନ କରିବେ। ଏ ନେଇ ରାଷ୍ଟ୍ରପତି ଭବନରୁ ସୂଚନା ମିଳିଥିବା ଜିଲାପାଳ କହିଛନ୍ତି। ଶ୍ରୀଚୈତନ୍ୟ ଗୌଡୀୟ ମଠ ପକ୍ଷରୁ ମଧ୍ୟ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

# ଭୁବନେଶ୍ୱରରେ ଶୁଟିଂ ହେବ ନନ୍ଦିତାଙ୍କ ଚଳଚ୍ଚିତ୍ର



**ଅଭିନୟରେ ନଜର ଆସିବେ କପିଲ ଶର୍ମା, ଶାହାନା ଗୋସ୍ୱାମୀ**

ଭୁବନେଶ୍ୱର,୧୭।୨(ବ୍ୟୁରୋ)

ନିର୍ଦ୍ଦେଶିକା ନନ୍ଦିତା ଦାସଙ୍କ ଆଗାମୀ ଚଳଚ୍ଚିତ୍ର ଭୁବନେଶ୍ୱରରେ ଶୁଟିଂ ହେବ। ଏଥିରେ କମେଡିଆନ କପିଲ ଶର୍ମା ଓ ଶାହାନା ଗୋସ୍ୱାମୀ ଅଭିନୟ କରିବେ। ଚଳିତ ମାସ ଶେଷଆଡ଼କୁ ଏହି ଚଳଚ୍ଚିତ୍ରର ଶୁଟିଂ ଆରମ୍ଭ ହେବ। ତେବେ ଏହି ଚଳଚ୍ଚିତ୍ର ନାମ କ'ଣ ରହିଛି ତାହାକୁ ନନ୍ଦିତା ଘୋଷଣା କରିନାହାନ୍ତି। ୨୦୧୮ରେ ସେ ବାୟୋ ପିକ୍ 'ମୋଣ୍ଟୋ'ରେ ବିଶେଷ ସଫଳତା ପାଇବା ପରେ ନନ୍ଦିତା ଆଗାମୀ ଚଳଚ୍ଚିତ୍ର ଭୁବନେଶ୍ୱରରେ ଶୁଟିଂ କରିବାକୁ ଚାହୁଁଥିବା ସୋସିଆଲ ମିଡିଆରେ ସୂଚନା ଦେଇଛନ୍ତି। ଏହି ପ୍ରୋଜେକ୍ଟ ଆପଲଜ ଏଣ୍ଟରଟେନ୍‌ମେଣ୍ଟ ଓ ନନ୍ଦିତା ଦାସ ଇନିସିଏଟିଭ ଦ୍ୱାରା ପ୍ରଯୋଜିତ କରାଯାଇଛି। ଏହି ଚଳଚ୍ଚିତ୍ରରେ କପିଲଙ୍କୁ ଜଣେ ଫୁଡ ଡେଲିଭରି ବୟ ଚରିତ୍ରରେ ଦେଖିବାକୁ ମିଳିବ। ସୋସିଆଲ ମିଡିଆରେ ଏକ ପୋଷ୍ଟ ଶେୟାର କରି କପିଲ କହିଛନ୍ତି, ମୁଁ ନନ୍ଦିତା ଦାସଙ୍କ ଚଳଚ୍ଚିତ୍ରକୁ ନେଇ ବେଶ୍ ଖୁସି ଅଛି। ମୋତେ ଦର୍ଶକ ଏକ ନୂଆ ରୂପରେ ଦେଖିବାକୁ ପାଇବେ, ଯାହାକୁ ନେଇ ମୁଁ ଉତ୍ସାହିତ ଅଛି। ଚଳଚ୍ଚିତ୍ରର ପ୍ରଚ୍ଛଦପଟରେ ଥିବା ନନ୍ଦିତା ଦାସ ଓ ସମୀର ନୈରଙ୍କ ସହ କାମ କରିବାର ସୁଯୋଗ ତାଙ୍କୁ ଆନନ୍ଦ ଆଣି ଦେଇଛି। କପିଲଙ୍କ ବିପକ୍ଷରେ ସୁହାନା ପତ୍ନୀ ଭୂମିକାରେ ଅଭିନୟ କରିବେ। ଅନ୍ୟପକ୍ଷେ ନନ୍ଦିତା ଦାସ କହିଛନ୍ତି, ଜଣେ ସାଧାରଣ ମଣିଷକୁ ପ୍ରତିନିଧିତ୍ୱ କରିବାର ସମ୍ପୂର୍ଣ୍ଣ କ୍ଷମତା କପିଲଙ୍କ ପାଖରେ ରହିଛି। ସେ ନିଜ ଅଭିନୟ ମାଧ୍ୟମରେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିବେ ବୋଲି ଆଶା ରଖିଛନ୍ତି। ଏଥିସହ ସାଧାରଣ ଲୋକଙ୍କ ଆଖିରେ ଲୁଚି ରହିଥିବା କଥାକୁ ସେ ଏହି ଫିଲ୍ମ ମାଧ୍ୟମରେ ଦର୍ଶାଇବାକୁ ଚେଷ୍ଟା କରିଛନ୍ତି। ନନ୍ଦିତା ଏବେ ଭୁବନେଶ୍ୱର ଗସ୍ତରେ ଆସିଥିବା ସହ ଆଗାମୀ ଚଳଚ୍ଚିତ୍ର ଶୁଟିଂକୁ ନେଇ ବେଶ୍ ଉତ୍ସାହୀ ଥିବା କହିଛନ୍ତି।


















# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଫେବୃୟାରୀ ୧୮/୨୦୨୨ | Bhubaneswar, Friday, February 18/2022 | ପୃଷ୍ଠା-୧




**ହେନ୍‌ରୀଙ୍କୁ ୭ ଉଇକେଟ**

ନ୍ୟୁଜିଲାଣ୍ଡର ମ୍ୟାଟ୍ ହେନ୍‌ରୀ ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଟେଷ୍ଟରେ ୭ ଉଇକେଟ ଅକ୍ତିଆର କରିଛନ୍ତି।

୧୪

୧୨

**କାଠଗଡ଼ାରେ 'ଗଙ୍ଗୁବାଈ କାଠିଆବାଡ଼ି'**

ଫିଲ୍ମ 'ଗଙ୍ଗୁବାଈ କାଠିଆବାଡ଼ି'ର କାହାଣୀକୁ ବିରୋଧ କରି ଗଙ୍ଗୁବାଈଙ୍କ ପରିବାର କୋର୍ଟରେ ଆଲିଆ ଭଟ୍ଟ ଏବଂ ସଞ୍ଜୟ ଲୀଲା ଭଁସାଲିଙ୍କ ନାଁରେ ମାମଲା କରିଛନ୍ତି।






# ଗାଁକୁ ଘାରିଛି ହିଂସା ଭୟ

ଭୁବନେଶ୍ୱର,୧୭।୨(ବ୍ୟୁରୋ)

**ପଞ୍ଚାୟତ ନିର୍ବାଚନ**

- ୩୬ ଗିରଫ
- ବେଲ୍ ନ ପାଇବାରୁ ମୂର୍ଚ୍ଛାଗଲେ ସରପଞ୍ଚ ପ୍ରାର୍ଥୀ
- ୨୫ ବୁଥ୍‌ରେ ପୁନଃ ମତଦାନ

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବଚାନର ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ ବେଳେ ରାଜନୈତିକ ହିଂସାକାଣ୍ଡ, ବୁଥ ଜବରଦଖଲ ଭଳି ଘଟଣା ଦେଖାଯିବା ପରେ ଏବେ ଗାଁକୁ ହିଂସା ଭୟ ଘାରିଛି। ଆହୁରି ୪ଟି ପର୍ଯ୍ୟାୟ ମତଦାନ ବାକି ରହିଛି। ଇତିମଧ୍ୟରେ ପୋଲିଂ ଅଧିକାରୀଙ୍କୁ ଧମକଚମକ ଦେବା, ଭୋଟବାକ୍ସ ଗାଏବ କରିବା, ମତଦାତାଙ୍କୁ ଡରାଇବା, ଧମକାଇବା, ପ୍ରାର୍ଥୀଙ୍କୁ ଅପହରଣ, ବୋମାମାଡ଼, ମାର୍‌ପିଟ ଭଳି ଘଟଣା ଗାଁ ରାଜନୀତିକୁ କଳୁଷିତ କରୁଥିବା ଚିନ୍ତାର ବିଷୟ ହୋଇଛି। ସରପଞ୍ଚ ପ୍ରାର୍ଥୀ ହୋଇଥିବା ବ୍ୟକ୍ତି ପରିବାରର ଅନ୍ୟ ସଦସ୍ୟଙ୍କ ସହଯୋଗରେ ବୁଥ ରିଗିଂ କରୁଥିବା ଦୃଶ୍ୟ ଯେଉଁଭଳି ସାମାଜିକ ଗଣମାଧ୍ୟମରେ ଦେଖିବାକୁ ମିଳିଛି, ତାହା ଭୋଟ ଗ୍ରହଣ ବ୍ୟବସ୍ଥାର ସୁରକ୍ଷାକୁ ପଦାରେ ପକାଇଛି।

ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ ପରିଚାଳନା କରିବାକୁ ରାଜ୍ୟ ନିର୍ବାଚନ କମିଶନର ଘୋଷଣା କରିଥିଲେ ହେଁ ହିଂସାତ୍ମକ କାର୍ଯ୍ୟ ବଢ଼ିଥିବା ପ୍ରଥମ ପର୍ଯ୍ୟାୟ ଭୋଟଗ୍ରହଣରୁ ଜଣାପଡ଼ିଛି। ସୁରକ୍ଷା କର୍ମଚାରୀଙ୍କ ଉପସ୍ଥିତିରେ ଅସାମାଜିକ ବ୍ୟକ୍ତି ହିଂସାକାଣ୍ଡ ଘଟାଇବାକୁ ପଛାଉନାହାନ୍ତି। ପ୍ରଥମ ପର୍ଯ୍ୟାୟ ଭୋଟଗ୍ରହଣ ବେଳେ ପୁରୀ, ଯାଜପୁର, ଢେଙ୍କାନାଳ, ସମ୍ବଲପୁର, ଭଦ୍ରକ, କେନ୍ଦୁଝର ଭଳି ଜିଲାରେ ବ୍ୟାପକ ହିଂସାକାଣ୍ଡ ଘଟିଛି। ମିଳିଥିବା ସୂଚନା ଅନୁଯାୟୀ ନିର୍ବାଚନୀ ହିଂସାରେ ଜଡ଼ିତ ଥିବା ୩୬ ଜଣଙ୍କୁ ଗୁରୁବାର ବିଭିନ୍ନ ସ୍ଥାନରୁ ଗିରଫ କରାଯାଇଛି।

ଯାଜପୁର ଏବଂ ଧର୍ମଶାଳା ବ୍ଲକରେ ମତଦାନ ବେଳେ ହୋଇଥିବା ବୁଥ୍ ଜବରଦଖଲ ଘଟଣାରେ ଗୁରୁବାର ପୋଲିସ ୧୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ବିଶେଷ କରି ବୁଥ ରିଗିଂ କରିଥିବା ଅଭିଯୋଗରେ ଯାଜପୁର ବ୍ଲକ ରୁଦ୍ରପୁର ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ କରୁଣାକର ଆଚାର୍ଯ୍ୟଙ୍କୁ ଗିରଫ କରାଯାଇ କୋର୍ଟରେ ହାଜର କରାଯାଇଥିଲା। ତେବେ ଜାମିନ ବାତିଲ ହେବା ଯୋଗୁ ସେ ଚେତା ହରାଇଥିଲେ। ତୁରନ୍ତ ତାଙ୍କୁ ଜିଲା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେହିପରି କଣାସ ଗଡ଼ିଶାଗଦା ଥାନା ଅନ୍ତର୍ଗତ ବଡ଼ାଲ ପଞ୍ଚାୟତରେ ନିର୍ବାଚନ ଖବର ସଂଗ୍ରହ କରିବାକୁ ଯାଇଥିବା ଜଣେ ଖବରଦାତାଙ୍କୁ ଆକ୍ରମଣ ଘଟଣାରେ ୮ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଆକ୍ରମଣରେ ୪ଜଣ ଗୁରୁତର ଆହତ ହୋଇଥିଲେ।

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଅଲଣ୍ଡା ପଞ୍ଚାୟତର ୪ ନମ୍ବର ବୁଥ୍‌ରେ ମତଦାନ ବେଳେ ଦୁଇଟି ଗ୍ରାମର ଲୋକଙ୍କ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଘଟିଥିଲା। ଏଥିରେ ୪୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଛନ୍ତି। ଏହି ଘଟଣାରେ କୃଷ୍ଣପ୍ରସାଦ ପୋଲିସ ୮ଜଣଙ୍କୁ ଗିରଫ କରିଛି। ଗ୍ରାମରେ ଉତ୍ତେଜନା ଲାଗି ରହିଥିବାରୁ ଶାନ୍ତିଶୃଙ୍ଖଳା ପାଇଁ ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ☞ପୃଷ୍ଠା–୨

## ଆଜି ଦ୍ୱିତୀୟ ପର୍ଯ୍ୟାୟ ଭୋଟ

- ୧୮୬ ଜିଲା ପରିଷଦ ଜୋନ୍, ୧୫୧୪ ପଞ୍ଚାୟତରେ ହେବ ମତଦାନ
- ୨୦,୪୩୬ ବୁଥ୍‌ରେ ୬୨.୧୦ ଲକ୍ଷ ମତଦାତା ଭୋଟ ଦେବେ

ଭୁବନେଶ୍ୱର,୧୭।୨(ବ୍ୟୁରୋ)

ଚଳିତ ପଞ୍ଚାୟତ ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ଭୋଟଗ୍ରହଣ ଶୁକ୍ରବାର ଅନୁଷ୍ଠିତ ହେବ। ଏ ନେଇ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ସମସ୍ତ ପୋଲିଂ ପାର୍ଟି ନିଜ ନିଜ ବୁଥ୍‌ରେ ପହଞ୍ଚି ସାରିଛନ୍ତି। ଏହି ପର୍ଯ୍ୟାୟରେ ୩୦ ଜିଲାର ୬୮ ବ୍ଲକର ୧୮୬ ଜିଲା ପରିଷଦ ଜୋନର ୧୫୧୪ ପଞ୍ଚାୟତରେ ନିର୍ବାଚନ ହେବ। ୧୮୬ ଜିଲା ପରିଷଦ ଜୋନରେ ମୋଟ ୭୪୭ ପ୍ରାର୍ଥୀ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ମୋଟ ୨୦,୪୩୬ଟି ବୁଥ୍‌ରେ ପ୍ରାୟ ୬୨.୧୦ଲକ୍ଷ ଭୋଟର ମତାଧିକାର ସାବ୍ୟସ୍ତ କରିବେ। ସକାଳ ୭ଟାରୁ ମତଦାନ ଆରମ୍ଭ ହୋଇ ଅପରାହ୍ନ ୧ଟା ଯାଏ ଚାଲିବ।

ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ହୋଇଥିବା ଗଣ୍ଡଗୋଳକୁ ଦେଖି ଆଇନଶୃଙ୍ଖଳା କଡ଼ାକଡ଼ି କରିବାକୁ ପୋଲିସ ମହାନିର୍ଦ୍ଦେଶକଙ୍କୁ ରାଜ୍ୟ ନିର୍ବାଚନ କମିଶନର ନିର୍ଦ୍ଦେଶ ଦେଇଛନ୍ତି। ସମ୍ବେଦନଶୀଳ ☞ପୃଷ୍ଠା–୨

## ଆଜି କୋଟିଆରେ ନିର୍ବାଚନ

କୋରାପୁଟ,୧୭।୨(ସ୍ୱ.ପ୍ର.)

**୫,୭୯୦ ମତଦାତା କରିବେ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ**

ଚର୍ଚ୍ଚାରେ ରହି ଆସିଥିବା କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକର କୋଟିଆ ପଞ୍ଚାୟତରେ ଶୁକ୍ରବାର ନିର୍ବାଚନ ହେବ। ଏନେଇ କୋରାପୁଟ ଜିଲା ପ୍ରଶାସନ ସମସ୍ତ ପ୍ରସ୍ତୁତି ଶେଷ କରିଛି। ଶୁକ୍ରବାର କୋଟିଆ ପଞ୍ଚାୟତର ମାଡକାର, ଫଗୁଣସିନେରି, ରଣାସିଙ୍ଗ, ତାଡ଼ିବାଲସା, ତଳସେମ୍ବି, ଉପରସେମ୍ବି, ବାରାବନ୍ଧ, ଥୁରିଆ, କରଞ୍ଜଗୁଡ଼ା, ଟାଉପଦର, ମାତଲାମ୍ବା, କୋଟିଆ ଓ ଗଞ୍ଜେଇପଦର ଆଦି ୧୩ଟି ସ୍ଥାନରେ ହୋଇଥିବା ବୁଥ୍‌ରେ ୫,୭୯୦ ଭୋଟର ସେମାନଙ୍କ ମତଦାନ କରିବେ। ଏଥିପାଇଁ ଜିଲାପାଳ ଅବଦାଲ ଏମ୍. ଅଖତାରଙ୍କ ତତ୍ତ୍ୱାବଧାନରେ ସମସ୍ତ ପ୍ରସ୍ତୁତି ହୋଇଛି। ନିର୍ବାଚନ ନେଇ ପଟ୍ଟାଙ୍ଗୀ ବ୍ଲକ କାର୍ଯ୍ୟାଳୟରୁ ସମସ୍ତ ପୋଲିଂ ପାର୍ଟି ସେମାନଙ୍କ ବୁଥ୍‌ରେ ପହଞ୍ଚିଛନ୍ତି। କୋଟିଆର ସମସ୍ତ ଆନ୍ଧ୍ର ସୀମାନ୍ତ ଅଞ୍ଚଳରେ ଜିଲା ପ୍ରଶାସନ ପକ୍ଷରୁ ପୋଲିସ ମୁତୟନ କରାଯାଇ ଯାଞ୍ଚକୁ କଡ଼ାକଡ଼ି କରାଯାଇଛି। ଜିଲାପାଳ ଅଖତାର ଓ ବିଡିଓ ସୌମ୍ୟ ସାର୍ଥକ ମିଶ୍ର କୋଟିଆ ପଞ୍ଚାୟତର ପାହାଡ଼ ଉପରେ ଓ ପାଦଦେଶରେ ଥିବା ସମସ୍ତ ବୁଥ୍‌ରେ ପହଞ୍ଚି ସ୍ଥିତି ପରଖିଛନ୍ତି। ସୂଚନାଯୋଗ୍ୟ, ପଟ୍ଟାଙ୍ଗୀ ଜିଲା ପରିଷଦ ଜୋନ୍–୧ ଅନ୍ତର୍ଗତ କୋଟିଆରେ ସର୍ବଦଳୀୟ ପ୍ରାର୍ଥୀ ମମତା ଜାନି ଓ ସ୍ୱାଧୀନ ପ୍ରାର୍ଥୀ ଟିକାଇ ଗେମେଲଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ। ସେହିପରି ସରପଞ୍ଚ ପଦବୀ ପାଇଁ ୭ ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନରେ ଅଛନ୍ତି।

## ମମିତା ମେହେର ହତ୍ୟା ମାମଲା
## ସିବିଆଇ ତଦନ୍ତ ଦାବିକଲେ ଏନ୍‌ସିଡବ୍ଲ୍ୟୁ ଅଧ୍ୟକ୍ଷା

**ଏନ୍‌ଏଲ୍‌ୟୁରେ ମହିଳାଙ୍କ ବିରୋଧରେ ଅପରାଧ ସମ୍ପର୍କିତ ଆଲୋଚନାଚକ୍ରରେ ଯୋଗଦେଲେ**


ରେଖା ଶର୍ମା

କଟକ ଅଫିସ,୧୭।୨: ମମିତା ମେହେର ହତ୍ୟା ମାମଲାରେ ରାଜ୍ୟ ପୋଲିସ ଠିକ୍ ଭାବେ ତଦନ୍ତ କରି ନାହିଁ। ଏ ମାମଲାରେ ଗୃହରାଷ୍ଟ୍ର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମ୍ପୃକ୍ତି ଅଭିଯୋଗ ହେଉଥିବାରୁ ପୋଲିସ ନିରପେକ୍ଷ ଭାବେ ତଦନ୍ତ କରିପାରିବ ନାହିଁ। ତେଣୁ ରାଜ୍ୟ ସରକାର ଏହାର ତଦନ୍ତ ଦାୟିତ୍ୱ ସିବିଆଇକୁ ଦେବା ଜରୁରୀ ବୋଲି ଓଡ଼ିଶା ଗସ୍ତରେ ଆସିଥିବା ଜାତୀୟ ମହିଳା କମିଶନ(ଏନ୍‌ସିଡବ୍ଲ୍ୟୁ) ଅଧ୍ୟକ୍ଷା ରେଖା ଶର୍ମା ଗୁରୁବାର କହିଛନ୍ତି। ଏହି ଘଟଣାରେ ଶର୍ମା ପୋଲିସ ଡିଜି ସୁନୀଲ ବଂଶଲଙ୍କୁ ଭେଟି ତଦନ୍ତ ସମ୍ପର୍କରେ ଆଲୋଚନା କରିଛନ୍ତି। ଅପରପକ୍ଷରେ ଏନେଇ କିଛି ମତାମତ ଦେବାକୁ ଡିଜି ବଂଶଲ ମନା କରିଦେଇଛନ୍ତି। ☞ପୃଷ୍ଠା–୨

**ଆଜିର ସମ୍ପାଦକୀୟ**

**ଚାଇନାର ଲାଭ**

## ନିର୍ବାଚନ ଲୋଡ଼ାନାହିଁ, ସ୍ୱାମୀଙ୍କୁ ଫେରାଇଦିଅ

ଢେଙ୍କାନାଳ ଅଫିସ୍, ୧୭।୨

- ଅପହରଣକାରୀଙ୍କୁ ସମିତିସଭ୍ୟା ପ୍ରାର୍ଥିନୀଙ୍କ ନିବେଦନ
- ରାସ୍ତାରୁ ମିଳିଲା ସ୍କୁଟି, ଲାଗିଛି ରକ୍ତଛିଟା


ନିଖୋଜ ଦୀପକ

'ମୋର ଭୋଟ ଦରକାର ନାହିଁ କି ନିର୍ବାଚନ ଲଢ଼ିବାର ନାହିଁ, ମୋର ଭୁଲ ହୋଇଛି। ମୁଁ ହାତ ଯୋଡ଼ି ନେହୁରା ହେଉଛି। ମୋ ସ୍ୱାମୀଙ୍କୁ ସୁରକ୍ଷିତ ଭାବେ ଫେରାଇଦିଅ'। ମତଦାନକୁ ମାତ୍ର କେଇଘଣ୍ଟା ବାକିଥିବାବେଳେ ଅପହରଣକାରୀଙ୍କ ଉଦ୍ଦେଶ୍ୟରେ କୋହଭରା କଣ୍ଠରେ ଏଭଳି ନିବେଦନ କରିଛନ୍ତି ଢେଙ୍କାନାଳ ସଦର ବ୍ଲକ ସାଙ୍କୁଲେଇ ପଞ୍ଚାୟତର ସମିତିସଭ୍ୟା ପ୍ରାର୍ଥିନୀ ଭାରତୀ ରଥ। ଗତ ବୁଧବାର ରାତି ୧୦ଟାରୁ ସ୍ୱାମୀ ଦୀପକ କୁମାର ଦାଶଙ୍କ କୌଣସି ସନ୍ଧାନ ମିଳୁନାହିଁ। ଫୋନ୍ ମଧ୍ୟ ସୁଇଚ୍ ଅଫ୍ ରହିଛି। ତାଙ୍କୁ ଅପହରଣ କରାଯାଇଥିବା ଭାରତୀ କହିଛନ୍ତି। ଅନ୍ୟପଟେ ଢୋଲପଶି–ସାଙ୍କୁଲେଇ ରାସ୍ତାରୁ ଦୀପକ ବ୍ୟବହାର କରୁଥିବା ସ୍କୁଟି ମିଳିଛି, ଯେଉଁଥିରେ ରକ୍ତଛିଟା ଲାଗିଛି। ଏହାକୁ ନେଇ ପରିବାର ସଦସ୍ୟ ଆଶାଆଶଙ୍କା ଭିତରେ ରହିଛନ୍ତି। ପ୍ରଥମ ପର୍ଯ୍ୟାୟ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ହିଂସାକୁ ନେଇ ଚର୍ଚ୍ଚାରେ ରହିଥିବା ଢେଙ୍କାନାଳରେ ଏହି ଘଟଣା ଆଲୋଡ଼ନ ସୃଷ୍ଟି କରିଛି।


ଉଦ୍ଧାର ଦୀପକଙ୍କ ସ୍କୁଟି।

ଅଭିଯୋଗ ଅନୁଯାୟୀ, ଗତ ବୁଧବାର ସାରାଦିନ ଦୀପକ ଏବଂ ଭାରତୀ ସମର୍ଥକଙ୍କ ସହିତ ମିଶି ପଞ୍ଚାୟତରେ ପ୍ରଚାର କରିଥିଲେ। ରାତି ପ୍ରାୟ ୮ଟାରେ ଭାରତୀଙ୍କୁ ☞ପୃଷ୍ଠା–୨

## ନେହେରୁଙ୍କ ଭାରତର ଅଧା ଏମ୍‌ପି ଦାଗୀ

### ସିଙ୍ଗାପୁର ପ୍ରଧାନମନ୍ତ୍ରୀଙ୍କ ବିବାଦୀୟ ମନ୍ତବ୍ୟ

ନୂଆଦିଲ୍ଲୀ,୧୭।୨

ସିଙ୍ଗାପୁର ପ୍ରଧାନମନ୍ତ୍ରୀ ଲି ସିଏନ୍ ଲୁଙ୍ଗ୍ ପାର୍ଲାମେଣ୍ଟରେ ଉଦ୍‌ବୋଧନ ଦେବାବେଳେ 'ନେହେରୁ ଇଣ୍ଡିଆରେ ଏମ୍‌ପିମାନଙ୍କ ଅପରାଧ ରେକର୍ଡ' ସମ୍ପର୍କରେ ବିବାଦୀୟ ମନ୍ତବ୍ୟ ଦେଇଥିବାରୁ ଏହାକୁ ଭାରତ ପକ୍ଷରୁ ନିନ୍ଦା କରାଯାଇଛି। ଲୁଙ୍ଗ୍‌ଙ୍କ ଏଭଳି ଅବାଞ୍ଛିତ ମନ୍ତବ୍ୟ ପାଇଁ ନୂଆଦିଲ୍ଲୀ ପକ୍ଷରୁ ସିଙ୍ଗାପୁର ରାଷ୍ଟ୍ରଦୂତ ସାଇମନ ୱୋଙ୍ଗ୍‌ଙ୍କୁ ସମନ ଜାରି କରାଯାଇଛି।

ଲୁଙ୍ଗ୍ ବୁଧବାର ସିଙ୍ଗାପୁର ପାର୍ଲାମେଣ୍ଟରେ ଉଦ୍‌ବୋଧନ ଦେବା ବେଳେ ଗଣତନ୍ତ୍ର କିପରି କାର୍ଯ୍ୟ କରିବା ଉଚିତ କହିବାକୁ ଯାଇ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ କଥା ଉଠାଇଥିଲେ। ସେ କହିଥିଲେ, ଉଚ୍ଚ ଚିନ୍ତାଧାରା ଓ ମହାନ୍ ମୂଲ୍ୟବୋଧ ଆଧାରରେ ଅଧିକାଂଶ ଦେଶ ପ୍ରତିଷ୍ଠା ହୋଇଥିଲା। ତେବେ ଧୀରେ ଧୀରେ ରାଜନୈତିକ ପରିବର୍ତ୍ତନ ଯୋଗୁ ସେହି ଚିନ୍ତାଧାରା ବଦଳିଗଲା। ଏବେ ଅଧିକାଂଶ ରାଜନୈତିକ ବ୍ୟବସ୍ଥା ପ୍ରତିଷ୍ଠାତା ନେତାମାନଙ୍କ ସ୍ୱୀକୃତି ପାଇବା ଯୋଗ୍ୟ ହେବ ନାହିଁ ବୋଲି ଲୁଙ୍ଗ୍ କହିଛନ୍ତି। ସେତେବେଳର ନେତାମାନେ ଦୃଢ଼ ଆତ୍ମବିଶ୍ୱାସର ସହ ଲଢ଼ି ଦେଶକୁ ସ୍ୱାଧୀନତା ଆଣିଥିଲେ। ସେମାନେ ଅସାଧାରଣ ବ୍ୟକ୍ତିତ୍ୱ ଥିଲେ, ଯାହାଙ୍କଠାରେ ଅଦମ୍ୟ ସାହସ ତଥା ସାମର୍ଥ୍ୟ ରହିଥିଲା। ସେମାନେ ଦେଶର ସ୍ୱାଧୀନତା ଆନ୍ଦୋଳନର ନେତୃତ୍ୱ ନେଇ ଜନନେତା ତଥା ରାଷ୍ଟ୍ରନେତାରେ ପରିଣତ ହୋଇଥିଲେ। ଡାଭିଡ୍ ବେନ୍–ଗୁରିଅନ୍ସ, ଜବାହରଲାଲ ନେହେରୁ ସେମାନଙ୍କ ମଧ୍ୟରୁ ଅନ୍ୟତମ ବୋଲି ଲୁଙ୍ଗ୍ କହିଥିଲେ। ତେବେ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ନେହେରୁଙ୍କ ଭାରତରେ ଲୋକ ସଭାରେ ଅଧା ଏମ୍‌ପି ଦାଗୀ ଥିଲେ। ☞ପୃଷ୍ଠା–୨


ଲି ସିଏନ୍ ଲୁଙ୍ଗ୍

**ରାଷ୍ଟ୍ରଦୂତଙ୍କୁ ଭାରତର ସମନ**


ସର୍ବପ୍ରଥମେ ଜୀବନ ବୀମା

ବିନିଯୋଗ କରିବା ପାଇଁ ଏଲଆଇସି'ର ଜୀବନ ଅକ୍ଷୟ VII

ବିନିଯୋଗ କରନ୍ତୁ ଆଜୀବନର ସୁଖରେ



- ପ୍ଲାନ: ସିଙ୍ଗଲ୍ ପ୍ରିମିଅମ ଇମିଡିଏଟ୍ ଆନୁଇଟୀ ପ୍ଲାନ
- ମଲ୍‌ଟିପଲ୍ ବିକଳ୍ପସବୁ: ବାଛିବାକୁ ପାଇବେ 10 ଆନୁଇଟୀ ବିକଳ୍ପ
- ବିକଳ୍ପ ଆନୁଇଟୀ ପେମେଣ୍ଟସ: ମାସିକ, ତ୍ରୈମାସିକ, ଅର୍ଦ୍ଧ–ବାର୍ଷିକ କିମ୍ବା ବାର୍ଷିକ
- ବୟସ ଯୋଗ୍ୟତା: ପ୍ରବେଶ ବେଳେ ଅନ୍ୟୁନ ବୟସ : 30 ବର୍ଷ (ପୂରିଥିବ) ପ୍ରବେଶ ବେଳେ ସର୍ବାଧିକ ବୟସ : 100 ବର୍ଷ (ପୂରିଥିବ) ବିକଳ୍ପ F ପାଇଁ, 85 ବର୍ଷ (ପୂରିଥିବ) ଅନ୍ୟ ସମସ୍ତ ବିକଳ୍ପ ପାଇଁ, ବିକଳ୍ପ F ବ୍ୟତୀତ
- ଆନୁଇଟୀ ରେଟ୍‌ସ ଗ୍ୟାରଣ୍ଟୀଯୁକ୍ତ

ଏଲଆଇସି'ର ଜୀବନ ଅକ୍ଷୟ VII

ଏକ ନନ୍–ଲିଙ୍କଡ, ନନ୍–ପାର୍ଟିସିପେଟିଙ୍ଗ, ଇଣ୍ଡିଭିଜୁଆଲ୍ ଇମିଡିଏଟ୍ ଆନୁଇଟୀ ପ୍ଲାନ

UIN-512N337V02 ପ୍ଲାନ ନଂ: 857

ନମୁନା ନିଦର୍ଶନ : ବୟସ – 50, ଆନୁଇଟୀ ଦେୟ ହେବ – ବାର୍ଷିକ, ବିଧି – ଅଫ୍‌ଲାଇନ୍

| କ୍ରୟ ମୂଲ୍ୟ* | 25 ଲକ୍ଷ | 50 ଲକ୍ଷ | 1 କୋଟି | 5 କୋଟି |
|---|---|---|---|---|
| ବିକଳ୍ପ A | 1,79,750 | 3,60,250 | 7,21,500 | 36,07,500 |
| ବିକଳ୍ପ F | 1,46,250 | 2,93,250 | 5,87,500 | 29,37,500 |
| ବିକଳ୍ପ J | 1,45,500 | 2,91,750 | 5,84,500 | 29,22,500 |

*ତଥା ନିୟମଅନୁସାରେ ପ୍ରଯୁଜ୍ୟ କର। ଅଙ୍କସବୁ ଟଙ୍କାରେ।

ବିକଳ୍ପ A: ଆନୁଇଟୀ ଫର୍ ଲାଇଫ୍

ବିକଳ୍ପ F: ଆନୁଇଟୀ ଫର୍ ଲାଇଫ୍ ସାଙ୍ଗକୁ କ୍ରୟ ମୂଲ୍ୟ ଫେରସ୍ତ

ବିକଳ୍ପ J: ଜଏଣ୍ଟ ଲାଇଫ୍ ଆନୁଇଟୀ ରେ ବ୍ୟବସ୍ଥା ଅନୁସାରେ ଜଣେ ବି ଆନୁଇଟାଣ୍ଟ ଜୀବିତ ଥିବା ପର୍ଯ୍ୟନ୍ତ 100% ଆନୁଇଟୀ ଦେୟ ଏବଂ ଶେଷ ବ୍ୟକ୍ତିଙ୍କ ମୃତ୍ୟୁ ପରେ କ୍ରୟ ମୂଲ୍ୟ ଫେରସ୍ତ।

ଅନ୍‌ଲାଇନ୍ ରେ ମଧ୍ୟ ଉପଲବ୍ଧ

ଡାଉନ୍‌ଲୋଡ୍ କରନ୍ତୁ ଏଲଆଇସି ମୋବାଇଲ ଆପ୍ "MyLIC" | ଦେଖନ୍ତୁ: licindia.in | କଲ୍ ସେଣ୍ଟର ସର୍ଭିସ (022) 6827 6827

ବିଶଦ ବିବରଣୀ ପାଇଁ, ଆପଣଙ୍କ ଏଜେଣ୍ଟ/ପାଖ ଏଲଆଇସି ଶାଖାକୁ ସମ୍ପର୍କ କରନ୍ତୁ ବା ନିଜ ସହର ନାମ ଏସ୍‌ଏମ୍‌ଏସ୍ କରନ୍ତୁ 56767474 କୁ

ଫ୍ରଡ୍ ଫୋନ କଲ୍ ଏବଂ ମିଛ/ଶଠ ଅଫର୍ ପ୍ରତି ସାବଧାନ। ଆଇଆର୍‌ଡିଏଆଇ ଇନ୍ସ୍ୟୋରାନ୍ସ ପଲିସୀ ବିକ୍ରୀ, ବୋନସ ଘୋଷଣା ବା ପ୍ରିମିଅମସବୁ ବିନିଯୋଗ କରିବା ଭଳି କାର୍ଯ୍ୟକଳାପରେ ସଂଶ୍ଳିଷ୍ଟ ନଥାଏ। ଏଭଳି ଫୋନ କଲ୍ ପାଇବା ବ୍ୟକ୍ତି ପୁଲିସରେ ଅଭିଯୋଗ ଦାୟର କରିବାକୁ ଅନୁରୋଧ।

ଆପଦାବଳୀ, ସର୍ତ୍ତ ଓ ନିୟମାବଳୀ ବିଷୟକ ସବିଶେଷ ବିବରଣୀ ପାଇଁ, ବିକ୍ରୟ ସମ୍ପନ୍ନ କରିବା ପୂର୍ବରୁ ବିକ୍ରୟ ପୁସ୍ତିକା ଧ୍ୟାନପୂର୍ବକ ପଢ଼ିବାକୁ ଅନୁରୋଧ।

ଆମକୁ ଦେଖନ୍ତୁ ଏଠାରେ: LIC India Forever | IRDAI Regn No.: 512

LIC ଲାଇଫ ଇନ୍‌ସିଓରେନ୍ସ କର୍ପୋରେଶନ ଅଫ ଇଣ୍ଡିଆ LIFE INSURANCE CORPORATION OF INDIA

ପ୍ରତି କ୍ଷଣ ଆପଣଙ୍କ ସାଥିରେ

LIC/PRA/21-22/44/ORI

**ଆଜିର ମନ୍ତବ୍ୟ**

"ବିରୋଧୀ କୋଭିଡ୍ ଟିକାକୁ 'ବିଜେପି ଭାକ୍ସିନ' ନାଁ ଦେଇଥିଲେ। ଭାକ୍ସିନକୁ କେବଳ କରୋନା ଭାଇରସ୍ ଏବଂ ବିରୋଧୀ ଦଳ ଭୟ କରନ୍ତି।
–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବନ୍ଧ ତଳିଆ ବାସ
ନଈ ତଳିଆ ଚାଷ
ପର ଯୁବତୀରେ ଆଶ
ସଖୀଗୋ ମନ୍ଦ ଏ।**

ନଈ ବନ୍ଧ ତଳେ ଘର କରିଥିଲେ ବଢି ହେଇ ବନ୍ଧ ଭାଙ୍ଗିଗଲେ, ଘର ଭାସିଯାଏ। ନଈ ତଳେ ଫସଲ କଲେ ବଢି ହେଲେ, ଫସଲ ପାଣିରେ ବୁଡି ଯାଇ ନଷ୍ଟ ହୋଇଯାଏ। ସେହିପରି ପର ଯୁବତୀକୁ ଆଶ୍ରା କଲେ ସମାଜରେ ନିନ୍ଦିତ ହେବାକୁ ପଡ଼ିଥାଏ। ତେଣୁ ଏସବୁ ମନ୍ଦ ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ବଛାବଛି ପରିବା
ଭାବିଚିନ୍ତି କରିବା
ମାଆ ଯାହାର ଲାଜକୁଳୀ
ତା ଝିଅକୁ ବରିବା।**

କଥାରେ ଅଛି ମା' ଗୁଣେ ଝିଅ। ମା' ଯଦି ଲଜ୍ଜାଶିଳା, ଭଲଗୁଣ ଓ ସଂସ୍କାରି ହୋଇଥାଏ ତା' ଝିଅ ମଧ୍ୟ ମା' ଠାରୁ ସେଭଳି ଶିକ୍ଷା ପାଇ ଉତ୍ତମ ଚରିତ୍ର ହୋଇଥିବାର ସମ୍ଭାବନା ରହିଥାଏ। ସେହି ଦୃଷ୍ଟିରୁ ସେଭଳି ଝିଅକୁ ଚୟନ କରିବାରେ କିଛି ବାରଣ ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ

### ଗାଁକୁ ଘାରିଛି...

ସେହିପରି ଢେଙ୍କାନାଳ ଜିଲା ଶାଙ୍କୁଲେଇ ପଞ୍ଚାୟତର ଭାରତୀ ରଥଙ୍କ ସ୍ୱାମୀ ଚିନ୍ମୟ ଦାସଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। ହିଂସାକାଣ୍ଡ ଯେପରି ବ୍ୟାପକ ହେଉଛି ଆସନ୍ତା ପର୍ଯ୍ୟାୟ ନିର୍ବାଚନ ପରିଚାଳନାକୁ ନେଇ ରାଜ୍ୟ ନିର୍ବାଚନ କମିଶନରଙ୍କ ଚିନ୍ତା ବଢ଼ିଯାଇଛି। ପ୍ରଥମ ପର୍ଯ୍ୟାୟ ମତଦାନ ହିଂସା ଯେପରି ଆସନ୍ତା ପର୍ଯ୍ୟାୟରେ ପୁନରାବୃତ୍ତି ନ ହେବ ସେ ନେଇ କମିଶନର କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ପରବର୍ତ୍ତୀ ପର୍ଯ୍ୟାୟରେ ଯେଭଳି ଭୋଟ ଗ୍ରହଣ ଶାନ୍ତିଶୃଙ୍ଖଳାର ସହ ହେବ ସେ ଦିଗରେ ପୋଲିସ ମହାନିର୍ଦ୍ଦେଶକ ଗୁରୁବାର ସମୀକ୍ଷା କରଛନ୍ତି। ସେ କହିଛନ୍ତି ଯେ ଆଗକୁ ହିଂସାକାଣ୍ଡରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଆଦୌ ବରଦାସ୍ତ କରାଯିବ ନାହିଁ।

ଅନ୍ୟପକ୍ଷରେ ଗଣ୍ଡଗୋଳ ଓ ଅନ୍ୟାନ୍ୟ କାରଣରୁ ୪ଟି ଜିଲାର ୨୫ଟି ବୁଥ୍‌ରେ ପୁନଃ ମତଦାନ ହେବ। ଜିଲାପାଳମାନେ ଏ ନେଇ ରାଜ୍ୟ ନିର୍ବାଚନ କମିଶନରଙ୍କୁ ଗୁରୁବାର ଜଣାଇଛନ୍ତି। ଜିଲାପାଳଙ୍କ ସୂଚନା ଅନୁଯାୟୀ ଯାଜପୁର ଜିଲାରେ ସର୍ବାଧିକ ୧୧ଟି, ପୁରୀ ଓ ଭଦ୍ରକରେ ୫ଟି ଲେଖାଏ ବୁଥ୍ ଏବଂ ଢେଙ୍କାନାଳର ୪ଟି ବୁଥ୍‌ରେ ପୁନଃ ମତଦାନ ପାଇଁ ପ୍ରସ୍ତାବ ଦିଆଯାଇଛି। ରାଜ୍ୟ ନିର୍ବାଚନ କମିଶନର ତର୍ଜମା କରି ଏ ସମ୍ପର୍କରେ ନିଷ୍ପତ୍ତି ନେବେ ବୋଲି ରାଜ୍ୟ ନିର୍ବାଚନ କମିଶନରଙ୍କ ସଚିବ ରବୀନ୍ଦ୍ର ସାହୁ କହିଛନ୍ତି। ନିର୍ବାଚନୀ ଗଣ୍ଡଗୋଳକୁ ନେଇ ପ୍ରମୁଖ ରାଜନୈତିକ ଦଳ ବିଜେଡି ଓ ଭାଜପା ପରସ୍ପରକୁ ଦୋଷ ଦେବାରେ ଲାଗିଛନ୍ତି। ନିର୍ବାଚନରେ ହେଉଥିବା ହିଂସା ଦେଖି ଉଭୟ ଦଳ ରାଜ୍ୟ ନିର୍ବାଚନ କମିଶନଙ୍କୁ ଭେଟିବା ସହ ପରସ୍ପର ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଗୁହାରି କରୁଥିବା ଦେଖିବାକୁ ମିଳିଛି।

### ଆଜି ଦ୍ୱିତୀୟ...

ବୁଥ୍‌ଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ପ୍ରଥମ ପର୍ଯ୍ୟାୟ ନିର୍ବାଚନ ହିଂସାକୁ ଦେଖି ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ଶେଷ କରିବା ପାଇଁ ବ୍ୟାପକ ଫୋର୍ସ ମୁତୟନ କରାଯାଇଛି। ମୋଟ ୩୭ ହଜାର ୨୪୫ ପୋଲିସ କର୍ମଚାରୀ ନିର୍ବାଚନ ଦାୟିତ୍ୱ ପରିଚାଳନା କରୁଛନ୍ତି। ଚଳିତ ପଞ୍ଚାୟତ ନିର୍ବାଚନ ଫେବୃୟାରୀ ୧୬ରୁ ୨୪ ତାରିଖ ମଧ୍ୟରେ ୫ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ମୋଟ ୬,୭୯୪ ପଞ୍ଚାୟତରେ ଥିବା ୯୧,୯୧୩ ୱାର୍ଡରେ ଭୋଟ ଗ୍ରହଣ କରାଯିବ। ମୋଟ ୯୧,୯୧୩ଟି ବୁଥ୍ ମଧ୍ୟରୁ ୧୩,୭୮୫ ଉତ୍ତେଜନାପ୍ରବଣ ରହିଛି। ସମସ୍ତ ସମ୍ବେଦନଶୀଳ ବୁଥ୍‌ରେ ମତଦାନର ଭିଡିଓ ରେକର୍ଡିଂ କରାଯିବା ସହ ଷ୍ଟ୍ରଙ୍ଗରୁମ୍‌ରେ ସିସିଟିଭି କ୍ୟାମେରା ଲଗାଯିବ ଓ ଭୋଟଗଣତିର ରେକର୍ଡିଂ ମଧ୍ୟ ହେବ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନର କହିଛନ୍ତି।

## ପ୍ରଥମ ପର୍ଯ୍ୟାୟରେ ୭୭.୨% ମତଦାନ

**ଭୁବନେଶ୍ୱର,୧୭।୨(ବ୍ୟୁରୋ):** ବୁଧବାର ଶେଷ ହୋଇଥିବା ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ୭୭.୨% ମତଦାନ ହୋଇଛି। ବୌଦ୍ଧ ଜିଲାରେ ସର୍ବାଧିକ ୮୪.୭% ମତଦାନ ହୋଇଛି। ସେହିପରି ଦେବଗଡ଼ରେ ୮୩.୭୫%, ଅନୁଗୋଳରେ ୮୨.୬, ଝାରସୁଗୁଡ଼ାରେ ୮୨.୧, କଳାହାଣ୍ଡିରେ ୮୧.୧୨, କୋରାପୁଟରେ ୮୦.୨, ନବରଙ୍ଗପୁରରେ ୮୦.୫୪, ସମ୍ବଲପୁରରେ ୮୧.୫୬% ମତଦାନ ହୋଇଥିବା ସୂଚନା ଦେଇଛନ୍ତି। ରାଜ୍ୟ ନିର୍ବାଚନ କମିଶନରଙ୍କ ସଚିବ ରବୀନ୍ଦ୍ର ସାହୁ ଗୁରୁବାର ଏଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।

ପ୍ରଥମ ପୃଷ୍ଠାରୁ...

## ମତଦାନ କେନ୍ଦ୍ରରେ ୨୪୦ ପ୍ଲାଟୁନ୍ ଫୋର୍ସ ମୁତୟନ

**କଟକ ଅଫିସ,୧୭।୨:** ରାଜ୍ୟରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଦ୍ୱିତୀୟ ପର୍ଯ୍ୟାୟ ଭୋଟ ଗ୍ରହଣ ଶୁକ୍ରବାର ଅନୁଷ୍ଠିତ ହେବ। ତେବେ ଶୃଙ୍ଖଳିତ ନିର୍ବାଚନ ପାଇଁ ବିଭିନ୍ନ ମତଦାନ କେନ୍ଦ୍ରରେ ଓଡ଼ିଶା ପୋଲିସ ପକ୍ଷରୁ ୨୪୦ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି। ସେହିପରି ୧୭୫୩ ମୋବାଇଲ୍ ପାଟ୍ରୋଲିଂ ପାର୍ଟି ନିୟୋଜିତ ହେବା ସହ ଜିଲାସ୍ତରରେ ପୋଲିସ ଅଧିକାରୀ ଓ ସ୍ଥାନୀୟ ପୋଲିସ ପ୍ରଶାସନକୁ ନିୟୋଜିତ କରାଯାଇଛି। ୨୦,୪୩୫ ବୁଥ୍‌ରେ ଶୃଙ୍ଖଳିତ ନିର୍ବାଚନ ପାଇଁ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି। ସେହିପରି ରାଜ୍ୟ ପୋଲିସ ପକ୍ଷରୁ ୩,୮୭,୧୭୭ ଲିଟର ମଦ, ୩୮ ବେଆଇନ ମାରଣାସ୍ତ୍ର, ୨୨୧୬.୫୬ ଗ୍ରାମ ନାର୍କୋଟିକ୍ସ ଡ୍ରଗ୍ସ ଜବତ କରାଯାଇଛି। ରାଜ୍ୟର ବିଭିନ୍ନ ଥାନାରେ ମୋଟ୍ ୪୯୬୬ ଅବକାରୀ ମାମଲା ରୁଜୁ କରାଯାଇଥିବାବେଳେ ୧୯୦୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

### ନେହେରୁଙ୍କ ଭାରତର...

ସେମାନଙ୍କ ବିରୋଧରେ ବଳାତ୍କାର, ହତ୍ୟା ଆଦି ଆପରାଧିକ ମାମଲା ବିଚାରାଧୀନ ଥିଲା। ଯଦିଓ ସେଥିରୁ ଅଧିକାଂଶ ଅଭିଯୋଗ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି କୁହାଯାଇଥିବା ସିଙ୍ଗାପୁର ପ୍ରଧାନମନ୍ତ୍ରୀ ବୁଧବାର ପାର୍ଲାମେଣ୍ଟକୁ କହିଥିଲେ। ସେ କହିଛନ୍ତି, ସରକାରରେ ଥିବା ବ୍ୟକ୍ତିମାନେ ଯଦି ସାଧୁତା ବଜାୟ ରଖନ୍ତି ଏବଂ ଆଇନ ଓ ନିୟମାବଳୀକୁ ସମସ୍ତଙ୍କ ପାଇଁ ସମାନ ଭାବେ କାର୍ଯ୍ୟକାରୀ କରନ୍ତି, ତେବେ ସିଙ୍ଗାପୁର ଜନସାଧାରଣ ସେମାନଙ୍କ ନେତା, ବ୍ୟବସ୍ଥା ଓ ଅନୁଷ୍ଠାନଗୁଡ଼ିକ ଉପରେ ବିଶ୍ୱାସ ରଖିପାରିବେ।

### ସିବିଆଇ ତଦନ୍ତ ଦାବି...

କଟକସ୍ଥିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ (ଏନ୍‌ଏଲ୍‌ୟୁ)ରେ ଗୁରୁବାର 'ଦେଶରେ ମହିଳାଙ୍କ ବିରୋଧରେ ହେଉଥିବା ଅପରାଧ ସମ୍ପର୍କରେ ପ୍ରଚଳିତ ଆଇନରେ କିଭଳି ସଂଶୋଧନ ଆବଶ୍ୟକ' ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଏନ୍‌ସିଡବ୍ଲ୍ୟୁ ଅଧ୍ୟକ୍ଷା ଶର୍ମା ମୁଖ୍ୟ ଅତିଥିଭାବେ ଯୋଗ ଦେଇ ମହିଳାଙ୍କ ସୁରକ୍ଷା ପାଇଁ ଥିବା ଆଇନ ଓ ଏହାର ସଂଶୋଧନ ପ୍ରସ୍ତାବ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ବିହାର ସମେତ ଓଡ଼ିଶାର ବହୁ ବୁଦ୍ଧିଜୀବୀ, ବରିଷ୍ଠ ପୋଲିସ ଅଧିକାରୀ, ଏନ୍‌ଜିଓ, ଆଇନଜୀବୀ ଯୋଗ ଦେଇଥିଲେ। ଆଲୋଚନା ଚକ୍ରରେ ମୁଖ୍ୟତଃ ସମାଜରେ ନାରୀମାନଙ୍କ ଉପରେ ହେଉଥିବା ନିର୍ଯାତନା ବିଷୟ ଉପରେ ଆଲୋଚନା ହୋଇଥିଲା। ମହିଳା କମିଶନ ଅଧ୍ୟକ୍ଷା ଶୁକ୍ରବାର ଏସମ୍ପର୍କରେ ଏକ ରିପୋର୍ଟ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରିବେ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି। ଆଲୋଚନା ଚକ୍ର ପ୍ରାରମ୍ଭରେ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବେଦ କୁମାରୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମମିତା ମେହେର ହତ୍ୟା ମାମଲା ସମ୍ପର୍କରେ ରାଜ୍ୟ ମହିଳା ଆୟୋଗ ଅଧ୍ୟକ୍ଷା ମିନତୀ ବେହେରା କହିଛନ୍ତି ଯେ, ଡିଜିପି ବଂଶଲ ଏବଂ ରେଖା ଶର୍ମାଙ୍କ ମଧ୍ୟରେ ହୋଇଥିବା ଆଲୋଚନା ସମ୍ପର୍କରେ ସେ ଗଣମାଧ୍ୟମରୁ ସୂଚନା ପାଇଛନ୍ତି। ତେବେ ସେ ନିଜେ ମମିତା ହତ୍ୟା ମାମଲାରେ ଘଟଣାସ୍ଥଳ ପରିଦର୍ଶନ କରିବା ସହ ଘଟଣାର ତଦନ୍ତ ପାଇଁ ଏସ୍‌ପିଙ୍କ ସହ ଆଲୋଚନା କରିଥିଲେ। ଏହାପରେ ଏସ୍‌ପିଙ୍କ ପକ୍ଷରୁ ଘଟଣାର ତଦନ୍ତ କରାଯାଇ ଚାର୍ଜସିଟ୍ ଦାଖଲ କରାଯାଇଛି ଏବଂ ପୀଡିତାଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି, ସେ ଏବେ ଜେଲରେ ଅଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ପ୍ରତ୍ୟେକ କାର୍ଯ୍ୟ ସମ୍ପନ୍ନ ହେବ। ଆଗାମୀ କାଲିର ଆନୁଷ୍ଠାନିକ କାମ ପାଇଁ ଉତ୍ସାହ ସାଙ୍ଗକୁ ପାରିବାରିକ ଜୀବନ ସୁନ୍ଦର ଓ ସୁମଧୁର ହୋଇଉଠିବ। ଆତ୍ମୀୟ ସ୍ୱଜନଙ୍କୁ ଅତି ନିକଟରେ ପାଇ ନିଜକୁ କିଛି ସମୟ ପାଇଁ ଭୁଲିଯିବେ। କଳା, ସାହିତ୍ୟ, ସାମ୍ବାଦିକତା, ସଭାସମିତି, ମନୋରଞ୍ଜନ କାମ କିମ୍ବା କୌଣସି ନୂତନ କର୍ମାରମ୍ଭ କରିବାରେ ବ୍ୟସ୍ତ ରହିବେ।

**ବୃଷ** – ଅଟକି ରହିଥିବା କାମ ସମ୍ପନ୍ନ ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ। ପ୍ରଶଂସା ଓ ପ୍ରତିଷ୍ଠାକୁ ଅନ୍ୟମାନେ ସହି ନ ପାରି ଭିନ୍ନ ମନ୍ତବ୍ୟ ଦେଇପାରନ୍ତି। ସବୁ କାମରେ ଆଗୁଆ ରହି କାମ କରିବା ହେତୁ ଶାରୀରିକ ପରିଶ୍ରମଜନିତ କ୍ଲାନ୍ତି ଅନୁଭବ କରିବେ। ପରିବାରର ବ୍ୟୟ ବୃଦ୍ଧି ଯୋଗୁ କିମ୍ବା ପରିବହନରେ ସମସ୍ୟା ମନକୁ ଭାରାକ୍ରାନ୍ତ କରିପାରେ।

**ମିଥୁନ** – ଆଜି ଯେତିକି ଅର୍ଥ ପାଇବେ ପ୍ରତିଦାନରେ ତାହାଠାରୁ ଅଧିକ କିଛି ଖର୍ଚ୍ଚ କରିବାକୁ ପଡ଼ିବ। ଅଧିକାଂଶ କ୍ଷେତ୍ରରେ କେବଳ ବେଠି ଖଟିବା ବ୍ୟତୀତ କିଛି ଲାଭ ହେବନି। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟ କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ପାରିବାରିକ ସ୍ତରରେ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ।

**କର୍କଟ** – ଆଜି ସ୍ୱାର୍ଥସାଧନ ପରିପ୍ରେକ୍ଷୀରେ ନିଜଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିବେ। ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ ଅଭିଯୋଗ ଆସିପାରେ। ଘରୋଇ କଥାରେ କିଛି ମତ ପାର୍ଥକ୍ୟ ସୃଷ୍ଟି ହେବାରୁ ସ୍ତ୍ରୀ ସ୍ୱାମୀଙ୍କ ସହ ଆଲୋଚନା କରିବେ। ଅବଶ୍ୟ ଆପଣଙ୍କ ଆଶଙ୍କା ଅପରାହ୍ନେ ଦୂର ହୋଇଯିବ।

**ସିଂହ** – ଆଜି ଯେଉଁ କାମ କରିବେ ସେଥିରେ ସଫଳତା ପାଇବା କଷ୍ଟ । ପରିସ୍ଥିତି ବଶତଃ ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବାପାଇଁ ବାଧ୍ୟ ହେବେ। ପାରିବାରିକ କ୍ଷେତ୍ରରେ ଅଶାନ୍ତ ମନ ଦିନ ଗୋଟାଏ ପରେ ଶାନ୍ତ ହେବ। ଉଚ୍ଚ ପଦାଧିକାରୀଙ୍କ ପୃଷ୍ଠପୋଷକତା ଅଭାବରୁ କାମଗୁଡ଼ିକ ସୁବିଧାରେ ହେବା କଷ୍ଟକର ହୋଇପଡ଼ିବ।

**କନ୍ୟା** – ଆଜି ଅନ୍ୟମାନଙ୍କ ସହ ସକାଳୁ ସକାଳୁ ବନ୍ଧୁଙ୍କ ଗୃହକୁ ଯିବା ସକାଶେ ସଜବାଜ ହୋଇପାରନ୍ତି। ଯେ କୌଣସି ବିବାଦୀୟ ଘଟଣାରେ ନୀରବ ରହିବା ଭଲ ହେବ। ସାହାଯ୍ୟ ବ୍ୟତିରେକ ଅନ୍ୟମାନଙ୍କ ଠାରୁ ଶୁଖିଲା ଉପଦେଶ ଶୁଣି ମନରେ ବିରକ୍ତି ଆସିବ। ରୋଗିଣା ସ୍ୱାସ୍ଥ୍ୟରେ ସାମାନ୍ୟ ବ୍ୟତିକ୍ରମ ଦେଖାଦେଇପାରେ।

**ତୁଳା** – ପରିବାରରେ ମନ ଭିତରର ଅଶାନ୍ତି ବିରକ୍ତିକର କଥାବାର୍ତ୍ତାର ରୂପ ନେଇପାରେ। ବନ୍ଧୁଙ୍କ କୌଣସି ବାଧିଲାଭଳି କଥା ଶୁଣି ସବୁ ଆନନ୍ଦ ପାଣି ଫୋଟକା ପରି କୁଆଡ଼େ ମିଳାଇ ଯିବ। କିନ୍ତୁ ଏହିଭଳି ପରିସ୍ଥିତିରେ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଦିନଟିରେ ମାତ୍ରାଧିକ ଭ୍ରମଣ ଯୋଗୁ ସାୟାହ୍ନରେ କ୍ଳାନ୍ତି ଅନୁଭବ କରିବେ।

**ବିଛା** – ବନ୍ଧୁଙ୍କ ସହ ସାମାନ୍ୟ କଥାରେ ଅତିଶୟ ରାଗି ପରିସ୍ଥିତିକୁ ସରଗରମ କରିପାରନ୍ତି। ଫଳତଃ ନିକଟ ସମ୍ପର୍କୀୟମାନେ କ୍ରମଶଃ ଦୂରେଇ ରହୁଥିବାର ଅନୁଭବ କରିବେ। ପାରିବାରିକ କ୍ଷେତ୍ରରେ ନାନା ସମସ୍ୟାରେ ପଡ଼ି ବିଶେଷ ଭାବରେ ବିଚଳିତ ହୋଇପାରନ୍ତି। କଳା, ସାହିତ୍ୟ ଓ ବନ୍ଧୁମିଳନ କ୍ଷେତ୍ରରେ ବେଶ୍ ଆଦୃତ ହେବେ।

**ଧନୁ** – ଆଜି ଅତୀତ କଥା ଚିନ୍ତା କରି ମନଟା ଭଲ ଲାଗି ନ ପାରେ। ଭାଙ୍ଗି ପଡିଥିବା ସମ୍ପର୍କ ଯୋଡ଼ିବା ସକାଶେ ଚେଷ୍ଟା କରି ଲାଭ ପାଇବେ ନାହିଁ। ଦୀର୍ଘଦିନରୁ କୁହୁଳୁଥିବା ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ। ଅସାବଧାନତା ପରିହାର କରି ଅନ୍ୟମନସ୍କ କିମ୍ବା ଯାନବାହନ ଚଳାଚଳରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ।

**ମକର** – ନିଜର ସହଜ ସୁଲଭ ଗୁଣରେ ମନ ଜିଣିଲା ଭଳି କଥା କହି ପରକୁ ଆପଣାର କରିବେ। ବନ୍ଧୁଙ୍କ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ଭାବାବେଗକୁ ରୋକି ପାରିବେ ନାହିଁ। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ, ମାତ୍ର ବହୁତ କଷ୍ଟ ସହିବାକୁ ପଡ଼ିବ। ପ୍ରତ୍ୟୁଷ ଯାତ୍ରାରେ ମନଟା କେଜାଣି କାହିଁକି ଏକ ଅଜଣା ଆଶଙ୍କାରେ ଉଦ୍‌ବେଳିତ ହୋଇପାରେ।

**କୁମ୍ଭ** – କୌଣସି ସମସ୍ୟାବହୁଳ ପରିସ୍ଥିତିରେ ସଂଯମ ରକ୍ଷା ନ କଲେ ବିବାଦ ଭିତରକୁ ଟାଣି ହୋଇପାରନ୍ତି। ଅଫିସରେ ଗତକାଲିର କୌଣସି ଘଟଣାକୁ ନେଇ ଆଜି ମନଟା ଭାରାକ୍ରାନ୍ତ ରହିବ। ସବୁ କାମ ନିରୁତ୍ସାହିତ ଭାବେ କରିବେ ଏବଂ କୌଣସିଟିରେ ଆନ୍ତରିକତା ନ ଥିବ। ଶାରୀରିକ ଅସୁସ୍ଥତା ମଧ୍ୟ ଏହାର ଏକ କାରଣ ହୋଇପାରେ।

**ମୀନ** – ଆର୍ଥିକ ଅନଟନ ଓ ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ। ଯେତେ ଭାବିଚିନ୍ତି କାମ କଲେ ମଧ୍ୟ ପାରିବାରିକ ପ୍ରତିରୋଧ କେତେକ କାମକୁ ବିଶୃଙ୍ଖଳିତ କରିପାରେ। କର୍ମକ୍ଷେତ୍ରରେ ଏକ ମାମୁଲି ଘଟଣାରେ ମଧ୍ୟାହ୍ନରେ ଉଚ୍ଚବାଚ ଘଟିବାର ସୂଚନା ରହିଛି। ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ କିନ୍ତୁ ସମ୍ପୂର୍ଣ୍ଣ ନିରାମୟର ଆଶା ବହୁଦୂରରେ ଥିବାର ଅନୁଭବ କରିବେ।

### ନିର୍ବାଚନ ଲୋଡ଼ାନାହିଁ...

ଘର ସମ୍ମୁଖରେ ଛାଡ଼ିସେ ସ୍କୁଟିରେ ବେବର୍ତ୍ତାକାଟେଣୀ ଅଭିମୁଖେ ବାହାରିଯାଇଥିଲେ। ୯ଟାରେ ଖାଇବା ପାଇଁ ଭାରତୀ ତାଙ୍କୁ ଫୋନ କରିଥିଲେ ହେଁ ଯୋଗାଯୋଗ ହୋଇପାରି ନ ଥିଲା। ରାତି ୧୦ଟାରେ ପୁଣିଥରେ ଫୋନ କରିବାରୁ ତାଙ୍କ ମୋବାଇଲ ସୁଇଚ୍ ଅଫ୍ ଥିଲା। ଏହା ପରେ ପରିବାର ଲୋକ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ସହିତ ପିସିଆର୍ ଭ୍ୟାନକୁ ସୂଚନା ଦେଇଥିଲେ। ବିଳମ୍ବିତ ରାତିରେ ରାସ୍ତାରେ ପଡ଼ିଥିବା ତାଙ୍କ ସ୍କୁଟିକୁ ପୋଲିସ ଉଦ୍ଧାର କରିଥିଲା। ଏ ସଂକ୍ରାନ୍ତରେ ସଦର ଥାନାରେ ନଂ. ୧୧/୨୨ରେ ଏକ ନିଖୋଜ ମାମଲା ରୁଜୁ କରାଯାଇଛି। ପୋଲିସ ଦୀପକଙ୍କୁ ଉଦ୍ଧାର କରିବା ଲାଗି ଉଦ୍ୟମ ଜାରି ରଖିଥିବା ସଦର ଥାନାଧିକାରୀ ଅଭିନବ ଡାଲୁଆ ସୂଚନା ଦେଇଛନ୍ତି। ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନକୁ ମାତ୍ର କେଇଘଣ୍ଟା ବାକିଥିବାବେଳେ ମତଦାନକୁ ପ୍ରଭାବିତ କରିବା ଉଦ୍ଦେଶ୍ୟ ରଖି ବିରୋଧୀମାନେ ଏଭଳି ଅପହରଣ କାଣ୍ଡ ଘଟାଇଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି।


# classifieds Everyday
0674-2580101, 2549302

**automobile**

**SALE**

Toyota Fortuner 2018 running Km-87000, Rs.2550000. Mob. No.7848983289. D-23163

**real estate**

**SALE**

Bhubaneswar Vingarpur Oxford College ଛକ ନିକଟରେ ମୁଖ୍ୟ ପିଚୁ ରାସ୍ତାକୁ ଲାଗି ସଙ୍ଗେସଙ୍ଗେ ଘର କଲାଭଳି ଘରବାଡ଼ି plot ବିକ୍ରିହେବ। 6370025920, 9937674302. D-71793

60'X30' Corner plot for sale near Puri Seabeach, Mouza-Sipasarubali near Light House Cocopalms. 9776080988, 9238361409. D-70775

30' road ଘରବାରି ପ୍ଲଟ୍ ପାଚେରି ସହ Sum Hospitalରୁ 4K.M. ଘଙ୍ଗାପାଟଣାରେ ମିଳୁଛି। Owner- 8249779595. D-71763

Gharabari plot with boundary near Utkal Hights 57 Dec. Rs.- 6500000/-. Mob: 7848983289. D-23083

House- M/21, RDA Phase-I at Chhend Colony, 769015 with ground + Two floors. 9439357383, 9040445349. D-71015

Gharabari plot, Gohriachhaka, 200m from NH and investment gharabari plot Sundarpada and KEC Gudiapokhari for sale. 9777345831. D-71017

ଭୁବନେଶ୍ୱର ଖୋର୍ଦ୍ଧା ମଧ୍ୟରେ ପିତାପଲ୍ଲୀ ଛକ NH-16କୁ ଲାଗି ଘରବାରି, boundary, electrification ଥାଇ ସୁଲଭ ମୂଲ୍ୟରେ ଜାଗା ବିକ୍ରିହେଉଛି। 9777342153. D-71795

Chandrasekharpur ଶ୍ରୀବିହାର କଲୋନୀ ଓ VSS Nagar ହାଟକୁ ଲାଗି ଘରବାରି ପ୍ଲଟ୍ 30ft. road boundary ଥାଇ କିଣନ୍ତୁ। 7788888879. D-71797

ଭୁବନେଶ୍ୱର ବାଲିଅନ୍ତା-1100/-, ସୁନ୍ଦରପଦା– 750/-, ତମାଣ୍ଡୋ– 1200/-, Limited plot (Bank finance available). 9776846520. D-71794

ଭୁବନେଶ୍ୱର ଜଟଣୀଗେଟ୍ (sqft.-649/-ରୁ 350/-), Sundarpada Xavier (1200sqft. 3,36,000/), ଜାଆଁଳା (sqft.-649/-). Contact: 8114994259, 8658963803. D-23184

13.77 Acre plots by side of state highway 10, near Gomardihi, Kutra, Dist.- Sundergarh with one Petrolpump/ wellfurnished living houses. 9437044900, 9439909433. D-71014

Private plot 6000sqft. ଘରବାରି (6ft. height boundary) near Sai life style Apartment ଗୁଡ଼ିଆପୋଖରୀ ଛକ– 48,00,000/-, direct owner- 9937373013. D-71796

MIG-II- 79/2, at OSHB Phase-I, Chandrasekharpur, Bhubaneswar-751016 well furnished living house. 7978472782, 9439357383. D-71016

Full furnishing 4BHK new flat SB area 2132sqft. Cuttack road near Vits Hotel Rs per sqft.- 9500/-. Mob: 7848983289. D-23084

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ରଙ୍ଗୀନ ଟ୪୨୦/–ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

Residential gharabari plot near English Medium School Brahmanjharilo with boundarywall, 7K.m. from Nakhara, Cuttack, 12K.m to Bhubaneswar, no Bank Loan, registration at 50% cost, balance 5years installment, no interest. 7809525452. D-71858

ଭୁବନେଶ୍ୱର ରବି ଟକିଜ୍ ସାଇ ମନ୍ଦିର ପୂର୍ବରୁ ରାସ୍ତା, ପାଚେରି ଥାଇ ପ୍ଲଟ୍ ବିକ୍ରିହେବ। 9827119799. D-71944

ଭୁବନେଶ୍ୱର ଯାଆଁଳା NH-5 ରୁ 400 ମିଟର ଦୂରତାରେ ପଟ୍ଟା, boundary, ଇଲେକ୍ଟ୍ରିସିଟି ସୁବିଧା ଥାଇ immediate ଘର କଲାଭଳି ପ୍ଲଟ୍ 15,60,000/-. 9437691481. D-71783

**to-let**

Full furnishing 4BHK flat @ 40000/-, near Vits Hotel. Mob: 7848983289. D-23082

3BHK Beautiful Interior flat, main road, Soubhagyanagar, Baramunda, Unit-8. 9000004523. D-23133

**healthcare**

Relax, refresh your body, mind at Lotus SPA with best therapies. 8018891951. D-71863

Newly opening SPA positively health benefits with expert therapist. 8917332216. D-71946

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

Relax, Refresh your body, Mind at SAIKRUPA Spa with best therapies. 8984068077. D-23068

Newly open full body massage ladies and gents. 8327740003. D-71864

Refreshing your mind and body with the best therapy, 7873794731. D-23024

**LOST**

ଏତଦ୍ୱାରା ମୁଁ ସରୋଜ କୁମାର ଧଳ, ଗ୍ରାମ– ଶ୍ୟାମରାଇପୁର, ଥାନା– ଗ୍ରାମାଞ୍ଚଳ, ଭଦ୍ରକ ସୂଚନା ଦିଏ କି ମୋର ଖତିଆନ ନଂ.– 821/953 ମୌଜା– ଶ୍ୟାମରାଇପୁର, ତହସିଲ– ଭଦ୍ରକ ହଜିଯାଇଛି। କୌଣସି ବ୍ୟକ୍ତି ଏହା ପାଇଲେ ମୋତେ ଯୋଗାଯୋଗ କରିବେ। Mob: 9437102884. D-23187

**AFFIDAVIT**

I Omm Prasan Sahoo changed my name from Prasanna Kumar Sahoo belongs to Matric Certificate to Omm Prasan Sahoo by the Notary, BBSR. D-23183

By virtue of an affidavit dated 16.02.2022 before the Executive Magistrate, Bhubaneswar, I, Kiran Saha previously Dolat Saha, R/o- Bhubaneswar, Odisha declare that I have changed my name from Dolat Saha to Kiran Saha. Henceforth I shall be known as Kiran Saha for all purposes. D-23182

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

**LEGAL NOTICE**

In the Court of the Principal Judge, Family Court at Dhanbad
Original Suit No.- 712/2021
Dr. Nibedita Das ....Petitioner
-Versus-
Amlan Mohanty .....Opp. Party

Notice

Amlan Mohanty, S/o- Late Janti Vallabh Mohanti, resident of Village Ashureswar, Via Kendrapara, P.S.- Nischintakoli, Dist.- Cuttack.

You are hereby inform that aforesaid case has been filed U/s. 13 (1) (1a) and U/s. 14 of Hindu Marriage Act 1955 against you by the petitioner above named which is pending before this Court in which Regd. Post Notice and through Nazarat has been sent to you, but you do not appear before this Court on the date.

Hence by way of publication of Notice in Newspaper you are hereby directed to appear before this Court on 01.03.22 at 10.30A.M. O'clock by self otherwise in your absence this case will be proceeded ex-parte. Take it seriously.

Given under my hand and seal of the Court 5th day of January, 2022.
Sd./- Principal Judge, Family Court, Dhanbad
D-23014

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪୧,୯୦,୮୮,୮୫୭ | ୫୮,୭୨,୭୪୧ | ୩୪,୨୫,୭୩,୧୬୧ |
| ଭାରତ | ୪,୨୭,୫୪,୩୧୫ | ୫,୧୦,୪୪୧ | ୪,୧୯,୧୦,୯୮୪ |
| ଓଡ଼ିଶା | ୧୨,୮୦,୭୮୪ | ୮୯୬୧(+୫୩) | ୧୨,୬୩,୧୦୬ |

ଗୁରୁବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ଭୋଟ ପୂର୍ବରୁ ଜନକ ବୁଥ୍ ନିକଟରେ ବୋମାମାଡ଼

## ମତଦାତା, ପୋଲିଂ କର୍ମଚାରୀ ଭୟଭୀତ

**ଚଣ୍ଡିଖୋଲ,୧୭।୨(ଡି.ଏନ.ଏ.)**

ଯାଜପୁର ଜିଲା ବଡ଼ଚଣା ବ୍ଲକରେ ଶୁକ୍ରବାର ମତଦାନ ଅନୁଷ୍ଠିତ ହେବ। ମାତ୍ର ଗୁରୁବାର ବ୍ଲକ ଅନ୍ତର୍ଗତ ବଡ଼ ବାଲିକୁଦା ପଞ୍ଚାୟତର ଜନକ ନୋଡାଲ ଉପ୍ରା ବିଦ୍ୟାଳୟରେ ହୋଇଥିବା ବୁଥ ପରିସରରେ ଗୁରୁବାର ସନ୍ଧ୍ୟାରେ ବୋମାମାଡ଼ ହୋଇଛି। ଦୁର୍ବୃତ୍ତ ବୋମାମାଡ଼ କରି ଫେରାର ହୋଇ ଯାଇଛନ୍ତି। ଏହି ବିଦ୍ୟାଳୟ ପରିସରରେ ଜନକ ଗ୍ରାମର ୬ଟି ବୁଥ୍ ହୋଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ, କେଲୁଅ ନଦୀ ବନ୍ଧ ଉପର ରାସ୍ତାରେ ଦୁଇ ଜଣ ବାଇକ୍ ଆରୋହୀ ଆସି ନଦୀ ବନ୍ଧ ଉପରେ ରହି ଗୋଟିଏ ବୋମା ଫିଙ୍ଗି ଅନ୍ଧାରରେ ଫେରାର ହୋଇଯାଇଛନ୍ତି। ବୋମାଟି ଅଧିକ ଶବ୍ଦ କରିଥିଲା; ଯେଉଁଥିରେ ମତଦାତା ଓ ପୋଲିଂ ଅଧିକାରୀମାନେ ଛାନିଆ ହୋଇଯାଇଛନ୍ତି। ବାଲିଚନ୍ଦ୍ରପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ ଆରମ୍ଭ କରିଛି। ଏ ସମ୍ପର୍କରେ ଥାନା ଅଧିକାରୀ ରମାକାନ୍ତ ମୁଦୁଲି କହିଛନ୍ତି, ଏହା ବୋମା ନୁହେଁ, ସୁନୁ ଫୋଟକା। ତଥାପି ଜଣେ ଡିଏସ୍‌ପିଙ୍କ ନେତୃତ୍ୱରେ ୪ଟି ପୋଲିସ ଭ୍ୟାନ ସେଠାରେ ତଦନ୍ତ ଆରମ୍ଭ କରିଛନ୍ତି। ଅନ୍ୟପକ୍ଷରେ ବୁଧବାର ପ୍ରଥମ ପର୍ଯ୍ୟାୟ ମତଦାନବେଳେ ଯାଜପୁର ବ୍ଲକ ଏରବାଙ୍କ ପଞ୍ଚାୟତର ଏକ ୱାର୍ଡ ନିକଟରେ ବୋମାମାଡ଼ ହୋଇଥିଲା। ତେବେ ବୋମାମାଡ଼ ଘଟଣା ବଢୁଥିବାରୁ ଏହା ଜିଲା ପୋଲିସ ଓ ପ୍ରଶାସନ ପାଇଁ ଚିନ୍ତାର କାରଣ ପାଲଟିଛି।

# ସଂକ୍ରମଣରେ ଦ୍ୱିତୀୟ ସ୍ଥାନକୁ ଖସିଲା ଖୋର୍ଦ୍ଧା

## ସମ୍ବଲପୁର ଶୀର୍ଷରେ, ଆଉ ୧୬ ମୃତ

ଭୁବନେଶ୍ୱର, ୧୭।୨ (ବ୍ୟୁରୋ)



ରାଜ୍ୟରେ ଧୀରେ ଧୀରେ କରୋନା ସଂକ୍ରମଣ କମିବା ସହ ନିୟନ୍ତ୍ରଣକୁ ଆସୁଛି। ଏଥିସହ ଦୈନିକ ସଂକ୍ରମଣରେ ସବୁବେଳେ ଶୀର୍ଷରେ ରହୁଥିବା ଖୋର୍ଦ୍ଧା ଜିଲା ଦୀର୍ଘଦିନ ପରେ ଏବେ ଦ୍ୱିତୀୟ ସ୍ଥାନକୁ ଆସିଛି। ଗତ ୨୪ ଘଣ୍ଟାରେ ରାଜ୍ୟରୁ ଆଉ ୮୮୬ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। କ୍ୱାରାଣ୍ଟାଇନ୍‌ରୁ ୫୧୬ଜଣ ଓ ସ୍ଥାନୀୟ ସଂକ୍ରମିତ ୩୭୦ଜଣ ରହିଥିବାବେଳେ ୧୮ବର୍ଷ ବୟସ ମଧ୍ୟରେ ୧୬୯ଜଣ ରହିଛନ୍ତି। ଏହି ନୂଆ ସଂକ୍ରମିତଙ୍କ ମଧ୍ୟରେ ସମ୍ବଲପୁରରୁ ସର୍ବାଧିକ ୧୭୯ଜଣ ଚିହ୍ନଟ ହୋଇଥିବାବେଳେ ଖୋର୍ଦ୍ଧାରୁ ଦ୍ୱିତୀୟ ସର୍ବାଧିକ ୮୬ଜଣ ପଜିଟିଭ୍ ବାହାରିଛନ୍ତି। ସେହିପରି ସୁନ୍ଦରଗଡ଼ରୁ ୭୯ଜଣ, କୋରାପୁଟ ୬୬, କଟକ ୪୦, ବାଲେଶ୍ୱର ୩୬, ଯାଜପୁର ୩୨, ସୋନପୁର ୨୫, କନ୍ଧମାଳ ୨୫, ଗଜପତି ୨୩, ମୟୂରଭଞ୍ଜ ୨୩, ରାୟଗଡ଼ା ୨୨, ନୟାଗଡ ୨୦, ଝାରସୁଗୁଡ଼ା ୨୦, ନୂଆପଡ଼ା ୧୯, କେନ୍ଦ୍ରାପଡ଼ା ୧୮, ଗଞ୍ଜାମ ୧୬, ଦେବଗଡ ୧୫, ଅନୁଗୋଳ ୧୪, ଜଗତ୍‌ସିଂହପୁର ୧୪, ନବରଙ୍ଗପୁର ୧୩, ବଲାଙ୍ଗୀର ୧୩, କଳାହାଣ୍ଡି ୧୨, ଭଦ୍ରକ ୧୧, ଢେଙ୍କାନାଳ ୧୦, ବରଗଡ଼ ୧୦, କେନ୍ଦୁଝର ୧୦, ପୁରୀ ୮, ବୌଦ୍ଧ ୫, ମାଲକାନଗିରି ୩ ଓ ଷ୍ଟେଟ୍‌ପୁଲରୁ ୧୯ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି।

ଅପରପକ୍ଷେ ସଂକ୍ରମଣ କମୁଥିଲେ ବି ମୃତ୍ୟୁରେ ବ୍ରେକ୍ ଲାଗିପାରୁନାହିଁ। ୨୪ ଘଣ୍ଟାରେ ରାଜ୍ୟରୁ ଆଉ ୧୬ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ମୃତକଙ୍କ ମଧ୍ୟରେ ଖୋର୍ଦ୍ଧାରୁ ୪ଜଣ, ଭୁବନେଶ୍ୱରରୁ ୩ଜଣ, ଭଦ୍ରକ, କଟକ, ଢେଙ୍କାନାଳ ଓ କେନ୍ଦୁଝରରୁ ୨ଜଣ ଲେଖାଏ ଏବଂ ବଲାଙ୍ଗୀରରୁ ଜଣେ ରହିଛନ୍ତି। ମୃତ୍ୟୁ ସମ୍ପର୍କରେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି, ରାଜ୍ୟରେ ବହୁବିଧ ରୋଗୀଙ୍କ କ୍ଷେତ୍ରରେ ଅଧିକ ମୃତ୍ୟୁ ହେଉଛି, ଯାହା ଏବେ ମୋଟ ମୃତ୍ୟୁର ପ୍ରାୟ ୬୦ ଭାଗ।

## ‘ସ୍ଥିତି ଦେଖି କୋଭିଡ୍ କଟକଣା କୋହଳ ହେବ’

**ଭୁବନେଶ୍ୱର, ୧୭।୨ (ବ୍ୟୁରୋ)**

କୋଭିଡ୍ କଟକଣା କୋହଳ ନେଇ ରାଜ୍ୟ ସରକାର ଭାବିଚିନ୍ତି ନିଷ୍ପତ୍ତି ନେବେ। ରାଜ୍ୟର ସ୍ଥିତି ଦେଖି କଟକଣା କୋହଳ ଲାଗି କେନ୍ଦ୍ରର ନିର୍ଦ୍ଦେଶ ପରେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର ଏହା କହିଛନ୍ତି। ସେ କହିଛନ୍ତି, ନିଜ ରାଜ୍ୟର କୋଭିଡ୍ ସ୍ଥିତିକୁ ଦୃଷ୍ଟିରେ ରଖି କିଛି ରାଜ୍ୟ ଅତିରିକ୍ତ କଟକଣା ଲଗାଇଛନ୍ତି। ନିୟମ କୋହଳ କରିବା ଲାଗି କେନ୍ଦ୍ର ସରକାର ଯେଉଁ ଚିଠି କରିଛନ୍ତି, ରାଜ୍ୟ ସରକାର ତା’ ଉପରେ ଠିକ୍ ସମୟରେ ନିଷ୍ପତ୍ତି ନେବେ। ଆମ ରାଜ୍ୟରେ ଅତିରିକ୍ତ କଟକଣା କିଛି ନାହିଁ। ବର୍ତ୍ତମାନ ସ୍ଥିତିରେ ରାଜ୍ୟ ଭଲ ଆଡକୁ ଗତି କରିଛି। କିଛିଦିନ ହେବ ସଂକ୍ରମଣ ସଂଖ୍ୟା ହଜାରେ ତଳେ ରହିଛି। ସେହିପରି ହସ୍ପିଟାଲିଟି ସଂଖ୍ୟା ମଧ୍ୟ କମ୍ ଅଛି। ତେବେ ୨ରୁ ୩ଟି ସ୍ଥାନରେ ସଂକ୍ରମଣ ସାମାନ୍ୟ ଅଧିକ ରହିଥିବାବେଳେ ଆଗକୁ ସ୍ଥିତି ଆହୁରି ସୁଧୁରିବ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ମହାପାତ୍ର କହିଛନ୍ତି। ସୂଚନାଯୋଗ୍ୟ, କିଛି ରାଜ୍ୟରେ ଏବେବି ଅତିରିକ୍ତ କଟକଣା ବଳବତ୍ତର ରହିଛି। ଏହାକୁ ହଟାଇବା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟଗୁଡ଼ିକୁ ଚିଠି ଲେଖାଯାଇଛି। ତେବେ ପୂର୍ବଭଳି ସଂକ୍ରମଣ ରୋକିବାକୁ ଜାରି ୫ସୂତ୍ରୀ ନିୟମ ଯଥା ଟେଷ୍ଟିଂ, ଟ୍ରାକିଂ, ଟ୍ରିଟ୍‌ମେଣ୍ଟ, ଟିକାକରଣ ଓ କୋଭିଡ୍ ନିୟମ ପାଳନ କରିବାକୁ ପରାମର୍ଶ ଦିଆଯାଇଛି।




ପାରାଦୀପ ବନ୍ଦରରେ ଲାଗିଥିବା ବୃହତ୍ ଜାହାଜ ଏମ୍.ଭି. ମିନେରାଲ।

# ପାରାଦୀପରେ ଲାଗିଲା ବୃହତ୍ ଜାହାଜ

**ପାରାଦୀପ,୧୭।୨(ସ୍ୱ.ପ୍ର.)**

ପାରାଦୀପ ବନ୍ଦରରେ ଗୁରୁବାର ସନ୍ଧ୍ୟାରେ ବୃହତ୍ ଜାହାଜ ଏମ୍.ଭି. ମିନେରାଲ ଲାଗିଛି। ବନ୍ଦରରେ ଏପର୍ଯ୍ୟନ୍ତ ଲାଗିଥିବା ସମସ୍ତ ଜାହାଜ ମଧ୍ୟରେ ଏହା ସବୁଠାରୁ ବଡ଼ ବୋଲି ବନ୍ଦର ପ୍ରଶାସନ ପକ୍ଷରୁ କୁହାଯାଇଛି। ୧ ଲକ୍ଷ ୨୪ ହଜାର ୭୦୪ ମେଟ୍ରିକ ଟନ୍ ବିଶିଷ୍ଟ ଏହି ଜାହାଜ ବନ୍ଦରର ସିକ୍ୟୁ-୧ ବର୍ଥରେ ଲାଗିଛି। ଜାହାଜର ଲମ୍ବ ୨୯୨ ମିଟର ଓ ପ୍ରସ୍ଥ ୪୫ ମିଟର ବୋଲି ସୂଚନା ମିଳିଛି। ଏହି ଜାହାଜରେ ୟୁଏଇର ମୀନାସାକର ପୋର୍ଟରୁ ଲାଇମଷ୍ଟୋନ ଓ ପାଓରେକ୍ସନାଇଟ୍ ବୋଝେଇ ହୋଇ ଆସିଛି। ଏହାର ଆମଦାନୀକାରୀ ସଂସ୍ଥା ଜେଏସ୍‌ପିଏଲ୍ ଥିବା ବେଳେ ଷ୍ଟିଭେଡର୍ସ ସଂସ୍ଥା ସିୱେଜ ସିପିଂ ଲଜିଷ୍ଟିକ ଲିମିଟେଡ ବୋଲି ଜଣାପଡିଛି। ଏହି ବୃହତ ଜାହାଜରୁ ଠିକ୍ ଭାବେ ବର୍ଥିଂ ଓ ପଣ୍ୟ ଖଲାସ କରିବା ପାଇଁ ଜେଏସ୍‌ପିଏଲର ବରିଷ୍ଠ ଅଧିକାରୀ ଜି. ବି. ମିଶ୍ର ଓ ସିୱେଜ କମ୍ପାନୀ ମ୍ୟାନେଜର ରାଘବେନ୍ଦ୍ର ବର୍ମା ଉପସ୍ଥିତ ରହିଛନ୍ତି। ଏହାପୂର୍ବରୁ ୨୦୧୭ ନଭେମ୍ବର ୬ରେ ୧ଲକ୍ଷ ୧୮ହଜାର ମେଟ୍ରିକ ଟନ୍ ବିଶିଷ୍ଟ ଜାହାଜ ଏମ୍.ଭି ଉର୍ଜା ଲାଗିଥିଲା।

## ଦନ୍ତାହାତୀର ମୃତ୍ୟୁ

ଟେନ୍‌ସା,୧୭।୨(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ବଣାଇ ବନଖଣ୍ଡ ଜରଡ଼ା ରେଞ୍ଜ ଅନ୍ତର୍ଗତ କଂସର ସେକ୍‌ସନ ରାଇପୁରୀ ସଂରକ୍ଷିତ ଜଙ୍ଗଲରେ ଏକ ଦନ୍ତାହାତୀର ମୃତ୍ୟୁ ଘଟିଥିବା ଗୁରୁବାର ଦେଖିବାକୁ ମିଳିଛି। ହାତୀ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଘଟଣାସ୍ଥଳରେ ବନ ବିଭାଗ ଅଧିକାରୀ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ବଣାଇ ବନଖଣ୍ଡ ଅଧିକାରୀ ସନଥ କୁମାର ଏନ୍, ବନାଞ୍ଚଳ ଅଧିକାରୀ ପ୍ରସନ୍ନ ସେଠୀ ଘଟଣା ସ୍ଥଳରେ ଉପସ୍ଥିତ ରହି ତଦାରଖ କରିଛନ୍ତି। ହାତୀର ମୃତ୍ୟୁ କିପରି ହେଲା ବ୍ୟବଚ୍ଛେଦ ପରେ ଜଣାପଡ଼ିବ ବୋଲି ବନଖଣ୍ଡ ଅଧିକାରୀ ପ୍ରକାଶ କରିଛନ୍ତି।

## ରାଷ୍ଟ୍ରୀୟ ମହିଳା କମିଶନଙ୍କୁ ଭେଟି ମମିତା ହତ୍ୟା ଘଟଣାରେ ଆଲୋଚନା କଲା ଭାଜପା

ଭୁବନେଶ୍ୱର, ୧୭।୨(ବ୍ୟୁରୋ): ବହୁଚର୍ଚ୍ଚିତା ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟାକାଣ୍ଡକୁ ୪ ମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ ଏହି ବର୍ବରୋଚିତ ହତ୍ୟାକାଣ୍ଡରେ ସମ୍ପୃକ୍ତ ବହୁ ଅପରାଧୀ ନିର୍ଭୟରେ ବାହାରେ ବୁଲୁଛନ୍ତି । ପ୍ରକୃତ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଅପରାଧୀଙ୍କୁ ଖସାଇଦେବାର ଷଡଯନ୍ତ୍ର ରାଜ୍ୟ ସରକାର କରୁଛନ୍ତି। ମମିତା ହତ୍ୟାକାଣ୍ଡରେ ରାଜ୍ୟର ଗୃହରାଷ୍ଟ୍ର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମ୍ପୃକ୍ତିର ଅଭିଯୋଗ ସତ୍ତ୍ୱେ ତାଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବା ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁ ଗିରଫ ହୋଇ ପୋଲିସ ହାଜତରୁ ଚମ୍ପଟ ମାରିବା, ଶେଷ ମୁହୂର୍ତ୍ତରେ କୋର୍ଟରେ ପୋଲିସ ଚାର୍ଜଶିଟ୍ ଦାଖଲ ହେବା ଆଦି ଘଟଣାଗୁଡିକ କେଉଁଠି ନା କେଉଁଠି ଏହି ଅପରାଧରେ ରାଜ୍ୟ ସରକାରଙ୍କ ସମ୍ପୃକ୍ତି ରହିବାର ପ୍ରମାଣିତ କରୁଛି। ଭାଜପାର ଏକ ପ୍ରତିନିଧି ଦଳ ରାଷ୍ଟ୍ରୀୟ ମହିଳା କମିଶନ ରେଖା ଶର୍ମାଙ୍କୁ ଭେଟି ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ଏହି ପ୍ରତିନିଧି ଦଳ ମମିତା ହତ୍ୟାକାଣ୍ଡ ଏବଂ ଘଟଣା ପରବର୍ତ୍ତୀ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା କରିଛନ୍ତି। ମମିତା ହତ୍ୟାକାଣ୍ଡକୁ ରାଷ୍ଟ୍ରୀୟ ମହିଳା କମିଶନ ବହୁ ଗମ୍ଭୀରତାର ସହ ବିଚାର କରିଛନ୍ତି ବୋଲି ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି।

# ଡିଇଏଲ୍‌ଇଡି ପରୀକ୍ଷାଫଳ ପ୍ରକାଶିତ

**କଟକ ଅଫିସ,୧୭।୨**

■ **ପାସ୍ ହାର ୯୪.୫ ପ୍ରତିଶତ**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଡିପ୍ଲୋମା ଇନ୍ ଏଲିମେଣ୍ଟାରି ଏଜୁକେଶନ(ଡିଇଏଲ୍‌ଇଡି) ପରୀକ୍ଷା ଫଳ ଗୁରୁବାର ପ୍ରକାଶ ପାଇଛି। ଡିଇଏଲ୍‌ଇଡିର ପ୍ରଥମ ଓ ଦ୍ୱିତୀୟ ବର୍ଷର ରେଗୁଲାର ଏବଂ ବ୍ୟାକ୍ ପେପର ପରୀକ୍ଷା ଫଳ ପ୍ରକାଶ ପାଇଛି। ପ୍ରଥମ ବର୍ଷରେ ୬୧୫୩ ଓ ଦ୍ୱିତୀୟ ବର୍ଷରେ ୫୯୫୭ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ତେବେ ଦ୍ୱିତୀୟ ବର୍ଷରେ ୫୬୨୯ ଜଣ ପାସ୍ କରିଥିବାବେଳେ ପାସ୍ ହାର ୯୪.୫ ପ୍ରତିଶତ ରହିଛି। ପରୀକ୍ଷାର୍ଥୀମାନେ ବୋର୍ଡ ୱେବ୍‌ସାଇଟ www.bseodisha.ac.inରେ ପରୀକ୍ଷା ଫଳ ଦେଖିପାରିବେ ବୋଲି ବୋର୍ଡ ପକ୍ଷରୁ ଗୁରୁବାର କୁହାଯାଇଛି।

# ଗଳା କାଟି କିନ୍ନରଙ୍କୁ ହତ୍ୟା

**ସମ୍ବଲପୁର,୧୭।୨(ବ୍ୟୁରୋ)**

■ **ପୂର୍ବ ଶତ୍ରୁତା ସନ୍ଦେହ**

■ **ପୋଲିସ, ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ**

ସମ୍ବଲପୁର ଜିଲାର ଜଣେ କିନ୍ନରଙ୍କୁ ଗଳାକାଟି ହତ୍ୟା କରାଯାଇଛି। ସେ ହେଲେ ଫିରୋଜ ଛତ୍ରିଆ (୨୧)। ବୁର୍ଲା ଥାନା ଗୋଡଭଗା କଲେଜ ଛକ ନିକଟ ୫୫ନଂ. ଜାତୀୟ ରାଜପଥ ପାର୍ଶ୍ୱରୁ ଗୁରୁବାର ସକାଳେ ତାଙ୍କ ମୃତଦେହ ଜବତ ହୋଇଛି। ଘଟଣାସ୍ଥଳରୁ ଫିରୋଜଙ୍କ ସ୍କୁଟି, ଟଙ୍କା ଥିବା ପର୍ସ, ମୋବାଇଲ ଫୋନ ଜବତ ହୋଇଛି। ହୀରାକୁଦ ଏସ୍‌ଡିପିଓ ସତ୍ୟବ୍ରତ ଦାସ, ବୁର୍ଲା ଥାନା ଅଧିକାରୀ କମଳ ଲୋଚନ ପଣ୍ଡା ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

ଫିରୋଜଙ୍କ ବାପା ଯତୀନ୍ଦ୍ରଙ୍କ ଅଭିଯୋଗ କ୍ରମେ ବୁଧବାର ସନ୍ଧ୍ୟାରେ ସେ ସ୍କୁଟି ଧରି ଘରୁ ବାହାରିଥିଲେ। ହେଲେ ରାତି ୧୦ଟା ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ଫୋନରେ ଯୋଗାଯୋଗ କରିଥିଲେ ମଧ ସମ୍ଭବ ହୋଇ ନ ଥିଲା। ଏପରିସ୍ଥଳେ ପୁଅର ମୃତଦେହ ଗୋଡଭଗା କଲେଜ ନିକଟ ରାସ୍ତାପାର୍ଶ୍ୱରେ ପଡିଥିବା ନେଇ ସକାଳେ ଖବର ମିଳିଥିଲା। ଫିରୋଜଙ୍କୁ ହତ୍ୟା କରାଯାଇଛି ବୋଲି ସେ ଅଭିଯୋଗ କରିଥିଲେ। ଏସ୍‌ଡିପିଓ ଦାସ କହିଛନ୍ତି, ସକାଳ ୭ଟାରେ ରାସ୍ତା କଡରେ ମୃତଦେହ ପଡିଥିବା ନେଇ ସ୍ଥାନୀୟ ଜଣେ ବ୍ୟକ୍ତି ସୂଚନା ଦେଇଥିଲେ। ତଦନ୍ତ ପରେ ଏହା ହତ୍ୟାକାଣ୍ଡ ବୋଲି ଜଣାପଡିଥିଲା। ପୂର୍ବ ଶତ୍ରୁତାରୁ ଏଭଳି ଘଟଣା ଘଟିଥିବା ସନ୍ଦେହ କରଯାଉଛି। ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରହିଥିବା ସେ କହିଛନ୍ତି। ଏହାକୁ ନେଇ ଜିଲା କିନ୍ନର ସଂଘର ଏକ ପ୍ରତିନିଧି ଦଳ ବୁର୍ଲା ଥାନାକୁ ଯାଇ ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରିବାକୁ ଦାବି କରିଥିଲେ।

# ମାଓବାଦୀଙ୍କ ଗତିବିଧି ଯୋଗୁ ବଦଳିଲା ୩୯ ବୁଥ୍

**ଫୁଲବାଣୀ ଅଫିସ, ୧୭।୨**

**ଆଜି ଦ୍ୱିତୀୟ ପର୍ଯ୍ୟାୟ ମତଦାନ**

କନ୍ଧମାଳ ଜିଲାରେ ଶୁକ୍ରବାର ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ଭୋଟ ଗ୍ରହଣ କରାଯିବ। ମାଓବାଦୀ ଅଧ୍ୟୁଷିତ ଅଞ୍ଚଳ ଭାବେ ପରିଚିତ ତୁମୁଡ଼ିବନ୍ଧ ଏବଂ କୋଟଗଡ ବ୍ଲକରେ ଭୋଟ ହେବାକୁ ଥିବାରୁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଫିରିଙ୍ଗିଆ ବ୍ଲକରେ ଲ୍ୟାଣ୍ଡମାଇନ ବିସ୍ଫୋରଣରେ ଜଣେ ଯୁବକଙ୍କ ଜୀବନ ଯାଇଥିବା ବେଳେ ଗତ ୧୫ ତାରିଖରେ ତୁମୁଡିବନ୍ଧ ବ୍ଲକ ବେଲଘର ଥାନା ଭଣ୍ଡରଙ୍ଗି ପଞ୍ଚାୟତ ଗୁମି ଗ୍ରାମର କପିଳ ମାଝିଙ୍କୁ ମାଓବାଦୀ ହତ୍ୟା କରିଛନ୍ତି। ତେଣୁ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ଭୋଟ ନ ଦେବାକୁ ଗ୍ରାମବାସୀଙ୍କୁ ମାଓବାଦୀ ଧମକ ଦେଉଥିବାରୁ ଏହି ଦୁଇ ବ୍ଲକରେ ୩୯ଟି ଅତି ସମ୍ବେଦନଶୀଳ ବୁଥ୍‌କୁ ବଦଳାଯାଇଛି। ଭୋଟରମାନେ କେଉଁଠି ଭୋଟ ଦେବେ ତାହା ସେମାନଙ୍କ ଅଞ୍ଚଳର ପ୍ରାର୍ଥୀମାନଙ୍କ ଦ୍ୱାରା ସୂଚନା ଦିଆଯାଇଛି । କୋଟଗଡ ବ୍ଲକରେ ୨୨ଟି ଏବଂ ତୁମୁଡିବନ୍ଧ ବ୍ଲକରେ ୧୭ଟି ବୁଥ୍ ବଦଳିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି ।

କୋଟଗଡ ବ୍ଲକ ୨ନଂ. ଜୋନ ଏବଂ ତୁମୁଡିବନ୍ଧ ବ୍ଲକ ୭ନଂ. ଜୋନରେ ସରପଞ୍ଚ, ସମିତି ସଭ୍ୟ, ୱାର୍ଡମେମ୍ବର ଏବଂ ଜିଲା ପରିଷଦ ସଦସ୍ୟଙ୍କୁ ମିଶାଇ ମୋଟ ୩୧୫ ଜଣ ପ୍ରାର୍ଥୀ ରହିଛନ୍ତି। କୋଟଗଡରେ ୧୯୬ ପ୍ରାର୍ଥୀ ଥିବା ବେଳେ ତୁମୁଡିବନ୍ଧରେ ୧୧୯ ଜଣ ରହିଛନ୍ତି। କୋଟଗଡ଼ ବ୍ଲକରେ ୩୨ ହଜାର ୨୪ ଜଣ ଭୋଟର ଏବଂ ତୁମୁଡିବନ୍ଧ ବ୍ଲକରେ ୩୦ ହଜାର ୯୭୧ ଭୋଟର ସେମାନଙ୍କ ପ୍ରାର୍ଥୀ ଚୟନ କରିବେ । ନିର୍ବାଚନ ଲାଗି ସମସ୍ତ ପୋଲିଂ ପାର୍ଟି ସେମାନଙ୍କ ବୁଥ୍‌ରେ ପହଞ୍ଚିଛନ୍ତି। ଅତି ସମ୍ବେଦନଶୀଳ ବୁଥ୍ ଅଞ୍ଚଳରେ ପୋଲିଂ ପାର୍ଟି ଭୟଭୀତ ଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଏସବୁ ଅଞ୍ଚଳରେ କୋମ୍ବିଂକୁ ଜୋରଦାର କରାଯାଇଛି।



> ଯାହା କିଛି ଘଟୁନା କାହିଁକି, ନିଶ୍ଚଳ ଓ ପ୍ରଶାନ୍ତ ରୁହ। ଏକ ବିଶୁଦ୍ଧ ଶାନ୍ତି ଏବଂ ଈଶ୍ୱରଙ୍କ କରୁଣା ଉପରେ ସଂପୂର୍ଣ୍ଣ ବିଶ୍ୱାସ ଓ ନିର୍ଭରଶୀଳତା ରଖ। ଯଦି ଏହା ରଖିପାର ତେବେ ନିଶ୍ଚିତ ଥାଅ ଯେ, ତୁମର କିଛି ଅନିଷ୍ଟ ଘଟିବ ନାହିଁ। –ଶ୍ରୀମା

# ଚାଇନାର ଲାଭ



ବ୍ରହ୍ମ ଚେଲ୍ଲାନି

ଆମେରିକା ଏକ ବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର। ଏଣୁ ଏହା ପ୍ରମୁଖ ବିଶ୍ୱଶକ୍ତି ହୋଇ ରହୁ ବୋଲି ବିଶ୍ୱର ସଂଖ୍ୟାଧିକ ଗଣତାନ୍ତ୍ରିକ ଦେଶ ଚାହିଁବା ସ୍ୱାଭାବିକ। କିନ୍ତୁ ଅଧିକ ରଣନୀତିକ କାର୍ଯ୍ୟ କରିବା ପାଇଁ ଆମେରିକାର ପ୍ରତିବଦ୍ଧତା ସ୍ପଷ୍ଟ ହେଉଛି, ଯେଉଁଥିରେ ସଫଳ ହେବାର ସମ୍ଭାବନା କମ୍ । ଆମେରିକାର ବିଶ୍ୱ ସ୍ତରୀୟ ନେତୃତ୍ୱରେ ସମସ୍ୟା ଆମେରିକାରୁ ହିଁ ଆରମ୍ଭ ହୋଇଛି । ଅଧିକ ପକ୍ଷପାତପୂର୍ଣ୍ଣ ରାଜନୀତି ଏବଂ ଗମ୍ଭୀର ଧ୍ରୁବୀକରଣ ଆମେରିକାର ଗଣତନ୍ତ୍ରକୁ ଧୀରେ ଧୀରେ ନଷ୍ଟ କରିବା ସହ ତା'ର ଦୀର୍ଘ ମିଆଦୀ ଲକ୍ଷ୍ୟ ହାସଲ କରିବାରେ ବାଧା ସୃଷ୍ଟି କରୁଛି। ବିଦେଶ ନୀତିରେ ପକ୍ଷପାତପୂର୍ଣ୍ଣ ବିଭାଜନର ଧାରଣା ଆମେରିକା ପ୍ରତି ଏକ ଆହ୍ୱାନ ଭାବେ ଉଭା ହୋଇପାରେ। ମାର୍ଚ୍ଚ ୨୦୨୧ରେ କରାଯାଇଥିବା ସର୍ଭେ ଅନୁଯାୟୀ, ରିପବ୍ଲିକାନ୍‌ମାନେ ଚାଇନା ପ୍ରତି ଅଧିକ ଚିନ୍ତିତ ଥିବାବେଳେ ଡେମୋକ୍ରାଟ୍‌ମାନେ ରୁଷିଆକୁ ନେଇ ବେଶି ବିବ୍ରତ। ଜୋ ବାଇଡେନ୍ ଆମେରିକାର ପ୍ରକୃତ ପ୍ରତିଦ୍ୱନ୍ଦ୍ୱୀ ବା ଶତ୍ରୁ ଚାଇନାର ଆହ୍ୱାନଗୁଡ଼ିକ ଉପରେ ଧ୍ୟାନ ନ ଦେଇ କାହିଁକି ରୁଷିଆକୁ ଏକ ସମକକ୍ଷ ପ୍ରତିଯୋଗୀ ଭାବେ ଦେଖୁଛନ୍ତି ତାହା ଏଥିରୁ ସହଜରେ ବୁଝାପଡୁଛି। ରୁଷିଆ ଓ ଚାଇନା ମଧ୍ୟରେ ତୁଳନା କଲେ ଦେଖାଯାଏ, ଚାଇନା ଲୋକସଂଖ୍ୟା ଏହାଠାରୁ ୧୦ ଗୁଣ ଅଧିକ। ଏହାର ଅର୍ଥ ବ୍ୟବସ୍ଥା ମଧ୍ୟ ୧୦ଗୁଣ ବଡ଼ ଏବଂ ଏହାର ମିଲିଟାରି ବ୍ୟୟ ପାଖାପାଖି ୪ଗୁଣ ବଡ଼। ଚାଇନା କେବଳ ଶକ୍ତିଶାଳୀ ନୁହେଁ, ବରଂ ବିଶ୍ୱଶକ୍ତି ବୋଲାଉଥିବା ଆମେରିକାର ପ୍ରଭୁତ୍ୱକୁ ଦବାଇ ଦେବାକୁ ଚାହେଁ। ଅନ୍ୟ ପଟେ ୟୁକ୍ରେନ ସୀମାରେ ମିଲିଟାରି ମୁତୟନ କରି ରୁଷିଆ ମଧ୍ୟ ତା' ପଡୋଶୀ ପକ୍ଷରୁ ରହିଥିବା ବିପଦ ହ୍ରାସ କରିବାକୁ ଚାହେଁ।

ଆମେରିକାର ବୈଶ୍ୱିକ ନେତୃତ୍ୱର ଶକ୍ତି ହ୍ରାସ କରିବାର ଧାରାକୁ ପୂର୍ବବତ ଡେମୋକ୍ରାଟମାନେ ବଜାୟ ରଖିଛନ୍ତି, ଯାହା ଏବେ ବାଇଡେନ୍ କରୁଛନ୍ତି। ଆମେରିକୀୟ ନେତାମାନଙ୍କର ଦ୍ୱିଦଳୀୟ ପ୍ରଦର୍ଶନ ଶୀତଳଯୁଦ୍ଧ ପରବର୍ତ୍ତୀ ବିଶ୍ୱ ବ୍ୟବସ୍ଥାରେ ୟୁନିପୋଲାର (ବିନା ପ୍ରତିଯୋଗିତାରେ କେବଳ ଜଣେ ଶକ୍ତିଶାଳୀ ହେବା) ଅର୍ଥକୁ ଠିକ୍ ଭାବେ ବୁଝି ପାରିନାହିଁ। ଏହା ଯୋଗୁ ଆମେରିକାର ନିର୍ବିରୋଧ ଅର୍ଥନୀତି ଏବଂ ମିଲିଟାରି ପ୍ରାଧାନ୍ୟ କମିବାରେ ଲାଗିଛି। ଆମେରିକା ତା'ୟୁନିପୋଲାର ଅଭିଯାନରେ ସମୟ ଏବଂ ଟଙ୍କା ନଷ୍ଟ କରୁଛି। ମୁଖ୍ୟତଃ ବିଶ୍ୱ ସ୍ତରରେ ସନ୍ତ୍ରାସବାଦ ବିରୋଧରେ ଏକ ବ୍ୟୟବହୁଳ ଏବଂ ଅବ୍ୟବସ୍ଥିତ ଯୁଦ୍ଧ ଚଳାଇବା ସହ ବହୁ କ୍ଷେତ୍ରରେ ମିଲିଟାରି ହସ୍ତକ୍ଷେପ ଏବଂ ରୁଷିଆ ପ୍ରତି ତା' ଦୃଷ୍ଟିକୋଣ ଯୋଗୁ ଏହା ଘଟୁଛି। ବାସ୍ତବରେ ଶୀତଳଯୁଦ୍ଧରେ ବିଜୟୀ ହେବା ପରେ ଆମେରିକା ରଣନୀତିକ ଯୁଦ୍ଧାଭ୍ୟାସ ଚଳାଇ ପ୍ରଭାବ ବିସ୍ତାର କରିବାକୁ ଚାହିଁଲା। ବିଶେଷକରି ଏହା ନାଟୋକୁ ରୁଷିଆ ସୀମା ଯାଏ ସମ୍ପ୍ରସାରିତ କଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଜାପାନ ଏବଂ ଜର୍ମାନୀକୁ ଯେଭଳି ପାଶ୍ଚାତ୍ୟ ଆଡ଼କୁ ଆଣିବାରେ ସଫଳ ହୋଇଥିଲା ସେଭଳି ରୁଷିଆକୁ ଆଣିବାକୁ ଉଦ୍ୟମ କଲା। ରୁଷିଆ ସହ ଏହାର ସମ୍ପର୍କ ଖରାପ ହେବାରୁ ଶେଷରେ ୟୁକ୍ରେନ ସୀମାରେ ରୁଷିଆକୁ ସେନା ମୁତୟନ କରିବାକୁ ପଡ଼ିଲା। ଆମେରିକା ସାମରିକ କ୍ଷେତ୍ରରେ ବିଶ୍ୱର ସବୁଠୁ ଶକ୍ତିଶାଳୀ ଦେଶ। ହେଲେ ୧୯୯୧ ପରଠାରୁ ଏହା ୟୁରୋପ ଏବଂ ଅନ୍ୟଠାରେ ତା'ର ପ୍ରତିବଦ୍ଧତା ରକ୍ଷା କରିପାରିନାହିଁ। ଏବେ ୟୁକ୍ରେନକୁ ସୁରକ୍ଷା ଦେବା ଲାଗି ଆମେରିକା କାହିଁକି ସେନା ମୁତୟନ କରିବାକୁ ମନା କରୁଛି ତାହା ବୁଝିବାକୁ ହେଲେ ଅନେକ କିଛି ବିଷୟକୁ ଦେଖିବାକୁ ପଡ଼ିବ। ୟୁକ୍ରେନକୁ ଆମେରିକା ଯୁଦ୍ଧାସ୍ତ୍ର ଓ ଗୋଳାବାରୁଦ ଦେଉଛି। ହେଲେ ଏହା ସାମରିକ କ୍ଷେତ୍ରରେ ଶକ୍ତିଶାଳୀ ରୁଷିଆର ଅକ୍ରମଣରୁ ୟୁକ୍ରେନକୁ ରକ୍ଷା କରିପାରିବ ନାହିଁ।

ଆମେରିକାର ନେତୃବର୍ଗ ଶୀତଳ ଯୁଦ୍ଧ ପରେ ସାଂଘାତିକ ଭୁଲ କରିଛନ୍ତି। ସେମାନେ ଚାଇନା ଉତ୍‌ଥାନ ପାଇଁ ସହାୟତା ଦେଇ ଏକ ବଡ଼ ଶତ୍ରୁ ସୃଷ୍ଟି କରିଛନ୍ତି। ଚାଇନା ଏବେ ଆମେରିକା ସହ ଏମିତି ଶତ୍ରୁତା ଆଚରଣ କରୁଛି, ଯାହା କେବେ ବି ହୋଇ ନ ଥିଲା। ଏହାସତ୍ତ୍ୱେ ଆମେରିକୀୟ ନେତାମାନେ ଏଥିରୁ କିଛି ଶିକ୍ଷା କରି ନାହାନ୍ତି। ଏହା ପରିବର୍ତ୍ତେ, ଆମେରିକା ବିଶ୍ୱର ବହୁ ସମସ୍ୟା ଉପରେ କମ୍ ଧ୍ୟାନ ଦେବାରେ ଲାଗିଛି ଓ ଏଗୁଡ଼ିକର ସମାଧାନ ପାଇଁ ପର୍ଯ୍ୟାପ୍ତ ସଂସାଧନ ଯୋଗାଇ ଦେଉନାହିଁ। ଅନ୍ୟପଟରେ ଅତ୍ୟଧିକ କଟକଣା ଲଗାଇବା ଦ୍ୱାରା ଚାଇନାର ପ୍ରଭାବ ବଢ଼ିଚାଲିଛି। ଉଦାହରଣ ସ୍ୱରୂପ, ପୂର୍ବରୁ ଟ୍ରମ୍ପ ପ୍ରଶାସନ ଏବଂ ଏବକାର ବାଇଡେନ ପ୍ରଶାସନ ସେମାନଙ୍କ ମିତ୍ର ଏବଂ ମେଣ୍ଟ ରାଷ୍ଟ୍ରଗୁଡ଼ିକୁ ଇରାନରୁ ତୈଳ ଆମଦାନୀ କରିବାକୁ ବାରଣ କରିବା ଦ୍ୱାରା ଚାଇନାର ଲାଭ ହେଲା। ଚାଇନା ଇସ୍‌ଲାମିକ ରିପବ୍ଲିକରୁ ବହୁ ରହାତିରେ ତେଲ ପାଇବା ସହ ସେଠାରେ ବଡ଼ ନିବେଶକ ଭାବେ ଉଭା ହେଲା ଏବଂ ସୁରକ୍ଷା କ୍ଷେତ୍ରରେ ଭାଗୀଦାରି ମଧ୍ୟ ହୋଇପାରିଲା। ଚାଇନା ସହ କାମ୍ବୋଡିଆର ଚୁକ୍ତିକୁ ଭିତ୍ତିକରି ଆମେରିକା ଏହା ଉପରେ ଅସ୍ତ୍ରଶସ୍ତ୍ର ପ୍ରତିବନ୍ଧକ ଲଗାଇଲା। ଏହାକୁ ନେଇ ଗତବର୍ଷ କାମ୍ବୋଡିଆର ପ୍ରଧାନମନ୍ତ୍ରୀ ହୁନ୍ ସେନ କହିଥିଲେ ଯେ, ମୁଁ ଯଦି ଚାଇନା ଉପରେ ଭରସା ନ କରିବି ତେବେ କାହା ଉପରେ ଭରସା କରିବି?

ରୁଷିଆ ମଧ୍ୟ ସମାନ ପ୍ରଶ୍ନ ନିଜକୁ ପଚାରି ଆସୁଛି। ରୁଷିଆ ଓ ଚାଇନା ମଧ୍ୟରେ ଅନେକ ଦଶନ୍ଧି ଧରି ନିକଟ ସମ୍ପର୍କ ରହିଛି। ତେବେ ୨୦୧୪ରେ କ୍ରିମିଆକୁ ନିଜ ଦେଶ ସହ ମିଶାଇବା କାର୍ଯ୍ୟକଳାପ ଯୋଗୁ ରୁଷିଆ ଉପରେ ଆମେରିକା କଟକଣା ଲଗାଇଥିଲା। ଫଳରେ ଏହା ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କୁ ଚାଇନା ସହ ରଣନୀତିକ ଭାଗୀଦାରି ହେବାକୁ ପ୍ରେରିତ କଲା। ୟୁକ୍ରେନ୍‌ରେ ଯାହା ବି ଘଟିଲେ ସେମାନଙ୍କ ଦ୍ୱିପାକ୍ଷିକ ସମ୍ପର୍କ ମଜଭୁତ ରହିବାର ସମ୍ଭାବନା ଅଧିକ। କିନ୍ତୁ ରୁଷିଆ ୟୁକ୍ରେନ ଆକ୍ରମଣ କଲେ ବହୁ କଠୋର କଟକଣା ଲଗାଇବ ବୋଲି ଆମେରିକା କହିଛି। ଏହା ହେଲେ ରୁଷିଆ – ଚାଇନା ସମ୍ପର୍କ ମଜଭୁତ ହେବ ଓ ଚାଇନାକୁ ଅଧିକ ଲାଭ ମିଳିବ। ରୁଷିଆ ପ୍ରତି ଅତ୍ୟଧିକ ଆର୍ଥିକ ଦଣ୍ଡର ଯୋଜନା ବି କରିଛି ଆମେରିକା। ରୁଷୀୟ ବ୍ୟାଙ୍କଗୁଡ଼ିକୁ ଅନ୍ତର୍ଜାତୀୟ ଏସ୍‌ଡବ୍ଲ୍ୟୁଆଇଏଫ୍‌ଟ ପେମେଣ୍ଟ ବ୍ୟବସ୍ଥାରୁ ବିଚ୍ଛିନ୍ନ କରିବାକୁ ଯୋଜନା କରିଛି। ଏହା ହେଲେ ରୁଷିଆର ବ୍ୟାଙ୍କର ହୋଇଯିବ ଚାଇନା। ଫଳରେ ଚାଇନା ଅନ୍ତର୍ଜାତୀୟ ସ୍ତରରେ ତା' ମୁଦ୍ରା ବ୍ୟବହାରକୁ ସମ୍ପ୍ରସାରିତ କରିବାକୁ ସକ୍ଷମ ହେବ। ଆଉ ମଧ୍ୟ ବାଲ୍‌ଟିକ ସାଗର ଦେଇ ରୁଷିଆରୁ ଜର୍ମାନୀ ଯାଏ ଲମ୍ବିଥିବା ନର୍ଡ ଷ୍ଟ୍ରିମ୍‌ର ଦୁଇ ଗ୍ୟାସ୍ ଲାଇନକୁ ଯଦି ବାଇଡେନ୍ ବନ୍ଦ କରନ୍ତି ତେବେ ରୁଷିଆ ଚାଇନାକୁ ଅଧିକ ଶକ୍ତି ରପ୍ତାନି କରିବ। ଫଳରେ ଚାଇନା ରୁଷିଆଠାରୁ ଅଧିକ ଶକ୍ତି ପାଇବ। ଚଳିତ ମାସରେ ପୁଟିନ ରୁଷିଆର ପ୍ରାକୃତିକ ଗ୍ୟାସ ରପ୍ତାନି ୧୦ଗୁଣ ବୃଦ୍ଧି କରିବାର ପ୍ରତିଶ୍ରୁତି ଦେଇଛନ୍ତି। ଏହି ପ୍ରତିଶ୍ରୁତି ପାଇବା ଦ୍ୱାରା ସମ୍ଭାବ୍ୟ ତାଇୱାନ ଆକ୍ରମଣକୁ ନେଇ ପାଶ୍ଚାତ୍ୟର ଶକ୍ତି କଟକଣାକୁ ସାମ୍ନା କରିବା ଏପରି କି ଯୋଗାଣ ବନ୍ଦ ଥିବାବେଳେ ଚାଇନା ଏକ ସୁରକ୍ଷା ବଳୟ ସୃଷ୍ଟି କରିବାରେ ଲାଗିପଡ଼ିଛି। ରୁଷିଆ ଓ ଚାଇନା ମଧ୍ୟରେ ଏକ ମଜଭୁତ ସମ୍ପର୍କ ସୃଷ୍ଟି ହେବାରେ ଲାଗିଛି। ଏହା ଯୋଗୁ ୟୁକ୍ରେନ ସଙ୍କଟର ପରିଣାମ ଆମେରିକା ପାଇଁ ସବୁଠୁ ଖରାପ ହେବା ସମ୍ଭାବନା ରହିଛି। ଏଣୁ ରୁଷିଆ ସହ ସମାଧାନ କରିବା ସବୁଠୁ ଭଲ। ରୁଷିଆ ୟୁକ୍ରେନ ଆକ୍ରମଣ କରିବ ନାହିଁ କିମ୍ବା ତାହାକୁ ତା ସହ ମିଶାଇବ ନାହିଁ ବୋଲି ନିଶ୍ଚିତ କରିବାକୁ ହେବ। ଆଗକୁ ୟୁରୋପରେ ଜଟିଳ ସମସ୍ୟା ସୃଷ୍ଟିକରିବାରୁ ଆମେରିକାକୁ ବିରତ ରଖାଯାଇ ପାରିଲେ ମୁଖ୍ୟ ଲକ୍ଷ୍ୟଗୁଡ଼ିକ ପୂରଣ ହୋଇପାରିବ। ବିଶେଷ କରି ଉପଲବ୍ଧ ସଂସାଧନ ଓ କ୍ଷମତା ବଳରେ ଇଣ୍ଡୋ ପାସିଫିକ୍‌ରେ ଚାଇନାର ଅଧିକାରକୁ ପ୍ରତିହତ କରାଯାଇପାରିବ।

ଅନ୍ତର୍ଜାତୀୟ ବ୍ୟବସ୍ଥାରେ ଆମେରିକାର ନେତୃତ୍ୱର ଭବିଷ୍ୟତ ଏସିଆରେ ହିଁ ସ୍ପଷ୍ଟ ହେବ। ହେଲେ ଆମେରିକାର ପ୍ରଭାବକୁ ପ୍ରତିହତ କରିବା ଲାଗି ଚାଇନା ସବୁ କ୍ଷେତ୍ରରେ ତା' ଶକ୍ତି ଖଟାଉଛି। ଚାଇନା ପ୍ରାୟତଃ ଶକ୍ତିଶାଳୀ ହୋଇଗଲାଣି। ଯଦି ବାଇଡେନ୍ ପ୍ରଶାସନ ଚାଇନା ସୃଷ୍ଟି କରୁଥିବା ବିପଦକୁ ସ୍ୱୀକାର ନ କରେ ଏବଂ ଉପଯୁକ୍ତ ରଣନୀତି ନ ଆପଣାଏ, ତେବେ ଆମେରିକାର ପ୍ରଭୁତ୍ୱ ବିସ୍ତାର କରିବାର ଯେଉଁ କିଛି ସୁଯୋଗର ପଥ ଖୋଲା ରହିଛି ତାହା ବି ବନ୍ଦ ହୋଇଯିବ।

**ପ୍ରଫେସର, ଷ୍ଟ୍ରାଟେଜିକ ଷ୍ଟଡିଜ୍,**
**ସେଣ୍ଟର ଫର୍ ପଲିସି ରିସର୍ଚ୍ଚ, ନୂଆଦିଲ୍ଲୀ**

# ଦିବ୍ୟସ୍ପର୍ଶ



ନିମାଇଁ ଚରଣ ଲେଙ୍କା

ପୁରୀ ବଡ଼ଦାଣ୍ଡରେ ଡହ ଡ଼ହ ଖରାରେ ପିଲାଟିଏ ନିର୍ମାଲ୍ୟ ଓ ସଳିତା ବିକୁଥାଏ। ଲୋକେ ମୂଲଚାଲ କରୁଥାନ୍ତି। ଜଣେ ସହୃଦୟ ବ୍ୟକ୍ତିଙ୍କର ନଜର ପଡ଼ିଲା ପିଲାଟିର ପାଦ ଉପରେ। ଖରାରେ ବିଚରାର ପାଦଦୁଇଟି ଜଳିଯାଉଥିଲା। ମଝିରେ ଅତି ଅସହ୍ୟ ହେଲେ ପାଖରେ ରଖିଥିବା ପାଣିବୋତଲରୁ ପାଦରଖିଥିବା ଜାଗାରେ ପାଣି ଢାଳିଦେଉଥାଏ। ବ୍ୟକ୍ତିଜଣକ ସଙ୍ଗେ ସଙ୍ଗେ ଯାଇ ଅଳ୍ପଦୂରରେ ଥିବା ଦୋକାନରୁ ହଳେ ଜୋତା ଓ ଏକ ଛତା କିଣିଆଣି ପିଲାଟିକୁ ଦେଲେ। ଏହାଦେଖି ପିଲାଟିର ଆଖିରୁ ଲୁହ ଝରିପଡ଼ିଲା। ସେ ସଙ୍ଗେ ସଙ୍ଗେ ଭଦ୍ରବ୍ୟକ୍ତିଙ୍କୁ କହିଲା, ''ଆପଣ ତା'ହେଲେ ସ୍ୱୟଂ ପ୍ରଭୁଜଗନ୍ନାଥ? କଥା ଦେଇଥିଲେ ବୋଲି ଆଜି ସତରେ ମୋତେ ଦେଖାଦେଲେ।'' ବ୍ୟକ୍ତିଜଣକ କହିଲେ, ''ନାଇଁରେ ବାବୁ! ମୁଁ ଜଣେ ସାଧାରଣ ମଣିଷ।'' ପିଲାଟି କହିଲା, ତା' ହେଲେ ଆପଣ ତାଙ୍କ ବନ୍ଧୁ ହୋଇଥିବେ। ଆପଣଙ୍କୁ ସେ ହିଁ ମୋ ପାଖକୁ ପଠାଇଥିବେ। କାଲିରାତିର ଶେଷପ୍ରହରରେ ଯେତେବେଳେ 'ଜଗା' ମୋ ସ୍ୱପ୍ନରେ ଆସିଥିଲେ, ମୋ ପାଦଦୁଇଟି ଖରାରେ ଜଳିଯାଉଛି ବୋଲି ମୁଁ ତାଙ୍କୁ ଜୋତା ହଳେ ମାଗିଥିଲି। ସେ ହଁ କରିଥିଲେ ଓ ମୋ ନିଦ ଭାଙ୍ଗିଯାଇଥିଲା। ସେଥିପାଇଁ ସେ ଜୋତାସହ ଛତା ଦେଇ ଆପଣଙ୍କୁ ପଠାଇଛନ୍ତି। ସତରେ ମୋ ଜଗା କେଡ଼େ ଦୟାଳୁ! ନିଜେ ଆସିପାରିଲେନି ବୋଲି ତାଙ୍କ ସାଙ୍ଗ ହାତରେ ଜୋତା ଓ ଛତାଦେଇ ପଠାଇଛନ୍ତି? ପିଲାଟିର କଥାଶୁଣି ଭଦ୍ରବ୍ୟକ୍ତିଙ୍କର ଆଖିରୁ ଧାରଧାର ଲୁହ ଗଡ଼ିପଡ଼ିଲା ଓ ସେ ମନେମନେ ଭାବୁଥିଲେ, 'ଭଗବାନ ହେବାସିନା ଅସମ୍ଭବ। ହେଲେ ତାଙ୍କ ବନ୍ଧୁ ବା ସେବକ ହେବା ଅସମ୍ଭବ ନୁହେଁ।'

ଏହି ସତ୍ୟ ଘଟଣାରୁ ଆମେ ସ୍ପଷ୍ଟ ଜାଣିପାରୁଛେ, ଯେତେବେଳେ କୌଣସି ଦରଦୀପ୍ରାଣ ବ୍ୟକ୍ତି ନିଜ ଆବେଗ, ବ୍ୟାକୁଳତା ଓ ସମବେଦନା ଭାବନାରେ ନିଷ୍କାମ (ସ୍ୱାର୍ଥ, ଲାଭକ୍ଷତି,ପାପପୁଣ୍ୟ ବିନା)ଭାବେ ଅନ୍ୟକୁ ସାହାଯ୍ୟ(ସେବା)ର ହାତବଢ଼ାନ୍ତି, 'ତାହା' ପୂର୍ବରୁ କୌଣସି ମୁହୂର୍ତ୍ତରେ ପ୍ରଭୁଙ୍କ ସଂକଳ୍ପରେ ଆସିସାରିଥାଏ। ଆଉ 'ସେହି ସଂକଳ୍ପ'ଟି ହିଁ ବ୍ୟକ୍ତିଙ୍କ ହୃଦୟରେ ପ୍ରତିଫଳିତ ହୁଏ। କାହାକୁ ସାହାଯ୍ୟକରି ବା କାହାର ସେବାକରି ଆମେ ଭାବିବାନି ଯେ, ଆମେ ତାଙ୍କୁ ଦୟାକଲୁ। ବରଂ ଭଗବାନଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇବା ଯେ, ଏହି ସେବାକାର୍ଯ୍ୟ ଲାଗି ସେ ଆମକୁ ଉପଯୁକ୍ତ ଭାବି ବାଛିଛନ୍ତି। ଯଦି କେହି ପ୍ରଶ୍ନକରେ, ଅନ୍ୟର ନିଷ୍କାମ ସେବାକଲେ କ'ଣ ଫଳ ମିଳେ? ତେବେ ତା'ର ଉତ୍ତର ହେବ, ସେହି ସେବା ପାଇଁ ଆମକୁ ସୁଯୋଗ ମିଳିବାଟା ହିଁ ସର୍ବଶ୍ରେଷ୍ଠ ଫଳ। ପ୍ରଭୁ ଆମକୁ ତାଙ୍କର ଅତି ବିଶ୍ୱସ୍ତ ତାଲିକାରେ ରଖିଛନ୍ତି ବା ଆମେ ପ୍ରଭୁଙ୍କ ସେବକ ସନ୍ତାନ(ଆତ୍ମା)ଭାବେ ତାଙ୍କ ହୃଦୟଲିପିରେ ସ୍ଥାନ ପାଇଛେ। ନ ହେଲେ ତ ସମଗ୍ର ସଂସାରର ସେବାପାଇଁ ସେ ଏକାହିଁ ଯଥେଷ୍ଟ। ଅର୍ଥାତ୍ ତାଙ୍କ ସଂକଳ୍ପ ହିଁ ପର୍ଯ୍ୟାପ୍ତ। ସମ୍ପ୍ରତି ସମଗ୍ର ବିଶ୍ୱରେ ଆତଙ୍କ ସୃଷ୍ଟିକାରୀ 'କରୋନା' ବିରୋଧରେ ନିଜ ଜୀବନକୁ ବାଜିଲଗାଇ ଜୀବନଯୋଦ୍ଧା ଭାବେ ଯୁଦ୍ଧକ୍ଷେତ୍ରରେ ଅବତୀର୍ଣ୍ଣ ହୋଇଥିବା ନିଷ୍କାମ ସେବାକାରୀ ଆତ୍ମା(ଚିକିତ୍ସକ, ଆରକ୍ଷୀ, ଗଣମାଧ୍ୟମ ଆଦି)ମାନେ ମଧ୍ୟ ଏହି 'ଦିବ୍ୟସ୍ପର୍ଶ'ର ଅଧିକାରୀ ଓ ପରମାତ୍ମାଙ୍କ ଶ୍ରେଷ୍ଠସନ୍ତାନ । ପରହିତ ବା ଅନ୍ୟର ସେବା ଯାହାଙ୍କ ସ୍ୱଭାବ, ତାଙ୍କ ପାଇଁ ଜ୍ଞାନ, ବୈରାଗ୍ୟ, ଭକ୍ତି, ପ୍ରେମ ଆଦି କୌଣସି ବସ୍ତୁ ଦୁର୍ଲଭ ନୁହେଁ। ଯେଉଁବ୍ୟକ୍ତି ସମସ୍ତଙ୍କଠାରେ ମୋତେ ଓ ମୋଠାରେ ସମସ୍ତଙ୍କୁ ଦେଖେ, ତା'ପାଇଁ ମୁଁ ଅଦୃଶ୍ୟ ହୁଏ ନାହିଁ କି ମୋ ପାଇଁ ସେ ଅଦୃଶ୍ୟ ହୁଏନାହିଁ (ଗୀତା)। ଏହି ସୁଯୋଗ କେତେଜଣଙ୍କ ଭାଗ୍ୟରେ ଜୁଟିପାରେ?

ଭଗବାନ୍ ଆମକୁ ଦେବାଲୋକଙ୍କ ଭିତରେ ରଖିଛନ୍ତି, ନେବାଲୋକଙ୍କ ଭିତରେ ନୁହେଁ। ଯେ କେବଳ ଦେଇଜାଣେ ସେ ଦେବତା, ଯେ କେବଳ ନେଇଜାଣେ ସେ ଅସୁର ବା ରାକ୍ଷସ। ଯେ ଦିଏ ସେ ଯୋଗୀ ବା ତ୍ୟାଗୀ, ଯେ ନିଏ ସେ ଭୋଗୀ ବା ରୋଗୀ। ଈଶ୍ୱର ସମସ୍ତଙ୍କ ପାଇଁ କେବଳ ଦୁଇଟି ରାସ୍ତା ତିଆରି କରିଛନ୍ତି। ଦେଇକରି (ଦାନ ବା ସେବା) ଯିବା କିମ୍ବା ଛାଡିକରି ଯିବା। ସାଥିରେ ନେଇକରି ଯିବାର କୌଣସି ବ୍ୟବସ୍ଥା ସେ କରିନାହାନ୍ତି। ସେଇଥିପାଇଁ ମହାଦାନୀ ରାଜା ହରିଶ୍ଚନ୍ଦ୍ର କାହାର ନିଷ୍କାମସେବା (ଦାନ) କଲାବେଳେ ଲଜ୍ଜାରେ ମୁହଁ ତଳକୁ କରୁଥିଲେ। କାରଣ ତାଙ୍କର ଧାରଣାଥିଲା, ମୁଁ କେବଳ ପ୍ରଭୁଙ୍କ ଦ୍ରବ୍ୟକୁ ହିଁ ଦାନକରୁଛି। କିନ୍ତୁ ସଂସାର ତାଙ୍କ ପରିବର୍ତ୍ତେ ମୋର ପ୍ରଶଂସା କରୁଛି। ସଂସାରରେ ଦରଦୀପ୍ରାଣ ସେବକଙ୍କର ହିସାବ ନାହିଁ। ସେମାନେ ପରମଦୟାଳୁ ପ୍ରଭୁଙ୍କ 'ଦିବ୍ୟସ୍ପର୍ଶ' ଦ୍ୱାରା ପ୍ରେରିତ ହୋଇ ସମସ୍ତ ପାର୍ଥିବ ସୁଖ,ସ୍ୱାଚ୍ଛନ୍ଦ୍ୟକୁ ତ୍ୟାଗକରି ଈଶ୍ୱର ସମର୍ପିତ ହୋଇ ଯାଇଛନ୍ତି। ମନୁଷ୍ୟ ଯେତେ ସେବା କରିଚାଲିବ, ସେ ସେତେ ଶାନ୍ତି ଓ ଆନନ୍ଦ ଆଡ଼କୁ ଅଗ୍ରସର ହୋଇପାରିବ। ତେଣୁ ସେହି 'ଦିବ୍ୟସ୍ପର୍ଶ'ର ପ୍ରଭାବରେ ସର୍ବଜୀବଙ୍କର ନିଷ୍କାମ ସେବାରେ ନିଜକୁ ନିରନ୍ତର ନିୟୋଜିତ ରଖିବା ଆବଶ୍ୟକ।

**ମୋ:୯୨୩୮୬୧୫୪୭୮**

## ଏଇ ଭାରତରେ

ଗୋଟିଏ ପଟେ ଶିକ୍ଷାଦାନ ଓ ଅନ୍ୟପଟେ ପରିବେଶ ସୁରକ୍ଷା ପାଇଁ ଚେଷ୍ଟିତ ଜଣେ ଶିକ୍ଷକଙ୍କ ଜୀବନ ଗାଥା ନିଶ୍ଚୟ ପ୍ରେରଣାଦାୟକ। ଏହି ଶିକ୍ଷକ ଜଣକ ହେଉଛନ୍ତି କେରଳର ରଫି ରାମନାଥ। ଆଲପୁଜା ଜିଲା ବିଜ୍ଞାନ ବିଳାସିନୀ ହାୟର ସେକେଣ୍ଡାରୀ ସ୍କୁଲ୍( ଭିଭିଏଚ୍‌ଏସ୍‌ଏସ୍)ରେ ବିଜ୍ଞାନ ଶିକ୍ଷକ ରହିଛନ୍ତି। ସେ ପିଲାମାନଙ୍କୁ ପଢ଼ାଇବା ସହିତ ସ୍କୁଲରେ ଏକ ହର୍ବାଲ ଗାର୍ଡେନ କରିଛନ୍ତି। ଏଥିରେ ୧୫୦ରୁ ଊର୍ଦ୍ଧ୍ୱ ଔଷଧୀୟ ବୃକ୍ଷ ଲଗାଇଛନ୍ତି। କେବଳ ଏତିକି ନୁହେଁ ସ୍କୁଲ ପରିସରରେ ସେ ୧୧୨ ପ୍ରକାରର ୪୫୦ରୁ ଅଧିକ ଫଳଜାତୀୟ ଗଛ ମଧ୍ୟ ଲଗାଇ ଏକ ମିନିଜଙ୍ଗଲ କରିଛନ୍ତି। ମୁଖ୍ୟତଃ ଆମ୍ବ, ପଣସ, ଜାମୁ ଆଦି ଗଛ ସେ ଉତାରିଛନ୍ତି । ୨୦୦୪ରେ ରଫି ଭିଭିଏଚ୍‌ଏସ୍‌ଏସ୍‌ରେ ଯୋଗଦେବା ପରେ ୨୦୦୯ରେ ଇକୋ କ୍ଲବ୍ ସହ ଜଡ଼ିତ ହୋଇଥିଲେ। ସେବେଠାରୁ ସେ ବୃକ୍ଷରୋପଣ ଆରମ୍ଭ କରି ଏହି ସଫଳତା ହାସଲ କରିପାରିଛନ୍ତି। ରଫି ମଧ୍ୟ ବୃକ୍ଷରୋପଣ କାର୍ଯ୍ୟକ୍ରମ ଚଳାଇଥିବା ଏକ ଏନ୍‌ଜିଓର କୋଅର୍ଡିନେଟର ଭାବେ ଆଲପୁଜା ଜିଲାରେ ୧ ଲକ୍ଷରୁ ଊର୍ଦ୍ଧ୍ୱ ବୃକ୍ଷରୋପଣ କରିସାରିଛନ୍ତି। ସେ ମଧ୍ୟ ଉକ୍ତ ଏନ୍‌ଜିଓ ମାଧ୍ୟମରେ ଏକ ଚାରା କେନ୍ଦ୍ର ପ୍ରତିଷ୍ଠା କରି ୨ ଲକ୍ଷ ଚାରା ମାଗଣାରେ ବାଣ୍ଟିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୮ ଫେବୃୟାରୀ ୧୯୯୭

- ପାକିସ୍ତାନ ମୁସ୍‌ଲିମ୍ ଲିଗ୍‌ର ନେତା ମିଆଁ ମହମ୍ମଦ ନୱାଜ ଶରିଫ ଦ୍ୱିତୀୟଥର ପାଇଁ ପାକିସ୍ତାନର ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଛନ୍ତି।
- ଆନ୍ତର୍ଜାତିକ ଅପରାଧ ଦୁନିଆର କୁଖ୍ୟାତ ଅପରାଧୀ ଚାର୍ଲସ ଶୋଭରାଜଙ୍କୁ ଜେଲ୍‌ରୁ ଖଲାସ ପରେ ଆବଶ୍ୟକୀୟ କାଗଜପତ୍ର ନ ଥିବାରୁ ପୁଣି ଗିରଫ କରି ଅଟକ ରଖାଯାଇଛି।
- ମହାନଗର କାର୍ଯ୍ୟାଳୟ ଉପରେ ହୋଇଥିବା ଆକ୍ରମଣ ମାମଲାରେ ଶିବସେନା ମୁଖ୍ୟ ବାଲ ଥାକରେଙ୍କୁ ଜାମିନ ମଞ୍ଜୁର କରାଯାଇଛି।

## su | do | ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 6 | | | | | |
| | | | 5 | | 9 | | 1 | 4 |
| | | 9 | | 8 | | | 3 | |
| | | 8 | | | 2 | 1 | | |
| | | | | | 1 | 5 | 8 | |
| 4 | | 2 | | | | | | |
| | 8 | | 7 | 9 | 4 | | | 5 |
| | | | | | 5 | 3 | | |
| 7 | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 4 | 1 | 6 | 8 | 7 | 3 | 9 | 2 |
| 9 | 6 | 7 | 2 | 1 | 3 | 5 | 4 | 8 |
| 2 | 8 | 3 | 9 | 4 | 5 | 6 | 7 | 1 |
| 4 | 5 | 9 | 3 | 2 | 6 | 8 | 1 | 7 |
| 1 | 7 | 6 | 4 | 9 | 8 | 2 | 5 | 3 |
| 8 | 3 | 2 | 5 | 7 | 1 | 4 | 6 | 9 |
| 6 | 2 | 5 | 7 | 3 | 9 | 1 | 8 | 4 |
| 3 | 9 | 8 | 1 | 6 | 4 | 7 | 2 | 5 |
| 7 | 1 | 4 | 8 | 5 | 2 | 9 | 3 | 6 |

ଗତକାଲିର ଉତ୍ତର

# ପଞ୍ଚାୟତିରାଜ ବ୍ୟବସ୍ଥା ଓ ସରପଞ୍ଚ



ଡ. ପ୍ରଫୁଲ୍ଲ କୁମାର ସାହୁ

ଆଜି ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ଭୋଟଗ୍ରହଣ ହେଉଛି। ପର୍ଯ୍ୟାୟକ୍ରମେ ଏହା ଆଗକୁ ବଢ଼ିବ ଏବଂ ଚଳିତ ମାସ ଶେଷ ସୁଦ୍ଧା ରାଜ୍ୟର ପଞ୍ଚାୟତଗୁଡ଼ିକ ଦେଖିବ ନୂଆ ସରପଞ୍ଚ। ଗାଁର ଦେଶ ଭାରତ। ଗାଁ ଉପରେ ନିର୍ଭର କରେ ଦେଶର ଖାଦ୍ୟାବସ୍ଥା ଓ ଅର୍ଥନୀତି। ଗାଁର ବିକାଶ ହିଁ ଦେଶର ବିକାଶ। ଗାଁରୁ ଶାସନ ଆରମ୍ଭ ନ ହେଲେ ସଫଳ ହେବନି ଗଣତନ୍ତ୍ର। ଏପରି ଏକ ବିଚାରଧାରାରୁ ଜନ୍ମ ନେଇଥିଲା ଗାନ୍ଧିଜୀଙ୍କ ଗ୍ରାମ ସ୍ୱରାଜ୍ୟ ସ୍ୱପ୍ନ। ଗ୍ରାମ ସ୍ୱରାଜ୍ୟ କହିଲେ ଗାନ୍ଧିଜୀ ବୁଝିଥିଲେ ଦେଶର ୭ଲକ୍ଷ ଗାଁ ହେବ ୭ଲକ୍ଷ ସାଧାରଣତନ୍ତ୍ର। ଏଠାରେ ଅନୁଭୂତ ହେବ ପ୍ରତ୍ୟକ୍ଷ ଗଣତନ୍ତ୍ରର ସ୍ୱାଦ। ଶାସନ ଓ ବିକାଶ ପ୍ରକ୍ରିୟାରେ ସମସ୍ତେ ଭାଗନେବେ, ମତ ଦେବେ ଏବଂ ଗ୍ରାମସଭାରେ ବସି ନିଷ୍ପତ୍ତି ନେବେ ସମୂହଭାବେ। ସେମାନେ ଏକାଠି ହୋଇ ଏଭଳି ପ୍ରତିନିଧି ବାଛିବେ, ଯିଏ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବେ ଏବଂ ଉତ୍ତରଦାୟୀ ରହିବେ ପଞ୍ଚାୟତ ପାଖରେ।

ଗାନ୍ଧିଜୀଙ୍କ ଦୃଷ୍ଟିରେ ଦେଶର ସ୍ୱାଧୀନତା ଓ ଗ୍ରାମ୍ୟ ବିକାଶ ଥିଲା ମୁଦ୍ରାର ଦୁଇଟି ପାର୍ଶ୍ୱ। ସ୍ୱାଧୀନତା ପ୍ରାପ୍ତିର ବହୁ ପୂର୍ବରୁ ଏକଥା ସେ ଲେଖିଥିଲେ ତାଙ୍କ 'ହିନ୍ଦ୍ ସ୍ୱରାଜ' ଗ୍ରନ୍ଥରେ। ମାତ୍ର ବିଡ଼ମ୍ବନାର ବିଷୟ ଗାନ୍ଧିଜୀଙ୍କର ଏହି ବିଚାରଧାରାକୁ ସ୍ୱାଧୀନ ଭାରତରେ ମିଳିଲାନି ପ୍ରାଥମିକତା। ଗ୍ରାମ ସ୍ୱରାଜ୍ୟ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ସମ୍ବିଧାନର ନିର୍ଦ୍ଦେଶମୂଳକ ନୀତି ୪୦ ଧାରାରେ ଅନ୍ତର୍ଭୁକ୍ତ କରାଗଲା, ଯାହାଥିଲା ରାଜ୍ୟଗୁଡ଼ିକର ଇଚ୍ଛାଧୀନ ବିଷୟ। ଭାରତଭଳି ଏକ ବିରାଟ ଦେଶରେ ଶାସନ ବ୍ୟବସ୍ଥା କେବଳ ଦିଲ୍ଲୀ କିମ୍ବା ରାଜ୍ୟ ରାଜଧାନୀରୁ ନିୟନ୍ତ୍ରିତ ଓ ପରିଚାଳିତ ନ ହୋଇ କ୍ଷମତାର ବିକେନ୍ଦ୍ରୀକରଣର ଆବଶ୍ୟକତା ପରବର୍ତ୍ତୀ ସମୟରେ ଅନୁଭୂତ ହେଲା ଏବଂ ସେଥିପାଇଁ ୧୯୫୭ରେ ଗଠନ ହେଲା ବଳବନ୍ତରାୟ ମେହେଟ୍ଟା କମିଟି। ଏହି କମିଟିର ରିପୋର୍ଟ ଆଧାରରେ ୧୯୫୯ ଅକ୍ଟୋବର ୨ (ଗାନ୍ଧୀ ଜୟନ୍ତୀ)ରୁ ଦେଶରେ କାର୍ଯ୍ୟକାରୀ ହେଲା ପଞ୍ଚାୟତିରାଜ ବ୍ୟବସ୍ଥା। କିନ୍ତୁ ଏହାର ଆଇନଗତ ଉତ୍ତର ଦାୟିତ୍ୱ ରାଜ୍ୟସରକାରଙ୍କ ଉପରେ ନ୍ୟସ୍ତ ଥିବାରୁ ନିର୍ଦ୍ଦିଷ୍ଟ ବ୍ୟବଧାନରେ ନିର୍ବାଚନ ହେଲାନାହିଁ କି ସଶକ୍ତ ହୋଇ ପାରିଲାନି ପଞ୍ଚାୟତିରାଜ ବ୍ୟବସ୍ଥା। ଏହାକୁ ଦୃଷ୍ଟିରେ ରଖି ୧୯୮୯ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ପାର୍ଲାମେଣ୍ଟରେ ସମ୍ବିଧାନ ସଂଶୋଧନ ବିଲ୍ ଆଗତ କଲେ, ଯାହା ବହୁ ଘାତ ପ୍ରତିଘାତ ପରେ ଆଇନରେ ପରିଣତ ହେଲା ଏବଂ ସେବେଠୁ ଗଣତନ୍ତ୍ରରେ ଯୋଡ଼ି ହୋଇଗଲା ଏକ ନୂଆ ଅଧ୍ୟାୟ। ଏହି ପରିପ୍ରେକ୍ଷୀରେ ଉଲ୍ଲେଖନୀୟ ବିଷୟ ହେଉଛି ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ସମଗ୍ର ଦେଶରେ କାର୍ଯ୍ୟକାରୀ ହେବାର ପ୍ରାୟ ଅଢ଼େଇବର୍ଷ ପୂର୍ବରୁ ଓଡ଼ିଶାରେ କାର୍ଯ୍ୟକାରୀ ହୋଇସାରିଥିଲା ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ନେତୃତ୍ୱରେ। ବିଜୁବାବୁ ରାଜ୍ୟ ଆଇନରେ ବ୍ୟାପକ ସଂଶୋଧନ ଆଣିବା ସହିତ ପଞ୍ଚାୟତ ନିର୍ବାଚନରେ ୩୩ ଭାଗ ଆସନ ସଂରକ୍ଷଣ ବ୍ୟବସ୍ଥା କରିଥିଲେ ମହିଳା ସଶକ୍ତୀକରଣ ଲକ୍ଷ୍ୟରେ। ତଦନୁଯାୟୀ ୧୯୯୨ରେ ଓଡ଼ିଶାରେ ପଞ୍ଚାୟତ ନିର୍ବାଚନ ହେଲା ଏବଂ ସେବେଠାରୁ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ପୁନର୍ଜନ୍ମ ଲାଭ କଲା ଏକ ନୂଆ ରୂପରେ । ଏହି ବ୍ୟବସ୍ଥା ଦ୍ୱାରା ପ୍ରକଟ ହେଲା ଲୋକଙ୍କର ପ୍ରତ୍ୟକ୍ଷ ସମ୍ପୃକ୍ତିରେ ସାମାଜିକ, ଅର୍ଥନୈତିକ ଏବଂ ବୌଦ୍ଧିକ ବିକାଶ ଲାଗି ବିଶ୍ୱାସ।

ପଞ୍ଚାୟତିରାଜ ବ୍ୟବସ୍ଥାରେ ଗ୍ରାମାଞ୍ଚଳର ପ୍ରଗତି ଏକ ପୁରୁଣା ଖସଡ଼ା। ଏହି ବ୍ୟବସ୍ଥା ଜରିଆରେ ଗ୍ରାମାଞ୍ଚଳରୁ ଦାରିଦ୍ର୍ୟ, ନିରକ୍ଷରତା, ଅପପୁଷ୍ଟି ଓ ଅନ୍ୟାନ୍ୟ ଅସୁବିଧା ଦୂର କରିବା ଲକ୍ଷ୍ୟରେ ପଞ୍ଚାୟତ ହାତରେ ଅର୍ପଣ କରାଯାଇଛି ପ୍ରଭୂତ କ୍ଷମତା। ବିକାଶମୂଳକ କାର୍ଯ୍ୟ ପାଇଁ ପଞ୍ଚାୟତକୁ ଯୋଗେଇ ଦିଆଯାଇଛି ପର୍ଯ୍ୟାପ୍ତ ପାଣ୍ଠି। ଏହା ସତ୍ତ୍ୱେ ବି ତ୍ୱରାନ୍ୱିତ ହୋଇପାରୁନି ବିକାଶର ଗତି। ଭୌତିକ ବିକାଶ ଦୃଷ୍ଟିରୁ ଗାଁ କିଛିଟା ଆଗକୁ ଯାଇଛି ସତ ହେଲେ ଧୀରେ ଧୀରେ ସେ ହରେଇ ବସୁଛି ପ୍ରାଚୁର୍ଯ୍ୟମୟ ଜୀବନବୋଧର ଦୁର୍ଲଭ ଐଶ୍ୱର୍ଯ୍ୟ। ଗାଁରେ ମାଟି ସଡ଼କ ପରିବର୍ତ୍ତେ ପକ୍କା ସଡ଼କ ହୋଇଛି ଏବଂ ନଡ଼ାଛପର ଘର ସ୍ଥାନରେ ଛିଡ଼ା ହୋଇଛି ମାଳ ମାଳ ପକ୍କା ଘର ହେଲେ ଏସବୁ ଭିତରେ ହଜିଯାଇଛି ଗାଁର ସବୁଜିମା। ଭୋଟ ରାଜନୀତିକୁ କେନ୍ଦ୍ରକରି ଗାଁରେ ସୃଷ୍ଟି ହୋଇଛି ହଜାରେ ଫାଟ। ମାଗଣାଖିଆ ଯୋଜନା ମାୟାରେ ପଡ଼ି ଲୋକେ ଭୁଲିଗଲେଣି ଆପଣା କର୍ମ ସଂସ୍କୃତି।

ଆଙ୍ଗିକ ବିକାଶ ସହିତ ଗାଁରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ଗଢ଼ିତୋଳିବା ଗ୍ରାମପଞ୍ଚାୟତର କାମ। ଏଥିପାଇଁ ଆବଶ୍ୟକ ଜନସଚେତନତା ଓ ଉପଯୁକ୍ତ ନେତୃତ୍ୱ। ଗ୍ରାମପଞ୍ଚାୟତର ନେତୃତ୍ୱ କହିଲେ – ମୁଖ୍ୟତଃ ଆଖିଆଗକୁ ଆସନ୍ତି 'ସରପଞ୍ଚ'। ବିଜୁବାବୁଙ୍କ ଭାଷାରେ ସରପଞ୍ଚମାନେ ହିଁ ପଞ୍ଚାୟତର ମୁଖ୍ୟମନ୍ତ୍ରୀ। ସେମାନଙ୍କ ନିଷ୍ଠା, ନିରପେକ୍ଷତା ଓ ଦକ୍ଷତା ଉପରେ ନିର୍ଭର କରେ ପଞ୍ଚାୟତର ବିକାଶ। ମାତ୍ର ଆଜିକାଲି କାହାନ୍ତି ସେଭଳି ସରପଞ୍ଚ। ଯିଏ ମଦ, ମାଂସ ଓ ଟଙ୍କା ବାଣ୍ଟି ଭୋଟ ମାଗୁଛି, ତାଙ୍କ ଦ୍ୱାରା କ'ଣ ସମ୍ଭବ ହେବ ଗାଁର ଉନ୍ନତି? ଦୁର୍ଭାଗ୍ୟର ବିଷୟ ଏବେ ନିର୍ବାଚନ ମଇଦାନରେ ସେଭଳି ସ୍ୱାର୍ଥପର ପ୍ରାର୍ଥୀଙ୍କ ସଂଖ୍ୟା ବେଶି। ସେମାନଙ୍କୁ ପ୍ରୋତ୍ସାହିତ କରୁଛି ବ୍ୟୟବହୁଳ ନିର୍ବାଚନ ବ୍ୟବସ୍ଥା। ଆଗେ ୮୦ହଜାର ଟଙ୍କାରେ ସୀମିତ ଥିଲା ଜଣେ ସରପଞ୍ଚ ପ୍ରାର୍ଥୀଙ୍କ ଖର୍ଚ୍ଚର ପରିମାଣ। ଏବେ ତାହା ୨ଲକ୍ଷକୁ ବଢ଼େଇ ଦିଆଯାଇଛି ଅବିଚାରିତ ଭାବରେ। ଜଣେ ସରପଞ୍ଚ ପ୍ରାର୍ଥୀ ପଞ୍ଚାୟତର ମୌଳିକ ସମସ୍ୟା ସମାଧାନ ଦିଗରେ ନିଜର ପ୍ରତିବଦ୍ଧତା ସମ୍ପର୍କରେ ଲୋକଙ୍କୁ ଅବଗତ କରେଇବାର ଆବଶ୍ୟକତା ରହିଛି ଏବଂ ସେଇ ଜଣେଇବାର ମାଧ୍ୟମକୁ କୁହାଯାଏ ନିର୍ବାଚନ ପ୍ରଚାର। ମାତ୍ର ଏଥିପାଇଁ କ'ଣ ୨ଲକ୍ଷ ଟଙ୍କା ଆବଶ୍ୟକ? ଗୋଟେ ପଞ୍ଚାୟତ ଭିତରେ କେମିତି ଖର୍ଚ୍ଚ ହୋଇପାରିବ ଏତେ ଟଙ୍କା? ଅଥଚ ସରକାରଙ୍କର ଏହି ନିଷ୍ପତ୍ତିକୁ ନେଇ ସମସ୍ତେ ନୀରବ। ଲୋକଙ୍କ ମୁହଁରୁ ଶୁଭୁନି ପ୍ରତିବାଦର ସ୍ୱର। ରାଜନୈତିକ ଦଳଗୁଡ଼ିକ ପାଇଁ ଏହା ଖୁସିର ବିଷୟ ହୋଇପାରେ, କିନ୍ତୁ ଏଭଳି ବ୍ୟୟବହୁଳ ନିର୍ବାଚନରେ ପ୍ରାର୍ଥୀ ହେବାକୁ ସାହସ ଜୁଟେଇ ପାରୁନାହାନ୍ତି ଅନେକ ଯୋଗ୍ୟ ବ୍ୟକ୍ତି ।

ଦଳମୁକ୍ତ ପଞ୍ଚାୟତ ନିର୍ବାଚନ ଗ୍ରାମାଞ୍ଚଳର ବିକାଶ ପାଇଁ ଏକ ଆହ୍ୱାନ। ଏହି ଦୃଷ୍ଟିରୁ ବିଚାର କଲେ ରାଜନୈତିକ ବିବାଦରୁ ପଞ୍ଚାୟତକୁ ଦୂରେଇ ରଖିବା ପାଇଁ ସରପଞ୍ଚ ପ୍ରାର୍ଥୀଙ୍କୁ ଦଳୀୟ ଚିହ୍ନ ଦିଆଯାଇନି ସତ, ହେଲେ ତାଙ୍କ ପଛରେ ଦଳର ସମର୍ଥନ ଥାଏ ଏବଂ ତାଙ୍କୁ ଜିତେଇବା ପାଇଁ କଳ ବଳ ପ୍ରୟୋଗ କରେ ଦଳ। ମହିଳାଙ୍କ ପାଇଁ ଅଧିକ ବ୍ୟାପକ ହୋଇଛି ସଂରକ୍ଷଣ ବ୍ୟବସ୍ଥା। ମାତ୍ର ସେମାନଙ୍କୁ ଢାଲ କରି ସ୍ଥଳ ବିଶେଷରେ ସ୍ୱାମୀ, ଶ୍ୱଶୁର, ବାପା ଓ ଭାଇମାନେ ଜାହିର କରୁଛନ୍ତି କ୍ଷମତା। ଏହା ନାରୀ ସଶକ୍ତୀକରଣ ନା ସେମାନଙ୍କୁ ଭୁଲେଇବାର ଏକ ପ୍ରହସନ।

ଗାଁ ଲୋକମାନେ ଏକାଠି ବସି ଗାଁର ବିକାଶ ସମ୍ପର୍କରେ ନିଷ୍ପତ୍ତି ନେବେ, ନିଜ ଭାଗ୍ୟ ନିଜେ ଗଢ଼ିବେ – ଏହାହିଁ ଥିଲା ପଲ୍ଲିସଭା ପରିକଳ୍ପନାର ମୂଳକଥା। ମାତ୍ର ନେତୃତ୍ୱ ଯେଉଁଠି ସ୍ୱାର୍ଥସର୍ବସ୍ୱ ଓ ଗୋଡ଼ାଣିଆ ସେଠାରେ ଲୋକମତ ପରିବର୍ତ୍ତେ ନିଷ୍ପତ୍ତି ନିଆଯାଏ ଦଳୀୟ ନିର୍ଦ୍ଦେଶ ଆଧାରରେ। ଏହି କାରଣରୁ ରାଜନୈତିକ ଦଳଗୁଡ଼ିକ ଭିତରେ ଲାଗିଥିବା କ୍ଷମତା ଯୁଦ୍ଧକୁ ନେଇ ବାଧାପ୍ରାପ୍ତ ହେଉଛି ଗାଁର ବିକାଶ। ବିଭିନ୍ନ କଲ୍ୟାଣକାରୀ ଯୋଜନାର ସୁଫଳରୁ ବଞ୍ଚିତ ହେଉଛନ୍ତି ଅନେକ ଯୋଗ୍ୟ ହିତାଧିକାରୀ। ଉପରୋକ୍ତ ପ୍ରେକ୍ଷାପଟରେ ଗ୍ରାମାଞ୍ଚଳରେ ବିକାଶ ପାଇଁ ଯୋଗ୍ୟ ସରପଞ୍ଚ ବାଛିବା ଗ୍ରାମବାସୀଙ୍କର ଦାୟିତ୍ୱ। ପୂର୍ବତନ ରାଷ୍ଟ୍ରପତି ଏ.ପି.ଜେ. ଅବଦୁଲ କଲାମ୍‌ଙ୍କ ମତରେ – ''ଭାରତବର୍ଷ ଦରକାର କରେ ପ୍ରତି ପଞ୍ଚାୟତରେ ଜଣେ ଜଣେ ସୃଜନଶୀଳ ନେତା, ଯିଏ ସିଂହାସନରେ ନ ବସି ସାଧାରଣ ଲୋକଙ୍କ ସାଙ୍ଗରେ ବସିବେ, ଆମ ପାଇଁ ଉତ୍ତରଦାୟୀ ରହିବେ ଏବଂ ରୋଲ୍ ମଡେଲ୍ ହୋଇ ଅବସ୍ଥାନ କରିବେ ଆମ ହୃଦୟରେ।'' ସତରେ ଲାଞ୍ଚ ଦେଇ ନିର୍ବାଚିତ ହେଉଥିବା ପ୍ରାର୍ଥୀ ନୁହେଁ, ଗ୍ରାମବାସୀଙ୍କ ସୁଖ ଦୁଃଖରେ ଠିଆ ହୋଇଥିବା ଲୋକଟି ହିଁ ସରପଞ୍ଚ। ସେଭଳି ପ୍ରାର୍ଥୀ ନିର୍ବାଚିତ ହେଲେ ତ୍ୱରାନ୍ୱିତ ହେବ ବିକାଶ ପ୍ରକ୍ରିୟା। ଅନ୍ୟଥା ଦୁର୍ବଳ ହୋଇପଡ଼ିବ ପଞ୍ଚାୟତିରାଜ ବ୍ୟବସ୍ଥା। ତଳସ୍ତରର ବ୍ୟବସ୍ଥା ହୁଗୁଳି ଗଲେ ଭୁଶୁଡ଼ି ପଡ଼ିବ ସମୁଦାୟ ଶାସନ।

**ଅଧ୍ୟକ୍ଷ, ଫୁଲମତୀ ହେମ୍ବ୍ରମ୍ ମହାବିଦ୍ୟାଳୟ**
**ପଡ଼ିଆବେଡ଼ା, ମୟୂରଭଞ୍ଜ**
**ମୋ: ୬୩୭୧୬୪୨୪୬୪**

# ଚିରନ୍ତନୀ

ମରମେ ଲେଖଇ ବିରହ ଯାହାର ଦୁରୂହ ବ୍ୟଥା
ମିଳନ ଯାହାର ସଜଳ କରଇ କଜଳ ପତା
ସେହି ସେ ମନର ମାନସୀ ଆଶାରେ ଝରଇଁ ବସି
ତା' ଲାଗି ଚିଟାଉ ଲେଖିବାକୁ ମୁଁ ଗୋ ଖୋଜଇଁ କଥା।
–(ମାନସୀ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ଗୋଟିଏ ଭୋଟର ଶକ୍ତି

ମହାଶୟ,

ଗଣତନ୍ତ୍ରରେ ଗୋଟିଏ ଭୋଟର ମୂଲ୍ୟ ଅସୀମ। ଅନେକ ଭୋଟର ନିଜ ଭୋଟଟିର ଶକ୍ତି ସମ୍ପର୍କରେ ବୁଝି ପାରନ୍ତି ନାହିଁ। ସେମାନେ ଭାବନ୍ତି ଯେ, ତାଙ୍କରି ଭୋଟଟି ଦେଲେ ବା ନ ଦେଲେ କିଛି ଫରକ ପଡ଼େ ନାହିଁ। ମାତ୍ର ସେମାନେ ବୁଝିବା ଉଚିତ ଯେ, ଗୋଟିଏ ଭୋଟ୍ ନିର୍ବାଚନରେ ଫଳାଫଳକୁ ସମ୍ପୂର୍ଣ୍ଣ ଓଲଟ ପାଲଟ କରି ଦେଇପାରେ। ଏହା ଜିତିବା ଲୋକକୁ ହରାଇ ଦେଇପାରେ ଓ ହାରିବା ଲୋକକୁ ମଧ୍ୟ ଜିତେଇ ପାରେ। ଏହାର ବହୁ ଦୃଷ୍ଟାନ୍ତ ରହିଛି। ୧୯୯୯ ମସିହାରେ କେନ୍ଦ୍ରରେ ଥିବା ୧୩ ଦିନର ବାଜପାୟୀ ସରକାର ଆସ୍ଥା ଭୋଟରେ ଗୋଟିଏ ମାତ୍ର ଭୋଟ ବ୍ୟବଧାନରେ କ୍ଷମତାଚ୍ୟୁତ ହୋଇଥିବା ସମସ୍ତେ ଜାଣନ୍ତି। ଏବେ ଆମ ରାଜ୍ୟରେ ପଞ୍ଚାୟତ ନିର୍ବାଚନ ପ୍ରକ୍ରିୟା ଚାଲିଛି। ପଞ୍ଚାୟତ ନିର୍ବାଚନରେ ଗୋଟିଏ ଭୋଟର ମୂଲ୍ୟ ସାଧାରଣ ନିର୍ବାଚନ ଅପେକ୍ଷା ଯଥେଷ୍ଟ ଅଧିକ। ଏହି ଭୋଟରେ ଗୋଟିଏ ଭୋଟ ବ୍ୟବଧାନରେ ବହୁ ପ୍ରାର୍ଥୀ ଜିତିବା ବା ହାରିବାର ଯଥେଷ୍ଟ ଆଶଙ୍କା ରହିଛି। ଏଣୁ ପଞ୍ଚାୟତ ନିର୍ବାଚନରେ ପ୍ରତ୍ୟେକ ଭୋଟର ଭୋଟ ଦେବା ଉଚିତ।

**–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏଚ୍‌ଆଇଭିରୁ ସୁସ୍ଥ ହେଲେ ମହିଳା

**ସିକାଗୋ,୧୭।୨:** ଆମେରିକାରେ ଲ୍ୟୁକେମିଆ ବା ରକ୍ତ କର୍କଟରେ ପୀଡ଼ିତ ଜଣେ ଏଚ୍‌ଆଇଭି ରୋଗୀ ସୁସ୍ଥ ହୋଇଛନ୍ତି। ଏଚ୍‌ଆଇଭିରୁ ଆରୋଗ୍ୟ ହେବାରେ ସେ ବିଶ୍ୱର ତୃତୀୟ ବ୍ୟକ୍ତି ତଥା ପ୍ରଥମ ମହିଳା। ଏଚ୍‌ଆଇଭିକୁ ପ୍ରତିରୋଧ କରିବାର ପ୍ରାକୃତିକ କ୍ଷମତା ରଖିଥିବା ଜଣେ ଡୋନରଙ୍କଠାରୁ ଷ୍ଟେମ୍ ସେଲ୍ ପ୍ରତିରୋପଣ ପରେ ସେ ସୁସ୍ଥ ହୋଇଛନ୍ତି। ଏହା ମଧ୍ୟ ପ୍ରଥମ ଉମ୍ବିଲିକାଲ କର୍ଡ ବ୍ଲଡ୍ ମାମଲା। ଅଧିକ ଲୋକଙ୍କ ଚିକିତ୍ସା ଲାଗି ଏହି ନୂଆ ପଦ୍ଧତି ଉପଲବ୍ଧ ହୋଇପାରିବ। ଲ୍ୟୁକେମିଆ ଚିକିତ୍ସା ପାଇଁ ମହିଳା ଜଣକ କର୍ଡ ବ୍ଲଡ୍ ଗ୍ରହଣ କରିଥିଲେ। ବିନା ଏଚଆଇଭି ଚିକିତ୍ସାରେ ୧୪ ମାସ ହେଲା ତାଙ୍କଠାରେ ଏଚଆଇଭି ଭୂତାଣୁ ନ ଥିବା ଜଣାପଡ଼ିଛି। ପୂର୍ବରୁ ଜଣେ ଶ୍ୱେତାଙ୍ଗ ଓ ଜଣେ ଦକ୍ଷିଣ ଆମେରିକୀୟ ପୁରୁଷ ଏଚ୍‌ଆଇଭି ମୁକ୍ତ ହୋଇଛନ୍ତି। ସେମାନେ ବୟସ୍କ ଷ୍ଟେମ୍ ସେଲ୍ ଗ୍ରହଣ କରିଥିଲେ, ଯାହା ବୋନ୍ ମ୍ୟାରୋ ପ୍ରତିରୋପଣରେ ବ୍ୟବହୃତ ହୋଇଥାଏ।

# ମନ୍ତ୍ରୀଙ୍କ ବହିଷ୍କାର ଦାବିକଲା କଂଗ୍ରେସ

**ବେଙ୍ଗାଲୁରୁ, ୧୭।୨**

ଭାଜପା ଶାସିତ କର୍ନାଟକରେ ବାସବରାଜ ବୋମାଇଙ୍କ ସରକାରଙ୍କୁ ବଡ଼ ଚ୍ୟାଲେଞ୍ଜ ଦେଇଛି ବିରୋଧୀ କଂଗ୍ରେସ। ମୁଖ୍ୟମନ୍ତ୍ରୀ ବୋମାଇଙ୍କ କ୍ୟାବିନେଟ ସହଯୋଗୀ କେ. ଏସ୍. ଈଶ୍ୱରାପ୍ପା ତ୍ରିରଙ୍ଗାକୁ ହଟାଇ ଗୈରିକ ପତାକା ଉଡ଼ାଇବା ପାଇଁ ଦେଇଥିବା ମନ୍ତବ୍ୟ ରାଜ୍ୟ ରାଜନୀତିରେ ଝଡ଼ ସୃଷ୍ଟି କରିଛି। କଂଗ୍ରେସ ବିଧାୟକମାନେ ଗୁରୁବାର ଈଶ୍ୱରାପ୍ପାଙ୍କୁ ମନ୍ତ୍ରୀ ପଦରୁ ବହିଷ୍କାର କରି ତାଙ୍କ ବିରୋଧରେ ଦେଶଦ୍ରୋହ ମାମଲା ରୁଜୁ ଦାବି କରିଛନ୍ତି। ମନ୍ତ୍ରୀଙ୍କ ମନ୍ତବ୍ୟ ପ୍ରତିବାଦରେ ବିରୋଧୀ ସଦସ୍ୟ କର୍ନାଟକ ବିଧାନସଭାରେ ରାତି ବିତାଇଛନ୍ତି।

ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ମନ୍ତ୍ରୀ ଈଶ୍ୱରାପ୍ପା ନିକଟରେ କହିଥିଲେ, ଏପରି ଏକ ଦିନ ଆସିବ ଯେତେବେଳେ ଦିଲ୍ଲୀର ଲାଲକିଲ୍ଲାରେ ଜାତୀୟ ପତାକା ତ୍ରିରଙ୍ଗା ପରିବର୍ତ୍ତେ ଗୈରିକ ଧ୍ୱଜ ଉଡ଼ିବ। ଗୁରୁବାର ବିଧାନସଭାରେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ କଂଗ୍ରେସ ସଦସ୍ୟମାନେ ଏହି ପ୍ରସଙ୍ଗ ଉଠାଇ ହୋ ହାଲ୍ଲା କରିଥିଲେ। ଗୃହରେ ଅଚଳାବସ୍ଥା ଲାଗି ରହିବାରୁ ମୁଖ୍ୟମନ୍ତ୍ରୀ ବୋମାଇ, ବାଚସ୍ପତି ବିଶ୍ୱେଶ୍ୱର ହେଗ୍‌ଡେ କାଗେରୀ ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ବି ଏସ୍ ୟେଦୁରପ୍ପା ବିରୋଧୀ ଦଳ ନେତା ସିଦ୍ଧାରମାୟାଙ୍କ ସହ ଆଲୋଚନା କରିଥିଲେ। କିନ୍ତୁ ଏହି ଆଲୋଚନାର କିଛି ସୁଫଳ ମିଳି ନ ଥିଲା। କଂଗ୍ରେସ ପକ୍ଷରୁ ମନ୍ତ୍ରୀଙ୍କ ବିବାଦୀୟ ମନ୍ତବ୍ୟ ପ୍ରତିବାଦରେ ରାଜଧାନୀ ବେଙ୍ଗାଲୁରୁ ସମେତ କେତେକ ଅଞ୍ଚଳରେ ଜୋରଦାର ବିରୋଧ କରାଯାଇଥିଲା। ସେପଟେ କଂଗ୍ରେସ ବିଧାୟକମାନେ ମନ୍ତ୍ରୀଙ୍କ ଇସ୍ତଫା ଦାବି ସହ ତାଙ୍କୁ ବହିଷ୍କାର କରାଯାଉ ବୋଲି ଅଡ଼ି ବସିଥିଲେ। ଇତି ମଧ୍ୟରେ କଂଗ୍ରେସ ସଦସ୍ୟମାନେ ବିଧାନସଭାରେ ରାତ୍ରିଭୋଜନ କରିଥିବାର ଏକ ଫଟୋକୁ କର୍ନାଟକ କଂଗ୍ରେସ ପ୍ରଦେଶ କମିଟି (କେସିପିସି) ସଭାପତି ଡି. କେ ଶିବକୁମାର ଶେୟାର କରିଥିଲେ। ଏହା ପୂର୍ବରୁ ବୁଧବାର କଂଗ୍ରେସ ମନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ମୁଲତବୀ ପ୍ରସ୍ତାବ ଆଣିଥିବାବେଳେ ବାଚସ୍ପତି ତାଙ୍କ ମନ୍ତବ୍ୟରେ କିଛି ଭୁଲ ନ ଥିବା କହି ଅଗ୍ରାହ୍ୟ କରିଦେଇଥିଲେ। ୨୦୧୯ ଜୁଲାଇରେ ତତ୍କାଳୀନ ବିରୋଧୀ ଦଳ ନେତା ବି. ଏସ୍. ୟେଦୁରପ୍ପା ଭାଜପା ବିଧାୟକମାନଙ୍କୁ ନେଇ ବିଧାନସଭାରେ ରାତ୍ରିଯାପନ କରିଥିଲେ। ଏଚ୍. ଡି. କୁମାରସ୍ୱାମୀଙ୍କ ନେତୃତ୍ୱାଧୀନ ଧର୍ମନିରପେକ୍ଷ ଜନତା ଦଳର ମେଣ୍ଟ ସରକାରଙ୍କୁ ଏଥିପାଇଁ ଆସ୍ଥା ଭୋଟର ସମ୍ମୁଖୀନ ହେବାକୁ ପଡ଼ିଥିଲା।


କେସିପିସି ସଭାପତି ଡି. କେ. ଶିବକୁମାର ଓ ଦଳୀୟ ବିଧାୟକମାନେ ବିଧାନସଭା କ୍ୟାଣ୍ଟିନରେ ରାତ୍ରିଭୋଜନ କରୁଛନ୍ତି।

- **କର୍ନାଟକ ବିଧାନସଭାରେ ରାତି ବିତାଇଲେ ବିରୋଧୀ ବିଧାୟକ**
- **ତ୍ରିରଙ୍ଗା ବଦଳରେ ଗୈରିକ ପତାକା ଉଡ଼ିବ କହିଥିଲେ ଈଶ୍ୱରାପ୍ପା**


କେ. ଏସ୍. ଈଶ୍ୱରାପ୍ପା

## ଘରକୁ ଫେରିଲେ ନିଖୋଜ ମହିଳା

**ଅପହୃତ ସ୍ୱାମୀଙ୍କ ଉଦ୍ଧାର ପାଇଁ ଯାଇଥିଲେ ଜଙ୍ଗଲ**

**ରାୟପୁର,୧୭।୨**

ମାଓବାଦୀଙ୍କ ଦ୍ୱାରା ଅପହୃତ ସ୍ୱାମୀଙ୍କୁ ଉଦ୍ଧାର କରିବା ପାଇଁ ନାରାୟଣପୁରର ଘଞ୍ଚ ଜଙ୍ଗଲ ମଧ୍ୟକୁ ଯାଇଥିବା ମହିଳା ବୁଧବାର ସନ୍ଧ୍ୟାରେ ଘରକୁ ଫେରିଛନ୍ତି। ମହିଳାଙ୍କ ସ୍ୱାମୀ ଇଞ୍ଜିନିୟର ଅଶୋକ ପାୱାର ଓ ଶ୍ରମିକ ଆନନ୍ଦଙ୍କୁ ଗତ ୧୧ ତାରିଖରେ ମାଓବାଦୀ କାର୍ଯ୍ୟସ୍ଥଳରୁ ଅପହରଣ କରି ନେଇଥିଲେ। ସ୍ୱାମୀଙ୍କୁ ଖୋଜିବା ପାଇଁ ସ୍ତ୍ରୀ ସୋନାଲି ସାଥିରେ ଅଢେଇ ବର୍ଷର ଝିଅକୁ ନେଇ ରବିବାର ଜଙ୍ଗଲକୁ ଯାଇଥିଲେ। ମଙ୍ଗଳବାର ସନ୍ଧ୍ୟାରେ ମାଓବାଦୀ ଅଶୋକ ଏବଂ ଆନନ୍ଦଙ୍କୁ ଅପହୃତ ଜାଗାରେ ଛାଡି ଦେଇଥିଲେ। କୁଟରୁ ପୋଲିସ ଅଶୋକ ଓ ଆନନ୍ଦଙ୍କୁ ତତ୍ତ୍ୱାବଧାନରେ ରଖିବା ସହ ସେମାନଙ୍କର ଡାକ୍ତରୀ ଯାଞ୍ଚ କରାଯାଇଥିଲା। ପତ୍ନୀଙ୍କର କୌଣସି ଖୋଜ ଖବର ମିଳି ନ ଥିବାବେଳେ ମାଓବାଦୀ ତାଙ୍କୁ ଅପହରଣ କରିନେଇଥିବା ସନ୍ଦେହ କରାଯାଉଥିଲା। ବୁଧବାର ପୋଲିସର ସ୍ୱତନ୍ତ୍ର ଟିମ୍ ତାଙ୍କୁ ଉଦ୍ଧାର କରିଛି। ଏବେ ଅଶୋକ ପତ୍ନୀ ଓ ଝିଅ ସହ ଘରକୁ ଫେରିଛନ୍ତି। ଶ୍ରମିକ ଆନନ୍ଦ ମଧ୍ୟ ପ୍ରଦେଶରେ ଥିବା ନିଜ ଗାଁକୁ ଫେରିଯାଇଛନ୍ତି।

ସେମାନଙ୍କ ସହ କୌଣସି ପ୍ରକାର ଦୁର୍ବ୍ୟବହାର କରାଯାଇ ନ ଥିବା ପୋଲିସ କହିଛି। ଅପହରଣ ପରେ ମାଓବାଦୀ ସେମାନଙ୍କୁ ବହୁଦୂର ପର୍ଯ୍ୟନ୍ତ ଚଲାଇ ଚଲାଇ ନେଇଥିଲେ। ମାଓବାଦୀ ବାରମ୍ବାର ନିଜ ଠିକଣା ବଦଳାଉଥିବା ବେଳେ ୫ ଦିନରେ ସେମାନେ ୭ଟି ସ୍ଥାନ ପରିବର୍ତ୍ତନ କରିଥିବା ଗଣମାଧ୍ୟମକୁ ନିଜର ପ୍ରତିକ୍ରିୟା ଦେଇ ଅଶୋକ କହିଛନ୍ତି।

**ODISHA PUBLIC SERVICE COMMISSION**
**CUTTACK**
**NOTICE**
**No.1493/P.S.C., Dt.17.02.2022**
**1E-07-2021/22 (DR-III)**

No.D-315:- It is for information of all concerned that the written examination for recruitment to the post of **Assistant Soil Conservation Officer** in Class-II (Group-B) pursuant to Advertisement No.13 of 2020-21 will be held on 06.03.2022 (Sunday) on **OMR Based** instead of Computer Based (CBRE) as notified earlier vide Notice **No.743/PSC dt.25.01.2022**

The detailed programme of Examination will be notified shortly.

The candidates are advised to visit (**www.opsc.gov.in**) the Website of the Commission regularly for further information on examination related Notice(s).

OIPR-12002/11/0247/2122 **Sd./- Secretary**

## ଋଷି ଅଗ୍ରୱାଲଙ୍କୁ ସିବିଆଇ ଜେରା

**ନୂଆଦିଲ୍ଲୀ,୧୭।୨**

ଦେଶର ସବୁଠୁ ବଡ଼ ବ୍ୟାଙ୍କ ଠକେଇ ମାମଲାରେ ସିବିଆଇ ଏବିଜି ଶିପ୍‌ୟାର୍ଡର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ଋଷି କମଲେଶ ଅଗ୍ରୱାଲଙ୍କୁ ଜେରା କରିଛି। କମ୍ପାନୀ ଓ ନିର୍ଦ୍ଦେଶକମାନେ ୨୮ଟି ବ୍ୟାଙ୍କରୁ ୨୨,୮୦୦ କୋଟି ଋଣ ଠକିଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତମାନଙ୍କ ନାମରେ ସିବିଆଇ ଲୁକ୍‌ଆଉଟ୍ ସର୍କୁଲାର ଜାରି କରିଥିଲା। ଏବିଜି ଶିପ୍‌ୟାର୍ଡ ଋଣ ଜାଲିଆତି ସମ୍ପର୍କରେ ୨୦୧୯ରେ ଏସ୍‌ଆଇବି ଅଭିଯୋଗ ଆଣିଥିଲା। କମ୍ପାନୀ ୯୮ଟି ବିଭିନ୍ନ ସଂସ୍ଥା ଜରିଆରେ ଋଣ ଅର୍ଥକୁ ଅନ୍ୟତ୍ର ସ୍ଥାନାନ୍ତର କରିଥିବା ସିବିଆଇ ତଦନ୍ତରୁ ଜାଣିବାକୁ ପାଇଥିଲା। ଏସ୍‌ବିଆଇ ଏବଂ ଅନ୍ୟ ବ୍ୟାଙ୍କଗୁଡ଼ିକ ପ୍ରଦାନ କରିଥିବା ତଥ୍ୟ ପ୍ରମାଣକୁ ନେଇ ସିବିଆଇ ଅଧିକାରୀମାନେ ଅଗ୍ରୱାଲଙ୍କୁ ଜେରା କରିଥିଲେ। ପୁଣିଥରେ ତାଙ୍କୁ ଜେରା ପାଇଁ ଡକାଯାଇପାରେ । ଅନ୍ୟ ଅଭିଯୁକ୍ତମାନଙ୍କୁ ମଧ୍ୟ ଜେରା ପାଇଁ ଡକାଯିବ ବୋଲି ତଦନ୍ତକାରୀ ସଂସ୍ଥାର ଜଣେ ଅଧିକାରୀ କହିଛନ୍ତି।

ଗତ ୭ ତାରିଖରେ ସିବିଆଇ ଏବିଜି ଶିପ୍‌ୟାର୍ଡ ଲିଃ, ଏହାର ସିଏମ୍‌ଡି ଅଗ୍ରୱାଲଙ୍କ ସମେତ ତତ୍କାଳୀନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସନ୍ଥନମ୍ ମୁଥାସ୍ୱାମୀ, ନିର୍ଦ୍ଦେଶକ ଅଶ୍ୱିନୀ କୁମାର, ସୁଶୀଲ କୁମାର ଅଗ୍ରୱାଲ ଏବଂ ରବିବିମଳ ନେଭେଟିଆଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। ଅଭିଯୁକ୍ତମାନଙ୍କ ବିରୋଧରେ ଅପରାଧ ଷଡ଼ଯନ୍ତ୍ର, ଠକେଇ, ବିଶ୍ୱାସଭଙ୍ଗ, ପଦବୀର ଅପବ୍ୟବହାର ନେଇ ମାମଲା ରୁଜୁ ହୋଇଛି।

**ଏବିଜି ଶିପ୍‌ୟାର୍ଡ ଋଣ ଜାଲିଆତି ମାମଲା**




ବ୍ରିଟେନ୍ ପ୍ରଧାନମନ୍ତ୍ରୀ ବୋରିସ ଜନ୍‌ସନ୍ ୱେଡିଂଟନ୍‌ସ୍ଥିତ ରୟାଲ ଏୟାର୍‌ଫୋର୍ସ ଷ୍ଟେଶନ ପରିଦର୍ଶନ ବେଳେ ଗୁରୁବାର ଏକ ଯୁଦ୍ଧବିମାନରେ ବସିଛନ୍ତି।

**ODISHA POWER TRANSMISSION CORPORATION LTD.**
(A Government of Odisha Undertaking)
O/o D.G.M. E.H.T. (O&M) DIV., Jharsuguda,
At/P.O.- H. Katapali, Dist.- Jharsuguda- 768202,
TELE/ FAX: (06645) 214223
OPTCL Lifeline of Odisha
**TENDER CALL NOTICE No.-01/21-22**

Sealed tenders are invited from experienced Manufacturers / Authorized Dealers / registered suppliers for "procurement of hardware fittings for 220KV ROB diversion work under T/L Sub-Division, Budhipadar on emergency basis under EHT (O&M) Division, Jharsuguda". Cost of tender paper Rs.2000/- + 18% GST, EMD @1% of estimated value, Sale of tender documents: during office hour from Dt.17.02.2022 to 03.03.2022 in any working day. Last date of submission of tender Dt.04.03.2022 upto 01.00 P.M. Date of opening of tender: Dt.04.03.2022 at 03.00 P.M.
For details please visit our website www.optcl.co.in
**Corrigendum if any will be published inthe website only.**
Sd./- DGM, E.H.T. (O&M) Division, Jharsuguda

# ବୁଲେଟ୍ ଟ୍ରେନ୍ ଚଳାଇବେ ସାଉଦି ମହିଳା

**ରିୟାଧ,୧୭।୨**

ସାଉଦି ଆରବରେ ମହିଳାଙ୍କ ଉପରେ ଲାଗୁ କଟକଣା ଏବେ ଧୀରେ ଧୀରେ କୋହଳ ହେବାରେ ଲାଗିଛି। ୨୦୧୮ ପର୍ଯ୍ୟନ୍ତ ଦେଶରେ ଡ୍ରାଇଭିଂ ପାଇଁ ମହିଳାଙ୍କୁ ବାରଣ କରାଯାଇଥିବାବେଳେ ବର୍ତ୍ତମାନ ସାଉଦି ମହିଳା ବୁଲେଟ ଟ୍ରେନ୍ ଚଳାଇବା ପାଇଁ ମନ ବଳାଇଛନ୍ତି। ୩୦ ମହିଳା ଲୋକୋପାଇଲଟ ନିମନ୍ତେ ବିଜ୍ଞାପନ ପ୍ରକାଶ ପାଇବା ପରେ ଏହି ପଦ ପାଇଁ ୨୮ ହଜାର ମହିଳା ଆବେଦନ କରିଛନ୍ତି। ସ୍ଥାନୀୟ ବ୍ୟାପାରରେ ମହିଳାଙ୍କୁ ପ୍ରାଧାନ୍ୟ ଦେବା ଲକ୍ଷ୍ୟରେ ଏହି ନିଷ୍ପତ୍ତି ନିଆଯାଇଛି। ଇଂଲିଶ ଜାଣିଥିବା ଆବେଦନକାରୀଙ୍କୁ ପ୍ରାଧାନ୍ୟ ଦିଆଯିବ ବୋଲି ସ୍ପାନିସ୍ ରେଳ ପରିଚାଳନା ସଂସ୍ଥା ରେନ୍‌ଫେ କହିଛି। ପଦ ପାଇଁ ଯୋଗ୍ୟ ପ୍ରାର୍ଥୀ ବଛାଯିବା ପରେ ମାର୍ଚ୍ଚ ମାସ ମଧ୍ୟ ଭାଗବେଳକୁ ପ୍ରଶିକ୍ଷଣ ଆରମ୍ଭ କରାଯିବ। ଏଥିପାଇଁ ମହିଳାମାନଙ୍କୁ ନିର୍ଦ୍ଧାରିତ ଦେୟ ଦେବାକୁ ପଡ଼ିବ।

**୩୦ ପଦବୀ ପାଇଁ ୨୮ ହଜାର ଆବେଦନ**

ମକା ଏବଂ ମଦିନାକୁ ଯାଉଥିବା ବୁଲେଟ ଟ୍ରେନ୍‌କୁ ଏହି ପ୍ରଶିକ୍ଷିତ ମହିଳାମାନେ ଚଲାଇବେ। ଗତ ୫ ବର୍ଷ ଧରି ଦେଶରେ ମହିଳାଙ୍କ ଉପରେ ଲାଗୁ କଟକଣା ହଟିବାରେ ଲାଗିଛି। କର୍ମକ୍ଷେତ୍ରରେ ମହିଳାଙ୍କ ସହଭାଗିତା ବଢାଇବା ପାଇଁ ସାଉଦି ରାଜକୁମାର ମହମ୍ମଦ ବିନ୍ ସଲମାନ ଏହି ନିଷ୍ପତ୍ତି ନେଇଛନ୍ତି। ଗତବର୍ଷ ସେପ୍ଟେମ୍ବର ସୁଦ୍ଧା ଦେଶରେ ୩୪.୧ ପ୍ରତିଶତ ପୁରୁଷ କାର୍ଯ୍ୟ କରୁଥିବାବେଳେ ୨୧.୯% ମହିଳା ବିଭିନ୍ନ ଅଫିସରେ ନିୟୋଜିତ ଥିଲେ।



## ଦୀପ ସିଦ୍ଧୁ ମୃତ୍ୟୁ ମାମଲା: ଟ୍ରକ୍ ଡ୍ରାଇଭର ଗିରଫ

**ଚଣ୍ଡିଗଡ,୧୭।୨:** ପଞ୍ଜାବ ଅଭିନେତା ଦୀପ ସିଦ୍ଧୁ ମୃତ୍ୟୁ ମାମଲାରେ ଗୁରୁବାର ହରିୟାଣା ପୋଲିସ ଜଣେ ଟ୍ରକ ଡ୍ରାଇଭରଙ୍କୁ ଗିରଫ କରିଛି। ହରିୟାଣାର ନୁହ ଜିଲାରେ ଡ୍ରାଇଭର କାସିମର ଘର। ଶୁକ୍ରବାର ହରିୟାଣା ପୋଲିସ କାସିମଙ୍କୁ କୋର୍ଟ ଚାଲାଣ କରିବ। ଗତ ୧୫ ତାରିଖରେ ଦିଲ୍ଲୀରୁ ପଞ୍ଜାବ ଯାଉଥିବାବେଳେ ଦୁର୍ଘଟଣାର ଶିକାର ହୋଇ ସେ ପ୍ରାଣ ହରାଇଥିଲେ। କୃଷକ ଆନ୍ଦୋଳନ ବେଳେ ଲାଲକିଲ୍ଲା ହିଂସାର ମୁଖ୍ୟ ଅଭିଯୁକ୍ତ ଥିଲେ ଦୀପ ସିଦ୍ଧୁ।

**ଇ-ସଂଗ୍ରହ ବିଜ୍ଞପ୍ତି**
ଅଶୋକ ଗ୍ରୁପ The Ashok Group **ହୋଟେଲ କଳିଙ୍ଗ ଅଶୋକ (ଆଇଟିଡିସି)**
**(ଭାରତ ସରକାରଙ୍କ ଏକ ଉଦ୍ୟୋଗ)**
**ଭୁବନେଶ୍ୱର - ୭୫୧୦୧୪**
ସନ୍ଦର୍ଭ: ଏଚ୍‌କେଏ/ଏମ୍‌ଏମ୍ ଆଣ୍ଡ ଡି/ଇ-ଟେଣ୍ଡର/୨୦୨୨-୨୩ ତାରିଖ: ୧୮।୦୨।୨୦୨୨

ଏକବର୍ଷ ଅବଧି ପାଇଁ ନିମ୍ନଲିଖିତ ସାମଗ୍ରୀଗୁଡ଼ିକର ଯୋଗାଣ/ସେବା ବାବଦରେ ଖ୍ୟାତନାମା ଏବଂ ଅଭିଜ୍ଞ ଏଜେନ୍ସି/ଠିକାଦାରମାନଙ୍କଠାରୁ ଅନ୍‌ଲାଇନ୍ ଇ-ଟେଣ୍ଡର ଆହ୍ୱାନ କରାଯାଉଛି। ବିଡିଂର ଶେଷ ତାରିଖ ହେଉଛି ତା୧୫।୦୩।୨୦୨୨ରିଖ (୧୫.୦୦ ଘଟିକା)। ବିଡରମାନଙ୍କ ପ୍ରାକ୍-ବିଡ୍ ବୈଠକ ତାରିଖ: ୨୪।୦୨।୨୦୨୨ (୧୪.୦୦ରୁ ୧୬.୦୦ ଘଟିକା), ସ୍ଥାନ: ହୋଟେଲ କଳିଙ୍ଗ ଅଶୋକ, ଭୁବନେଶ୍ୱର ।
**୧. କୁକୁଡ଼ା ମାଂସ ଓ କୁକୁଡ଼ା ଅଣ୍ଡା, ୨. ମାଛ ଓ ଚିଙ୍ଗୁଡ଼ି, ୩. ପନିପରିବା ଓ ଫଳମୂଳ, ୪. ଉଦ୍ୟାନକୃଷି ଓ ଉଦ୍ୟାନ ରକ୍ଷଣାବେକ୍ଷଣ, ୫. ଲଣ୍ଡ୍ରି ସେବା, ୬. ପନିର ଓ ମିଷ୍ଟାନ୍ନ, ୭. ଯାନବାହନ ସେବା, ୮. ଖାସି ମାଂସ, ୯. ବିବିଧ ସାମଗ୍ରୀ ।**
ଅନ୍ୟାନ୍ୟ ବିବରଣୀ ବିଡିଂ କାଗଜପତ୍ରରେ ଦେଖାଯାଇପାରିବ, ଯାହା ୱେବ୍‌ସାଇଟ୍ **www.hotelkalingaashok.com**, **www.itdc.co.in**, **http://etenders.gov.in/eprocure/app**ରେ ଉପଲବ୍ଧ।
ଏତଦ୍ ପରବର୍ତ୍ତୀ ଯୋଗପତ୍ର କିମ୍ବା ଶୁଦ୍ଧିପତ୍ର ଉପରୋକ୍ତ ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ।
**ମହାପ୍ରବନ୍ଧକ, ହୋଟେଲ କଳିଙ୍ଗ ଅଶୋକ, ଭୁବନେଶ୍ୱର**
**ଦୂରଭାଷ: ୦୬୭୪-୨୪୩୧୦୫୫/୫୬**

# ହିଜାବକୁ ଅନୁମତି ନ ମିଳିବାରୁ ଉତ୍ତେଜନା

**ବେଙ୍ଗାଲୁରୁ,୧୭।୨**

ପ୍ରି-ୟୁନିଭର୍ସିଟି ଛାତ୍ରୀମାନେ ହିଜାବ ପିନ୍ଧି ଶ୍ରେଣୀରେ ପ୍ରବେଶ କରିବାକୁ ଚାହିଁବାରୁ ଗୁରୁବାର ଏହାକୁ ନେଇ କର୍ନାଟକର ବିଭିନ୍ନ କଲେଜରେ ଉତ୍ତେଜନାପୂର୍ଣ୍ଣ ସ୍ଥିତି ଦେଖାଯାଇଥିଲା। ହିଜାବ ପିନ୍ଧିଥିବା ଛାତ୍ରୀମାନଙ୍କୁ ଘରକୁ ଫେରାଇ ଦିଆଯାଇଥିବାବେଳେ କେତେକ କଲେଜ ନିକଟରେ ସେମାନଙ୍କର ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ଯୁକ୍ତିତର୍କ ହୋଇଥିଲା।

ହିଜାବ ଖୋଲିବାକୁ ରାଜି ନ ହୋଇ ଉଡୁପି ଜିଲା ସରକାରୀ ଜି.ଶଙ୍କର ମେମୋରିଆଲ ୱମେନ୍ସ ଡିଗ୍ରୀ କଲେଜର ପ୍ରାୟ ୬୦ ଜଣ ଶେଷବର୍ଷ ଛାତ୍ରୀ ଘରକୁ ଫେରିଯାଇଛନ୍ତି। ଡିଗ୍ରୀ କଲେଜରେ ୟୁନିଫର୍ମ ବାଧ୍ୟତାମୂଳକ ନୁହେଁ ବୋଲି ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଥିବା ମୁସଲମାନ ଛାତ୍ରୀମାନେ କଲେଜ କର୍ତ୍ତୃପକ୍ଷଙ୍କୁ କହିଥିଲେ ମଧ୍ୟ ସେମାନେ ପିଲାଙ୍କୁ କ୍ୟାମ୍ପସରେ ପ୍ରବେଶ ଲାଗି ଅନୁମତି ଦେଇ ନ ଥିଲେ। ଡ୍ରେସ୍‌କୋଡ୍ ନିୟମ କଲେଜ ଉନ୍ନୟନ କମିଟି ଧାର୍ଯ୍ୟ କରିଥିବା କର୍ତ୍ତୃପକ୍ଷ କହିଛନ୍ତି। ବିନା ହିଜାବରେ ଶ୍ରେଣୀରେ ପ୍ରବେଶ କରିବେ ନାହିଁ ବୋଲି ଉକ୍ତ ଛାତ୍ରୀମାନେ ଜିଦ୍‌ରେ ଅଟଳ ରହିବା ସହ ଉଭୟ ହିଜାବ ଓ ଶିକ୍ଷା ସେମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଡିଗ୍ରୀ କଲେଜରେ ଡ୍ରେସ୍‌କୋଡ୍ ଲାଗୁ ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିବାର ଲିଖିତ ନିର୍ଦ୍ଦେଶନାମା ସେମାନେ କଲେଜ କମିଟିଠାରୁ ଚାହିଁଥିଲେ।

ସେହିପରି ବିଜୟ ପାରାମେଡିକାଲ କଲେଜ ନିକଟରେ ଛାତ୍ରୀମାନେ ହିଜାବ ପିନ୍ଧିବାକୁ ସମର୍ଥନ କରୁଥିବା ୬ ଜଣଙ୍କୁ ବେଲାଗାଭି ହାଜତକୁ ପଠାଇ ଦିଆଯାଇଛି। ରାଜ୍ୟ ଗୃହମନ୍ତ୍ରୀ ଅରଗ ଜ୍ଞାନେନ୍ଦ୍ର ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇଙ୍କୁ ଭେଟି ରାଜ୍ୟ ସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି। ରାମନଗର ଜିଲାରେ ୧୪୪ ଧାରା ଜାରି ହେବା ସହ ଅଫ୍‌ଲାଇନ ପାଠପଢ଼ାକୁ ବାତିଲ କରିଦିଆଯାଇଛି।

**ଉଡୁପିରେ ୬୦ କଲେଜ ଛାତ୍ରୀ ଫେରିଗଲେ**



କର୍ନାଟକର ଶିବମୋଗା ଜିଲାପାଳଙ୍କ କାର୍ଯ୍ୟାଳୟ ବାହାରେ ବୁର୍ଖା ପରିହିତା ମୁସଲମାନ ଛାତ୍ରୀମାନଙ୍କୁ ବିକ୍ଷୋଭରୁ ଓହରିବା ପାଇଁ ଜଣେ ପୋଲିସ ଅଧିକାରୀ ବୁଝାଉଛନ୍ତି।

**ଦ.ପୂ. ରେଳପଥ ଟେଣ୍ଡର**

**ଇ-ଟେଣ୍ଡର ବିଜ୍ଞପ୍ତି ନଂ. ୪୩୨୦-ଜିଆର୍‌ସି-ସିଇ-ସି-୦।-୧୦-୨୦୨୨, ତାରିଖ: ୧୬।୦୨।୨୦୨୨।** ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଚିଫ୍ ଇଞ୍ଜିନିୟର (ସିଓଏନ୍)/।/ଜିଆର୍‌ସିଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ଲାଗି ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି, ଯାହାକୁ ୱେବ୍‌ସାଇଟ୍ **www.ireps.gov.in**ରେ ଅପ୍‌ଲୋଡ୍ କରାଯାଇଛି । ଟେଣ୍ଡରକୁ ଧାର୍ଯ୍ୟ ତାରିଖର ୧୨.୦୦ ଘଟିକାରେ ବନ୍ଦ କରିଦିଆଯିବ । **ସମାପ୍ତି ତାରିଖ: ୧୧।୦୩।୨୦୨୨। କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା:** ହାଟିଆ ଓ ବଣ୍ଡମୁଣ୍ଡା ( ମଧ୍ୟରେ ଦୋହରୀକରଣ କାର୍ଯ୍ୟ ସଂକ୍ରାନ୍ତରେ ହାଟିଆ - ଓର୍ଗା ସେକ୍ସନ ପାଇଁ ପାକୁର/ ବରହରୱା/ ବାକୁଡିହ/ ତାଲଝରୀ/ ସାହିବଗଞ୍ଜ/ ପିନାରଗାରିଆ କ୍ୱାରିଠାରେ (ପାକୁର/ ବରହରୱା/ ବାକୁଡିହ/ ତାଲଝରୀ/ ସାହିବଗଞ୍ଜ/ ପିନାରଗାରିଆ ପାଇଁ) ଯେକୌଣସି ପ୍ରକାରର ରେଳ ୱାଗନ/ହପର୍ ମଧ୍ୟରେ ୫୦ମିମି ମେଶିନ୍ କ୍ରଶ୍‌ଡ ହାର୍ଡ ଷ୍ଟୋନ୍ ଟ୍ରାକ୍ ବାଲାଷ୍ଟର ପ୍ରସ୍ତୁତି, ଯୋଗାଣ ଏବଂ ଲୋଡିଂ (ମାପ ଗନ୍ତବ୍ୟସ୍ଥଳରେ କରାଯିବ) । **ଆନୁମାନିକ ମୂଲ୍ୟ:** ₹୭.୭୬ କୋଟି। **ଇଏମ୍‌ଡି:** ₹୫,୩୮,୧୦୦/- । **ସମାପ୍ତି ଅବଧି: ୧୨ ମାସ ।** ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା/ ବିନିର୍ଦ୍ଦିଷ୍ଟତା ତଥା ନିଜର ବିଡ୍ ଅନ୍‌ଲାଇନରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: "ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ଲାଗି ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି" । **PR-634**

**ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍‌ଟି-ସିକେପି-ଓଟି-୦୪-୨୦୨୨, ତାରିଖ: ୧୫.୦୨.୨୦୨୨।** ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ସିନିୟର ଡିଭିଜନାଲ ସିଗ୍ନାଲ୍ ଆଣ୍ଡ ଟେଲିକମ୍ ଇଞ୍ଜିନିୟର/ସିଓ/ ଚକ୍ରଧରପୁର, ଟେଣ୍ଡର ନଂ.ଏସ୍‌ଟି-ସିକେପି-ଓଟି-୦୪-୨୦୨୨-୧ ଏବଂ ୨ ନିମନ୍ତେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି, ଯାହା **ତା୦୯।୦୩।୨୦୨୨ରିଖ ୧୫.୦୦** ଘଟିକାରେ ଖୋଲାଯିବା ପାଇଁ ଧାର୍ଯ୍ୟ ଅଟେ । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କ୍ର.ସଂ.; କାର୍ଯ୍ୟର ନାମ; ଟେଣ୍ଡର ମୂଲ୍ୟ; ଅମାନତ ରାଶି** ନିମ୍ନ ଅନୁଯାୟୀ ଅଟେ: **(୧)**; ବିଭିନ୍ନ ସେକ୍ସନରେ ୦୯ ଗୋଟି ସେତୁର ରିଗିର୍ଡରିଂ ସଂକ୍ରାନ୍ତରେ ଏସ୍ ଆଣ୍ଡ ଟି କାର୍ଯ୍ୟ; ₹୨୪,୩୧,୮୯୧.୨୩; ₹୪୮,୬୦୦.୦୦ । **(୨)**; ଟାଇଁବାସା-ସିଙ୍ଘପୋଖନରିଆ ସେକ୍ସନରେ ଲେଭଲ କ୍ରସିଂ ଗେଟ୍ ନଂ. ଆର୍‌ବିକେ-୧୮ର ଇଣ୍ଟରଲକିଂ; ₹୨୯,୭୪,୩୩୭.୯୩; ₹୫୯,୫୦୦.୦୦ । ସମାପ୍ତି ଅବଧି: କ୍ର.ସଂ. ୧ ଓ ୨ ପାଇଁ ୦୬ (ଛଅ) ମାସ । ଟେଣ୍ଡର ବିବରଣୀ ୱେବ୍‌ସାଇଟ **http://www.ireps.gov.in**ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡର ଫର୍ମ ବିନା ମୂଲ୍ୟରେ ଜାରି କରାଯିବ। **PR-635**

**ସମଗ୍ର ଶିକ୍ଷା, ଭଦ୍ରକ**
Advertisement No. 301 Date: 16.02.2022
**ଦକ୍ଷତା ବିକାଶ ନିମନ୍ତେ ନାମ ଲେଖା ବିଜ୍ଞପ୍ତି**
**କୁଶଳୀ ହେବା... ସ୍ୱାଭିମାନ ସହ ବଞ୍ଚିବା**

ଭାରତ ସରକାରଙ୍କ ରାଷ୍ଟ୍ରୀୟ ଦକ୍ଷତା ବିକାଶ ମିଶନ ତରଫରୁ ଭଦ୍ରକ ଜିଲ୍ଲା ଅଧୀନସ୍ଥ ବାସୁଦେବପୁର ବ୍ଲକ ଅନ୍ତର୍ଗତ ଅଟଳ ବିହାରୀ ଉଚ୍ଚ ବିଦ୍ୟାଳୟରେ ଧନ୍ଦାମୂଳକ ଶିକ୍ଷା ପାଇଁ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଛି, ଯାହାକି ସମ୍ପୂର୍ଣ୍ଣ ଦେୟମୁକ୍ତ ଅଟେ। ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀମାନେ ନିଜ ନାମକୁ ପଞ୍ଜୀକରଣ କରିବା ପାଇଁ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଥବା ଧନ୍ଦାମୂଳକ ଶିକ୍ଷକଙ୍କୁ ନିମ୍ନରେ ଦିଆଯାଇଥିବା ମୋବାଇଲ ନମ୍ବରରେ ତା୨୮।୦୨।୨୦୨୨ରିଖ ସୁଦ୍ଧା ଯୋଗାଯୋଗ କରିବାକୁ ଅନୁରୋଧ।
**ପ୍ରଧାନ ଶିକ୍ଷକ, ଅଟଳ ବିହାରୀ ଉଚ୍ଚ ବିଦ୍ୟାଳୟ - ୭୩୮୧୭୪୫୦୧୫**
**ଧନ୍ଦାମୂଳକଶିକ୍ଷକ,ଅଟଳବିହାରୀଉଚ୍ଚବିଦ୍ୟାଳୟ-୮୬୩୯୬୪୭୬୮୦/୭୯୭୮୭୬୯୧୯୦**

| କ୍ର.ନଂ. | ପାଠ୍ୟକ୍ରମ ବିଷୟ | ବୟସ | ପାଠ୍ୟକ୍ରମ ଅବଧି | ଯୋଗ୍ୟ ପ୍ରାର୍ଥୀ/ପ୍ରାର୍ଥିନୀ |
|---|---|---|---|---|
| ୧ | ପର୍ଯ୍ୟଟନ ଓ ଆତିଥ୍ୟ (Tourism & Hospitality) | ୧୫-୨୯ ବର୍ଷ | ୩ ମାସରୁ ୬ମାସ | ଅଧାରୁ ପାଠ ଛାଡ଼ିଥିବା ଏବଂ ବିଦ୍ୟାଳୟ/ମହାବିଦ୍ୟାଳୟ ବାହାରେ ଥିବା ଛାତ୍ର/ଛାତ୍ରୀ |
| ୨ | ସୂଚନା ଓ ପ୍ରଯୁକ୍ତି ବିଦ୍ୟା (IT & ITes) | ୧୫-୨୯ ବର୍ଷ | ୩ ମାସରୁ ୬ମାସ | ଅଧାରୁ ପାଠ ଛାଡ଼ିଥିବା ଏବଂ ବିଦ୍ୟାଳୟ/ମହାବିଦ୍ୟାଳୟ ବାହାରେ ଥିବା ଛାତ୍ର/ଛାତ୍ରୀ |

ସ୍ୱା./- ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ
ସମଗ୍ର ଶିକ୍ଷା, ଭଦ୍ରକ

**OFFICE OF THE CHIEF EXECUTIVE**
**CHILIKA DEVELOPMENT AUTHORITY**
Plot No. 493(p), Pallaspalli, Bhubaneswar
**SEALED TENDER NOTICE**
**No. 229/CDA** **Date: 11.02.2022**

No. CAD-2947: Tenders in plain paper and in sealed cover are invited by the undersigned for 'Disposal of a Crawl Cat - 1350 Dredger' (Kalijai - I) on 'as is where is basis' at Magarmukh Satapada, Puri. The details regarding make, model and terms and conditions of the tender notice is available on our official website **www.chilika.com** from 19.02.2022 to 16.03.2022 upto 2.00 P.M. The last date for submission of tender is 16.03.2022 by 2.00 P.M.

Sd./- Chief Executive
Chilika Development Authority
OIPR-08013/11/0005/2122

# ଲିଫ୍ଟ ଦେବା ଆଳରେ ଲୁଟ୍ ର୍ୟାକେଟ ଧରାପଡ଼ିଲା

## ୨ ଗିରଫ, କାର୍, ସୁନା, ଟଙ୍କା ଓ ନିଶା ଟାବ୍‌ଲେଟ୍ ଜବତ

ଭୁବନେଶ୍ୱର, ୧୭।୨(ବ୍ୟୁରୋ)

ଲିଫ୍ଟ ଦେବା ଆଳରେ ନିଶା ଦେଇ ଲୁଟୁଥିଲେ। ରାଜଧାନୀ ଭୁବନେଶ୍ୱର ସମେତ ବିଭିନ୍ନ ଜିଲାରେ ସକ୍ରିୟ ଥିବା ଏହି ଲୁଟେରା ଗ୍ୟାଙ୍ଗକୁ କମିଶନରେଟ ପୋଲିସ ଧରିଛି। ଗ୍ୟାଙ୍ଗ ୨ଜଣ ସଦସ୍ୟଙ୍କୁ ଶହୀଦନଗର ଥାନା ପୋଲିସ ଓ ସ୍ପେଶାଲ ସ୍କ୍ୱାଡ୍ ଗିରଫ କରିବା ସହ ର୍ୟାକେଟର ପର୍ଦ୍ଦାଫାଶ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ କଟକ ସଦର ଥାନା ଅନ୍ତର୍ଗତ ତେଲେଙ୍ଗାପେଣ୍ଠରେ ରହୁଥିବା କଟକ ଯାଜପୁର ଜିଲା ଟାଉନ ଥାନା ତଳିଆ ଗ୍ରାମର ଦେବେନ୍ଦ୍ର କୁମାର ପରିଡ଼ା ଓ ଭଦ୍ରକ ଜିଲା ଚାନ୍ଦବାଲି ଥାନାଞ୍ଚଳର ବୁଧିରାମ ସ୍ୱାଇଁ। ସେମାନଙ୍କଠାରୁ ଗୋଟିଏ କାର, ୪ ମୋବାଇଲ ଫୋନ, ୪୦ ଗ୍ରାମ ସୁନା ଅଳଙ୍କାର, ୫ ହଜାର ଟଙ୍କା ଓ ନିଶା ଟାବ୍‌ଲେଟ୍ ଜବତ କରାଯାଇଛି। ଉଭୟଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯିବ। ଏହି ଗ୍ୟାଙ୍ଗରେ ଥିବା ଅନ୍ୟ ସଦସ୍ୟଙ୍କୁ ଧରିବାକୁ ଉଦ୍ୟମ କରାଯାଉଥିବା ଡିସିପି ଉମାଶଙ୍କର ଦାଶ ସୂଚନା ଦେଇଛନ୍ତି। ତାଙ୍କ ସୂଚନାନୁସାରେ, ଏହି ର୍ୟାକେଟ କଟକ, ଯାଜପୁର, ବାଲେଶ୍ୱର, ଭୁବନେଶ୍ୱର ଅଞ୍ଚଳରେ ସକ୍ରିୟ ଥିଲେ। ଏମାନେ ପ୍ରାୟତଃ ବସ୍ ଷ୍ଟାଣ୍ଡରେ ଓହ୍ଲାଇ ଦୁର୍ଗମ ତଥା ଗାଁ ଅଞ୍ଚଳକୁ ଯିବାକୁ ଅପେକ୍ଷା କରିଥିବା ସାଧାରଣ ଲୋକଙ୍କୁ ଟାର୍ଗେଟ କରନ୍ତି। ସେମାନଙ୍କ ସହ ପ୍ରଥମେ ବନ୍ଧୁତା ସ୍ଥାପନ କରି ବିଶ୍ୱାସଭାଜନ ହୁଅନ୍ତି। ପରେ ସେମାନଙ୍କୁ କାରରେ ବସାଇ ଗନ୍ତବ୍ୟ ସ୍ଥଳରେ ଛାଡ଼ିବାକୁ ପ୍ରବର୍ତ୍ତାଇଥାନ୍ତି। ଯାତ୍ରୀଙ୍କୁ ସେମାନେ ଚା, ମୃଦୁ ପାନୀୟ କିମ୍ବା ସ୍ନାକ୍ସରେ ନିଶା ଔଷଧ ମିଶାଇ ଖାଇବାକୁ ଦେଇଥାନ୍ତି। ସେମାନେ ଅଚେତ ହୋଇଯିବା ପରେ ଅଭିଯୁକ୍ତମାନେ ସେମାନଙ୍କଠାରୁ ଲୁଟ୍ କରି ଏକ ଶୂନ୍‌ଶାନ୍ ସ୍ଥାନରେ ଫିଙ୍ଗି ଦେଇଥାନ୍ତି।




### ରିମାଣ୍ଡରେ ଆସିବେ ଅଭିଯୁକ୍ତ

ଏହି ଗ୍ୟାଙ୍ଗରେ ଏକାଧିକ ସଦସ୍ୟ ଅଛନ୍ତି। ସେମାନଙ୍କୁ ଧରିବାକୁ ପୋଲିସ ଖୋଳତାଡ଼ ଜାରି ରଖିଛି। ଗୁରୁବାର କୋର୍ଟ ଚାଲାଣ କରାଯିବା ପରେ ପୋଲିସ ଅଭିଯୁକ୍ତଦ୍ୱୟଙ୍କୁ ୫ କିମ୍ବା ୭ ଦିନ ରିମାଣ୍ଡରେ ଆଣିବ। ସେମାନଙ୍କୁ ପଚରା ଉଚରା କରି ସମ୍ପୃକ୍ତ ଅନ୍ୟ ସଦସ୍ୟଙ୍କୁ ଧରିବାକୁ ପୋଲିସ ଆଶା ରଖିଛି।

### ୨୦ ମାମଲାରେ ସମ୍ପୃକ୍ତ

ଅଭିଯୁକ୍ତଦ୍ୱୟ ଭୁବନେଶ୍ୱର ସହରାଞ୍ଚଳ ଜିଲା, କଟକ, ପୁରୀ, ଯାଜପୁର, ଆର୍‌ପିଏଫ୍ ଓ ଜିଆର୍‌ପି ଥାନାରେ ଥିବା ସମାନ ପ୍ରକାରର ୨୦ଟି ଲୁଟ୍ ମାମଲାରେ ସମ୍ପୃକ୍ତ ଅଛନ୍ତି। ଗତ ବର୍ଷ ନଭେମ୍ବର ୨୬ରେ କଟକର ଜଣେ ବ୍ୟକ୍ତିଙ୍କୁ ଲିଫ୍ଟ ଦେଇ ନିଶା ଦେଇ ଝିଅ ବିବାହ ପାଇଁ ରଖିଥିବା ମୂଲ୍ୟବାନ ସାମଗ୍ରୀ, ୨ ଲକ୍ଷ ଟଙ୍କା ଓ ସୁନା ଅଳଙ୍କାର ନେଇଯାଇଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି।

### ନିଶା ଔଷଧ ବିକ୍ରି ନ କରିବାକୁ ନିବେଦନ

ଭୁବନେଶ୍ୱର ସହରାଞ୍ଚଳରେ ଥିବା ସମସ୍ତ ଔଷଧ ଦୋକାନୀଙ୍କୁ କୌଣସି ନିଶା ଔଷଧ ବିକ୍ରି ନ କରିବାକୁ ପୋଲିସ ନିବେଦନ କରିଛି। ତେବେ କୌଣସି ସନ୍ଦେହଜନକ ବ୍ୟକ୍ତି ବିନା କୌଣସି ପ୍ରେସକ୍ରିପସନରେ କିଛି ନିଶା ଔଷଧ ନେବା ପାଇଁ ଚେଷ୍ଟା କଲେ ତୁରନ୍ତ ସ୍ଥାନୀୟ ଥାନା କିମ୍ବା କଣ୍ଟ୍ରୋଲ ରୁମକୁ ଯୋଗଯୋଗ କରିବାକୁ କୁହାଯାଇଛି। ଯଦି କୌଣସି ବ୍ୟକ୍ତି ଏହାକୁ ଅବମାନନା କରନ୍ତି, ତାଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରେସ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ରାଜଧାନୀରେ ଏପରି ଅପରାଧର ଶିକାର ନ ହେବା ପାଇଁ ଯାତ୍ରୀମାନଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ପୋଲିସ ଅଟୋ, ବସ୍ ଓ ଟ୍ୟାକ୍ସିଆସୋସିଏଶନ୍‌କୁ ଅଭିଯୁକ୍ତଙ୍କ ଫଟୋ ପ୍ରଦାନ କରିବ। ଏଥିସହ ଜନସାଧାରଣଙ୍କୁମଧ୍ୟସଚେତନକରାଯିବ ବୋଲି ପୋଲିସ ସୂଚନା ଦେଇଛି।

### ୨ ଜଣଙ୍କୁ ଧବଳେଶ୍ୱର, ଛତିଆରେ ଫିଙ୍ଗିଥିଲେ

ଭୁବନେଶ୍ୱରର ଶହୀଦନଗର ଥାନା ଅଞ୍ଚଳରୁ ୨ଜଣଙ୍କୁ ଏମାନେ ଲିଫ୍ଟ ଦେଇ ଲୁଟିଥିଲେ। ଢେଙ୍କାନାଳ ଜରଡ଼ା ଅଞ୍ଚଳର ଶିକ୍ଷକ ଅକ୍ଷୟ କୁମାର ପାଲ ଭୁବନେଶ୍ୱରରେ ରହୁଥିବା ତାଙ୍କ ଝିଆରିଙ୍କ ଘରକୁ ଆସି ଫେବୃୟାରୀ ୧ରେ ଆଚାର୍ଯ୍ୟ ବିହାର ଦେଇ ବସ୍‌ଷ୍ଟାଣ୍ଡକୁ ଯାଉଥିଲେ। ଏହି ସମୟରେ ଅଭିଯୁକ୍ତମାନେ ଅକ୍ଷୟଙ୍କୁ ଢେଙ୍କାନାଳରେ ଛାଡ଼ିଦେବାକୁ କହିଥିଲେ। ଅକ୍ଷୟ ସେମାନଙ୍କୁ ବିଶ୍ୱାସ କରି କାରରେ ବସିଥିଲେ। ବାଟରେ ସେମାନେ ମୃଦୁ ପାନୀୟ ପିଇବାକୁ ଅକ୍ଷୟଙ୍କୁ ଦେଇଥିଲେ। ତେବେ ଅକ୍ଷୟ ପିଇବା ପରେ ଅଚେତ ହୋଇପଡିଥିଲେ। ଏହାପରେ ଅଭିଯୁକ୍ତମାନେ ଅକ୍ଷୟଙ୍କ ପାଖରେ ଥିବା ୬,୭୦୦ ଟଙ୍କା, ମୋବାଇଲ ଫୋନ୍ ଓ ଏଟିଏମ୍ କାର୍ଡ ନେଇ ଧବଳେଶ୍ୱର ଘାଟ ନିକଟ ରାସ୍ତାକଡ଼ରେ ଫିଙ୍ଗି ପଳାଇଥିଲେ। ସେହିପରି କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ଓଳାଭର ଅଞ୍ଚଳର ବୀରେନ କୁମାର ପରିଡା ସେହିଦିନ ସତସଙ୍ଗବିହାର ଛକରେ ବସ୍‌କୁ ଅପେକ୍ଷା କରିଥିଲେ। ଅଭିଯୁକ୍ତମାନେ ତାଙ୍କୁ ଓଳାଭରରେ ଛାଡିଦେବାକୁ କହି କାରରେ ନେଇଥିଲେ। ସେମାନେ ଅମୁଲ୍‌କୁଲ୍‌ରେ ନିଶାଦ୍ରବ୍ୟ ମିଶାଇ ତାଙ୍କୁ ପିଇବାକୁ ଦେବାରୁ ବୀରେନ୍ ଅଚେତ ହୋଇଯାଇଥିଲେ। ସେମାନେ ତାଙ୍କ ପାଖରୁ ୭୫ହଜାର ଟଙ୍କା ଓ ଅନ୍ୟାନ୍ୟ ଜିନିଷ ଲୁଟି ନେଇ ଯାଜପୁର ଛତିଆ ନିକଟ ରାସ୍ତାକଡ଼ରେ ଫୋପାଡ଼ି ଦେଇଥିଲେ। ଏନେଇ ଶହୀଦନଗର ଥାନା ପୋଲିସ ଦୁଇଟି ମାମଲା (ନଂ. ୫୦,୫୧/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୭।୨।୨୦୨୨

| | |
|---|---|
| ୩,୭୭,୭୭୭ ଟଙ୍କା | |
| ସୁନା | ୧.୭୭୦ ଗ୍ରାମ |
| ରୁପା | ୫.୪୦୦ ଗ୍ରାମ |



ଆସୁଛି ମହାଶିବରାତ୍ରି: କଟକ ବିଡାନାସୀ କୁମ୍ଭାରସାହି ଅଞ୍ଚଳରେ ଶିଳ୍ପୀ ସୁରେନ୍ଦ୍ର ବେହେରା ୪ ଫୁଟ ଲମ୍ବ ଓ ୨ ଫୁଟ ଉଚ୍ଚତାର ମାଟିଦୀପ ପ୍ରସ୍ତୁତ କରୁଛନ୍ତି।

## ମାର୍ଚ୍ଚ ୧୩ରେ କଳିଙ୍ଗ ବୀରାଙ୍ଗନା ସମ୍ମାନ, ମହିଳା କାର୍ ରାଲି




ଭୁବନେଶ୍ୱର,୧୭।୨(ବ୍ୟୁରୋ)

ମାର୍ଚ୍ଚ ୧୩ ଅନ୍ତର୍ଜାତୀୟ ମହିଳା ଦିବସରେ ସେବା ପ୍ରୟାସ ଫାଉଣ୍ଡେଶନ ପକ୍ଷରୁ 'କଳିଙ୍ଗ ବିରାଙ୍ଗନା ସମ୍ମାନ' ପ୍ରଦାନ କରାଯିବ। ଅଭିନେତ୍ରୀ, କଳାକାର, ରାଜନୀତି, ସାମାଜିକ କର୍ମୀ, ସ୍ୱାସ୍ଥ୍ୟ ସେବା, ଶିକ୍ଷା, ଖେଳ ଓ ସାମ୍ବାଦିକତା କ୍ଷେତ୍ରରେ ଏହି ସମ୍ମାନ ଦିଆଯିବ। ଏଥିସହ ଏକ ମହିଳା କାର୍ ରାଲି ଆୟୋଜନ କରାଯିବ ବୋଲି ଫାଉଣ୍ଡେଶନର ପ୍ରତିଷ୍ଠାତା ଲିଙ୍କନ ସୁବୁଦ୍ଧି ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି।

କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ଲିଙ୍କନ କହିଛନ୍ତି, ଚଳିତ ବର୍ଷ ଅନ୍ତର୍ଜାତୀୟ ମହିଳା ଦିବସର ଥିମ୍ ରହିଛି 'ଭବିଷ୍ୟତ ପାଇଁ ଲିଙ୍ଗଗତ ସମାନତା ଏକ ନିରନ୍ତର ପ୍ରୟାସ'। ଏହି ଦିବସରେ ଜଳବାୟୁ ପରିବର୍ତ୍ତନ, ପରିବେଶ ଓ ବିପର୍ଯ୍ୟୟ ବିପଦ ହ୍ରାସ ପରିପ୍ରେକ୍ଷୀରେ ଲିଙ୍ଗଗତ ସମାନତା, ସମସ୍ତ ମହିଳା ଓ ବାଳିକାଙ୍କ ସଶକ୍ତୀକରଣ ଉପରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଆୟୋଜିତ ହେବାକୁ ଥିବା ମହିଳା କାର୍ ରାଲି ନଖରାସ୍ଥିତ ଆଦିତ୍ୟ ମୋଟର୍ସ ନିକଟରୁ ବାହାରି ପୁରୀ ୱାଟର ୱାର୍ଲ୍ଡ ପାର୍କ ପର୍ଯ୍ୟନ୍ତ ଯିବ ବୋଲି ସେ କହିଛନ୍ତି। ସ୍ତମ୍ଭକାର ତଥା ସାମାଜିକ କର୍ମୀ ପ୍ରୀତି ଧଳ କଳିଙ୍ଗ ବୀରାଙ୍ଗନା ଚୟନର ବର୍ଗ ବିଷୟରେ ସୂଚନା ଦେଇଥିବାବେଳେ ଆଥଲେଟ୍ ଭାଲେନା ଭାଲେଣ୍ଟିନା ମହିଳାଙ୍କ ଦ୍ୱାରା ଏକ ସ୍ୱତନ୍ତ୍ର ଲମ୍ବା ଡ୍ରାଇଭ୍ ଭଳି ସାହସିକ କାର୍ଯ୍ୟର ଉତ୍ସାହ ବାଣ୍ଟିଥିଲେ। ଫାଉଣ୍ଡେଶନର ନିର୍ଦ୍ଦେଶକ ନମ୍ରତା ଚଢ଼ା ଏକ ଉଜ୍ଜ୍ୱଳ ସ୍ଥାୟୀ ଅର୍ଥନୈତିକ ରାଷ୍ଟ୍ର ପାଇଁ ସୋସାଇଟିରେ ଥିବା ତିନି ଲିଙ୍ଗର ସାମଗ୍ରିକ ସଶକ୍ତୀକରଣକୁ ପ୍ରାଧାନ୍ୟ ଦେଇଛନ୍ତି।

## ବୁଢ଼ାପଙ୍କରୁ ୧୦୩ ରେକ୍ ଫ୍ଲାଏଆଶ୍ ପରିବହନ



ଜଟଣୀ,୧୭।୨(ଡି.ଏନ୍.ଏ.): ବିଜ୍‌ନେସ୍ ଡେଭଲପମେଣ୍ଟ ୟୁନିଟ୍ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ଅଧୀନ ବୁଢ଼ାପଙ୍କ ସାଇଡିଂରୁ ୧୦୩ ରେକ୍ ଫ୍ଲାଏଆଶ୍(ପାଉଁଶ) ପରିବହନ କରାଯାଇଛି। ଫ୍ଲାଏଆଶ୍‌ର ପ୍ରଥମ ରେକ୍ ୨୫ ଅକ୍ଟୋବର ୨୦୨୦ରେ ଏହି ସାଇଡିଂରୁ ପରିବହନ କରାଯାଇଥିଲା। ଫ୍ଲାଏଆଶ ଏକ ପଦାର୍ଥ; ଯାହା ଜଳର ସଂସ୍ପର୍ଶରେ ଆସିଲେ, ସିମେଣ୍ଟ ସୃଷ୍ଟି ହେବାରେ ସହାୟକ ହୋଇଥାଏ। ଖୋର୍ଦ୍ଧାରୋଡ୍ ମଣ୍ଡଳର ବ୍ୟବସାୟ ବିକାଶ ୟୁନିଟ୍ ନିୟମିତ ଭାବେ ବାଣିଜ୍ୟ ୟୁନିଟ୍ ସହିତ ଯୋଗାଯୋଗ ସ୍ଥାପନ କରି କାର୍ଯ୍ୟକ୍ଷମତା ପାଇଁ ନୂତନ ଟ୍ରାଫିକ ପ୍ରସ୍ତାବ ଗୁଡ଼ିକର ଏକ ନୋଡାଲ୍ ପଏଣ୍ଟ ଭାବେ କାର୍ଯ୍ୟ କରୁଥିବା ମଣ୍ଡଳ ରେଳପ୍ରଶାସନ ପକ୍ଷରୁ କୁହାଯାଇଛି।

## ଥାନା ଆଗରେ ଯୁବକଙ୍କୁ ଗୋଡ଼ାଇ ହାଣିଲେ

■ରକ୍ଷା କରିବାକୁ ଯାଇ ୨ ଆକ୍ରମଣର ଶିକାର

■ଜଣେ ଅଟକ, ପୋଲିସର ତଦନ୍ତ ଜାରି

ବୋଲଗଡ଼,୧୭।୨(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ଆଗରେ ବୁଧବାର ରାତିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି କେତେଜଣ ଦୁର୍ବୃତ୍ତ ଗୋଡ଼ାଇ ଗୋଡ଼ାଇ ଜଣେ ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ କରିଛନ୍ତି। ସେ ହେଲେ ଗୋବର୍ଦ୍ଧନପୁର ଗ୍ରାମର ବିଜୟ କୁମାର ପାହାଡ଼ସିଂହ ଓରଫ ବିଜୁ। ବିଜୟଙ୍କୁ ରକ୍ଷା କରିବାକୁ ଯାଇ ଏହି ଗ୍ରାମର ସୁଦାମ ମାଝୀ ଓ ବୁଲୁ ପ୍ରଧାନ ମଧ୍ୟ ଆକ୍ରମଣର ଶିକାର ହୋଇଛନ୍ତି। ଗୁରୁତର ଅବସ୍ଥାରେ ୩ଜଣଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏନେଇ ଗୁରୁବାର ବିଜୟଙ୍କ ସ୍ତ୍ରୀ ବବିତା ସାମଲଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୩୭/୨୨) ରୁଜୁକରି ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

ଅଭିଯୋଗ ମୁତାବକ, ବୁଧବାର ରାତିରେ ଗୋବର୍ଦ୍ଧନପୁର ଗ୍ରାମର ଜଣେ ଯୁବକ ଖଣ୍ଡା ଧରି ବିଜୟଙ୍କୁ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲେ। ଏହି ସମୟରେ କେତେଜଣ ଗ୍ରାମବାସୀ ପହଞ୍ଚି ସମ୍ପୃକ୍ତ ଯୁବକଙ୍କୁ କାବୁ କରି ବୋଲଗଡ଼ ଥାନାକୁ ନେଉଥିଲେ। ୭ରୁ ୮ଜଣ ଦୁର୍ବୃତ୍ତ ବାଇକରେ ଆସି ହଠାତ୍ ଥାନା ଆଗରେ ବିଜୟଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ବୁଲୁ ଓ ସୁଦାମ ଛଡ଼ାଇବାକୁ ଉଦ୍ୟମ କରୁଥିବା ବେଳେ ଦୁର୍ବୃତ୍ତମାନେ ମଧ୍ୟ ସେମାନଙ୍କୁ ଖଣ୍ଡାରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ପରେ ଗ୍ରାମବାସୀ ସମ୍ପୃକ୍ତ ଯୁବକଙ୍କ କାବୁ କରି ଥାନାରେ ଜିମା ଦେଇଥିଲେ। ଥାନା ଅଧିକାରୀ ବିଦିତା ନାୟକ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଚିକିତ୍ସା ପାଇଁ ବୋଲଗଡ଼ ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଏମ୍‌ସ ଓ ପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାକୁ ନେଇ ଗୋବର୍ଦ୍ଧନପୁର ଗ୍ରାମରେ ଉତ୍ତେଜନା ଲାଗି ରହିଛି। ପୋଲିସ ଜଣଙ୍କୁ ଅଟକ ରଖି ପଚରାଉଚୁରା ଚଳାଇଥିବା ବେଳେ ଅନ୍ୟ ଅଭିଯୁକ୍ତମାନେ ଫେରାର ଥିବା ଜଣାପଡ଼ିଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବାପୁନ



@ ପ୍ରିୟାଂଶୁ



@ ଉମାକାନ୍ତ



@ ପ୍ରିୟଙ୍କା



@ ପ୍ରିୟତମା



@ ଅଭିନୟ

## ମହାପ୍ରଭୁଙ୍କ ଦର୍ଶନ ପାଇଁ ନୂଆ ଏସ୍‌ଓପି ଜାରି

### ୨୧ ତାରିଖରୁ ଲାଗୁ ହେବ

ପୁରୀ ଅଫିସ ୧୭।୨

ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଗୁରୁବାର ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଦର୍ଶନ ପାଇଁ ନୂଆ ଏସ୍‌ଓପି ଜାରି କରାଯାଇଛି। ଜାରି ହୋଇଥିବା ନୂଆ ଏସ୍‌ଓପି ଚଳିତ ମାସ ୨୧ତାରିଖ ଅର୍ଥାତ ସୋମବାରଠାରୁ ଲାଗୁ ହେବ। କୋଭିଡ୍‌ର ତୃତୀୟ ଲହରି ପ୍ରଭାବ କମୁଥିବାରୁ ଦର୍ଶନ କଟକଣାରେ ପ୍ରଶାସନ ପକ୍ଷରୁ କୋହଳ କରାଯାଇଛି। ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ଜାରି କରାଯାଇଥିବା ନୂତନ ଏସ୍‌ଓପି ଅନୁଯାୟୀ ଶ୍ରଦ୍ଧାଳୁମାନେ ଚଳିତ ମାସ ୨୧ ତାରିଖରୁ ସକାଳ ୬ଟାରୁ ରାତି ୯ଟା ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ପ୍ରବେଶ କରି ମହାପ୍ରଭୁଙ୍କ ଦର୍ଶନ କରିପାରିବେ। ଏଣିକି ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଭକ୍ତଙ୍କୁ କୋଭିଡ୍ ପ୍ରମାଣପତ୍ରର ଆବଶ୍ୟକ ପଡ଼ିବ ନାହିଁ। ଏପରିକି ଆର୍‌ଟି-ପିସିଆର ପ୍ରମାଣପତ୍ର ମଧ୍ୟ ଦରକାର ନାହିଁ। କିନ୍ତୁ ଭକ୍ତମାନେ ସାମାଜିକ ଦୂରତା ରଖିବା ସହ ମୁହଁରେ ମାସ୍କ ପରିଧାନ କରିବେ। ପୂର୍ବ ଭଳି ରବିବାର ଶ୍ରୀମନ୍ଦିର ସାନିଟାଇଜ୍ ପାଇଁ ଭକ୍ତଙ୍କ ପାଇଁ ବନ୍ଦ ରହିବ। ବରିଷ୍ଠ ନାଗରିକ ଶୃଙ୍ଖଳିତ ଭାବେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ସେହିଭଳି ଭକ୍ତମାନଙ୍କ ପାଇଁ ପିଇବା ପାଣିର ବ୍ୟବସ୍ଥା କରାଯିବ ବୋଲି ସୂଚନା ମିଳିଛି। ଗତ ୧୪ରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ କୁମାରଙ୍କ ଅଧ୍ୟକ୍ଷତାରେ ଛତିଶା ନିଯୋଗ ଓ ନୀତି ସବକମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କୋଭିଡ୍ ସ୍ଥିତିକୁ ନେଇ ସମୀକ୍ଷା କରାଯାଇ ଏହି ଏସ୍‌ଓପି ସମ୍ପର୍କରେ ଆଲୋଚନା ହୋଇଥିଲେ।



ପୁରୀ ବେଳାଭୂମିରେ ପଡ଼ି ରହିଥିବା ମୃତ କଇଁଛ।



ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଅସୀମ ବସୁ ଫାଉଣ୍ଡେଶନ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଆରମ୍ଭ ହୋଇଥିବା ଅସୀମ ନାଟ୍ୟ ଉତ୍ସବରେ ଗୁରୁବାର ପରିବେଷିତ ନାଟକ 'ଅବସର'ର ଏକ ଦୃଶ୍ୟ।



କଟକ ତୁଳସୀପୁର ରିଂବନ୍ଧ ପାର୍ଶ୍ୱସ୍ଥ ମହାନଦୀ ଜଳରାଶି ମଧ୍ୟରେ ଗେଣ୍ଡାଳିଆ ଓ ଅନ୍ୟପକ୍ଷୀଙ୍କ ସମାଗମ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ପୂର୍ବତନ ବାଚସ୍ପତି ଯୁଧିଷ୍ଠିର ଦାସଙ୍କ ୮ମ ଶ୍ରାଦ୍ଧବାର୍ଷିକୀ ଉତ୍ସବ, ଯୁଧିଷ୍ଠିର ପାର୍କ, ଇଲେକ୍ଟ୍ରିକ ସବଷ୍ଟ୍ରାକଶନ, ଆଇଆର୍‌ସି ଭିଲେଜ, ସକାଳ ୮ଟା।
- ଜୟ ଓଡ଼ିଶା ପକ୍ଷରୁ ରକ୍ତଦାନ ଶିବିର, ଶହୀଦ ନଗର ଦୁର୍ଗାପୂଜା ମଣ୍ଡପ, ସକାଳ ୯ଟା।
- ଲର୍ନିଂ ଲିଙ୍କସ୍ ଫାଉଣ୍ଡେଶନ ପକ୍ଷରୁ ରୋଡ୍ ଟୁ ସ୍କୁଲ(ଆର୍‌ଟିଏସ୍) ମେଳା, ମା' ଜାଗୁଲାଇ ମନ୍ଦିର ପରିସର, ନୂଆପାଟଣା, ପୂର୍ବାହ୍ନ ୧୦ଟା।

## ସଂକ୍ଷେପରେ

### ଆଜି ୫୧୮ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ

**ବାରଙ୍ଗ,୧୭।୨(ଡି.ଏନ୍.ଏ.):** ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ଭୋଟ ଶୁକ୍ରବାର ହେବ। ଏଥିରେ ବାରଙ୍ଗ ବ୍ଲକ୍‌ର ୧୬ଟି ପଞ୍ଚାୟତର ୩୨ ଓ ୩୩ ନମ୍ବର ଦୁଇଟି ଜିଲା ପରିଷଦ ଜୋନ୍‌ରେ ମୋଟ ୨୩୦ଟି ବୁଥ୍‌ର ବ୍ୟବସ୍ଥା କରାଯାଇଛି। ସେଠାରେ ୯ଜଣ ଜିଲା ପରିଷଦ ପ୍ରାର୍ଥୀ, ୬୧ଜଣ ସମିତି ସଭ୍ୟ, ୬୩ ଜଣ ସରପଞ୍ଚ, ୩୮୫ ଜଣ ୱାର୍ଡ ସଭ୍ୟଙ୍କୁ ନେଇ ମୋଟ ୫୧୮ଜଣ ପ୍ରାର୍ଥୀଙ୍କ ନିର୍ବାଚନ ଅନୁଷ୍ଠିତ ହେବ। ୩୨ ନମ୍ବର ଜୋନ୍‌ରେ ୧୧୦ଟି ବୁଥ୍ ଓ ୩୩ ନମ୍ବର ଜୋନ୍‌ରେ ୧୨୦ଟି ମତଦାନ କେନ୍ଦ୍ର କରାଯାଇଥିବା ଜଣାପଡିଛି।

### ପି.କେ. ଡାଇମଣ୍ଡ ଟିମ୍ ଚାମ୍ପିୟନ

**ବାଲିଅନ୍ତା,୧୭।୨(ଡି.ଏନ୍.ଏ.):** ବାଲିଅନ୍ତା ବ୍ଲକ ଅଧୀନ ଭୁବନପୁର ଗ୍ରାମର କୁଶଭଦ୍ରା ନଦୀପଠା ପଡ଼ିଆରେ ଚାଲିଥିବା ଦ୍ୱିତୀୟ ପିପିଏଲ୍ ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ସାଇଲେଣ୍ଟ ଉତ୍ତର ଟିମ୍‌କୁ ହରାଇ ପି.କେ. ଡାଇମଣ୍ଡ ଟିମ୍ ଚାମ୍ପିୟନ ହୋଇଛି। ପରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଭୁବନେଶ୍ୱର(ଉତ୍ତର) ବିଧାୟକ ସୁଶାନ୍ତ କୁମାର ରାଉତ ମୁଖ୍ୟ ଅତିଥି ଓ ଓଡ଼ିଆ ଅଭିନେତା ସନ୍ଦୀପ ଆଚାର୍ଯ୍ୟ, ଜିଲା ପରିଷଦ ପ୍ରାର୍ଥୀ ମହେଶ୍ୱର ଦାସ, ପୂର୍ବତନ କର୍ପୋରେଟର ଅମରେଶ ଜେନା, ଉମାନାଥ ମିଶ୍ର, ବ୍ଲକ ବିଜେଡି ସଭାପତି ପ୍ରଦୀପ ଜେନାମଣି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ବିଧାୟକ ରାଉତ ଚାମ୍ପିୟନ ଟିମ୍‌କୁ ଟ୍ରଫି ସହ ନଗଦ ରାଶି ଓ ରନର୍ସ ଅପ ଟିମ୍‌କୁ ମଧ ନଗଦ ରାଶି ପ୍ରଦାନ କରିଥିଲେ। ମା' ଉତ୍ତରମୁଖୀ କ୍ରିକେଟ କ୍ଲବର ସମସ୍ତ ସଭ୍ୟ ଏହି ଟୁର୍ନାମେଣ୍ଟକୁ ପରିଚାଳନା କରିଥିଲେ।

### ହରପ୍ରସାଦ ଥିଲେ ଆଧୁନିକ ଓଡ଼ିଆ କବିତାର ବଳିଷ୍ଠ ସ୍ୱର

ଭୁବନେଶ୍ୱର,୧୭।୨(ବ୍ୟୁରୋ) - କବି ଡ. ହରପ୍ରସାଦ ପରିଚ୍ଛା ପଟନାୟକ ଥିଲେ ଆଧୁନିକ ଓଡ଼ିଆ କବିତାର ବଳିଷ୍ଠ ସ୍ୱର। ଓଡ଼ିଆ ତଥା ଇଂଲିଶ ସାହିତ୍ୟର ଜଣେ ଧୁରୀଣ ଲେଖକ। ତାଙ୍କ ବିୟୋଗ ଓଡ଼ିଆ ସାହିତ୍ୟ ଜଗତର ଅପୂରଣୀୟ କ୍ଷତି। ଏହି ଯଶସ୍ୱୀ କବିଙ୍କ ବିୟୋଗରେ ଗୁରୁବାର ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଏକାଡେମୀ ପରିସରରେ ଅନୁଷ୍ଠିତ ଶୋକସଭାରେ ଅତିଥିମାନେ ତାଙ୍କ ସ୍ମୃତିଚାରଣ କରି ଏହା କହିଛନ୍ତି। ଏହି ଅବସରରେ ତାଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏକାଡେମୀର ସଭାପତି ଡ. ହୃଷୀକେଶ ମଲ୍ଲିକ ପୌରୋହିତ୍ୟ କରିଥିଲେ। ଏକାଡେମୀ ଉପସଭାପତି ଡ. ସଂଗ୍ରାମ ଜେନା ଓ ସଚିବ ପ୍ରବୋଧ କୁମାର ରାଉତ, କାର୍ଯ୍ୟକାରୀ ପରିଷଦର ସଦସ୍ୟ ଡ. ନୃସିଂହ ଷଡ଼ଙ୍ଗୀ, ସାଧାରଣ ପରିଷଦ ସଦସ୍ୟ ଡ. ଅଭୟ ବାରିକ, ଡ. ବିବେକାନନ୍ଦ ପାଣିଗ୍ରାହୀ, ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ ଡ. ପ୍ରେମାନନ୍ଦ ମହାପାତ୍ର, ଡକ୍ଟର ଫଣୀନ୍ଦ୍ରଭୂଷଣ ନନ୍ଦ ଓ ନାଇଜର ରେଜିଷ୍ଟ୍ରାର ଡ. ଅଭୟ ନାୟକ ପ୍ରମୁଖ ଯୋଗଦେଇ କବି ହରପ୍ରସାଦଙ୍କ ସମ୍ପର୍କରେ କହିଥିଲେ।

# ଚୋରି ସୁନା ବନ୍ଧକ ରଖି ବନ୍ଧା ହେଲେ ମ୍ୟାନେଜର

ଭୁବନେଶ୍ୱର,୧୭।୨(ବ୍ୟୁରୋ)



ଗିରଫ ଆର୍ତ୍ତବନ୍ଧୁ ସାମଲ।

**ଆପାର୍ଟମେଣ୍ଟରୁ ଚୋରି ଘଟଣା**

**■ପୂର୍ବରୁ ଗିରଫ ହୋଇଥିଲେ ଚାକରାଣୀ**

ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଶ୍ରୀବିହାରସ୍ଥିତ ଏକ ଆପାର୍ଟମେଣ୍ଟରୁ ଶନିବାର ହୋଇଥିବା ଚୋରି ଘଟଣାରେ ଗୁରୁବାର ପୋଲିସ ଆଉଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଅର୍ଥ ଲଗାଣକାରୀ ସଂସ୍ଥା ଆଇଆଇଏଫ୍‌ଏଲ୍ ଚନ୍ଦ୍ରଶେଖରପୁର ଶାଖା ମ୍ୟାନେଜର ଆର୍ତ୍ତବନ୍ଧୁ ସାମଲ (୪୧)। ସେ ଚୋରି ଅଳଙ୍କାର ଗ୍ରହଣବେଳେ ବାଧ୍ୟତାମୂଳକ ଥିବା ମାଲିକାନା ଯାଞ୍ଚ ସମ୍ବନ୍ଧୀୟ ସମସ୍ତ ନିର୍ଦ୍ଦେଶାବଳୀ ଅନୁସରଣ କରି ନ ଥିଲେ। ଏନେଇ ପୋଲିସ ଆଇପିସି ଧାରା ୩୮୧, ୪୧୧ ଅନୁଯାୟୀ ମାମଲା (ନଂ. ୬୮/୨୦୨୨) ରୁଜୁ କରି ଆର୍ତ୍ତବନ୍ଧୁଙ୍କୁ କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ, ପୂର୍ବରୁ ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତା ତଥା ଚାକରାଣୀ ନିରୁପମା ପାଲ (୨୪) ଗିରଫ ହୋଇଥିଲେ। ଅଭିଯୋଗ ଅନୁଯାୟୀ, ଅଭିଯୋଗକାରିଣୀ ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଶ୍ରୀବିହାରସ୍ଥିତ ହାବିଟାଟ୍ ଗ୍ରୀନ୍ ଆପାର୍ଟମେଣ୍ଟର ଫ୍ଲାଟ ନଂ. ୩୦୮ରେ ରୁହନ୍ତି। ତାଙ୍କ ଘରେ ନିରୁପମା ୮ ମାସ ହେବ ଚାକରାଣୀ ଭାବରେ କାମ କରିବା ସହ ମାଲିକାଣିଙ୍କ ଦେଖାଶୁଣା କରୁଥିଲେ। ଦିନେ ଘରେ କେହି ନଥିବା ଦେଖି ସେ ଆଲମାରି ଲକରରୁ କିଛି ସୁନା ଗହଣା ଚୋରି କରି ନେଇଯାଇଥିଲେ। ମାଲିକାଣୀ ଘରକୁ ଫେରି ଚୋରି ସମ୍ପର୍କରେ ଜାଣିବା ପରେ ନିରୁପମାଙ୍କ ଉପରେ ସନ୍ଦେହ କରି ଚନ୍ଦ୍ରଶେଖରପୁର ଥାନାରେ ଏତଲା ଦେଇଥିଲେ। ପୋଲିସ ଘଟଣାର ତଦନ୍ତ କରି ନିରୁପମାଙ୍କୁ ଗିରଫ କରିଥିଲା। ପଚରାଉଚରାବେଳେ ସେ ଚୋରି ସୁନାଗହଣା ଆଇଆଇଏଫ୍‌ଏଲ ଚନ୍ଦ୍ରଶେଖରପୁର ଶାଖାରେ ବନ୍ଧକ ରଖିଥିବା ଋଣ ଆଣିଥିବା ଜାଣିବାକୁ ପାଇଥିଲା। ପୋଲିସ ଅଧିକ ତଦନ୍ତ କରି ଜାଣିବାକୁ ପାଇଲା ଯେ, ଆଇଆଇଏଫ୍‌ଏଲ ସଂସ୍ଥା ଗ୍ରାହକଙ୍କ ସୁନା ବନ୍ଧକ ରଖି ଋଣ ଦେଇଥାଏ। ତେବେ ସୁନା ରଖିବା ସମୟରେ ଆବଶ୍ୟକ ନିର୍ଦ୍ଦେଶାବଳୀ ଅନୁସରଣ କରିବା ପାଇଁ ନିୟମ ରହିଛି। ହେଲେ ଆଇଆଇଏଫଏଲ୍ ଚନ୍ଦ୍ରଶେଖରପୁର ଶାଖା ମ୍ୟାନେଜର ଆର୍ତ୍ତବନ୍ଧୁ ତାହାକୁ ଅନୁସରଣ ନ କରି ବିଭିନ୍ନ ତାରିଖରେ ୬ଟି କିସ୍ତିରେ ପ୍ରାୟ ୫୭.୪ ଗ୍ରାମର ଉକ୍ତ ଚୋରି ଅଳଙ୍କାର ଗ୍ରହଣ କରିଥିଲେ। ଏହା ବେଆଇନ ତଥା ଅପରାଧ ହୋଇଥିବାରୁ ପୋଲିସ ଆର୍ତ୍ତବନ୍ଧୁଙ୍କୁ ଗିରଫ କରିଛି।

# ପଡ଼ୋଶୀ ରାଜ୍ୟରେ ଓଡ଼ିଆ ଭାଷା, ସଂସ୍କୃତିର ସୁରକ୍ଷା ପାଇଁ ସରକାର ଦୃଷ୍ଟି ଦିଅନ୍ତୁ

ଭୁବନେଶ୍ୱର,୧୭।୨(ବ୍ୟୁରୋ)

ଓଡ଼ିଶାର ସୀମାବର୍ତ୍ତୀ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଓ ଛତିଶଗଡ଼ ଆଦି ପଡୋଶୀ ରାଜ୍ୟରେ ଓଡ଼ିଆ ଭାଷା, ସଂସ୍କୃତି ଓ ଅବହେଳିତ ଅବସ୍ଥାରେ ରହିଛି। ସେଠାରେ ଥିବା ଓଡ଼ିଆ ବିଦ୍ୟାଳୟଗୁଡ଼ିକର ସୁରକ୍ଷା ଓ ସୁଧାର ପାଇଁ ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଉଭୟ କେନ୍ଦ୍ର ଓ ରାଜ୍ୟ ନିକଟରେ ଦାବି କରାଯାଇଛି। ଦଳର ରାଜ୍ୟ କମିଟି ସଭାପତି ରବି ବେହେରା ଗୁରୁବାର ଏ ସମ୍ପର୍କରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଧାନସଭାର ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କୁ ପତ୍ର ଲେଖି ଓଡ଼ିଆ ଭାଷା ସଂସ୍କୃତିର ସୁରକ୍ଷା ପାଇଁ ନିବେଦନ କରିଛନ୍ତି। ଉକ୍ତ ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ପଶ୍ଚିମବଙ୍ଗ ଓ ଆନ୍ଧ୍ରର କିଛି ଅଞ୍ଚଳରେ ପ୍ରତିଷ୍ଠା ହୋଇଥିବା ଓଡ଼ିଆ ମାଧ୍ୟମ ସ୍କୁଲ ପିଲାଙ୍କୁ ବହିପତ୍ର ରାଜ୍ୟ ସରକାର ଓ ଉତ୍କଳ ସମ୍ମିଳନୀ ପକ୍ଷରୁ ଯୋଗାଇ ଦିଆଯାଇଛି। ସେହିପରି ଝାଡଖଣ୍ଡ ଓ ଛତିଶଗଡ଼ରେ ମଧ୍ୟ କିଛି ଜାଗାରେ ପିଲାମାନଙ୍କୁ ପାଠ୍ୟପୁସ୍ତକ ଯୋଗାଣ ହୋଇଛି। କିନ୍ତୁ ବହୁ ଓଡ଼ିଆ ମାଧ୍ୟମ ବିଦ୍ୟାଳୟରେ ଥିବା ଶିକ୍ଷକଙ୍କୁ ମାସିକ ମାତ୍ର ୩ ହଜାର ଟଙ୍କା ଦରମାରେ ଓଡ଼ିଆ ଭାଷା ପଢାଇବା ପାଇଁ ନିଯୁକ୍ତି ଦିଆଯାଇଛି, ଯାହାକି ଆଦୌ ଗ୍ରହଣୀୟ ନୁହେଁ। ଏହିସବୁ ରାଜ୍ୟରେ ବିଚ୍ଛିନ୍ନାଞ୍ଚଳରେ ରହୁଥିବା ଓଡ଼ିଆମାନେ ନିଜର ଭାଷା ଓ ସଂସ୍କୃତିର ସୁରକ୍ଷା ପାଇଁ ବାରଦୁଆର ଶୁଙ୍ଘିପିଣ୍ଡା ହେଉଛନ୍ତି। ଏମାନଙ୍କ ଭାଷା ସଂସ୍କୃତିର ସୁରକ୍ଷା ଓ ଏ ଅଞ୍ଚଳରେ ପ୍ରତିଷ୍ଠା ହୋଇଥିବା ଓଡ଼ିଆ ମାଧ୍ୟମ ବିଦ୍ୟାଳୟଗୁଡ଼ିକର ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନିୟମିତ ଦରମା ଦେବା, ସେହିସବୁ ବିଦ୍ୟାଳୟରେ ପାଠ ପଢୁଥିବା ଛାତ୍ରୀଛାତ୍ରଙ୍କୁ ହାଇସ୍କୁଲ ପର୍ଯ୍ୟନ୍ତ ପାଠ୍ୟପୁସ୍ତକ ଯୋଗାଇ ଦେବାକୁ ବେହେରା ଦାବି କରିଛନ୍ତି।



# ସାତକୋଶିଆରେ ଛଡ଼ାଗଲା ୨ ଘଡ଼ିଆଳ କୁମ୍ଭୀର

ବାରଙ୍ଗ,୧୭।୨(ଡି.ଏନ୍.ଏ.)

ପ୍ରାଣୀ ଉଦ୍ୟାନ ନନ୍ଦନକାନନରୁ ଗୁରୁବାର ୨ ମାଈ ଘଡିଆଳ କୁମ୍ଭୀରକୁ ସାତକୋଶିଆରେ ଛଡ଼ାଯାଇଛି। ମଙ୍ଗଳବାର ବିରୁପାରୁ ଏକ କୁମ୍ଭୀର ଧରା ହୋଇ ନନ୍ଦନକାନନକୁ ଆସିଥିଲା। ଉକ୍ତ କୁମ୍ଭୀର ସହ ନନ୍ଦନକାନନରେ ଥିବା ଏକ ମାଈ ଘଡିଆଳ କୁମ୍ଭୀରକୁ ପ୍ରାଣୀଉଦ୍ୟାନର ବିଶେଷଜ୍ଞ ସୁଦର୍ଶନ ମହାରଣାଙ୍କ ତତ୍ତ୍ୱାବଧାନରେ ସାତକୋଶିଆସ୍ଥିତ ମହାନଦୀରେ ଗୁରୁବାର ଛଡାଯାଇଥିବା ନନ୍ଦନକାନନ କର୍ତ୍ତୃପକ୍ଷ ପକ୍ଷରୁ ସୂଚନା ଦିଆଯାଇଛି।

# ଓଭରବ୍ରିଜ୍‌ରୁ ଖସିପଡ଼ିଲେ ବାଇକ୍ ଚାଳକ

ଭୁବନେଶ୍ୱର, ୧୭।୨(ବ୍ୟୁରୋ)

ଶହୀଦନଗର ଥାନା ୧୬ ନଂ. ଜାତୀୟ ରାଜପଥର ଜୟଦେବବିହାର ଓଭରବ୍ରିଜ ଉପରୁ ଗୁରୁବାର ଜଣେ ବାଇକ୍ ଚାଳକ ତଳକୁ ଖସି ପଡି ଗୁରୁତର ଆହତ ହୋଇଛନ୍ତି। ସେ ହେଲେ କଟକ ସଦର ଥାନା ଅଞ୍ଚଳର ଶାରଦା ପ୍ରସନ୍ନ ପରିଡ଼ା(୩୦)। ତାଙ୍କ ଶରୀରରେ ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ପୋଲିସ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ପ୍ରସନ୍ନଙ୍କୁ କଟକ ବଡ଼ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଓଭରବ୍ରିଜ ଉପରୁ ତାଙ୍କ ବାଇକ୍ (ନଂ.ଓଡି୦୫ଏକେ୧୬୦୦)ଜବତକରିଛି।

ସୂଚନା ଅନୁଯାୟୀ, ସକାଳ ସାଢ଼େ ୯ଟାବେଳେ ଶାରଦା ବାଇକ୍ ଯୋଗେ ଖଣ୍ଡଗିରିରୁ ରସୁଲଗଡ ଅଭିମୁଖେ ଆସୁଥିଲେ। ହଠାତ୍ ତାଙ୍କ ବାଇକ୍ ଜୟଦେବବିହାର ଓଭରବ୍ରିଜ ଉପରେ ବ୍ରିଜ ୱାଲ୍‌ରେ ମାଡ଼ ହୋଇଯିବାରୁ ସେ ଛିଟିକି ତଳକୁ ଖସି ପଡ଼ିଥିଲେ। ତେବେ କିଭଳି ଶାରଦା ତଳକୁ ଖସିଲେ ତାହା ଜଣାପଡ଼ିନାହିଁ। କିନ୍ତୁ ଦ୍ରୁତ ଗତି ସମୟରେ ଡିସ୍ ବ୍ରେକ୍ ମାରିବାରୁ ଏଭଳି ଦୁର୍ଘଟଣା ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

# ଲୁହା ଗେଟ୍‌ରେ ପିଟିହୋଇ ହରିଣ ମୃତ



ବାଲିଅନ୍ତା,୧୭।୨(ଡି.ଏନ୍.ଏ.)

ବାଲିଅନ୍ତା ଥାନା ଅଧୀନ ବଇଁଚୁଆ ଗ୍ରାମରେ କେନାଲ ବନ୍ଧ ପାର୍ଶ୍ୱରେ ଥିବା ଏକ ବିଦ୍ୟାଳୟର ଲୁହାଗେଟ୍‌ରେ ପିଟି ହୋଇ ଏକ ଅଣ୍ଡିରା ଚିତା ହରିଣର ମୃତ୍ୟୁ ଘଟିଛି। ମୃତ ହରିଣଟିର ବୟସ ୪ରୁ ୫ ବର୍ଷ ହେବ। ଏହାର ଲମ୍ବ ୪ଫୁଟ ଓ ଉଚ୍ଚତା ୨.୭ ଫୁଟ ବୋଲି ବାଲିପାଟଣା ରେଞ୍ଜ ଅଫିସର ଫରେଷ୍ଟର ସୁଶାନ୍ତ ସ୍ୱାଇଁ କହିଛନ୍ତି। ଏହି ହରିଣଟି ଗୁରୁବାର ଆସି ସ୍କୁଲ କ୍ୟାମ୍ପସ ଭିତରେ ରହିଥିଲା। କିଛି ସମୟ ପରେ ହରିଣଟି ଲୁହା ଗେଟ୍ ଡେଇଁ ବାହାରକୁ ଆସିବାକୁ ଉଦ୍ୟମ କରିବା ବେଳେ ତା'ର ମୁଣ୍ଡ ଲୁହା ଗେଟ୍‌ରେ ପିଟି ହୋଇଯାଇଥିଲା। ଗେଟ୍‌ରେ ମାଡ଼ ହୋଇ ପାର୍ଶ୍ୱରେ ଥିବା କେନାଲ ବନ୍ଧ ଉପରେ ମୁର୍ମୁର୍ଷୁ ଅବସ୍ଥାରେ ପଡ଼ିଥିଲା। ପରେ ଲୋକେ ଆସି ଦେଖିବାବେଳେ ହରିଣଟିର ମୃତ୍ୟୁ ହୋଇଯାଇଥିଲା। ତା'ର ଆଖି, ବେକ ଓ ମୁଣ୍ଡ କ୍ଷତଚିହ୍ନ ଥିଲା। ଖବରପାଇ ବାଲିପାଟଣା ଫରେଷ୍ଟ ରେଞ୍ଜର ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ମୃତ ହରିଣକୁ ଜବତ କରିଥିଲେ।

# ଭୀମ ପୃଷ୍ଟିଙ୍କୁ 'ଜଗଦୀଶ କଥା ସମ୍ମାନ'

ଭୁବନେଶ୍ୱର,୧୭।୨(ବ୍ୟୁରୋ)

ଓଡ଼ିଆ କଥାସାହିତ୍ୟର ଜଣେ ଅପ୍ରତିଦ୍ୱନ୍ଦ୍ୱୀ କଥାକାର ଭାବେ ପରିଚିତ ଜଗଦୀଶ ମହାନ୍ତି। ତାଙ୍କ ସ୍ମୃତିରେ 'ଜଗଦୀଶ ମହାନ୍ତି ଟ୍ରଷ୍ଟ' ତରଫରୁ ଆୟୋଜିତ ଜଗଦୀଶ ଜୟନ୍ତୀ' ଗୁରୁବାର ସ୍ଥାନୀୟ ଏକ ହୋଟେଲରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସମାଲୋଚକ ତଥା ଗାଳ୍ପିକ ଡ. ଆଦିକନ୍ଦ ସାହୁ ଓ ମୁଖ୍ୟ ବକ୍ତା ଗବେଷିକା ଡ. ସଂଘମିତ୍ରା ମିଶ୍ର ଯୋଗଦେଇ ଜଗଦୀଶ ମହାନ୍ତିଙ୍କ ସୃଜନକୃତି ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ବିଶିଷ୍ଟ କଥାକାର ଭୀମ ପୃଷ୍ଟିଙ୍କୁ ଚଳିତ ବର୍ଷର ସମ୍ମାନଜନକ 'ଜଗଦୀଶ କଥା ସମ୍ମାନ' ପ୍ରଦାନ କରାଯାଇଥିଲା। ସେହିପରି 'ଜଗଦୀଶ ଯୁବ ସମ୍ମାନ' ଏଥର ଗାଳ୍ପିକ ମଣିରାମ ଜେନାଙ୍କୁ ପ୍ରଦାନ କରାଯାଇଥିଲା। ଟାଇମ୍‌ପାସ୍ ଦ୍ୱାରା ପ୍ରକାଶିତ ଜଗଦୀଶ ମହାନ୍ତିଙ୍କ ପାଞ୍ଚଟି ଉପନ୍ୟାସର ସମାହାର 'ସୃଜନ ସମଗ୍ର ଭାଗ ୪' ଏବଂ ମଣିରାମ ଜେନାଙ୍କ ନୂତନ ଗଳ୍ପ ସଂକଳନ 'ଇଣ୍ଡିଆ' ଏହି ଅବକାଶରେ ଲୋକାର୍ପିତ ହୋଇଥିଲା। କଥାକାର ଡକ୍ଟର ସରୋଜିନୀ ସାହୁ ଉତ୍ସବରେ ସଭାପତିତ୍ୱ କରିଥିଲେ। 'ଟ୍ରଷ୍ଟ'ର ସଂପାଦକ ତଥା ଲେଖକ ସରୋଜ ବଳ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିବା ସହ ଉତ୍ସବ ସଂଚାଳନ କରିଥିଲେ।

# ବିଜେଡିକୁ ଆଶାୟୀ ଚିନ୍ତା

ଭୁବନେଶ୍ୱର, ୧୭।୨ (ବ୍ୟୁରୋ)

**ପୌର ନିର୍ବାଚନ**

ପଞ୍ଚାୟତ ନିର୍ବାଚନ ସରିବା ପରେ ପୌର ନିର୍ବାଚନ ହେବ। ଏଥିପାଇଁ ଖୁବ୍‌ଶୀଘ୍ର ସରକାର ତାରିଖ ଘୋଷଣା କରିପାରନ୍ତି। ତେବେ ଏହା ପୂର୍ବରୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରେ ନିର୍ବାଚନ ତାତି ବଢ଼ିବାରେ ଲାଗିଛି। ବିଭିନ୍ନ ଦଳ ଓ ପ୍ରାର୍ଥୀମାନେ ଜୋର୍‌ଦାର ପ୍ରସ୍ତୁତି ଚଳାଇଛନ୍ତି। ୩ବର୍ଷ ପରେ ନିର୍ବାଚନ ହେବାକୁ ଯାଉଥିବାରୁ ପୂର୍ବତନ କର୍ପୋରେଟରଙ୍କ ମଧ୍ୟରେ ଉତ୍ସାହ ବି ଦେଖାଦେଇଛି। ଏପରିସ୍ଥିତିରେ ପ୍ରାର୍ଥୀ ଚୟନ ଦଳ ଓ ଦାୟିତ୍ୱରେ ଥିବା ନେତାଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ଭାଜପା ଓ କଂଗ୍ରେସ ଅପେକ୍ଷା ବିଜେଡିକୁ ଏହି ଚିନ୍ତା ଅଧିକ ଘାରିଛି।

ବିଶେଷକରି ଶାସନରେ ଥିବା ବିଜେଡି ଟିକେଟରେ ନିର୍ବାଚନ ଜିତିବାକୁ ଅଧିକାଂଶ ଆଶାୟୀ ଚାହିଁ ରହିଛନ୍ତି। ଟିକେଟ ପାଇବାକୁ ଏକାମ୍ର ବିଧାୟକ ଅଶୋକ ଚନ୍ଦ୍ର ପଣ୍ଡା, ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଓ ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ସମେତ ବଡ଼ ନେତାଙ୍କ ପାଖରେ ବି ଭିଡ଼ ଜମିଲାଣି। କେହି କାହାକୁ ଛାଡିବା ସ୍ଥିତିରେ ନାହାନ୍ତି। ତେଣୁ ସେମାନଙ୍କ ମଧ୍ୟରୁ ଦଳ କାହାକୁ ଟିକେଟ୍ ଦେବ ଓ କର୍ମୀମାନଙ୍କୁ କିପରି ସନ୍ତୁଷ୍ଟ କରିହେବ, ତାହା ଏବେ ସ୍ଥାନୀୟ ବିଧାୟକଙ୍କ ପାଇଁ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। ବିଶେଷକରି ଦଳ କିପରି ବିରୋଧୀଙ୍କୁ କଡା ଟକ୍କର ଦେବ, ସେଥିପାଇଁ ରଣନୀତି ପ୍ରସ୍ତୁତ କରୁଛି। ଏ ସମ୍ପର୍କରେ ବିଧାୟକ ଅନନ୍ତ ଜେନା କହିଛନ୍ତି, ସ୍ଥିତିକୁ ଦେଖି ଠିକ୍ ସମୟରେ ଠିକ୍ ନିଷ୍ପତ୍ତି ନିଆଯିବ। ଲବି ନୁହେଁ, ବରଂ ପ୍ରାର୍ଥୀଙ୍କ କାମ ଓ ଯୋଗ୍ୟତା ଦେଖି ଉଚିତ୍ ପ୍ରାର୍ଥୀଙ୍କୁ ଚୟନ କରାଯିବ।

ଭାଜପା ମଧ ଶାସକ ଦଳକୁ କଡା ଟକ୍କର ଦେବା ପାଇଁ ରଣନୀତି ଆପଣାଉଛି। ତେବେ ଏହି ଦୌଡ଼ରେ ଶାସକ ବିଜେଡ଼ି ଓ ଭାଜପା ତୁଳନାରେ କଂଗ୍ରେସର ଆଶାୟୀଙ୍କ ସଂଖ୍ୟା ମଧ କମ୍ ରହିଛି। ବରିଷ୍ଠ କଂଗ୍ରେସ ନେତା ଶିବାନନ୍ଦ ରାୟ କହିଛନ୍ତି, ଏବେ ସମୟ ଅଛି। ତାରିଖ ଘୋଷଣା ହେବା ପରେ ନିର୍ବାଚନ କମିଟି ଗଠନ କରାଯାଇ ପ୍ରାର୍ଥୀ ଚୟନ କରାଯିବ। ଦୁର୍ବଳ ହେଲେ ବି ଆମେ ସବୁ ୱାର୍ଡରୁ ପ୍ରାର୍ଥୀ ପ୍ରଦାନ କରିବୁ।

ଅପରପକ୍ଷେ ଚଳିତ ନିର୍ବାଚନରେ ସ୍ଥାନ ସଂରକ୍ଷଣକୁ ନେଇ ବହୁ କର୍ପୋରେଟର ନିରାଶ ହୋଇଛନ୍ତି। ମହିଳାଙ୍କ ପାଇଁ ସଂରକ୍ଷିତ ସ୍ଥାନରେ ପୂର୍ବତନ କର୍ପୋରେଟରମାନେ ସେମାନଙ୍କ ସ୍ତ୍ରୀ କିମ୍ବା ସମ୍ପର୍କୀୟଙ୍କୁ ଛିଡା କରାଇବା ପାଇଁ ଯୋଜନା କରୁଛନ୍ତି। ତେବେ ଯେଉଁଠାରେ ପୂର୍ବତନ କର୍ପୋରେଟରଙ୍କ ସିଟ୍ କଟି ଯାଇଛି, ସେଠାରେ ଅସନ୍ତୋଷ କୁହୁଳିବାରେ ଲାଗିଛି। ଯଦିଓ ସେମାନେ ଏନେଇ ମୁହଁ ଖୋଲୁ ନାହାନ୍ତି, କ୍ଷମତାରେ ନ ଥିଲେ ବି ଲୋକଙ୍କ ପାଇଁ କାମ କରିବେ ବୋଲି କହୁଛନ୍ତି, ତଥାପି ସେମାନଙ୍କ ମଧ୍ୟରେ ଯେଉଁ ଅସନ୍ତୋଷ ଦେଖା ଦେଉଛି ତାହା ଆଗାମୀ ଦିନରେ ଶାସକ ଦଳ ପାଇଁ ବୁମରାଂ ହୋଇପାରେ ବୋଲି ରାଜନୈତିକ ସମୀକ୍ଷକମାନେ ଆଶଙ୍କା କରୁଛନ୍ତି।

# ମତଦାନବେଳେ ଖବରଦାତାଙ୍କୁ ଆକ୍ରମଣ ଘଟଣା, ୮ ଗିରଫ

ପୁରୀ ଅଫିସ/କଣାସ,୧୭।୨(ସ୍ୱ.ପ୍ର.)

କଣାସ ଗଡ଼ିଶାଗୋଡା ଥାନା ଅନ୍ତର୍ଗତ ବଡ଼ାଲ ପଞ୍ଚାୟତରେ ନିର୍ବାଚନ ଖବର ସଂଗ୍ରହ କରିବାକୁ ଯାଇଥିବା ଜଣେ ଖବରଦାତାଙ୍କୁ ଆକ୍ରମଣ କରିବା ଘଟଣାରେ ପୁରୀ ପୋଲିସ ୮ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ବଡ଼ାଲ ଗ୍ରାମର ସତ୍ୟପ୍ରିୟ ମହାରଣା (୪୦), ବିଜୟ ସ୍ୱାଇଁ(୩୦), ସୁବାସ ମାଝି(୩୬), ନିକୁଞ୍ଜ ସ୍ୱାଇଁ(୫୭), ଉତ୍ତମ ଭୁଜବଳ (୨୧), ଅଜୟ ବାରିସାଲ(୩୮), ବିଦ୍ୟାଧର ସ୍ୱାଇଁ (୪୦) ଏବଂ ବ୍ରଜବନ୍ଧୁ ସ୍ୱାଇଁ (୬୦)। ପୋଲିସ ସେମାନଙ୍କ ନିକଟରୁ ଗୋଟିଏ ମୋବାଇଲ ଫୋନ, ଦୁଇଟି ବୁମ୍, ତାର ବଣ୍ଡଲ, ଲାଇଭ ମେଶିନ୍ ଏବଂ ବିଭିନ୍ନ ଉପକରଣ ଜବତ କରିଛି। ଏ ନେଇ ପୋଲିସ ପୃଥକ୍ ୩ଟି ମାମଲା (ନଂ. ୫୦, ୫୧, ୫୨ /୨୨) ରୁଜୁ କରିଛି। ଥାନାରେ ଘଟଣା ସମ୍ପର୍କରେ ଅଭିଯୋଗ ହେବା ପରେ ପୋଲିସ ବୁଧବାର ରାତିରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ସାକ୍ଷ୍ୟ ପ୍ରମାଣ ଆଧାରରେ ୮ଜଣଙ୍କୁ ଗିରଫ କରିଛି। ଅତିରିକ୍ତ ଏସ୍‌ପି ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଓ ଏସ୍‌ଡିପିଓ କିଶୋର ମୁଣ୍ଡଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଘଟଣା ସମ୍ପର୍କରେ ଅଧିକ ତଦନ୍ତ ଜାରି ରହିଛି। ସୂଚନା ଅନୁଯାୟୀ, କଣାସରେ ବୁଧବାର ପଞ୍ଚାୟତ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ ଚାଲିଥିବା ବେଳେ ଖବର ସଂଗ୍ରହ କରିବାକୁ ଯାଇଥିବା ଦୁଇଟି ବୈଦ୍ୟୁତିକ ଗଣମାଧ୍ୟମର ଖବରଦାତାଙ୍କୁ କୌଣସି କଥାକୁ ନେଇ ଉକ୍ତ ଅଭିଯୁକ୍ତମାନେ ଆକ୍ରମଣ କରିଥିଲେ।

# ବିଜେଡିର ରୋଡ୍ ଶୋ'

ବାଲିପାଟଣା,୧୭।୨(ଡି.ଏନ୍.ଏ.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଗାଁ ରାଜନୀତି ସରଗରମ ରହିଛି। ଖୋର୍ଦ୍ଧା ଜିଲା ୨୦ନମ୍ବର ଜୋନର ସୁକନ୍ୟା ସେଠୀ ଓ ୨୧ନମ୍ବର ଜୋନର ପବିତ୍ର ମୋହନ ପଟେଲ ବିଜେଡି ସମର୍ଥିତ ଜିଲାପରିଷଦ ପ୍ରାର୍ଥୀଭାବେ ମଇଦାନକୁ ଓହ୍ଲାଇବା ସହ ପ୍ରଚାର ଚଳାଇଛନ୍ତି। ବିଜେଡି ପକ୍ଷରୁ ବୁଧବାର ଓ ଗୁରୁବାର ରୋଡ୍ ଶୋ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ସଭା ସଦସ୍ୟ ମୁନା ଖାଁ, ଜିଲା ସଂଖ୍ୟାଲଘୁ ସଦସ୍ୟ ମହମ୍ମଦ ଫାରୁଦ୍, ଆମ ସଙ୍ଗଠନ ମୁଖ୍ୟ କମଳ କୁମାର ପାତ୍ର, ପ୍ରତାପ କେଶରୀ ନାୟକ ପ୍ରମୁଖ ସାମିଲ ହୋଇଥିଲେ। ଏହି ଦୁଇ ଜୋନ୍‌ର ବିଭିନ୍ନ ପଞ୍ଚାୟତରେ ଶୋଭାଯାତ୍ରା ପରିକ୍ରମା କରିବା ସହ ଭୋଟ୍ ଭିକ୍ଷା କରିଥିଲେ।



ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଗୁରୁବାର ଅନୁଷ୍ଠିତ କବି ଡ. ହରପ୍ରସାଦ ପରିଚ୍ଛା ପଟନାୟକଙ୍କ ଶୋକସଭାରେ ଉପସ୍ଥିତ ଅଛନ୍ତି ଏକାଡେମୀର ସଭାପତି ଡ. ହୃଷୀକେଶ ମଲ୍ଲିକ ଓ ଅନ୍ୟମାନେ।



ଖୋର୍ଦ୍ଧା ଜିଲା ୨୯ ନଂ. ଜୋନ୍ ଜିଲା ପରିଷଦ କଂଗ୍ରେସ ପ୍ରାର୍ଥୀ ପ୍ରସନ୍ନ ଦାସଙ୍କ ସମର୍ଥନରେ ଗୁରୁବାର ବାହାରିଥିବା ବାଇକ୍ ରାଲି।



ଖୋର୍ଦ୍ଧା ଜିଲା ୨୧ ନଂ. ଜୋନ୍‌ର ବିଜେଡି ପ୍ରାର୍ଥୀ ପବିତ୍ର ମୋହନ ପଟେଲଙ୍କ ପାଇଁ ରାଜ୍ୟ ସଭା ସଦସ୍ୟ ମୁନା ଖାଁ ପ୍ରଚାର କରୁଛନ୍ତି।

**ନେପାଳ କାର୍ଯ୍ୟକାରୀ କରିବ ୟୁପିଆଇ ପେମେଣ୍ଟ ବ୍ୟବସ୍ଥା**

ଭାରତର ୟୁପିଆଇ ପେମେଣ୍ଟ ବ୍ୟବସ୍ଥା କାର୍ଯ୍ୟକାରୀ କରିବାରେ ନେପାଳ ପ୍ରଥମ ବାହ୍ୟ ରାଷ୍ଟ୍ର ହେବାକୁ ଯାଉଛି। ପଡୋଶୀ ଦେଶର ଡିଜିଟାଲ ଅର୍ଥନୀତିକୁ ବିକଶିତ କରାଇବାରେ ୟୁପିଆଇ ସିଷ୍ଟମ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ନ୍ୟାଶନାଲ ପେମେଣ୍ଟସ୍ କର୍ପୋରେଶନ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ)ର ଅନ୍ତର୍ଜାତୀୟ ଶାଖା ଏନ୍‌ଆଇପିଏଲ୍ ଏହି ସେବା ଯୋଗାଇବା ପାଇଁ ନେପାଳର ଗେଟ୍‌ଓ୍ୱେ ପେମେଣ୍ଟସ୍ ସର୍ଭିସ (ଜିପିଏସ୍) ଏବଂ ମାନମ୍ ଇନ୍‌ଫୋଟେକ୍ ସହ ହାତ ମିଳାଇଛି।

## ସଂକ୍ଷେପରେ

### ଆଶିଷଙ୍କ ଜାମିନକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ

**ଲଖିମପୁର ଚାଷୀ ହତ୍ୟା**

**ଲକ୍ଷ୍ନୌ,୧୭।୨:** ଉତ୍ତର ପ୍ରଦେଶର ଲଖିମପୁର ଖେରି ଚାଷୀ ହତ୍ୟା ମାମଲାରେ କେନ୍ଦ୍ରମନ୍ତ୍ରୀ ଅଜୟ୍ ମିଶ୍ରାଙ୍କ ପୁଅ ଆଶିଷ ମିଶ୍ରାଙ୍କୁ ମିଳିଥିବା ଜାମିନକୁ କୃଷକ ସଙ୍ଗଠନ ବିରୋଧ କରିଛି। ଏହାକୁ ଗୁରୁବାର ସଙ୍ଗଠନ ଓ ମୃତକଙ୍କ ପରିବାର ପକ୍ଷରୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି। ୨୦୨୧ ଅକ୍ଟୋବର ୩ରେ କେନ୍ଦ୍ରର ୩ କୃଷି ଆଇନ ପ୍ରତ୍ୟାହାର ଦାବିରେ ଲଖିମପୁର ଖେରିରେ କୃଷକମାନେ ବିକ୍ଷୋଭ କରୁଥିଲେ। କେନ୍ଦ୍ରମନ୍ତ୍ରୀଙ୍କ ପୁଅ ଆଶିଷ ଓ ତାଙ୍କର କେତେଜଣ ସହଯୋଗୀ ଆନ୍ଦୋଳନରତ କୃଷକଙ୍କୁ ଗାଡ଼ି ମଡ଼ାଇଦେଇଥିଲେ। ଏଥିରେ ୪ ଚାଷୀଙ୍କ ମୃତ୍ୟୁ ଘଟିଥିଲା। ଚାରିଆଡ଼ୁ ଚାପ ପଡ଼ିବା ପରେ ପୋଲିସ ଆଶିଷଙ୍କୁ ଗିରଫ କରିଥିଲା। ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି)ର ପରାମର୍ଶକ୍ରମେ ତଳ କୋର୍ଟ ଅଭିଯୁକ୍ତମାନଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରିଥିଲେ। ଗତ ୧୧ରେ ଆଲ୍ଲାହାବାଦ କୋର୍ଟ ତାଙ୍କ ଜାମିନ ମଞ୍ଜୁର କରିଥିଲେ। ଆବେଦନକାରୀଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ଶିବକୁମାର ତ୍ରିପାଠୀ ଏବଂ ସି.ଏସ୍.ପଣ୍ଡା ଗୁରୁବାର ସର୍ବୋଚ୍ଚ ଅଦାଲତରେ ଏକ ପିଟିଶନ ଦାଏର କରି ଯୁକ୍ତି ବାଢ଼ିଛନ୍ତି, ଆଶିଷ ମୁକୁଳା ବୁଲୁଥିବାରୁ ମୃତକଙ୍କ ପରିବାର ପ୍ରତି ବିପଦ ରହିଛି। ସେ ପ୍ରମାଣ ନଷ୍ଟ କରି ସାକ୍ଷୀମାନଙ୍କୁ ପ୍ରଭାବିତ କରିପାରନ୍ତି। ତେଣୁ ତାଙ୍କ ଜାମିନକୁ ଖାରଜ କରାଯାଉ। ଏଥିସହ ଘଟଣାର ଉପଯୁକ୍ତ ତଦନ୍ତ ହେଉ। ସେହିପରି ମୃତକଙ୍କ ସମ୍ପର୍କୀୟଙ୍କୁ ତୁରନ୍ତ କ୍ଷତିପୂରଣ ରାଶି ପ୍ରଦାନ କରାଯାଉ ବୋଲି ପିଟିଶନରେ ଉଲ୍ଲେଖ କରାଯାଇଛି।

### ହାଇକୋର୍ଟଙ୍କ ସ୍ଥଗିତାଦେଶ ସୁପ୍ରିମକୋର୍ଟରେ ଖାରଜ

**ହରିୟାଣା ଘରୋଇ ନିଯୁକ୍ତିରେ ୭୫% କୋଟା**

**ନୂଆଦିଲ୍ଲୀ,୧୭।୨:** ହରିୟାଣା ସରକାର ଘରୋଇ ସେକ୍ଟର ନିଯୁକ୍ତିରେ ରାଜ୍ୟବାସୀଙ୍କ ପାଇଁ ୭୫ ପ୍ରତିଶତ ସ୍ଥାନ ସଂରକ୍ଷଣ ରଖିବାକୁ ଆଇନ ଆଣିଥିଲେ। ଆଇନର ବୈଧତାକୁ ପଞ୍ଜାବ ଓ ହରିୟାଣା ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ହାଇକୋର୍ଟ ଫେବୃୟାରୀ ୩ରେ ଅନ୍ତରୀଣ ରାୟ ବଳରେ ଉକ୍ତ ଆଇନ ଉପରେ ସ୍ଥଗିତାଦେଶ ଲଗାଇଥିଲେ। ସୁପ୍ରିମକୋର୍ଟ ଉକ୍ତ ସ୍ଥଗିତାଦେଶକୁ ଖାରଜ କରିଦେଇଛନ୍ତି। ଆଇନକୁ ସ୍ଥଗିତ ରଖିବା ଲାଗି ହାଇକୋର୍ଟ ଯଥେଷ୍ଟ କାରଣ ଦର୍ଶାଇ ନ ଥିବା ଜଷ୍ଟିସ୍ ଏଲ୍. ନାଗେଶ୍ୱର ରାଓ ଏବଂ ବି.ଆର. ଗଭାଇଙ୍କ ଖଣ୍ଡପୀଠ କହିଛନ୍ତି। ଏଥିସହିତ ପିଟିଶନ ଉପରେ ୪ ସପ୍ତାହ ମଧ୍ୟରେ ନିଷ୍ପତ୍ତି ନେବାକୁ ଖଣ୍ଡପୀଠ ହାଇକୋର୍ଟଙ୍କୁ କହିଛନ୍ତି। ଏହି ସମୟ ମଧ୍ୟରେ ନିଯୁକ୍ତିଦାତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାକୁ ସର୍ବୋଚ୍ଚ ଅଦାଲତ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ୭୦ ବର୍ଷୀୟାଙ୍କ ହାଜତ ମୃତ୍ୟୁ

**ଅହମଦାବାଦ,୧୭।୨:** ଗୁଜରାଟର ବାଲସାଦ ଜିଲାରେ ୬୬ ବୋତଲ ଭାରତ ତିଆରି ବିଦେଶୀ ମଦ ଚୋରା ଚାଲାଣ ବେଳେ ଗିରଫ ହୋଇଥିବା ଜଣେ ୭୦ ବର୍ଷୀୟା ବୃଦ୍ଧାଙ୍କର ଭାପି ଥାନାରେ ମୃତ୍ୟୁ ଘଟିଛି। ସେ ରାଜ୍ୟ ପରିବହନ ବିଭାଗର ଏକ ବସ୍‌ରେ ମଦ ନେଇ ଯାଉଥିବାବେଳେ ଧରାପଡ଼ିଥିଲେ। ତାଙ୍କଠାରୁ ୯,୩୭୫ ଟଙ୍କାର ମଦ ଜବତ ହୋଇଥିଲା। ମହିଳାଙ୍କ ନାଁ ଲତା ଓରଫ ସୁଶୀଲା ଗୱାନି ଓ ଘର ନଭସାରି ବୋଲି ଜଣାପଡ଼ିଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହକୁ ପରିବାରକୁ ହସ୍ତାନ୍ତର କରିଛି। ପୋଲିସ କହିବା ଅନୁଯାୟୀ ମହିଳା ଜଣକ ପ୍ରବଳ ମଦ ପିଇଥିଲେ। ତାଙ୍କୁ ଗିରଫ କରାଯିବା ପରେ ଭାପି ଥାନା ହାଜତରେ ରଖାଯାଇଥିଲା।

### ପରିତ୍ୟକ୍ତ ଘରୁ ଆଇଇଡି ଜବତ

**ନୂଆଦିଲ୍ଲୀ,୧୭।୨:** ପୂର୍ବଦିଲ୍ଲୀର ସୀମାପୁରୀ ଅଞ୍ଚଳରୁ ପୋଲିସ୍ ଗୁରୁବାର ଆଇଇଡି ଜବତ କରିଛି। ଏକ ପରିତ୍ୟକ୍ତ ଘରେ ବ୍ୟାଗ୍ ଭିତରେ ଏହି ଆଇଇଡି ରହିଥିଲା। ଉକ୍ତ ଆପାର୍ଟମେଣ୍ଟର ମାଲିକ ଜଣେ ଠିକାଦାର ଓ ତାଙ୍କ ନାମ କାସିମ୍ ବୋଲି ଜଣାପଡ଼ିଛି। ସେ ୩/୪ ଜଣ ଯୁବକଙ୍କୁ ଉକ୍ତ ଘର ଭଡ଼ାକୁ ଦେଇଥିଲେ। ଉକ୍ତ ଯୁବକମାନେ ଫେରାର ହୋଇଯାଇଛନ୍ତି। ସେମାନେ ବିସ୍ଫୋରକ କାରବାରରେ ସମ୍ପୃକ୍ତ ବୋଲି ସନ୍ଦେହ କରାଯାଉଛି। ଗତ ମାସ ୧୪ରେ ଗାଜିପୁରର ଫୁଲ ବଜାରରୁ ବିସ୍ଫୋରକ ଜବତ ହୋଇଥିଲା।

# ବିଶ୍ୱକୁ ଠକୁଛି ଋଷିଆ


ଋଷିଆ ନିର୍ମିତ ବ୍ରିଜ୍‌ର ଉପଗ୍ରହ ଚିତ୍ର

**ବେଲାରୁଷ, କ୍ରିମିଆ ଓ ପଶ୍ଚିମ ଋଷିଆରେ ବିପୁଳ ସୈନ୍ୟ ଠୁଳ ତଥା ଯୁଦ୍ଧାସ୍ତ୍ର ମୁତୟନର ଉପଗ୍ରହ ଚିତ୍ର ୟୁକ୍ରେନ୍ ସୀମାରୁ ସେନା ପ୍ରତ୍ୟାହାର ନେଇ ମସ୍କୋର ଦାବିକୁ ମିଛ ପ୍ରମାଣିତ କରିଛି। ସାମରିକ ବଳ ଅପସାରଣ କଥା କହି ସୀମାନ୍ତକୁ ଅତିରିକ୍ତ ୭,୦୦୦ ସୈନ୍ୟ ପଠାଇଛି। ଏହି ପ୍ରସଙ୍ଗରେ ଋଷିଆ ବିଶ୍ୱ ସମୁଦାୟକୁ ବିଭ୍ରାନ୍ତ କରୁଥିବା ଗୁରୁବାର ନାଟୋ ଅଭିଯୋଗ ଆଣିଛି। ଆମେରିକା କହିଛି, ସୈନ୍ୟମାନେ ନିଜ ଛାଉଣିକୁ ଫେରୁଛନ୍ତି ବୋଲି ଋଷିଆ କହି ଓଲଟା ସମ୍ପୃକ୍ତ କ୍ଷେତ୍ରରେ ସାମରିକ ଉପସ୍ଥିତି ବଢ଼ାଇ ଚାଲିଛି।**

**ମସ୍କୋ/କ୍ୱିଭ୍/ୱାଶିଂଟନ,୧୭।୨**

୨୦୧୪ରେ ୟୁକ୍ରେନ୍‌ରୁ କ୍ରିମିଆକୁ ଋଷିଆ ଛଡ଼ାଇ ନେଇ ଦଖଲ କରିଥିଲା। ଋଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଏବେ ନିଜ ବିସ୍ତାରବାଦୀ ମହତ୍ତ୍ୱାକାଂକ୍ଷାକୁ ଚରିତାର୍ଥ କରିବା ଲାଗି ସେହି କ୍ରିମିଆ ଉପଦ୍ୱୀପକୁ ଅସ୍ତ୍ର କରିଛନ୍ତି। କ୍ରିମିଆରୁ ସମରାଭ୍ୟାସ ଶେଷକରି ସୈନ୍ୟ ଫେରିଯାଇଥିବା ଋଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟର ସଦ୍ୟ ବିବୃତି ବୁଧବାର ଆସିଥିଲା। କିନ୍ତୁ ବାସ୍ତବ ସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ। ୟୁକ୍ରେନ୍ ସଙ୍କଟର କୂଟନୈତିକ ସମାଧାନ ପାଇଁ ଋଷିଆ କେତେ ଆଗ୍ରହୀ ତା'ର ପ୍ରମାଣ ଦେଇଛି ଆମେରିକାର ଘରୋଇ କମ୍ପାନୀ ମାକ୍ସାର ପକ୍ଷରୁ ଉତ୍ତୋଳିତ ସାଟେଲାଇଟ୍ ଇମେଜ୍। ଉପଗ୍ରହ ଜରିଆରେ ୪୮ ଘଣ୍ଟା ଧରି ସଂଗୃହୀତ ହାଇ-ରିଜୋଲ୍ୟୁଶନ୍ ଫଟୋରେ ଏକ ନୂଆ ବ୍ରିଜ୍ ଦେଖିବାକୁ ମିଳିଛି। ବେଲାରୁଷରୁ ୟୁକ୍ରେନ୍ ବର୍ଡରକୁ ଯୋଡୁଥିବା ଏହି ସେତୁର ଲମ୍ବ ପ୍ରାୟ ୬ କି.ମି.। କ୍ରିମିଆ ଓ ପଶ୍ଚିମ ଋଷିଆରେ ମଧ୍ୟ ସୈନ୍ୟ ମୁତୟନର ଦୃଶ୍ୟକୁ ସାଟେଲାଇଟ୍ କ୍ୟାମେରା କଏଦ୍ କରିଛି। ୟୁକ୍ରେନ୍‌ର ଦକ୍ଷିଣପୂର୍ବ ଏବଂ କ୍ରିମିଆରେ ବି ବୃହତ୍ ବାୟୁସେନା ଘାଟି ନିର୍ମାଣ କରିଛି। ସେହିପରି ୟୁକ୍ରେନ୍‌କୁ ଉତ୍ତର ଓ ଉତ୍ତର-ପୂର୍ବ ପଟୁ ଘେରିରହିଥିବା ଋଷିଆ ସୈନ୍ୟ, ଆଟାକ୍ ହେଲିକପ୍ଟର ଏବଂ ଏକ ନୂଆ ହସ୍ପିଟାଲ ମଧ୍ୟ ଏଥିରେ ଦୃଶ୍ୟମାନ।

ପୁଟିନ୍‌ଙ୍କ ଦାବି ହେଉଛି ୟୁକ୍ରେନ୍ ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ (ନାଟୋ)ରେ ସାମିଲ ହେବାର ଆଗ୍ରହ ତ୍ୟାଗ କରୁ। ସେ ସମ୍ପୃକ୍ତ କ୍ଷେତ୍ରକୁ ପାଶ୍ଚାତ୍ୟ ପ୍ରଭାବରୁ ମୁକ୍ତ କରି ପୂର୍ବ ୟୁରୋପର ସୁରକ୍ଷା ମାନଚିତ୍ରର ପୁନଃ ଅଙ୍କନ ଚାହୁଁଛନ୍ତି। ତେବେ ଆମେରିକା ଏବଂ ୟୁରୋପୀୟ ସଂଘ ପକ୍ଷରୁ ସମ୍ଭାବ୍ୟ ଆର୍ଥିକ କଟକଣା ଚେତାବନୀ ଦିଆଯାଇଥିବାବେଳେ ପାଶ୍ଚାତ୍ୟ ନେତାମାନେ ଆଲୋଚନା ଜରିଆରେ ଏହାର ସମାଧାନ ଚାହୁଁଛନ୍ତି। ଏସବୁ ଭିତରେ ମସ୍କୋ ସେନା ପ୍ରତ୍ୟାହାର ପାଇଁ ପ୍ରସ୍ତୁତ ବୋଲି ସଙ୍କେତ ଦେଇଛି ସିନା, ହେଲେ ଓଲଟା କାମ କରୁଛି। ୟୁକ୍ରେନ୍ ସାମ୍ପ୍ରତିକ ସ୍ଥିତିକୁ ଶୀତଳଯୁଦ୍ଧ ପରେ ୟୁରୋପ ନିରାପତ୍ତା ଲାଗି ସବୁଠୁ ବିପଜ୍ଜନକ ଭାବେ ଅଭିହିତ କରିଛି। ସାଟେଲାଇଟ୍ ଚିତ୍ର ଦେଖିବା ପରେ ୟୁକ୍ରେନ୍ ସୀମାରୁ ବିପଦ ଟଳିଥିବା ବିଷୟକୁ ନାଟୋ ଖଣ୍ଡନ କରିଛି। ନାଟୋ ମହାସଚିବ ଜେନ୍ସ ଷ୍ଟୋଲଟେନବର୍ଗ କହିଛନ୍ତି, ଦଶନ୍ଧି ଧରି ଆମର ନିରାପତ୍ତାକୁ ରେଖାଙ୍କିତ କରିଆସିଥିବା ମୌଳିକ ସିଦ୍ଧାନ୍ତଗୁଡ଼ିକୁ ନେଇ ଲଢ଼େଇ କରିବାକୁ ମସ୍କୋ ପ୍ରସ୍ତୁତ ଥିବା ସ୍ପଷ୍ଟ କରିଛି।

## ବେଲାରୁଷର ନ୍ୟୁକ୍ଲିୟର ଆକ୍ରମଣ ଧମକ

ୟୁକ୍ରେନ ସଙ୍କଟ ଭିତରେ ନ୍ୟୁକ୍ଲିୟର ଆକ୍ରମଣର ଧମକ ଦେଇଛି ବେଲାରୁଷ। ଯଦି ପାଶ୍ଚାତ୍ୟ ଦେଶ ବେଲାରୁଷ ପାଇଁ ବିପଦ ସୃଷ୍ଟି କରନ୍ତି, ତେବେ ନ୍ୟୁକ୍ଲିୟର ଅସ୍ତ୍ରର ପ୍ରୟୋଗ କରାଯିବ ବୋଲି ରାଷ୍ଟ୍ରପତି ଆଲେକ୍‌ଜାଣ୍ଡର ଲୁକାଶେଙ୍କୋ ଗୁରୁବାର ଚେତାବନୀ ଦେଇଛନ୍ତି। କୌଣସି ବିରୋଧୀ କିମ୍ବା ଶତ୍ରୁ ଦେଶ ମୁର୍ଖାମି କରି ବେଲାରୁଷର ନିରାପତ୍ତାକୁ ବିପଦରେ ପକାଇଲେ ଦେଶର ସୁରକ୍ଷା ପାଇଁ କେବଳ ନ୍ୟୁକ୍ଲିଅର ନୁହେଁ, ସୁପର-ନ୍ୟୁକ୍ଲିୟର ଅସ୍ତ୍ରଶସ୍ତ୍ର ମଧ୍ୟ ବ୍ୟବହାର କରାଯିବ। ଶୁକ୍ରବାର ଲୁକାଶେଙ୍କୋ ଋଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କୁ ସାକ୍ଷାତ୍ କରିବେ।

## ଆମେରିକା କୂଟନୀତିଜ୍ଞ ଋଷିଆରୁ ବହିଷ୍କୃତ


ବାର୍ଟ ଗୋର୍ମାନ୍

ମସ୍କୋରେ ଅବସ୍ଥାପିତ ଆମେରିକା ଦୂତାବାସର ଡେପୁଟି ଚିଫ୍ ଅଫ୍ ମିଶନ ବାର୍ଟ ଗୋର୍ମାନ୍‌ଙ୍କୁ ଋଷିଆ ବହିଷ୍କୃତ କରିଛି। ଋଷିଆ ଆର୍‌ଆଇଏ ନୋଭାସ୍ତି ନ୍ୟୁଜ୍ ଏଜେନ୍ସି ପକ୍ଷରୁ ଗୁରୁବାର ଏହି ରିପୋର୍ଟ ପ୍ରକାଶ ପାଇଛି। ତେବେ ମସ୍କୋ ଏହାର କାରଣ ବାବଦରେ ସ୍ପଷ୍ଟ କରିନାହିଁ। ବାର୍ଟ ଗୋର୍ମାନଙ୍କ ବହିଷ୍କାର ପଦକ୍ଷେପର ଆମେରିକା ଖୁବ୍‌ଶୀଘ୍ର ଜବାବ ଦେବ ବୋଲି କହିଛି। ମସ୍କୋ ଦୂତାବାସରେ ଥିବା ଅଧିକାରୀଙ୍କ ମଧ୍ୟରେ ଗୋର୍ମାନ ହେଉଛନ୍ତି ଦ୍ୱିତୀୟ ବରିଷ୍ଠ ଅଫିସର।

# ନାଟୋ ବିନା ଅନ୍ୟ ଗତି ନାହିଁ

**ଅସହାୟତା ପ୍ରକାଶ କଲେ ୟୁକ୍ରେନ୍ ରାଷ୍ଟ୍ରପତି**


ଭୋଲୋଡିମିର ଜେଲେନ୍‌ସ୍କି

**କ୍ୱିଭ୍, ୧୭।୨**

ନାଟୋ ହିଁ ୟୁକ୍ରେନକୁ ସୁରକ୍ଷା ଗ୍ୟାରେଣ୍ଟି ଦେଇପାରିବ। ଏହା ଉପରେ କୌଣସି ବୁଝାମଣା ହେବ ନାହିଁ। ନାଟୋରେ ମିଶିବା ଆମର ଲକ୍ଷ୍ୟ ନୁହେଁ, ବରଂ ଜୀବନ କହି ଏକପ୍ରକାର ଅସହାୟତା ପ୍ରକାଶ କରିଛନ୍ତି ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି। ୟୁକ୍ରେନକୁ ନାଟୋରେ ସାମିଲ କରାଇ ନ ଦେବା ପାଇଁ ସୀମାରେ ପଡ଼ୋଶୀ ଋଷିଆ ସୈନ୍ୟ ମୁତୟନ କରି ଉତ୍ତେଜନା ଓ ଯୁଦ୍ଧ ସ୍ଥିତି ସୃଷ୍ଟି କରିଥିବାବେଳେ କ୍ରେମ୍‌ଲିନକୁ ସେ ଭୟ କରୁ ନ ଥିବା ଜେଲେନ୍‌ସ୍କି ଏକ ସାକ୍ଷାତ୍‌କାରରେ କହିଛନ୍ତି। ଏହା ୟୁକ୍ରେନ ପାଇଁ ସହଜ ହୋଇ ନ ଥିଲେ ବି ନାଟୋ ବିନା ଅନ୍ୟ ଗତି ନାହିଁ ବୋଲି ସେ ପ୍ରକାଶ କରିଛନ୍ତି।

ଶୀତଳଯୁଦ୍ଧ ବେଳେ ଋଷିଆ ବିରୋଧରେ ପାଶ୍ଚାତ୍ୟ ଦେଶଗୁଡ଼ିକୁ ନେଇ ଆମେରିକା ନେତୃତ୍ୱରେ ଗଠିତ ହୋଇଥିବା ନାଟୋରେ ୟୁକ୍ରେନ ସାମିଲ ହେବାକୁ ମସ୍କୋ ବିରୋଧ କରିଆସୁଛି। ନାଟୋରେ ସାମିଲ ହେବାକୁ ୟୁକ୍ରେନର ଇଚ୍ଛାକୁ ଋଷିଆ ଗମ୍ଭୀରତାର ସହ ନେଇ ସାରା ବିଶ୍ୱ ପାଇଁ ସଙ୍କଟ ସୃଷ୍ଟି କରିଛି।

# ଭାରତକୁ ଆମେରିକାର ଭରସା

**ୱାଶିଂଟନ୍, ୧୭।୨:** ୟୁକ୍ରେନ ସଙ୍କଟ ଭିତରେ ଆମେରିକା ଭାରତ ଉପରେ ଆସ୍ଥା ପ୍ରକଟ କରିଛି। ଯଦି ଋଷିଆ ୟୁକ୍ରେନ ଉପରେ ଆକ୍ରମଣ କରେ, ତେବେ ଭାରତ ଆମେରିକା ସହ ଛିଡ଼ାହେବ ଏବଂ ମସ୍କୋକୁ ହରାଇବା ପାଇଁ ସହଯୋଗ କରିବ ବୋଲି ବାଇଡେନ୍ ପ୍ରଶାସନ ଭରସା କରିଛି। ପରରାଷ୍ଟ୍ର ବିଭାଗ ମୁଖପାତ୍ର ନେଡ୍ ପ୍ରାଇସ୍ କହିଛନ୍ତି, ନିକଟରେ ଅଷ୍ଟ୍ରେଲିଆ, ଭାରତ, ଜାପାନ, ଆମେରିକାର ବହିର୍ବ୍ୟାପାର ମନ୍ତ୍ରୀଙ୍କୁ ନେଇ ମେଲ୍‌ବୋର୍ନରେ ଶେଷ ହୋଇଥିବା କ୍ୱାଡ ବୈଠକରେ ୟୁକ୍ରେନ ବିବାଦ ଉପରେ ଆଲୋଚନା ହୋଇଛି। ଏହାସହ ସେ ଭାରତକୁ ପ୍ରଶଂସା କରିଛନ୍ତି। ନୂଆଦିଲ୍ଲୀ ସର୍ବଦା ଅନ୍ତର୍ଜାତୀୟ ନିୟମ ପାଳନ ଉପରେ ଗୁରୁତ୍ୱ ଦେଇଆସିଛି ବୋଲି ପ୍ରାଇସ୍ କହିଛନ୍ତି। ଯୁଦ୍ଧ ନୁହେଁ, ବରଂ କୂଟନୈତିକ ଆଲୋଚନା ମାଧ୍ୟମରେ ସମସ୍ୟା ସମାଧାନ ହେବା ଜରୁରୀ। ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ହେଉ କିମ୍ବା ୟୁରୋପ, ସବୁ ପ୍ରସଙ୍ଗରେ ସମସ୍ତ ରାଷ୍ଟ୍ର ଅନ୍ତର୍ଜାତୀୟ ନିୟମ ମାନିବା ଆବଶ୍ୟକ। ଛୋଟ ଦେଶଗୁଡ଼ିକୁ ଦମନ କିମ୍ବା ସେମାନଙ୍କ ଇଚ୍ଛା ବିରୋଧରେ କୌଣସି ପ୍ରସଙ୍ଗରେ ବାଧ୍ୟ କରିବା ଅଧିକାର କାହାର ନାହିଁ। ଆଇନ ହିସାବରେ ଉଚିତ ଥିବା ପ୍ରତ୍ୟେକ କାମକୁ ଭାରତ ସମର୍ଥନ କରିବ ବୋଲି ଦୃଢ଼ ବିଶ୍ୱାସ ଥିବା ସେ ପ୍ରକାଶ କରିଛନ୍ତି।



"ପଡ଼ୋଶୀ ୟୁକ୍ରେନ୍ ଉପରେ ଆକ୍ରମଣ ପାଇଁ ଋଷିଆ ବାହାନା ଖୋଜୁଛି। କିଛିଦିନ ମଧ୍ୟରେ ଆକ୍ରମଣ କରିବା ନେଇ ଯଥେଷ୍ଟ ଆଶଙ୍କା ରହିଛି। ଋଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ସହ ତତ୍କାଳ ଆଲୋଚନାର ଯୋଜନା ନାହିଁ।

-ଜୋ ବାଇଡେନ୍, ଆମେରିକା ରାଷ୍ଟ୍ରପତି

# ବ୍ରାଜିଲରେ ବନ୍ୟା, ଭୂସ୍ଖଳନ: ଶତାଧିକ ମୃତ

**ପେଟ୍ରୋପୋଲିସ,୧୭।୨**



ବ୍ରାଜିଲର ପେଟ୍ରୋପୋଲିସ ସହରରେ ପ୍ରବଳ ବର୍ଷାଜନିତ ବନ୍ୟା ଓ ଭୂସ୍ଖଳନରେ ଶତାଧିକ ଲୋକଙ୍କ ମୃତ୍ୟୁ ଘଟିଛି। ରିଓ ଡି ଜେନିରୋ ଉତ୍ତରରେ ପାର୍ବତ୍ୟାଞ୍ଚଳରେ ଅବସ୍ଥିତ ଏହି ସହରରେ ପ୍ରବଳ ବର୍ଷା ଲାଗିରହିବା ଫଳରେ ଶହ ଶହ ଘର ଭାଙ୍ଗିଯାଇଛି। ବନ୍ୟାପାଣି ସ୍ରୋତରେ କାର୍‌ଗୁଡ଼ିକ ଭାସିଯାଇଛି। ଭୂସ୍ଖଳନ ଯୋଗୁ କାଦୁଅ ତଳେ ଅନେକ ଲୋକ ନିଖୋଜ ହୋଇଯାଇଥିବାରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଗୁରୁବାର ଅପରାହ୍ନ ସୁଦ୍ଧା ୨୪ ଜଣଙ୍କୁ ଜୀବନ୍ତ ଉଦ୍ଧାର କରାଯାଇଥିବାବେଳେ ୯୪ ଜଣଙ୍କ ମୃତ୍ୟୁ ଘଟିଥିବା ବ୍ରାଜିଲ ନ୍ୟାଶନାଲ ସିଭିଲ ଡିଫେନ୍ସ ପକ୍ଷରୁ କୁହାଯାଇଛି। ଆହୁରି ୩୫ ଜଣ ନିଖୋଜ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ସୋସିଆଲ ମିଡିଆରେ ଶେୟାର ହୋଇଥିବା ଭିଡିଓରୁ ଉକ୍ତ ଅଞ୍ଚଳରେ ଅନେକ ଘର କାଦୁଅରେ ପୋତି ହୋଇପଡ଼ିବା ସହ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଦେଖିବାକୁ ମିଳିଛି।

ଅଚାନକ ବନ୍ୟା ଓ ଭୂସ୍ଖଳନ ଯୋଗୁ ପ୍ରାୟ ଯୁଦ୍ଧ ଭଳି ସ୍ଥିତି ସୃଷ୍ଟି ହୋଇଛି। କାରଗୁଡ଼ିକ ଖୁଣ୍ଟରେ ଝୁଲୁଥିବା ଦେଖାଯାଇଛି। ଅନେକ ଅଞ୍ଚଳରେ କାଦୁଅ ମାଡ଼ିଯାଇଛି ବୋଲି ରିଓ ଡି ଜେନିରୋ ଗଭର୍ନର କ୍ଲାଉଡିଓ କାଷ୍ଟ୍ରୋ କହିଛନ୍ତି। ପାର୍ବତ୍ୟାଞ୍ଚଳରେ ଅବସ୍ଥିତ ପେଟ୍ରୋପୋଲିସ ଏକ ପର୍ଯ୍ୟଟନ କ୍ଷେତ୍ର। ଊନବିଂଶ ଶତାବ୍ଦୀରେ ଏହା ବ୍ରାଜିଲ୍ ରାଜପ୍ରାସାଦକୁ ଗ୍ରୀଷ୍ମକାଳୀନ ଦ୍ୱାରଦେଶ ଭାବେ ବ୍ୟବହାର କରାଯାଉଥିଲା। ତେବେ ମାତ୍ର ୩ ଘଣ୍ଟାର ବର୍ଷା ସେଠାରେ ବିପର୍ଯ୍ୟୟ ସୃଷ୍ଟି କରିଛି। ଭୂସ୍ଖଳନରେ ୮୦ ଘର ଧ୍ୱଂସ ହୋଇଯାଇଛି। ବର୍ଷାଜଳ ପ୍ରବଳ ବେଗରେ ମାଡ଼ିଆସିଥିଲା। କୋଭିଡ୍ ମହାମାରୀରେ ଜୀବନ ଦୁର୍ବିଷହ ହୋଇପଡ଼ିଥିବାବେଳେ ଏହି ବନ୍ୟା ବିପର୍ଯ୍ୟୟ ଦୁଃଖକୁ ଆହୁରି ବଢ଼ାଇ ଦେଇଛି ବୋଲି ଜଣେ ସ୍ଥାନୀୟ ଦୋକାନୀ କହିଛନ୍ତି। ଘରଦ୍ୱାର ହରାଇଥିବା ୩୦୦ରୁ ଉର୍ଦ୍ଧ୍ୱ ବିପନ୍ନଙ୍କୁ ବିଭିନ୍ନ ସ୍କୁଲ୍ ଓ ଆଶ୍ରୟ ସ୍ଥଳରେ ରଖାଯାଇଛି। ଦାତବ୍ୟ ଅନୁଷ୍ଠାନଗୁଡ଼ିକ ସେମାନଙ୍କୁ ଖାଦ୍ୟ, ବସ୍ତ୍ର ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇ ଦେଇଛନ୍ତି। ସହରର ମେୟର ଜରୁରୀ ସ୍ଥିତି ଘୋଷଣା କରିଥିବାବେଳେ ଋଷିଆ ଗସ୍ତରେ ଥିବା ବ୍ରାଜିଲ ରାଷ୍ଟ୍ରପତି ଜାଏର ବୋଲସୋନାରୋ ବିପନ୍ନଙ୍କୁ ତୁରନ୍ତ ସହାୟତା ଯୋଗାଇ ଦିଆଯିବ ବୋଲି କହିଛନ୍ତି।

# ନିଖୋଜର ୨ ବର୍ଷ ପରେ ଗୁପ୍ତ କୋଠରିରୁ ଶିଶୁ ଉଦ୍ଧାର

**ମା' ବାପାଙ୍କ ନାଁରେ ଅପହରଣ ମାମଲା**

**ନ୍ୟୁୟର୍କ, ୧୭।୨:** ନ୍ୟୁୟର୍କରେ ଆଶ୍ଚର୍ଯ୍ୟ କରିଦେବା ଭଳି ଏକ ଖବର ସାମ୍ନାକୁ ଆସିଛି। ୨ ବର୍ଷ ହେଲା ଜଣେ ୬ ବର୍ଷର ଶିଶୁ କନ୍ୟା ନିଖୋଜ ଥିବାବେଳେ ପୋଲିସ ସୋମବାର ରାତିରେ ତାଙ୍କୁ ନ୍ୟୁୟର୍କର ହୁଡ୍‌ସନ୍ ଭ୍ୟାଲିରେ ଏକ ଗୁପ୍ତ କୋଠରିରୁ ସୁରକ୍ଷିତ ଅବସ୍ଥାରେ ଉଦ୍ଧାର କରିଛି। କାୟୁଗା ହାଇଟ୍‌ସର ପୂର୍ବରେ ପ୍ରାୟ ୨୧୦ କି.ମି. ଦୂରରେ ଥିବା ଏକ ଶିଡ଼ି ଘର ତଳେ ଛୋଟ, ଅନ୍ଧାରିଆ ତଥା ଥଣ୍ଡା ଘରେ ଶିଶୁକନ୍ୟା ଜଣକୁ ତାଲା ପକାଇ ରଖାଯାଇଥିଲା। ପୈସ୍‌ଲି ଶୁଲ୍‌ଟିସ୍ ୨୦୧୯ ଜୁଲାଇରେ ସମାନ ସ୍ଥାନରୁ ନିଖୋଜ ହୋଇଥିଲେ। ପୈସଲିଙ୍କ ଜନ୍ମକଲା ମା'ବାପା ତାଙ୍କ ହେପାଜତ ହରାଇବା ପରେ ସେମାନେ ହିଁ ତାଙ୍କୁ ଅପହରଣ କରିଥିବା ପୋଲିସ ସନ୍ଦେହ କରିଥିଲା। ଏବେ ଶିଶୁଙ୍କୁ ତାଙ୍କ ଆଇନଗତ ମାତାପିତାଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ପୈସଲିଙ୍କ ଜନ୍ମକଲା ମା' ବାପା ଏବଂ ଜେଜେଙ୍କ ନାଁରେ ମାମଲା ରୁଜୁକରିଛି।

# କୂଅର ଦୁର୍ବଳ ସ୍ଲାବ୍ ନେଲା ୧୩ ଜୀବନ

**ଲକ୍ଷ୍ନୌ,୧୭।୨:** ଉତ୍ତର ପ୍ରଦେଶ କୁଶୀନଗରସ୍ଥିତ ନିବୁଆ ନାଉରଙ୍ଗିଆ ଗ୍ରାମରେ ଏକ କୂଅର ଦୁର୍ବଳ ସ୍ଲାବ୍ ଯୋଗୁ ୭ ମହିଳାଙ୍କ ସମେତ ୧୩ ଜଣଙ୍କ ଜୀବନ ଯାଇଛି। ବୁଧବାର ଏହି ଗ୍ରାମର ପରମେଶ୍ୱର କୁଶୱାହଙ୍କ ପୁଅ ବାହାଘର ଚାଲିଥାଏ। ରାତି ୯ଟା ୩୦ରେ ହଳଦୀ ରସମ ପାଇଁ ଏକ କୂଅ ନିକଟରେ ଏକାଧିକ ମହିଳା ଏକାଠି ହୋଇଥିଲେ। ନାଚଗୀତର ଆସର ଜମିଥିଲା। କୂଅର ଦୁର୍ବଳ ସ୍ଲାବ ଉପରେ କେତେଜଣ ମହିଳା ଛିଡ଼ା ହେବାରୁ ସ୍ଲାବ୍ ଭାଙ୍ଗିଯାଇଥିଲା। ଫଳରେ ମହିଳାମାନେ ଗଭୀର କୂଅ ଭିତରେ ଖସିପଡ଼ିଥିଲେ। ଘଟଣାସ୍ଥଳରେ ୧୧ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଚିକିତ୍ସାଧୀନ ଅବସ୍ଥାରେ ୨ ଜଣ ଆଖି ବୁଜିଦେଇଥିଲେ। ଏ ନେଇ ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକବ୍ୟକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମୃତକଙ୍କ ସମ୍ପର୍କୀୟଙ୍କୁ ସମବେଦନା ଜଣାଇ ପରିବାର ପିଛା ୪ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି।



# ପୂର୍ବତନ ଏନ୍‌ଏସ୍‌ଇ ସିଇଓଙ୍କ ଘରେ ଆୟକର ଚଢ଼ାଉ

**ମୁମ୍ବାଇ,୧୭।୨**

ନ୍ୟାଶନାଲ ଷ୍ଟକ୍‌ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଚିତ୍ରା ରାମକ୍ରିଷ୍ଣାଙ୍କ ବାସଭବନରେ ଗୁରୁବାର ଆୟକର ବିଭାଗ ଅଧିକାରୀମାନେ ଚଢ଼ାଉ କରିଛନ୍ତି। ୨୦୧୬ରେ ଏନ୍‌ଏସ୍‌ଇରୁ ଇସ୍ତଫା ଦେଇଥିବା ଚିତ୍ରା ବହୁ ବେଆଇନ କାର୍ଯ୍ୟରେ ସାମିଲ ଥିବା ଜଣାପଡ଼ିଥିଲା। ତାଙ୍କ ବିରୋଧରେ ସେବି (ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ) ୩ କୋଟି ଟଙ୍କାର ଜରିମାନା ଲଗାଇଥିଲା।

ହିମାଳୟରେ ରହୁଥିବା ଜଣେ ସନ୍ଥ ତାଙ୍କୁ ଏନ୍‌ଏସ୍‌ଇ ସମ୍ପର୍କରେ ନିର୍ଦ୍ଦେଶ ଦେବା ସହ ବାର୍ତ୍ତା ପଠାଉଥିଲେ ବୋଲି ଚିତ୍ରା ପୂର୍ବରୁ କହିଥିଲେ। ଉକ୍ତ ଯୋଗୀଙ୍କ ସହ ଏନ୍‌ଏସ୍‌ଇର ପୂର୍ବତନ ସିଇଓ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ବିନିମୟ କରିଥିବା ଅଭିଯୋଗ ହୋଇଛି। ସେ ଏନ୍‌ଏସ୍‌ଇର ସାଂଗଠନିକ ଢାଞ୍ଚା, ଡିଭିଡେଣ୍ଡ ସ୍ଥିତି, ଆର୍ଥିକ ଫଳାଫଳ, ମାନବସମ୍ବଳ ନୀତି ଓ ଅନ୍ୟାନ୍ୟ ଆନୁଷଙ୍ଗିକ ତଥ୍ୟ ଉକ୍ତ ଯୋଗୀଙ୍କୁ ପ୍ରଦାନ କରିଥିଲେ। ୨୦୧୪ରୁ ୨୦୧୬ ମଧ୍ୟରେ ସେ rigyajursama@outlook.comକୁ ଇ-ମେଲ୍ ପଠାଇଥିଲେ। ଉକ୍ତ ଯୋଗୀ ଜଣକ ଆନନ୍ଦ ସୁବ୍ରମଣ୍ୟନ ବୋଲି ବିଶ୍ୱାସ କରାଯାଉଛି। ତାଙ୍କୁ ଚିତ୍ରା ଏନ୍‌ଏସ୍‌ଇକୁ ଆଣିଥିଲେ ବୋଲି ଜଣାପଡ଼ିଛି। ଉପରୋକ୍ତ ଇ-ମେଲ୍ ଆଇଡି ସହ ଯୋଗୀ ସମ୍ପୃକ୍ତ ଥିଲେ। ସୁବ୍ରମଣ୍ୟନ୍ ୨୦୧୩ରୁ ୨୦୧୫ ମଧ୍ୟରେ ଏନ୍‌ଏସ୍‌ଇରେ ଚିଫ୍ ଷ୍ଟ୍ରାଟେଜିକ୍ ଆଡଭାଇଜର ଥିଲେ। ପୂର୍ବରୁ ବାଲମେର ଏବଂ ଲୟରିର ମ୍ୟାନେଜର ଭାବେ କାର୍ଯ୍ୟ କରୁଥିବା ସୁବ୍ରମଣ୍ୟନଙ୍କର ପୁଞ୍ଜି ବଜାର ଉପରେ ଅଭିଜ୍ଞତା ନ ଥିଲା। କିନ୍ତୁ ତାଙ୍କର ବାର୍ଷିକ ବେତନକୁ ୧୫ ଲକ୍ଷରୁ ୧.୬୮ କୋଟିକୁ ବଢ଼ାଇ ଦିଆଯାଇଥିଲା। ୨୦୧୭ରେ ଏହି ବେତନ ପରିମାଣ ୪.୨୧ କୋଟିରେ ପହଞ୍ଚିଥିଲା। ଏନ୍‌ଏସ୍‌ଇରେ ଏହା ସର୍ବାଧିକ ବେତନ ବୃଦ୍ଧି ଥିଲା। ସୁବ୍ରମଣ୍ୟନଙ୍କ ମୁମ୍ବାଇ ଘର ଉପରେ ମଧ୍ୟ ଆୟକର ଚଢ଼ାଉ ହୋଇଛି।

ଅନ୍ୟପକ୍ଷରେ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ କାରବାର ଉପରେ ପ୍ରଧାନମନ୍ତ୍ରୀ ଓ ଅର୍ଥମନ୍ତ୍ରୀଙ୍କ ନୀରବତାକୁ ନେଇ ଗୁରୁବାର କଂଗ୍ରେସ ପ୍ରଶ୍ନ ଉଠାଇଛି। ଚିତ୍ରା ଯୋଗୀଙ୍କ ଦ୍ୱାରା ପରିଚାଳିତ ହେଉଥିଲେ ବୋଲି ସେବି କହିବା ପରେ ଏହା ଖବରର ଶିରୋନାମା ମଣ୍ଡନ କରିଥିଲା। ବାବା ଏନ୍‌ଏସ୍‌ଇକୁ ଚଳାଇବା ଖବର ଉପରେ ମୋଦି ସରକାର-ଅର୍ଥ ମନ୍ତ୍ରଣାଳୟ-କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ-ଏସ୍‌ଏଫ୍‌ଆଇଓ-ଏଫଆଇୟୁ-ସିବିଆଇ-ଇଡିର ନୀରବତା ନେଇ ଗତ ୧୫ ତାରିଖରେ କଂଗ୍ରେସ ସାଧାରଣ ସମ୍ପାଦକ ତଥା ମୁଖ୍ୟ ମୁଖପାତ୍ର ରଣଦୀପ୍ ସୁର୍ଜେୱାଲା ପ୍ରଶ୍ନ କରିଥିଲେ। ବହୁ ବିଳମ୍ବରେ ଆୟକର ବିଭାଗର ନିଦ ଭାଙ୍ଗିଛି। ଅର୍ଥ ଓ କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ ଅଭିଯୋଗକୁ ଖଣ୍ଡନ କରିଆସୁଛନ୍ତି। ୩୦୦ ଲକ୍ଷ କୋଟି ଟଙ୍କାର ବଜାର ପୁଞ୍ଜି ଥିବା ଏନ୍‌ଏସ୍‌ଇକୁ ଜଣେ ବାବା କିପରି ଦୂରରେ ରହି ନିୟନ୍ତ୍ରଣ କରୁଥିଲେ ବୋଲି କଂଗ୍ରେସ ନେତା ପ୍ରଶ୍ନ କରିଛନ୍ତି। ଏହି ବାବା ଏବେ କେଉଁଠି ଏବଂ ତାଙ୍କ ଆଇପି ଠିକଣାକୁ ବାହାର କରାଯାଇପାରିନାହିଁ କାହିଁକି ପ୍ରଧାନମନ୍ତ୍ରୀ ଓ ଅର୍ଥମନ୍ତ୍ରୀ ଏହାର ଜବାବ ଦିଅନ୍ତୁ ବୋଲି ସୁର୍ଜେୱାଲା କହିଥିଲେ।

**ସିବିଆଇ, ଇଡି ନୀରବ କାହିଁକି: କଂଗ୍ରେସ**



ଚିତ୍ରା ରାମକ୍ରିଷ୍ଣା

# ପଞ୍ଜାବ ମୁଖ୍ୟମନ୍ତ୍ରୀଙ୍କ ନାଁରେ ମାମଲା

ଫାଜିଲକା/ମୁଜାଫରପୁର,୧୭।୨

ରବିବାର ହେବାକୁ ଥିବା ପଞ୍ଜାବ ବିଧାନସଭା ନିର୍ବାଚନ ପ୍ରଚାର ବେଳେ ମୁଖ୍ୟମନ୍ତ୍ରୀ ଚରଣଜିତ୍ ସିଂ ଚନ୍ନି ବିବାଦୀୟ ମନ୍ତବ୍ୟ ଦେଇ ଫସିଛନ୍ତି। ଉତ୍ତର ପ୍ରଦେଶ ଓ ବିହାରରୁ ଆସିଥିବା ପ୍ରବାସୀମାନଙ୍କୁ ପଞ୍ଜାବରେ ଶାସନ କରିବାକୁ ଦିଆଯିବ ନାହିଁ ବୋଲି ବୁଧବାର ଚନ୍ନି ଏକ ରୋଡ୍ ଶୋ'ରେ କହିଥିଲେ। ଏହାକୁ ନେଇ ୟୁପି ଏବଂ ବିହାରରେ ଉଦ୍‌ବେଗ ପ୍ରକାଶ ପାଇଛି। ବିହାରର ମୁଜାଫରପୁରରେ ସାମାଜିକ କର୍ମୀ ତମନ୍ନା ହାସ୍‌ମି ବିଚାର ବିଭାଗୀୟ ମୁଖ୍ୟ ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟରେ ମାମଲା ରୁଜୁ ପାଇଁ ପିଟିଶନ ଦାଏର କରିଛନ୍ତି। ଚନ୍ନିଙ୍କ ମନ୍ତବ୍ୟ ପଞ୍ଜାବରେ ରହୁଥିବା ବିହାରୀମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଥିବା ସେ ଏଥିରେ ଦର୍ଶାଇଛନ୍ତି।

ପଞ୍ଜାବ ମୁଖ୍ୟମନ୍ତ୍ରୀଙ୍କ ବିବାଦୀୟ ମନ୍ତବ୍ୟକୁ ନେଇ ରାଜନୀତି ସରଗରମ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ପଞ୍ଜାବର ଏକ ନିର୍ବାଚନୀ ସଭାରେ ଏନେଇ ଚନ୍ନି ଓ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କୁ ଟାର୍ଗେଟ କରିଛନ୍ତି। ମୋଦି କହିଛନ୍ତି, ଦିଲ୍ଲୀରୁ ପଞ୍ଜାବକୁ ଆସିଥିବା ପରିବାର ମୁଖ୍ୟମନ୍ତ୍ରୀଙ୍କ ମାଲିକ। ଚନ୍ନି ଏଭଳି ମନ୍ତବ୍ୟ ଦେବାବେଳେ ମାଲିକାଣୀ ତାଳି ମାରୁଥିଲେ। ସନ୍ଥ ରବିଦାସ ୟୁପିର ବାରାଣସୀରେ ଜନ୍ମ ହୋଇଥିଲେ। ତାଙ୍କୁ ତୁମେ ପଞ୍ଜାବରୁ ହଟାଇପାରିବ କି ବୋଲି ମୋଦି ପ୍ରଶ୍ନ କରିଛନ୍ତି। ଇତିମଧ୍ୟରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସମେତ ଅନ୍ୟ କେତେଜଣ ନେତା କଂଗ୍ରେସକୁ ଟର୍ଗେଟ କରିଥିବାବେଳେ ଚନ୍ନି ଓ ପ୍ରିୟଙ୍କା ସଫେଇ ଦେଇଛନ୍ତି। ଚନ୍ନି ଏକ ଭିଡିଓ ଜାରି କରି କହିଛନ୍ତି, ସେ ବାହାରୁ ଆସିଥିବା ଆମ୍ ଆଦ୍‌ମୀ ପାର୍ଟିର ଅରବିନ୍ଦ କେଜ୍‌ରିୱାଲ, ଦୁର୍ଗେଶ ପାଠକ ଓ ସଞ୍ଜୟ ସିଂଙ୍କ ଭଳି ଲୋକଙ୍କ ଉଦ୍ଦେଶ୍ୟରେ ସେପରି କହିଥିଲେ। ତାଙ୍କ ମନ୍ତବ୍ୟକୁ ଭୁଲ୍ ଭାବେ ଉପସ୍ଥାପିତ କରି ଅଯଥା ବିବାଦ ସୃଷ୍ଟି କରାଯାଉଛି। ପ୍ରିୟଙ୍କା କହିଛନ୍ତି, ପଞ୍ଜାବକୁ କେବଳ ପଞ୍ଜାବୀମାନେ ଶାସନ କରିବା ଉଚିତ ବୋଲି ଚନ୍ନି କହିଥିଲେ। ୟୁପିର କେହି ସେଠାକୁ ଯାଇ ଶାସନ କରିବାକୁ ଆଗ୍ରହୀ ଥିବା ଭଳି ମନେହେଉନାହିଁ।


ଜଳନ୍ଧରରେ ସମାଜବାଦୀ ପାର୍ଟି କର୍ମୀମାନେ ଗୁରୁବାର ଏଆଇସିସି ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଓ ପଞ୍ଜାବ ମୁଖ୍ୟମନ୍ତ୍ରୀ ଚରଣଜିତ୍ ସିଂ ଚନ୍ନିଙ୍କ କୁଶପୁତ୍ତଳିକା ଦାହ କରୁଛନ୍ତି।

### 'ଭୈୟେ' ମନ୍ତବ୍ୟ ବେଳେ ମାଲିକାଣୀ ତାଳି ମାରୁଥିଲେ: ମୋଦି

# ସବୁ କଥାରେ ନେହେରୁଙ୍କୁ ଦୋଷ ଦିଅନି

### ମୋଦିଙ୍କୁ ମନମୋହନଙ୍କ ଟାର୍ଗେଟ

ନୂଆଦିଲ୍ଲୀ,୧୭।୨

ଦେଶ ବେକାରି ଓ ଆର୍ଥିକ ମାନ୍ଦାବସ୍ଥା ଭଳି ଗମ୍ଭୀର ସମସ୍ୟା ଦେଇ ଗତି କରୁଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସବୁ କଥାରେ ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଉପରେ ଦୋଷ ଲଦୁଛନ୍ତି। ନେହେରୁଙ୍କୁ ପ୍ରତି କଥାରେ ଦାୟୀ କରିବା ଦୁର୍ଭାଗ୍ୟଜନକ ବୋଲି ଗୁରୁବାର ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ସମାଲୋଚନା କରିଛନ୍ତି।

ପଞ୍ଜାବ ବିଧାନସଭା ନିର୍ବାଚନ ପୂର୍ବରୁ ବରିଷ୍ଠ କଂଗ୍ରେସ ନେତା ମନମୋହନ ସିଂ ଏକ ଭିଡିଓ ଜାରି କରି ମୋଦିଙ୍କ ଉପରେ ବର୍ଷିଛନ୍ତି। ସେ କହିଛନ୍ତି, ଦେଶରେ ବେକାରି ସମସ୍ୟା ବଢ଼ିବାରେ ଲାଗିଛି। ଆର୍ଥିକ ସ୍ଥିତି ଜଟିଳ ହେଉଛି। ଏଭଳି ସମୟରେ ମୋଦି ଦେଶର ଦୁର୍ଗତି ପାଇଁ ନେହେରୁଙ୍କୁ ଦାୟୀ କରିବାରେ ଲାଗିଛନ୍ତି। ଦେଶର ଇତିହାସକୁ ତ୍ରୁଟିପୂର୍ଣ୍ଣ କହିବା ପ୍ରତିବଦଳରେ ମୋଦି ପ୍ରଧାନମନ୍ତ୍ରୀ ଆସନର ଗରିମା ରକ୍ଷା ପୂର୍ବକ ଏହାର ଉଚିତ୍ ବିନିଯୋଗ କରନ୍ତୁ। କଂଗ୍ରେସ କେବେ ବିଭାଜିତ ହୋଇନାହିଁ। ରାଜନୈତିକ ଫାଇଦା ଲାଗି ଦଳ ଜନତାଙ୍କ ଆଗରେ ସତ୍ୟକୁ ଲୁଚାଇନାହିଁ ବୋଲି ମନମୋହନ କହିଛନ୍ତି। ଏହି ଅବସରରେ ସେ ତାଙ୍କର ୧୦ ବର୍ଷ ଶାସନକାଳରେ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ଅବତାରଣା କରିଛନ୍ତି। ସେ ଦେଶର ମର୍ଯ୍ୟାଦାକୁ କେବେ ତଳକୁ ହେବାକୁ ଦେଇନାହାନ୍ତି। ବର୍ତ୍ତମାନର ସରକାର ନିଜ ସ୍ୱାର୍ଥ ପାଇଁ ସାଧାରଣ ଲୋକଙ୍କୁ ବ୍ୟବହାର କରୁଛନ୍ତି। ଦେଶର ଗୌରବମୟ ଇତିହାସକୁ ନେଇ ଅପପ୍ରଚାର କରିବାରେ ଲାଗିଛନ୍ତି। ଅର୍ଥନୀତି, ବହିର୍ବ୍ୟାପାର ନୀତି ସମ୍ବନ୍ଧରେ ସରକାରଙ୍କ କୌଣସି ଅଭିଜ୍ଞତା ନ ଥିବାବେଳେ ବାଧ୍ୟବାଧକତାରେ ଅନ୍ୟ ରାଷ୍ଟ୍ରମୁଖ୍ୟମାନଙ୍କୁ ଆଲିଙ୍ଗନ କରି ବିରିୟାନି ଖୁଆଇଦେଲେ ଭାରତର କିଛି ଲାଭ ନାହିଁ ବୋଲି ମନମୋହନ ସମାଲୋଚନା କରିଛନ୍ତି।


ମନମୋହନ ସିଂ

# କାର୍ଯ୍ୟାନୁଷ୍ଠାନ ନେବାରେ ନିର୍ବାଚନ କମିଶନ ବିଫଳ: କଂଗ୍ରେସ

**ନିର୍ବାଚନୀ ହିଂସା ପ୍ରସଙ୍ଗ**
- ଦୁଇ ଶାସକ ଦଳ ଦାୟୀ
- ମୁଖ୍ୟମନ୍ତ୍ରୀ ଗଣତନ୍ତ୍ରକୁ ହତ୍ୟା କରିଛନ୍ତି


ସୁରେଶ କୁମାର ରାଉତରାୟ

ଭୁବନେଶ୍ୱର,୧୭।୨(ବ୍ୟୁରୋ)

ମତଦାନ ଆରମ୍ଭରୁ ହିଁ ରାଜ୍ୟରେ ନିର୍ବାଚନୀ ହିଂସା ବଢ଼ିବାରେ ଲାଗିଛି। ଏଥିପାଇଁ ଦୁଇ ଶାସକ ଦଳ ବିଜେଡି ଓ ଭାଜପାକୁ ଦାୟୀ କରିଛି କଂଗ୍ରେସ। ରାଜ୍ୟ ନିର୍ବାଚନ କମିଶନ ଆଚରଣବିଧି ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ବିଫଳ ହୋଇଥିବା ଅଭିଯୋଗ କରିଛି।

କଂଗ୍ରେସ ଭବନରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି, ନିର୍ବାଚନୀ ପ୍ରଚାର ପାଇଁ ରାଜ୍ୟର ବିଭିନ୍ନ ଅଞ୍ଚଳ ଗସ୍ତ କରିବାବେଳେ ସେଠାରେ ବିଜେଡି ଓ ଭାଜପା ଖୋଲାଖୋଲି ଭାବେ ନିର୍ବାଚନ ଆଚରଣବିଧି ଉଲ୍ଲଂଘନ କରୁଥିବା ଦେଖାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କୁଶାସନ ପାଇଁ ଜନପ୍ରିୟତା ହରାଇଛନ୍ତି। ରାଜ୍ୟର ବିଭିନ୍ନ ସ୍ଥାନରେ ଶାସକ ଦଳ ଭୋଟ ଅପହରଣ କରିବାକୁ ବୋମାମାଡ଼, ଫାର୍ସାମାଡ଼ ଆଦି ହିଂସାକାଣ୍ଡ ଭିଆଇବା ଘଟଣାରୁ ସ୍ପଷ୍ଟ ହେଉଛି ଯେ, ମୁଖ୍ୟମନ୍ତ୍ରୀ ଏ ରାଜ୍ୟରେ ଗଣତନ୍ତ୍ରକୁ କ୍ରମାଗତ ଭାବେ ହତ୍ୟା କରିଚାଲିଛନ୍ତି। ମାତ୍ର ନିର୍ବାଚନ ଆୟୋଗ ଓ ପୋଲିସ ନୀରବଦ୍ରଷ୍ଟା ସାଜିଛନ୍ତି ବୋଲି ଅଭିଯୋଗ କରିଛନ୍ତି ବିଧାୟକ ରାଉତରାୟ।

# ନିର୍ବାଚନୀ ହିଂସାରେ ଶାସକ ଦଳ ସମ୍ପୃକ୍ତ: ଭାଜପା

ଭୁବନେଶ୍ୱର, ୧୭।୨(ବ୍ୟୁରୋ)


ଖବରଦାତା ସମ୍ମିଳନୀରେ ସମୀର ମହାନ୍ତି ଏବଂ ଅନ୍ୟ ନେତୃବୃନ୍ଦ।

ପଞ୍ଚାୟତ ନିର୍ବାଚନ ଆରମ୍ଭରୁ ରକ୍ତାକ୍ତ ସଂଘର୍ଷ ଘଟିଲାଣି। କେଉଁଠାରେ ଭୋଟ ବାକ୍ସ ହଡ଼ପ କରି ଲୋକେ ନେଇଗଲେ ତ କେଉଁଠି ଗୋଷ୍ଠୀ ସଂଘର୍ଷ ଘଟି ଲୋକ ଗୁରୁତର ହେଲେଣି। ରାଜ୍ୟର ବିଭିନ୍ନ ସ୍ଥାନରେ ଏପରି ଭୟାନକ ଚିତ୍ର ଦେଖିବାକୁ ମିଳିଥିବା ବେଳେ ଏଥିପାଇଁ ରାଜ୍ୟ ସରକାରଙ୍କୁ ସିଧାସଳଖ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ଟାର୍ଗେଟ କରିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସମୀର କହିଛନ୍ତି, ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ଭୋଟ ବୁଧବାର ଶେଷ ହୋଇଛି। ଏହି ନିର୍ବାଚନ ସମୟରେ ତଥା ପୂର୍ବରୁ ରାଜ୍ୟର ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ଘଟୁଥିବା ବେଳେ ଯେଉଁ ଚିତ୍ର ସାମ୍ନାକୁ ଆସିଛି ତାହା ଖୁବ୍ ହୃଦୟବିଦାରକ। ହିଂସାକାଣ୍ଡରେ ଶାସକ ଦଳ କର୍ମୀଙ୍କ ସିଧାସଳଖ ସମ୍ପୃକ୍ତି ରହିଛି। ସ୍ଥିତି ଏପରି ଭୟାନକ ହୋଇପଡୁଛି ଯେ, ଭୋଟରମାନେ ଭୋଟ ଦେବାକୁ ବୁଥ୍‌କୁ ଯିବାକୁ ମଧ୍ୟ ଡରୁଛନ୍ତି। ଯେଉଁଠି ଗଣମାଧ୍ୟମ ପ୍ରତିନିଧି ବିଜେଡି କର୍ମୀଙ୍କ ଆକ୍ରୋଶର ଶିକାର ହେଉଛନ୍ତି, ସେଠାରେ ସାଧାରଣ ଲୋକ କିପରି ସୁରକ୍ଷିତ ରହିବେ ବୋଲି ସମୀର ପ୍ରଶ୍ନ କରିଛନ୍ତି। ଗଣମାଧ୍ୟମ ପ୍ରତିନିଧି ଆକ୍ରୋଶର ଶିକାର ହେବା ଉଦ୍‌ବେଗଜନକ। ସେ ଆହୁରି କହିଛନ୍ତି, ରାଜ୍ୟରେ ଅରାଜକତା, ହିଂସା ଶୀର୍ଷରେ ପହଞ୍ଚିଛି। ଗତଥର ନିର୍ବାଚନ ସମୟରେ ବିଜେଡିର ରାଜନୈତିକ ହିଂସା ଯୋଗୁ ୧୩ଜଣଙ୍କ ମୃତ୍ୟୁ ହୋଇଥିଲା। ରାଜ୍ୟର ମୁଖିଆ ସାଢେ ୪ କୋଟି ଲୋକଙ୍କୁ ନୈତିକତାର ପାଠ ପଢ଼ାଇ ନିଜକୁ ଲଜ୍ଜିତ କରୁଛନ୍ତି। ସତ୍‌ସାହାସ ଥିଲେ ମୁକ୍ତ, ଅବାଧ, ନିରପେକ୍ଷ ନିର୍ବାଚନ କରିବା ନେଇ ରାଜନୈତିକ ଜବାବ ଦିଅନ୍ତୁ। ନିର୍ବାଚନ ଜିତିବା ଲାଗି କଳବଳ କୌଶଳ ଲଗାଇଥିବା ଶାସକ ଦଳ ସ୍ପଷ୍ଟ ଦିବାଲୋକରେ ଟଙ୍କା ବାଣ୍ଟୁଛନ୍ତି। ପାଟଣାଗଡ଼ରେ ବିଧାୟକଙ୍କ ଭାଇ ପୋଲିସ ଗାଡ଼ିରେ ବସି ଟଙ୍କା ବାଣ୍ଟିବା ଭିଡିଓ ମଧ୍ୟ ଭାଇରାଲ ହେଉଛି। ଏହାସହ ଡିଜିପି ଶାସକ ଦଳ କଥାରେ କାମ ନ କରି ବୁଥ୍‌ରେ ଲୋକଙ୍କୁ ସୁରକ୍ଷା ଦିଅନ୍ତୁ। ରାଜ୍ୟରେ ରାଜନୈତିକ ହିଂସା ପ୍ରସଙ୍ଗରେ ବିଜେଡି ଉତ୍ତର ରଖିବା ହାସ୍ୟାସ୍ପଦ ବୋଲି ସେ କହିଛନ୍ତି। ଏହାସହ ରାଜ୍ୟରେ ନାଗରିକଙ୍କ ମୌଳିକ ଅଧିକାର କିପରି କ୍ଷୁଣ୍ଣ ନ ହେବ ତା'ର ଉତ୍ତର ମୁଖ୍ୟମନ୍ତ୍ରୀ ରଖନ୍ତୁ ବୋଲି ସମୀର କହିଛନ୍ତି।

# ଭାଜପା ହିଂସାତ୍ମକ ରାଜନୀତି କରୁଛି: ସସ୍ମିତ ପାତ୍ର

ରାଉରକେଲା ଅଫିସ,୧୭।୨

ପଞ୍ଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ବିଜେଡି ମୁଖପାତ୍ର ଡ. ସସ୍ମିତ ପାତ୍ର ଗୁରୁବାର ରାଉରକେଲା ଗସ୍ତରେ ଆସି ଏକ ଖବରଦାତା ସମ୍ମିଳନୀରେ ସିଧାସଳଖ ଭାଜପାକୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି, ଭାଜପା ରାଜ୍ୟରେ ସର୍ବଦା ହିଂସାତ୍ମକ ରାଜନୀତି କରୁଛି। ପଞ୍ଚାୟତ ନିର୍ବାଚନ ହାରିବା ଭୟରେ ଉକ୍ତ ଦଳ ରାଜ୍ୟରେ ହିଂସାକୁ ପ୍ରଶ୍ରୟ ଦେଉଛି। ଯାହା ଅତି ନିନ୍ଦନୀୟ ଘଟଣା । ଗତ ବିଜେପୁର ଉପନିର୍ବାଚନ ସମୟରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଓ ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଇରାସିସ୍ ଆଚାର୍ଯ୍ୟଙ୍କ ଦ୍ୱାରା ହୋଇଥିବା ହିଂସାକାଣ୍ଡ ଘଟଣାକୁ ଲୋକେ ଭୁଲି ନାହାନ୍ତି। ବର୍ତ୍ତମାନ ଭାଜପାର କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ ସରକାରୀ ଅଧିକାରୀଙ୍କୁ ଆକ୍ରମଣ ଏବଂ ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମ ଜଣେ ମହିଳା କର୍ମୀଙ୍କ ପ୍ରତି ଦୁର୍ବ୍ୟବହାର କରିବା ଘଟଣା ନିନ୍ଦନୀୟ। ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଭାଜପା ରାଜ୍ୟର ବିଭିନ୍ନ ସ୍ଥାନରେ ହାରିବା ଭୟରେ ଏଭଳି କାର୍ଯ୍ୟକଳାପ କରୁଥିବା କଥା ପାତ୍ର ଦାବି କରିଛନ୍ତି। ବିଜେଡି ଅହିଂସା ଓ ଶାନ୍ତିପୂର୍ଣ୍ଣ ଭାବେ ରାଜନୀତି କରୁଥିବାବେଳେ ଭାଜପା ହିଂସାତ୍ମକ ମନୋଭାବ ଛାଡ଼ି ସ୍ୱଚ୍ଛ, ସଦ୍‌ଭାବ ନେଇ ରାଜନୀତି କରିବାକୁ ପାତ୍ର ଆହ୍ୱାନ ଦେଇଛନ୍ତି।


ଖବରଦାତା ସମ୍ମିଳନୀରେ ସସ୍ମିତ ପାତ୍ର।

# ଷୋଳମପୁରରେ ନିର୍ବାଚନୀ ହିଂସା, ୫ ଆହତ

ଭଣ୍ଡାରିପୋଖରୀ,୧୭।୨(ଡି.ଏନ.ଏ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ଷୋଳମପୁର ଗ୍ରାମରେ ବୁଧବାର ରାତିରେ ଘଟିଥିବା ନିର୍ବାଚନୀ ହିଂସାରେ ୪ଜଣ ଆହତ ହୋଇଛନ୍ତି। କିଛି ବାଇକ୍, ଦୋକାନ ଘର ଓ କ୍ଲବ ଘରର ଆସବାବ ପତ୍ର ଭାଙ୍ଗି ଯାଇଥିବା ମଧ୍ୟ ସୂଚନା ମିଳିଛି।

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଗ୍ରାମର ୧ନଂ. ୱାର୍ଡ ସଭ୍ୟା ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥିନୀଙ୍କ ସ୍ୱାମୀ ଅଜୟ ରାଉତଙ୍କ ଉପରେ ଗୋଟିଏ ଗୋଷ୍ଠୀ ଆକ୍ରମଣ କରିଥିଲେ। ଖବର ପାଇ ବିପକ୍ଷ ଗୋଷ୍ଠୀର ସମର୍ଥକମାନେ ପହଞ୍ଚି ପ୍ରତି ଆକ୍ରମଣ କରିଥିଲେ। ଏଥିରେ ୪ଜଣ ଆହତ ହୋଇ ଯାଜପୁର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏହି ଘଟଣାରେ ପୋଲିସ ଜଣକୁ ଥାନାକୁ ନେଇ ଅଟକ ରଖିଛି। ଏ ସମ୍ପର୍କରେ ଥାନାରେ ଏକାଧିକ ଅଭିଯୋଗ ହୋଇଥିଲେ ମଧ୍ୟ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ମାମଲା ରୁଜୁ ହୋଇ ନ ଥିଲା। ଗ୍ରାମରେ ଉତ୍ତେଜନା ଲାଗି ରହିଛି।

# କୂଅରୁ ମିଳିଲା ବାଲଟ ବକ୍ସ, ୬ ଗିରଫ

ଢେଙ୍କାନାଳ ଅଫିସ, ୧୭।୨

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ନିହଲପ୍ରସାଦ ପଞ୍ଚାୟତରେ ପ୍ରଥମ ପର୍ଯ୍ୟାୟ ମତଦାନ ବେଳେ ବୁଥ୍ ଜବରଦଖଲ ମାମଲାରେ ପୋଲିସ ଦୁଇଗୋଷ୍ଠୀର ୬ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ନିହଲପ୍ରସାଦର ସିଲୁ ସାହୁ, ମାନସ ସାହୁ, ସୁଧାଂଶୁ ଧଳ, ସନ୍ଦୀପ ଜେନା, ଅବନ୍ତୀ ଜେନା ଓ ବସନ୍ତ ସାହୁ। ସେହିପରି ୧୧ନଂ. ବୁଥ୍‌ରୁ ଲୁଟ୍ ହୋଇଥିବା ଗୋଟିଏ ବାଲଟ୍ ବକ୍ସକୁ ସ୍ଥାନୀୟ କୂଅରୁ ପୋଲିସ ଜବତ କରିଛି। ଅବନ୍ତୀ ବୁଥ୍‌ରୁ ଭୋଟ ବାକ୍ସ ଉଠାଇ ନେଇଥିବା ସ୍ପଷ୍ଟ ହୋଇଛି। ଏ ନେଇ ନଂ. ୫୮/୨୨ରେ ଏକ ମାମଲା ରୁଜୁ କରାଯାଇଥିବା ସଦର ଏସ୍‌ଡିପିଓ ବିକାଶ ଚନ୍ଦ୍ର ବେଉରା ସୂଚନା ପ୍ରଦାନ କରିଛନ୍ତି। ଅନ୍ୟପଟେ ୨, ୬, ୭ ଏବଂ ୧୧ନଂ. ବୁଥ ଜବରଦଖଲ ସମ୍ପର୍କରେ ଜିଲାପାଳ ସରୋଜ କୁମାର ସେଠୀ ରାଜ୍ୟ ନିର୍ବାଚନ କମିଶନଙ୍କୁ ଜଣାଇଛନ୍ତି। ଫଳରେ ସମ୍ପୃକ୍ତ ୪ ବୁଥ୍‌ରେ ପୁନଃ ମତଦାନ ହେବାର ସମ୍ଭାବନା ରହିଛି।

ସୂଚନାଯୋଗ୍ୟ, ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ବେଳେ ନିହଲପ୍ରସାଦ ପଞ୍ଚାୟତରେ ରାଜନୈତିକ ହିଂସାକାଣ୍ଡ ଘଟିଥିଲା। ଦୁଇ ଗୋଷ୍ଠୀ ମଧ୍ୟରେ ଭୋଟ ଗ୍ରହଣ କେନ୍ଦ୍ରରେ ବିବାଦୀୟ ପରିସ୍ଥିତି ଉଗ୍ରରୂପ ନେଇଥିଲା। ପରବର୍ତ୍ତୀ ସମୟରେ ୨, ୬, ୭ ଓ ୧୧ନଂ. ବୁଥ୍‌କୁ ଜବରଦଖଲ କରାଯାଇଥିବା ଅଭିଯୋଗ ହୋଇଥିଲା। ଅଭିଯୁକ୍ତଙ୍କ ଆକ୍ରମଣରେ ୧୧ନଂ. ବୁଥ୍‌ର ପୋଲିଂ ଅଫିସର ପୂର୍ଣ୍ଣଚନ୍ଦ୍ର ରାଉଳ ଆହତ ହୋଇଥିଲେ।

# ନିର୍ବାଚନ କମିଶନଙ୍କୁ ଫେରାଦ ହେଲେ ୩ ଦଳ

ଭୁବନେଶ୍ୱର,୧୭।୨(ବ୍ୟୁରୋ)

**ମତଦାନବେଳେ ହିଂସା ଓ ଅନିୟମିତତା**

ବୁଧବାର ପ୍ରଥମ ପର୍ଯ୍ୟାୟ ମତଦାନ ସମୟରେ ଘଟିଥିବା ହିଂସା, ଆଚରଣବିଧି ଉଲ୍ଲଂଘନ ଓ ଅନିୟମିତତାକୁ ନେଇ ଗୁରୁବାର ରାଜ୍ୟର ୩ ପ୍ରମୁଖ ଦଳ ଭାଜପା, କଂଗ୍ରେସ ଓ ବିଜେଡି ନିର୍ବାଚନ କମିଶନଙ୍କ ନିକଟରେ ଫେରାଦ ହୋଇଛନ୍ତି। ୩ ଦଳର ପ୍ରତିନିଧି ମଣ୍ଡଳୀ କମିଶନର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କୁ ଭେଟି ପରସ୍ପର ବିରୋଧରେ ଅଭିଯୋଗ କରିବା ସହ ହିଂସାରେ ସମ୍ପୃକ୍ତ ନେତା ଓ କର୍ମୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଘଟଣା ପାଇଁ ଭାଜପା ଓ ବିଜେଡି ପରସ୍ପରକୁ ଦୋଷାରୋପ କରୁଥିବାବେଳେ କଂଗ୍ରେସ ଉଭୟଙ୍କୁ ଦାୟୀ କରିଛି। ଭାଜପା ପରାଜୟ ଭୟରେ ହିଂସାକୁ ଆପଣାଉଥିବା ବିଜେଡି କହିଛି। ସେପଟେ ଶାସକ ବିଜେଡି ସରକାରୀ କଳକୁ ବ୍ୟବହାର କରି ଭୋଟଦାନକୁ ପ୍ରଭାବିତ କରୁଛନ୍ତି। ପ୍ରିଜାଇଡିଂ ଅଫିସର ଓ ପୋଲିସ ବିଜେଡିର କର୍ମୀ ଭଳି କାର୍ଯ୍ୟ କରୁଥିବା ଭାଜପା ଓ କଂଗ୍ରେସ ଅଭିଯୋଗ କରିଛନ୍ତି।

# ଶପଥ କରାଇ ଭୋଟ ମାଗିଲେ ବିଧାୟକଙ୍କ ପୁଅ

ମାଲକାନଗିରି,୧୭।୨(ଡି.ଏନ୍.ଏ.)

- ଜଙ୍ଗଲରେ ମେଳି କରାଇ ଆୟୋଜନ କରିଥିଲେ ଶପଥପାଠ
- ଘଟଣାର ତଦନ୍ତ କରାଯିବ: ବିଡିଓ
- ହାରିଯିବା ଭୟରେ ଭଗବାନଙ୍କ ଆଶ୍ରୟ ନେଇଛନ୍ତି: କଂଗ୍ରେସ

ଗଣତନ୍ତ୍ରିକ ରାଷ୍ଟ୍ରରେ ଭୋଟ ଦେବାର ଅଧିକାର ସମସ୍ତଙ୍କର ରହିଛି। ଜଣେ ଭୋଟର କୌଣସି ଚାପ କିମ୍ବା ଅର୍ଥ ଲୋଭର ବଶବର୍ତ୍ତୀ ନ ହୋଇ ନିଜ ଇଚ୍ଛାରେ ମନପସନ୍ଦର ପ୍ରାର୍ଥୀଙ୍କୁ ଭୋଟ ଦେବା ତାଙ୍କ ଅଧିକାର ରୂପେ ସ୍ୱୀକୃତ କରାଯାଇଛି। ଯଦି କେହି ଭୋଟରଙ୍କ ଉପରେ ଚାପ ପ୍ରୟୋଗ କରେ ତା'ହେଲେ ଜେଲଦଣ୍ଡ ଭୋଗିବା ଭଳି କଡ଼ା ନିୟମ ରହିଛି। ଏହା ସତ୍ତ୍ୱେ ଏହି ନିୟମକୁ ନିର୍ବାଚନରେ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଏପରି ଏକ ଚିତ୍ର ଏବେ ପଦାକୁ ଆସିଛି। ଚିତ୍ରକୋଣ୍ଡା ବିଧାୟକଙ୍କ ପୁଅ ମହେଶ ବାକା ଏହି ଆଇନର ଉଲ୍ଲଂଘନ କରି ତାଙ୍କୁ ଭୋଟ ଦେବାକୁ ଭୋଟରଙ୍କୁ ଶପଥପାଠ କରାଉଥିବା ଅଭିଯୋଗ ହୋଇଛି।

ଖବରରୁ ଜଣାପଡ଼ିଛି ଖଇରପୁଟ ବ୍ଲକ ବଡ଼ଦୁରାଲ ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ଭିକାରି କିର୍ସାନୀ ଓ ଅନ୍ୟ କେତେଜଣ ପ୍ରାର୍ଥୀଙ୍କୁ ଭୋଟ ଦେବାପାଇଁ ଜଙ୍ଗଲ ମଧ୍ୟରେ ମେଳି କରାଇ ବିଧାୟକଙ୍କ ପୁଅ ଶପଥ କରାଇଛନ୍ତି। ଯଦି ଏଥିରେ ସେମାନେ ଖିଲାପ କରନ୍ତି ଭଗବାନଙ୍କ ନିକଟରେ ଦଣ୍ଡିତ ହେବେ ବୋଲି ଲୋକଙ୍କୁ ଭୟଭୀତ କରାଇଛନ୍ତି। ଶୁକ୍ରବାର ଖଇରପୁଟ ବ୍ଲକରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ହେବାକୁ ଥିବାବେଳେ ନିର୍ବାଚନର କିଛି ଘଣ୍ଟା ପୂର୍ବରୁ ଏପରି ଶପଥପାଠ କାର୍ଯ୍ୟକ୍ରମ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଘଟଣାକୁ ନେଇ ବିରୋଧୀ ରାଜନୈତିକ ଦଳ ଏହାକୁ ଅସ୍ତ୍ର କରିବାକୁ ସୁଯୋଗ ପାଇଛନ୍ତି। ଏ ସଂକ୍ରାନ୍ତରେ ଖଇରପୁଟ ବିଡିଓ ତଥା ବ୍ଲକ ନିର୍ବାଚନ ଅଧିକାରୀ ହୃଦାନନ୍ଦ ସାହୁଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ତଦନ୍ତ କରାଯିବ। ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ହେଉଥିବା ପ୍ରମାଣିତ ହେଲେ ଆଇନ ଅନୁଯାୟୀ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସାହୁ କହିଥିଲେ। ଏ ସମ୍ପର୍କରେ କଂଗ୍ରେସ ଜିଲା ସଭାପତି ଗୋବିନ୍ଦ ପାତ୍ରଙ୍କୁ ପଚାରିବାରୁ ସେ କହିଲେ, ଶାସକ ଦଳ ନିଜର ବାହୁବଳ ଓ ଅର୍ଥବଳ ପ୍ରୟୋଗକରି ନିର୍ବାଚନ ବୈତରଣୀ ପାରହେବାକୁ ଚେଷ୍ଟା କରୁଛି। ଦଳ ହାରିଯିବା ଭୟ ଥିବାରୁ ଭଗବାନଙ୍କ ଆଶ୍ରୟ ନେଇ ଏପରି ଶପଥ ପାଠ କରାଉଛନ୍ତି ବୋଲି ସେ କହିଥିଲେ।


ଜଙ୍ଗଲରେ ଆୟୋଜିତ ହୋଇଥିବା ଶପଥପାଠ କାର୍ଯ୍ୟକ୍ରମ।

# ପୁରୁଣା ପ୍ରତିଦ୍ୱନ୍ଦ୍ୱୀ ସାଜିଲେ ଘାତକ

ଯାଜପୁର ଅଫିସ,୧୭।୨

- ବୁଥ୍ କ୍ୟାପ୍‌ଚରିଂ ଘଟଣାରେ ୨ ଗିରଫ
- ପୋଲିସର କୋହଳ କାର୍ଯ୍ୟାନୁଷ୍ଠାନ
- ୨୪ ମତଦାନ ଦିନ ତୁମୁଳକାଣ୍ଡ ଆଶଙ୍କା

ଯାଜପୁର ଜିଲା ବରୀ ନିର୍ବାଚନମଣ୍ଡଳୀରେ ବିଜେଡିରେ ଥିବା ଦୁଇ ପୁରୁଣା ପ୍ରତିଦ୍ୱନ୍ଦ୍ୱୀ ଚଳିତ ନିର୍ବାଚନରେ ଘାତକ ସାଜିଛନ୍ତି। ବୁଧବାର ଭୋଟ ଗ୍ରହଣ ବେଳେ ସଂଘଠିତ ନିର୍ବାଚନୀ ହିଂସା ଏହାର କାରଣ ବୋଲି ସବୁଠି ଚର୍ଚ୍ଚାର ବିଷୟ ହୋଇଛି। ବର୍ତ୍ତମାନର ବିଧାୟିକା ସୁନନ୍ଦା ଦାସ ଓ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଭାଜପାରୁ ଆସିଥିବା ବିଶ୍ୱରଞ୍ଜନ ମଲ୍ଲିକଙ୍କ ସମର୍ଥିତ ସରପଞ୍ଚ ପ୍ରାର୍ଥୀ ଓ ତାଙ୍କ ସମର୍ଥକଙ୍କ ମଧ୍ୟରେ ଏରବାଙ୍କ ପଞ୍ଚାୟତରେ ଉତ୍ତେଜନା ପ୍ରକାଶ ପାଇବା ସହ ବୋମାମାଡ଼, ବୁଥ କ୍ୟାପଚରିଂ, ଘରକୁ ପଶି ଆକ୍ରମଣ ଭଳି ହିଂସାକାଣ୍ଡ ଘଟିଥିଲା। ପୋଲିସ ଉପସ୍ଥିତିରେ ଏଭଳି କାଣ୍ଡ ଘଟିଛି। ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ରୁଦ୍ରପୁର ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ କରୁଣାକର ଆଚାର୍ଯ୍ୟ ଓ ତାଙ୍କ ସମର୍ଥକ ମଣିନାଥ ସାହୁଙ୍କୁ ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଏଥିରେ ସମ୍ପୃକ୍ତ ଏକାଧିକ ଅଭିଯୁକ୍ତଙ୍କୁ ଗିରଫ କରିବାରେ ଯାଜପୁର ସଦର ଥାନା ପୋଲିସ ଏଯାଏ ସଫଳ ହୋଇପାରିନାହିଁ । ଏହି କାରଣରୁ ବରୀ ବ୍ଲକରେ ଆସନ୍ତା ୨୪ ତାରିଖରେ ହେବାକୁ ଥିବା ପଞ୍ଚାୟତ ନିର୍ବାଚନରେ ଆହୁରି ତୁମୁଳକାଣ୍ଡ ହୋଇପାରେ ବୋଲି ସ୍ଥାନୀୟ ଜନସାଧାରଣ ଆଶଙ୍କା ପ୍ରକାଶ କରିଛନ୍ତି।

ଯାଜପୁର ବ୍ଲକର ୨୬ ପଞ୍ଚାୟତରେ ବୁଧବାର ପଞ୍ଚାୟତ ନିର୍ବାଚନ ସମ୍ପନ୍ନ ହୋଇଛି। ଏହି ବ୍ଲକର ଏରବାଙ୍କ, ସାହସପୁର, ସୁଜନପୁର, ଛତିଶଦେବିଲ, ରୁଦ୍ରପୁର, ସାନସୁଆର, ବଡସୁଆର ଓ ଝାଲପଡା ପଞ୍ଚାୟତ ବରୀ ନିର୍ବାଚନମଣ୍ଡଳୀ ଅଧୀନରେ ରହିଛି। ଏହି ପଞ୍ଚାୟତଗୁଡ଼ିକରେ ବରୀ ବିଧାୟିକା ସୁନନ୍ଦା ଦାସ ଓ ଅନ୍ୟତମ ବିଜେଡିର ପ୍ରଭାବଶାଳୀ ନେତା ବିଶ୍ୱରଞ୍ଜନ ମଲ୍ଲିକଙ୍କ ସମର୍ଥିତ ସରପଞ୍ଚ, ସମିତିସଭ୍ୟ ପ୍ରାର୍ଥୀ ରହିଛନ୍ତି। 'ଯିଏ ଜିତିବ ସେ ଆମର' ନୀତିରେ ବିଜେଡି ଏଠାରେ ରଣନୀତି ଚଳାଇଛି। ଏହି କାରଣରୁ ବୁଧବାର ପଞ୍ଚାୟତ ନିର୍ବାଚନରେ ବ୍ୟାପକ ହିଂସାକାଣ୍ଡ ଘଟିଥିବା କୁହାଯାଉଛି। ବିଶେଷକରି ଏରବାଙ୍କ ପଞ୍ଚାୟତରେ ୨ ସରପଞ୍ଚ ପ୍ରାର୍ଥୀ ଓ ପ୍ରାର୍ଥିନୀଙ୍କ ମଧ୍ୟରେ ଟଣାଓଟରା ହୋଇଛି। ୨ ଓ ୩ ନମ୍ବର ବୁଥ୍‌ରେ କ୍ୟାପଚରିଂ ହେବା ସହ ଗାଁ ଦାଣ୍ଡରେ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ମାର୍‌ପିଟ ହୋଇଥିଲା। ଏପରିକି ଏକ ଗୋଷ୍ଠୀ ବୋମାମାଡ଼ କରିଛନ୍ତି। ଇଟାପଥର ମାଡ଼ରେ ବହୁ ଲୋକ ଆହତ ହୋଇଛନ୍ତି। ସେତିକିରେ ଆକ୍ରମଣକାରୀମାନଙ୍କ ମନଶାନ୍ତି ହୋଇ ନ ଥିଲା। ସେମାନେ ଏଜେଣ୍ଟମାନେ ଲୁଚିଥିବା ଘରର କବାଟ ଝରକା ଭାଙ୍ଗିବା ସହିତ ସେଠାରେ ଥିବା ବାଇକ୍‌କୁ ଚୂରମାର କରିଦେଇଥିଲେ। କେବଳ ଏତିକି ନୁହଁ ଜଣେ ଗର୍ଭବତୀ ମହିଳାଙ୍କୁ ବି ସେମାନେ ଆକ୍ରମଣ କରିବାକୁ ପଛାଇ ନ ଥିଲେ। ଏ ସଂକ୍ରାନ୍ତରେ ଯାଜପୁର ସଦର ଥାନାରେ ଉଭୟ ଗୋଷ୍ଠୀ ପକ୍ଷରୁ ଅଭିଯୋଗ ହୋଇଛି।


ଏରବାଙ୍କ ବୋମାମାଡ଼ ସ୍ଥଳ।

## ସଂକ୍ଷେପରେ

### ଏସିଡ୍ ମାଡ଼ରେ ବାପ-ପୁଅ ଗୁରୁତର

**ଆସିକା,୧୭।୨(ଡି.ଏନ୍.ଏ.):** ଗଞ୍ଜାମ ଜିଲା ଆସିକା ଥାନା ଅନ୍ତର୍ଗତ ମାମୁଡ଼ିହ ଗ୍ରାମରେ ଗୁରୁବାର ରାତିରେ ଏସିଡ୍ ମାଡ଼ରେ ବାପ-ପୁଅ ଗୁରୁତର ହୋଇଛନ୍ତି। ସେମାନେ ହେଲେ ବିଶ୍ୱନାଥ ସାହୁ (୭୦) ଓ ତାଙ୍କ ପୁଅ ଅମର । ଉଭୟଙ୍କୁ ପ୍ରଥମେ ଆସିକା ଡାକ୍ତରଖାନା ଓ ପରେ ଅଧିକ ଚିକିତ୍ସା ଲାଗି ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି। ପାରିବାରିକ ସମ୍ପତ୍ତି ଭାଗବଣ୍ଟାକୁ ନେଇ ଏପରି ହୋଇଥିବା କୁହାଯାଉଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ଏନ୍ଏସି ଜମାଦାର ଗିରଫ



**ବରଗଡ଼ ଅଫିସ୍,୧୭।୨:** ବରଗଡ଼ ଜିଲା ପଦ୍ମପୁର ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍ଏସି) ଅଫିସରେ ଜମାଦାର ଭାବେ କାର୍ଯ୍ୟରତ ଦୀନବନ୍ଧୁ ପଣ୍ଡାଙ୍କୁ ବରଗଡ଼ ଭିଜିଲାନ୍ସ ଟିମ୍ ଗିରଫ କରିଛି। ଗୁରୁବାର ତାଙ୍କୁ ସମ୍ବଲପୁରସ୍ଥିତ ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଛି। ଏକ ମାମଲା (ନଂ.୫/୨୨) ରୁଜୁ ହୋଇଛି। ସୂଚନା ଅନୁସାରେ, ପଦ୍ମପୁର ଏନ୍ଏସି ଅଞ୍ଚଳର ସନ୍ତୋଷ ପୃଷ୍ଟିଙ୍କ ହୋଲ୍ଡିଂ ଟ୍ୟାକ୍ସ ରଫାଦଫା କରିବା ପାଇଁ ଦୀନବନ୍ଧୁ ୨୫ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ନେଇ ସନ୍ତୋଷ ବରଗଡ଼ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଯୋଜନା ମୁତାବକ, ଗୁରୁବାର ଦୀନବନ୍ଧୁ ତାଙ୍କ ଅଫିସ୍‌ରେ ଲାଞ୍ଚ ଟଙ୍କା ନେଉଥିବାବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିଥିଲା। ତାଙ୍କଠାରୁ ରାସାୟନିକ ପ୍ରଲେପଦିଆ ୨୫ହଜାର ଟଙ୍କା ଜବତ ହୋଇଛି। ଏହାସହିତ ଭିଜିଲାନ୍ସ ପକ୍ଷରୁ ପଦ୍ମପୁର ଥାନା ପଛପଟେ ଥିବା ଦୀନବନ୍ଧୁଙ୍କ ବାସଭବନରେ ମଧ୍ୟ ଚଢ଼ାଉ କରାଯାଇଛି।

### ସମ୍ବେଦନଶୀଳ ଅଞ୍ଚଳ ଫାଣ୍ଡିରେ ତାଲା

**ସଜନାଗଡ଼,୧୭।୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି ନିର୍ବାଚନମଣ୍ଡଳୀରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଦିନକୁ ଦିନ ସରଗରମ ହେବାରେ ଲାଗିଛି। ହିଂସାତ୍ମକ କାର୍ଯ୍ୟ, ଚୋରି, ଡକାୟତି କାର୍ଯ୍ୟରୁ ନିବୃତ୍ତ ରହିବା ସହ ଶାନ୍ତିଶୃଙ୍ଖଳାରେ ନିର୍ବାଚନ କରିବା ପାଇଁ ନୀଳଗିରି ପୋଲିସ ପକ୍ଷରୁ ବିଭିନ୍ନ ଗ୍ରାମରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ହେଲେ ଆଜକୁ ୪ଦିନ ଧରି ନୀଳଗିରି ଥାନା ଈଶ୍ୱରପୁର ଫାଣ୍ଡିରେ ତାଲା ଝୁଲୁଥିବା ଦେଖିବାକୁ ମିଳିଛି। ଏହି ଫାଣ୍ଡିରେ ଜଣେ ଫାଣ୍ଡି ଅଧିକାରୀ, ୪ଜଣ କନଷ୍ଟେବଲ କାର୍ଯ୍ୟ କରନ୍ତି। ଈଶ୍ୱରପୁର, କାଣ୍ଡଗରଡ଼ିହି, ଶ୍ୟାମସୁନ୍ଦରପୁର ପଞ୍ଚାୟତବାସୀ ଏହି ଫାଣ୍ଡି ଉପରେ ନିର୍ଭର କରିଥାନ୍ତି। ଏହି ଅଞ୍ଚଳରେ ଦୈନନ୍ଦିନ କିଛି ନା କିଛି ଘଟଣା, ଦୁର୍ଘଟଣା ଘଟିଥାଏ। ତତ୍‌ସହିତ ଏହି ଅଞ୍ଚଳକୁ ସମ୍ବେଦନଶୀଳ ଅଞ୍ଚଳ ବୋଲି ଘୋଷଣା କରାଯାଇଛି। ଆଉ ୪ ଦିନ ପରେ ପଞ୍ଚାୟତ ନିର୍ବାଚନ ହେବାକୁ ଥିବା ବେଳେ ଗତ ୧୪ ତାରିଖଠାରୁ ଫାଣ୍ଡିରେ ତାଲା ଝୁଲୁଥିବା ଦେଖାଯାଇଛି। ଅଭିଯୋଗ ପାଇଁ ଆସୁଥିବା ଲୋକେ ଫାଣ୍ଡି ଅଧିକାରୀଙ୍କୁ ନ ପାଇ ହନ୍ତସନ୍ତ ହେବା ସହ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଏ ସମ୍ପର୍କରେ ନୀଳଗିରି ଥାନା ଆଇଆଇସି ଦ୍ରୌପଦୀ ଦାସ କହିଛନ୍ତି, କର୍ମଚାରୀ ଅଭାବ ଥିବା ବେଳେ ନିର୍ବାଚନୀ କାର୍ଯ୍ୟରେ ସମସ୍ତ ଷ୍ଟାଫ୍ ଅନ୍ୟତ୍ର ଡ୍ୟୁଟିରେ ଯାଇଛନ୍ତି।

# ୪୫୮୪ ବୁଥ୍‌ରେ ହେବ ନିର୍ବାଚନ

## ପୌର ନିର୍ବାଚନ ପ୍ରସ୍ତୁତି



**ଭୁବନେଶ୍ୱର,୧୭।୨(ବ୍ୟୁରୋ)**

ପଞ୍ଚାୟତ ନିର୍ବାଚନ ଶେଷ ହେବା ପରେ ଏପ୍ରିଲରେ ରାଜ୍ୟରେ ପୌର ନିର୍ବାଚନ ଅନୁଷ୍ଠିତ ହେବ। ଏ ନେଇ ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ମଧ୍ୟ ବ୍ୟାପକ ପ୍ରସ୍ତୁତି ଚାଲିଛି। ୱାର୍ଡ ସୀମା ପୁନଃନିର୍ଦ୍ଧାରଣଠାରୁ ଆରମ୍ଭ କରି ସ୍ଥାନ ସଂରକ୍ଷଣ, ପ୍ରାର୍ଥୀଙ୍କ ନିର୍ବାଚନ ଖର୍ଚ୍ଚ, ଗାଡ଼ି ବ୍ୟବହାର ନେଇ ନିର୍ବାଚନ କମିଶନ ଘୋଷଣା କରି ସାରିଛନ୍ତି। ଆସନ୍ତା ପୌର ନିର୍ବାଚନରେ ମୋଟ ୫୯ ବିଜ୍ଞପିତ ଅଞ୍ଚଳ ପରିଷଦ (ଏନ୍ଏସି), ୪୮ ମ୍ୟୁନିସିପାଲିଟି ଏବଂ କଟକ, ଭୁବନେଶ୍ୱର ଓ ବ୍ରହ୍ମପୁର ମହାନଗର ନିଗମରେ ପୌର ନିର୍ବାଚନ ଅନୁଷ୍ଠିତ ହେବ ବୋଲି ରାଜ୍ୟ ନିର୍ବାଚନ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ୧୦୭ ଏନ୍ଏସି ଓ ମ୍ୟୁନିସିପାଲିଟିରେ ମୋଟ ୧୭୬୩ ୱାର୍ଡ ଏବଂ ୩ ମହାନଗର ନିଗମରେ ମୋଟ ୧୬୮ ୱାର୍ଡରେ ନିର୍ବାଚନ ହେବ। ଏନ୍ଏସି ଏବଂ ମ୍ୟୁନିସିପାଲିଟିର ୩୧୭୭ ବୁଥ୍ ଏବଂ ୩ ମହାନଗର ନିଗମର ୧୪୦୭ ବୁଥ୍‌ରେ ଭୋଟ ଗ୍ରହଣ କରାଯିବ। ୧୦୭ ଏନ୍ଏସି, ମ୍ୟୁନିସିପାଲିଟି ଓ ମହାନଗର ନିଗମରେ ଥିବା ମୋଟ ୧୯୩୧ଟି ୱାର୍ଡର ୪୫୮୪ ବୁଥ୍‌ରେ ମତଦାନ ହେବ।

କଟକ ଜିଲାର ଆଠଗଡ଼ ଏନ୍ଏସିର ୧୮ ୱାର୍ଡ ପାଇଁ ୧୮ ବୁଥ୍, ବାଙ୍କୀ ଏନ୍ଏସିର ୧୭ ୱାର୍ଡ ପାଇଁ ୧୮ ବୁଥ୍, ଚୌଦ୍ୱାର ମ୍ୟୁନିସିପାଲିଟିର ୧୯ ୱାର୍ଡ ପାଇଁ ୩୮ ବୁଥ୍ କରାଯାଇଛି। ସେହିପରି ଖୋର୍ଦ୍ଧା ଜିଲା ଜଟଣୀ ମ୍ୟୁନିସିପାଲିଟିର ୨୩ ୱାର୍ଡ ପାଇଁ ୫୪, ବାଲୁଗାଁ ଏନ୍ଏସିର ୧୧ ୱାର୍ଡ ପାଇଁ ୧୬, ବାଣପୁର ଏନ୍ଏସିର ୧୫ ୱାର୍ଡ ପାଇଁ ୧୭ଟି ବୁଥ୍ ରହିଛି। ପୁରୀ ଜିଲା କୋଣାର୍କ ଏନ୍ଏସିର ୧୩ ୱାର୍ଡ ପାଇଁ ୧୫ ଏବଂ ପୁରୀ ମ୍ୟୁନିସିପାଲିଟିର ୩୨ ୱାର୍ଡ ପାଇଁ ୧୩୫ ବୁଥ୍ କରାଯାଇଛି।

ସେହିପରି କଟକ ମହାନଗର ନିଗମର ୫୯ ୱାର୍ଡ ପାଇଁ ୪୫୨ ବୁଥ୍, ବ୍ରହ୍ମପୁର ମହାନଗର ନିଗମର ୪୨ ୱାର୍ଡ ପାଇଁ ୨୫୦ ବୁଥ୍ ଏବଂ ଭୁବନେଶ୍ୱର ମହାନଗର ନିଗମର ୬୭ ୱାର୍ଡର ୭୦୫ ବୁଥ୍‌ରେ ମତଦାନ ହେବ ବୋଲି ରାଜ୍ୟ ନିର୍ବାଚନ କମିଶନ ନିର୍ଦ୍ଦେଶନାମା ଜାରି କରିଛନ୍ତି।

ଆସନ୍ତା ପୌର ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ କମିଶନର କାଉନସିଲର, କର୍ପୋରେଟର, ଅଧ୍ୟକ୍ଷ ଓ ମେୟର ପ୍ରାର୍ଥୀମାନଙ୍କ ପ୍ରଚାର ସକାଶେ ଉପଯୋଗ ହେବାକୁ ଥିବା ଗାଡ଼ି ନିର୍ଦ୍ଧାରଣ କରିଛନ୍ତି। ମେୟର ପ୍ରାର୍ଥୀ ସର୍ବାଧିକ ୬ ଓ କର୍ପୋରେଟର ପ୍ରାର୍ଥୀ ସର୍ବାଧିକ ୨ଟି ଗାଡ଼ି ପ୍ରଚାର ନିମନ୍ତେ ଉପଯୋଗ କରିପାରିବେ ବୋଲି କମିଶନର ନିର୍ଦ୍ଦେଶ ଦେଇଛନ୍ତି। କାଉନସିଲର/କର୍ପୋରେଟର ପ୍ରାର୍ଥୀମାନେ ୩ ଚକିଆ ଓ ୪ ଚକିଆ ଗାଡ଼ିକୁ ମିଶାଇ ସର୍ବାଧିକ ୨ଟି ଗାଡ଼ି ବ୍ୟବହାର କରିପାରିବେ। ସେହିପରି ଏନ୍ଏସି ଓ ପୌର ପରିଷଦର ଅଧ୍ୟକ୍ଷ ପଦବୀ ପାଇଁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀ ସର୍ବାଧିକ ୪ଟି ତିନିଚକିଆ ଓ ଚାରିଚକିଆ ଗାଡ଼ି ବ୍ୟବହାର କରିପାରିବେ। ସେହିପରି ମହାନଗର ନିଗମର ମେୟର ପ୍ରାର୍ଥୀ ୩ ଚକିଆ ଓ ୪ ଚକିଆର ସର୍ବାଧିକ ୬ଟି ଗାଡ଼ି ଉପଯୋଗ କରିପାରିବେ। ସମ୍ପୃକ୍ତ ରାଜନୈତିକ ଦଳମାନେ ପ୍ରତ୍ୟେକ ମହାନଗର ନିଗମ ଓ ପୌର ପରିଷଦ ଅଞ୍ଚଳରେ ୨ଟି ଚାରିଚକିଆ ଗାଡ଼ି ଉପଯୋଗ କରିପାରିବେ ବୋଲି କମିଶନ ନିର୍ଦ୍ଦେଶ ଦେଇଛନ୍ତି।

# ରେଡ୍ ସ୍ୱସ୍ତିକ୍ ପକ୍ଷରୁ ନିଃଶୁଳ୍କ ଚିକିତ୍ସା ଶିବିର ଉଦ୍‌ଘାଟିତ



**ଭୁବନେଶ୍ୱର,୧୭।୨**

ସାମାଜିକ ଅନୁଷ୍ଠାନ ରେଡ୍ ସ୍ୱସ୍ତିକ୍ ସୋସାଇଟି (ଆର୍ଏସ୍ଏସ୍) ପକ୍ଷରୁ ରାଜ୍ୟରେ ପ୍ରଥମଥର ପାଇଁ ଆର୍ଥିକ ଅନଗ୍ରସର ଶ୍ରବଣ, ବାକ୍ ଶକ୍ତିବାଧିତ ବ୍ୟକ୍ତିମାନଙ୍କ ପାଇଁ ନିଃଶୁଳ୍କ ଚିକିତ୍ସା ଶିବିରର ଶୁଭାରମ୍ଭ କରାଯାଇଛି। ଉକ୍ତ ଶିବିର ଦ୍ୱାରା ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ଶ୍ରବଣ ଓ ବାକ୍‌ଶକ୍ତି ବାଧିତ ବ୍ୟକ୍ତିମାନେ ନିଜର କର୍ଣ୍ଣ ଓ ବାକ୍ ପରୀକ୍ଷା, ଅସ୍ତ୍ରୋପଚାର ଏବଂ କର୍ଣ୍ଣଯନ୍ତ୍ର ଇତ୍ୟାଦି ସେବା ସମ୍ପୂର୍ଣ୍ଣ ମାଗଣାରେ ପାଇପାରିବେ। ସ୍ଥାନୀୟ ଆଇଆର୍‌ସି ଭିଲେଜସ୍ଥିତ କମ୍ୟୁନିଟି ହଲ୍‌ଠାରେ ଆର୍ଏସ୍ଏସ୍ ପକ୍ଷରୁ କୋଭିଡ୍ କଟକଣା ମଧ୍ୟରେ ଏହି ଶିବିର ଓ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିର ଓ ଚିକିତ୍ସା ସେବାର ଉଦ୍‌ଘାଟନ କରିଥିଲେ। ସେହିଭଳି ସମ୍ମାନିତ ଅତିଥି ଭାବେ ରାଜ୍ୟ କମିଶନର, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ସୁଲୋଚନା ଦାସ, ଭାରତ ସରକାରଙ୍କ ଅଲ୍ଲୀ ୟାବର ଜଙ୍ଗ୍ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସ୍ପିଚ୍ ଆଣ୍ଡ୍ ହିଅରିଂ ଡିଜାବିଲିଟିର ସହ ନିର୍ଦ୍ଦେଶକ ଲାନୁବଏ ଆଇମୋ, ପ୍ରଫେସର ଡା. ଦିଲୀପ ମହାପାତ୍ର, ସିଏ ଶରତ ଚନ୍ଦ୍ର ଭଦ୍ରା, ଜ୍ୟୋତିର୍ବିଦ୍ ଶ୍ରୀପତି ଆଚାର୍ଯ୍ୟଙ୍କ ସମେତ ରେଡ୍ ସ୍ୱସ୍ତିକ ସୋସାଇଟିର ସଭାପତି ବିଜୟ ଆଚାର୍ଯ୍ୟ ଏବଂ ସଚିବ ଓ କୋଷାଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସଂଗଠନର ଏଭଳି ପଦକ୍ଷେପ ଓ ପ୍ରୟାସକୁ ଉପସ୍ଥିତ ଅତିଥିମାନେ ଭୂୟସୀ ପ୍ରଶଂସା କରିବା ସହ ସାଧୁବାଦ ଜଣାଇଥିଲେ। ଏହି ଚିକିତ୍ସା ସେବା ନିରନ୍ତର, ନିରବଚ୍ଛିନ୍ନ ରୂପେ ଜାରି ରହିବା ସହ ସରକାରୀ ସ୍ତର ହେଉ କି ବେସରକାରୀ ସ୍ତରରେ ସହଯୋଗ ମିଳିଲେ ଅଧିକରୁ ଅଧିକ ଲୋକ ସେବା ପାଇପାରିବେ ବୋଲି ଦେବାଶିଷ କହିଥିଲେ।

ସୂଚନାଯୋଗ୍ୟ, ୨୦୧୮ରୁ ରେଡ୍ ସ୍ୱସ୍ତିକ୍ ସୋସାଇଟି, ଓଡ଼ିଶା ଶାଖା ପକ୍ଷରୁ କୋଲକତା, ଶ୍ରୀକାକୁଲମ୍, ଉତ୍ତରାଖଣ୍ଡ, ଛତିଶଗଡ଼, ଝାଡ଼ଖଣ୍ଡ ଏବଂ ଓଡ଼ିଶାର ପାଖାପାଖି ୮୦୦ଶହରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗଙ୍କଠାରେ କୃତ୍ରିମ ଅଙ୍ଗ ନିଃଶୁଳ୍କ ଲଗାଯାଇଛି।



ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକରେ ଶୁକ୍ରବାର ଦ୍ୱିତୀୟ ପର୍ଯ୍ୟାୟ ପଞ୍ଚାୟତ ନିର୍ବାଚନ ହେବ। ଏହା ପୂର୍ବରୁ ଉପର ଇନ୍ଦ୍ରାବତୀ ଜଳଭଣ୍ଡାର ମଧ୍ୟରେ ଥିବା ଗ୍ରାମକୁ ଗୁରୁବାର ପୋଲିଂ ଅଧିକାରୀମାନେ ବୋଟ୍‌ରେ ଯାଉଛନ୍ତି।

# ଘରୋଇ ସ୍କୁଲରେ ଆର୍ଥିକ ଅନଗ୍ରସରଙ୍କୁ ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ କର

## ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଓଏସ୍‌ସିପିସିଆର୍ ଅଧ୍ୟକ୍ଷାଙ୍କ ଚିଠି

**ଭୁବନେଶ୍ୱର, ୧୭।୨(ବ୍ୟୁରୋ)**

ଘରୋଇ ସ୍କୁଲ୍‌ରେ ଆର୍ଥିକ ଅନଗ୍ରସର ପିଲାଙ୍କ ପାଇଁ ରହିଥିବା ସଂରକ୍ଷଣ ବ୍ୟବସ୍ଥା ଦୃଢ଼ ଭାବେ କାର୍ଯ୍ୟକାରୀ କରିବାକୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ଅଧିକାର ଆୟୋଗ (ଓଏସ୍‌ସିପିସିଆର)ର ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ ଚିଠି ଲେଖିଛନ୍ତି। ଶିକ୍ଷା ଅଧିକାର ଆଇନର ପାରଦର୍ଶୀ ପୋର୍ଟାଲ୍‌ରେ ଆର୍ଥିକ ଅନଗ୍ରସର ପିଲାଙ୍କ ଅନ୍‌ଲାଇନ୍ ପଞ୍ଜୀକରଣ ଲାଗି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିପାଇଁ ଘରୋଇ ସ୍କୁଲ୍‌ଗୁଡ଼ିକ ଜଣେ ଲେଖାଏ ବ୍ୟକ୍ତିଙ୍କୁ ନିୟୋଜିତ କରିବେ। ଶିଶୁ ଅଧିକାର ଉପରେ କାମ କରୁଥିବା ବେସରକାରୀ ସଙ୍ଗଠନ ବା ଏନ୍‌ଜିଓକୁ ଏଥିରେ ସାମିଲ୍ କରିବା ପାଇଁ ପରାମର୍ଶ ଦିଆଯାଇଛି। ଏମାନଙ୍କ ମାଧ୍ୟମରେ ହୋର୍ଡିଂ ଓ ଅନ୍ୟ ମାଧ୍ୟମରେ ସ୍କୁଲ୍‌ର ପାଖ ଅଞ୍ଚଳରେ ସଚେତନତା ସୃଷ୍ଟି କରିବାକୁ କୁହାଯାଇଛି। ଶିକ୍ଷା ଅଧିକାର ଆଇନ ଅଧୀନରେ ଘରୋଇ ସ୍କୁଲ୍‌ରେ ପଛୁଆବର୍ଗ ପିଲାଙ୍କ ଲାଗି ୨୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ରହିଛି। ହେଲେ ସଚେତନତା ଅଭାବରୁ ସେମାନେ ଘରୋଇ ସ୍କୁଲ୍‌ରେ ପଢ଼ି ପାରୁନାହାନ୍ତି। ଏହାସହ ଘରୋଇ ସ୍କୁଲ୍‌ଗୁଡ଼ିକ ଏହାର ଫାଇଦା ନେଇ ସଂରକ୍ଷିତ ସିଟ୍‌ଗୁଡ଼ିକରେ ଅନ୍ୟ ପିଲାଙ୍କ ଆଡ୍‌ମିଶନ୍ କରାଉଥିବା ଅଭିଯୋଗ ହୋଇଆସୁଛି। ତେଣୁ ଆର୍ଥିକ ଅନଗ୍ରସର ପିଲାଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥାର ଦକ୍ଷ କାର୍ଯ୍ୟକାରିତା ପାଇଁ ଚିଠି ଲେଖାଯାଇଛି। ଏହାଛଡ଼ା ଘରୋଇ ସ୍କୁଲ୍‌ରେ ଆର୍ଥିକ ଅନଗ୍ରସର ପିଲାଙ୍କ ପାଇଁ ଯେଉଁ ସିଟ୍ ସଂରକ୍ଷିତ ରହିଛି, ଏହା ପୂରଣ ନ ହେଲେ ତାହା ବର୍ଷସାରା ସେମିତି ଖାଲି ରହିବ। ନଚେତ୍ ଘରୋଇ ସ୍କୁଲ୍ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଆୟୋଗର ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ ଚେତାବନୀ ଦେଇଛନ୍ତି।

# ଆନ୍ଧ୍ର ସ୍ୱାସ୍ଥ୍ୟସେବାକୁ ହରମାଣ୍ଡାଙ୍ଗି ଗ୍ରାମବାସୀଙ୍କ ନା

**ପଟ୍ଟାଙ୍ଗୀ,୧୭।୨(ଡି.ଏନ.ଏ.)**



ହରମାଣ୍ଡାଙ୍ଗି ଗ୍ରାମରେ ପହଞ୍ଚିଥିବା ଆନ୍ଧ୍ରର ଆମ୍ବୁଲାନ୍ସ।

ରାଜ୍ୟରେ ଚାଲିଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ଭଣ୍ଡୁର କରି କୋଟିଆବାସୀଙ୍କୁ ନିଜ ସପକ୍ଷରେ ନେବାକୁ ଚାହୁଁଥିବା ଆନ୍ଧ୍ରର ସବୁ ଯୋଜନା ବିଫଳ ହେବାରେ ଲାଗିଛି। ଆନ୍ଧ୍ରର ସ୍ୱାସ୍ଥ୍ୟସେବାକୁ ପ୍ରତ୍ୟାଖ୍ୟାନ କରି ଏହାର ପ୍ରମାଣ ଦେଇଛନ୍ତି ଅଞ୍ଚଳବାସୀ। ଖବରରୁ ଜଣାପଡିଛି ଆନ୍ଧ୍ର ସୀମାନ୍ତ କୋଟିଆ ପଞ୍ଚାୟତର ହରମାଣ୍ଡାଙ୍ଗି ଗ୍ରାମର ଲିଙ୍ଗା ହିମିରିକା ଓ କମଳି ହିମିରିକା ଏକ ବିବାହ ଭୋଜି ଖାଇ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ଥିଲେ। ଏ ସମ୍ପର୍କରେ କୋଟିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସୂଚନା ପାଇବା ପରେ ଡାକ୍ତର ଜଗଦୀଶ ଶତପଥୀଙ୍କ ନିର୍ଦ୍ଦେଶରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଙ୍କ ନେତୃତ୍ୱରେ ଏକ ଟିମ୍ ହରମାଣ୍ଡାଙ୍ଗି ଗ୍ରାମରେ ପହଞ୍ଚି ୨ ଆକ୍ରାନ୍ତଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇଥିଲେ। ଗ୍ରାମର ଅନ୍ୟମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ପ୍ରଦାନ କରିଥିଲେ। ଡାକ୍ତର ପବିତ୍ର ପଣ୍ଡା ସହଯୋଗ କରିଥିଲେ। ଏହି ସମୟରେ ଆନ୍ଧ୍ରର ସାଲୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ଥିବା ତନୋମ ସ୍ୱାସ୍ଥ୍ୟକେନ୍ଦ୍ରର ଏକ ଟିମ୍ ପହଞ୍ଚି ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଚାହିଁଥିଲେ ମଧ୍ୟ ଗ୍ରାମବାସୀ ଆନ୍ଧ୍ର ସ୍ୱାସ୍ଥ୍ୟସେବା ଟିମ୍‌କୁ ପ୍ରତ୍ୟାଖ୍ୟାନ କରି ସେମାନଙ୍କ ଗାଡ଼ି ନିକଟକୁ ନ ଯାଇ ଓଡ଼ିଶାର କୋଟିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଯାଇଥିବା ଡାକ୍ତରୀଦଳଙ୍କ ନିକଟରେ ପହଞ୍ଚି ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଫଳରେ ଆନ୍ଧ୍ରର ସ୍ୱାସ୍ଥ୍ୟଟିମ୍ ନିରାଶ ହୋଇ ଫେରିଯାଇଥିଲେ। ସୂଚନାଯୋଗ୍ୟ ଏ ସମ୍ପର୍କରେ ଖବର ପାଇ ଗୁରୁବାର କୋରାପୁଟ ସିଡିଏମଓ ଭୀମ ସାହୁଙ୍କ ନିର୍ଦ୍ଦେଶରେ ଏଡିଏମ ଡାକ୍ତର ଅରୁଣ କୁମାର ପାଢୀଙ୍କ ନେତୃତ୍ୱରେ ଏକ ଟିମ୍ ହରମାଣ୍ଡାଙ୍ଗି ଗ୍ରାମରେ ପହଞ୍ଚି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଫେରିଥିବା ଜଣାପଡିଛି।

# ୨୪ ଘଣ୍ଟାରେ ୨୩ ଗୋରୁ ମୃତ

**ମାଲକାନଗିରି,୧୭।୨ (ଡି.ଏନ୍.ଏ.)**

ମାଲକାନଗିରି ସଦର ବ୍ଲକ ସିନ୍ଧ୍ରିମାଳ ପଞ୍ଚାୟତର ତେନ୍ତୁଳିଗୁଡାରେ ଦେଖାଦେଇଛି ଗୋମଡକ। ଅଜଣା ରୋଗରେ ଆକ୍ରାନ୍ତ ହୋଇ ୨୪ ଘଣ୍ଟା ମଧ୍ୟରେ ୨୩ ଗୋରୁଙ୍କ ମୃତ୍ୟୁ ହୋଇଛି। ଖବର ପାଇ ମାଲକାନଗିରି ଜିଲା ପ୍ରାଣୀ ଚିକିତ୍ସାଳୟରୁ ଏକ ଡାକ୍ତରୀ ଦଳ ତେନ୍ତୁଳିଗୁଡାରେ ପହଞ୍ଚି ଗୋମଡକର କାରଣ ଅନୁସନ୍ଧାନ କରିଛନ୍ତି। ୧୩୦ଗୋରୁଙ୍କୁ ଟିକାକରଣ କରିଛନ୍ତି। ମୃତ ଗୋରୁଙ୍କ ରକ୍ତ ନମୁନା ସଂଗ୍ରହ କରି ପରୀକ୍ଷା ଲାଗି କଟକ ପଠାଇଥିବା ଜଣାପଡିଛି।

# ଅରୋକ୍ସା ଡିଲ୍‌ର ଆଉ ୨ ସଦସ୍ୟ ଗିରଫ

## ୧୦ କୋଟିରୁ ଊର୍ଦ୍ଧ୍ୱ ଠକେଇ ମାମଲା

**ଭୁବନେଶ୍ୱର, ୧୭।୨(ବ୍ୟୁରୋ)**

୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଠକେଇ ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଚିଟ୍‌ଫଣ୍ଡ କମ୍ପାନୀ ଅରୋକ୍ସା ଡିଲ୍ ମଲ୍ଟିଟ୍ରେଡ୍ ପ୍ରାଇଭେଟ ଲିମିଟେଡ୍‌ର ଆଉ ୨ଜଣ ସଦସ୍ୟଙ୍କୁ ଗୁରୁବାର ବାଲେଶ୍ୱରରୁ ଗିରଫ କରିଛି। ସେମାନେ ହେଲେ ବାଲେଶ୍ୱର ଜିଲାର ଶରତ କୁମାର ନାୟ ଓ ପ୍ରଭାତ ରଞ୍ଜନ ଦାସ। ରବିବାର ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତ କମ୍ପାନୀର ନିର୍ଦ୍ଦେଶକ ବାବୁ ସିଂ କୁଶୱାହାଙ୍କୁ ମଧ୍ୟପ୍ରଦେଶର ଗ୍ୱାଲିୟର୍‌ରୁ ଗିରଫ କରାଯାଇ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯାଇଥିଲା। ସମସ୍ତ ଅଭିଯୁକ୍ତଙ୍କୁ କଟକ ଓପିଆଇଡ଼ି କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ୨୦୧୯ରେ ମୁଖ୍ୟ ଅଭିଯୁକ୍ତ କୁଶୱାହା ଏହି ଚିଟ୍‌ଫଣ୍ଡ କମ୍ପାନୀ ମଧ୍ୟପ୍ରଦେଶର ଗ୍ୱାଲିୟରରେ ପଞ୍ଜୀକରଣ କରି ବାଲେଶ୍ୱର ଜିଲା ସହଦେବଖୁଣ୍ଟା ଅଞ୍ଚଳରେ ଏକ ଅଫିସ୍ ଖୋଲିଥିଲେ। କମ୍ପାନୀର ସଦସ୍ୟମାନେ ବାଲେଶ୍ୱରର ବିଭିନ୍ନ ସ୍ଥାନରେ ବୈଠକ କରି ଲୋକଙ୍କୁ କମ୍ପାନୀର ସାମଗ୍ରୀ କିଣିବା ପାଇଁ ପ୍ରବର୍ତ୍ତାଇଥିଲେ। ପରେ ସେମାନଙ୍କୁ ଘରୋଇ ଉପକରଣ ଓ ବିଦ୍ୟୁତ୍ ସାମଗ୍ରୀ କିଣିବାକୁ ପ୍ରବର୍ତ୍ତାଇ ଠକିବାକୁ ଚେଷ୍ଟା କରିଥିଲେ। ୨୦୧୯-୨୦ ମସିହା ମଧ୍ୟରେ ବାଲେଶ୍ୱର ଓ ଆଖପାଖ ଅଞ୍ଚଳରେ ଫ୍ୟାନ୍ ବିକ୍ରି ସ୍କିମ୍ ଓ କମିଶନ ଲୋଭ ଦେଖାଇ ୭ହଜାର ଟଙ୍କା ଲେଖାଏ ଜମା କରି କମ୍ପାନୀ ସଦସ୍ୟ ହେବାକୁ ଲୋକଙ୍କୁ କୁହାଯାଇଥିଲା। ବାଲେଶ୍ୱରରେ ଏକାଧିକ ଅବସରପ୍ରାପ୍ତ ସେନା କର୍ମଚାରୀ, ଡାକ୍ତର, ଶିକ୍ଷକ ଓ ବ୍ୟବସାୟୀଙ୍କ ସମେତ ୫୦୦ରୁ ଊର୍ଦ୍ଧ୍ୱ ଲୋକଙ୍କଠୁ ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ନେଇ ଅଭିଯୁକ୍ତ କୁଶହାୱା ଫେରାର୍ ହୋଇଯାଇଥିଲେ। ଠକାମିର ଶିକାର ହୋଇଥିବା ଚନ୍ଦ୍ରକାନ୍ତ ଦାଶ ଓ ଅନ୍ୟ କେତେଜଣ ବ୍ୟକ୍ତି ଏନେଇ ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ। ଗତ ଜାନୁୟାରୀ ୩୧ରେ ଇଓଡବ୍ଲ୍ୟୁ ଏକ ମାମଲା (ନଂ. ୧/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ଏହି ମାମଲାର ତଦନ୍ତ ଚାଲୁ ରହିଥିବା ଇଓଡବ୍ଲ୍ୟୁ ପ୍ରେସ ବିଜ୍ଞପ୍ତିରେ ସୂଚନା ଦେଇଛି।

# ନିୟମଗିରି ଅଞ୍ଚଳରେ ଭୋଟ ଟାମ୍ପରିଂ

## ଭିଡିଓ ଭାଇରାଲ୍

**ବିଷମକଟକ/ରାୟଗଡ଼ା ଅଫିସ,୧୭।୨(ଡି.ଏନ୍.ଏ.)**



ଡଙ୍ଗରିଆମାନେ ଲାଇନରେ ଥିବାବେଳେ ଅନ୍ୟ ୨ ବ୍ୟକ୍ତି ଭୋଟ ଦେଉଛନ୍ତି।

ରାୟଗଡ଼ା ଜିଲାର ବିଷମକଟକ, ଚନ୍ଦ୍ରପୁର ଏବଂ ମୁନିଗୁଡ଼ା ବ୍ଲକରେ ବୁଧବାର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ନିମନ୍ତେ ଭୋଟ ଗ୍ରହଣ ହୋଇଥିଲା। ଶାନ୍ତିଶୃଙ୍ଖଳାରେ ନିର୍ବାଚନ ସରିଥିବା ନେଇ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିଲା। ତେବେ ବିଷମକଟକ ବ୍ଲକ ନିୟମଗିରି ଅଞ୍ଚଳର କୁର୍ଲି ପଞ୍ଚାୟତ ମୁଣ୍ଡୁବାଲି ଗ୍ରାମ ୮ ନଂ. ବୁଥ୍‌ରେ ଭୋଟ ଟାମ୍ପରିଂ କରାଯାଇଥିବା ନେଇ ଏକ ଭିଡିଓ ଗୁରୁବାର ସନ୍ଧ୍ୟାରେ ସାମ୍ନାକୁ ଆସିଛି।

ଉକ୍ତ ଭିଡିଓରେ ଡଙ୍ଗରିଆମାନେ ଧାଡ଼ିରେ ଠିଆ ହୋଇଥିବାବେଳେ କେବଳ ୨ ଜଣ ବ୍ୟକ୍ତି ଉପସ୍ଥିତ ରହି ନିର୍ଦ୍ଦିଷ୍ଟ ଚିହ୍ନରେ ସମସ୍ତଙ୍କ ପାଇଁ ଭୋଟ ଦେଉଥିବା ଦେଖିବାକୁ ମିଳିଛି। ଜଣେ ଭୋଟ ଦେବା ସମୟରେ ସେଠାରେ ଅନ୍ୟ କେହି ନ ରହିବା ନେଇ ନିୟମ ରହିଛି। କିନ୍ତୁ ଏଠାରେ ସମସ୍ତଙ୍କ ଉପସ୍ଥିତିରେ ୨ ଜଣ ବ୍ୟକ୍ତି ଭୋଟ ଦେଉଥିବା ନଜରକୁ ଆସିଛି। ଭିଡିଓଟିକୁ ବିଜୟ କାଡ୍ରାକା ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଏଥିସହ ନିୟମଗିରି ଅଞ୍ଚଳରେ ରିଗିଂ କରି ୫ଶହ ଭୋଟ ଏକପାଖିଆ ନିଆଯାଇଛି ବୋଲି ଉଲ୍ଲେଖ କରିଛନ୍ତି। ଡଙ୍ଗରିଆମାନଙ୍କୁ ଭୋଟ ଦେବାର ଅଧିକାର ମିଳୁ ନ ଥିବାବେଳେ ପ୍ରଶାସନ କ'ଣ କରୁଛି ବୋଲି ସେ ପ୍ରଶ୍ନ କରିଛନ୍ତି। ଭିଡିଓକୁ ନେଇ ବ୍ଲକ ନିର୍ବାଚନ ଅଧିକାରୀ ତଥା ବିଷମକଟକ ବିଡିଓ ଆଲବର୍ଟ ଲାକ୍ରାଙ୍କୁ ପଚାରିବାରୁ ସେ କହିଛନ୍ତି, ଏ ପର୍ଯ୍ୟନ୍ତ ଅଭିଯୋଗ ପହଞ୍ଚିନାହିଁ। ଅଭିଯୋଗ ପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ତହସିଲଦାର ଶୁଭେନ୍ଦୁ କୁମାର ଜେନା କହିଛନ୍ତି, ସମସ୍ତ ବୁଥ୍ ବୁଲି ଅନୁଧ୍ୟାନ କରାଯାଇଥିଲା। ତଦନ୍ତ ପରେ ଏ ବିଷୟରେ ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି।

## ମୂଲ୍ୟ ବୃଦ୍ଧି କଲା ଏଚ୍‌ୟୁଏଲ୍

**ବମ୍ବେ:** ଦେଶର ପ୍ରମୁଖ ଏଫ୍‌ଏମ୍‌ସିଜି କମ୍ପାନୀ ହିନ୍ଦୁସ୍ଥାନ ୟୁନିଲିଭର (ଏଚ୍‌ୟୁଏଲ୍) ବଜାରରେ କଞ୍ଚାମାଲର ମୂଲ୍ୟବୃଦ୍ଧି କାରଣରୁ କମ୍ପାନୀ ପୁଣି ଥରେ ନିଜ ଉତ୍ପାଦ ମୂଲ୍ୟ ବୃଦ୍ଧି କରିଛି। ଏହା ପୂର୍ବରୁ ଜାନୁୟାରୀରେ ୩ରୁ ୨୦% ପର୍ଯ୍ୟନ୍ତ ମୂଲ୍ୟ ବୃଦ୍ଧି କରିଥିଲା। ଗତ ଡିସେମ୍ବରରେ ଶେଷ ହୋଇଥିବା ତ୍ରୈମାସିକ ଫଳାଫଳ ବୈଠକରେ ମ୍ୟାନେଜମେଣ୍ଟ ଦର ବୃଦ୍ଧି ନେଇ ସୂଚନା ଦେଇଥିଲେ। ଏ ସମ୍ପର୍କରେ ଏଚ୍‌ୟୁଏଲ୍‌ଙ୍କ ମୁଖ୍ୟ ଅର୍ଥନୈତିକ ଅଧିକାରୀ ରିତେଶ ତିୱାରୀ କହିଛନ୍ତି, ଆମର ପ୍ରଥମ କାମ ଖର୍ଚ୍ଚ ସଞ୍ଚୟ କରିବା ଓ ପରେ ମୂଲ୍ୟ ବୃଦ୍ଧି ସଂକ୍ରାନ୍ତରେ ଚିନ୍ତା କରିବା।

### ସଂକ୍ଷେପରେ

## ରାପିପେ ଡିଜିଟାଲ ବ୍ୟାଙ୍କିଙ୍ଗ୍‌ରେ ପ୍ରବେଶ

**ନୂଆଦିଲ୍ଲୀ, ୧୭।୨:** ଫିନ୍‌ଟେକ୍ ଉଦ୍ୟୋଗରେ ଏହାର ସ୍ଥିତିକୁ ଦୃଢ଼ୀଭୂତ କରିବା ସହିତ ରାପି ପେ ୧୫ ନିୟୁତ ଡଲାର ପାଣ୍ଠି ସଂଗ୍ରହ କରିଛି। ଏହା ସହାୟତାରେ ଏନ୍‌ୱାଇଇର ଶୁଭାରମ୍ଭ କରାଯିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏହା ହେଉଛି ଏକ ନୂତନ ଯୁଗର ଡିଜିଟାଲ୍ ବ୍ୟାଙ୍କିଙ୍ଗ୍ ସୁପର ଆପ୍। ଏନ୍‌ୱାଇଇ (ଡିଜିଟାଲ ବ୍ୟାଙ୍କିଙ୍ଗ୍ ସୁପର ଆପ୍)ରେ ଏକ ନୂତନ ରିଟେଲ ନେଟ୍‌ୱର୍କ ପାଇପାରିବେ, ଯେଉଁଥିରେ ୬ ନିୟୁତ ବ୍ୟବସାୟୀ ଏହି ସୁପର ଆପ୍‌ର ବ୍ୟବହାରକରି ସମଗ୍ର ରିଟେଲ ନେଟ୍‌ୱର୍କର ବ୍ୟବହାର କରିପାରିବେ। ଏ ସମ୍ପର୍କରେ ରାପିପେର ସହପ୍ରତିଷ୍ଠାତା ଓ ଏମ୍‌ଡି ଯୋଗେନ୍ଦ୍ର କଶ୍ୟପ କହିଛନ୍ତି, ବି୨ବି ବିଭାଗରେ ଆମର ବିକାଶ ଅତୁଳନୀୟ ରହିଛି। ଗତ ୩ ବର୍ଷ ମଧ୍ୟରେ ଆସିଷ୍ଟେଡ୍ ପେମେଣ୍ଟ କ୍ଷେତ୍ରରେ ଆମେ ମାର୍କେଟ୍ ଲିଡର ହୋଇପାରିଛୁ। ଏନ୍‌ୱାଇଇ ସହିତ ବି୨ସି ମାର୍କେଟରେ ପ୍ରବେଶ କରିବା ହେଉଛି ଏକ ସ୍ୱାଭାବିକ ବ୍ୟାବସାୟିକ ପ୍ରଗତି ଓ ଆମେ ସଫଳତାକୁ ଜାରି ରଖିବା ପାଇଁ ଆମର ଆତ୍ମବିଶ୍ୱାସ ରହିଛି। ସେହିଭଳି ରାପି ପେର ସିଇଓ ନିପୁନ୍ ଜୈନ କହିଛନ୍ତି, ମହାମାରୀ ସମୟରେ ଡିଜିଟାଲ୍ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ବହୁ ପରିବର୍ତ୍ତନ ଦେଖାଦେଇଛି ଓ ଗ୍ରାହକମାନେ ଏହାକୁ ବହୁ ମାତ୍ରାରେ ପସନ୍ଦ କରିଛନ୍ତି।

## ଆରିଏଲ୍‌ର ନୂଆ ପ୍ରଚାର ଅଭିଯାନ

**ନୂଆଦିଲ୍ଲୀ, ୧୭।୨:** ଆରିଏଲ୍ ଇଣ୍ଡିଆ ପକ୍ଷରୁ କ୍ରମାଗତ ଘର ଭିତରେ ଘରୋଇ କାମର ଅସମାନ ବିଭାଜନକୁ ନେଇ ଏକ ଭିନ୍ନ ଧରଣର ପ୍ରଚାର ଅଭିଯାନ ଆରମ୍ଭ କରାଯାଇଛି। ଏହା ଜରିଆରେ ଅଧିକରୁ ଅଧିକ ପୁରୁଷଙ୍କୁ ଘରର ଦାୟିତ୍ୱ ବଣ୍ଟନକୁ ନେଇ ଅନୁରୋଧ କରାଯାଇଛି। ଏହା ଅନ୍ତର୍ଗତ ଶେୟାର ଦି ଲୋଡ୍ ଅଭିଯାନ ମଧ୍ୟ ଜାରି ରହିଛି। ଆରିଏଲ୍ ଶେୟାର ଲୋଡ୍‌ର ୫ମ ସଂସ୍କରଣ ନିକଟରେ ଆରମ୍ଭ ହୋଇଛି। ମହାମାରୀ ଯୋଗୁ ଅନେକ ସମସ୍ୟା ଦେଖାଦେଇଛି। ଏହାକୁ ନଜରରେ ରଖି କମ୍ପାନୀ ପକ୍ଷରୁ ଏଭଳି ଅଭିଯାନ ଆରମ୍ଭ କରାଯାଇଛି। ଉକ୍ତ ଫିଲ୍ମରେ ଜେନେଲିଆ ଏବଂ ରିତେଶ ଦେଶମୁଖ ସୁନ୍ଦର ଭାବେ ଘଟଣାକୁ ବର୍ଣ୍ଣନା କରିଛନ୍ତି। ଏହି ପରିପ୍ରେକ୍ଷୀରେ ଡ. ନନ୍ଦିତା ଶାହା, ଶରତ ବର୍ମା, ଜୋସି ପାଲ୍ ପ୍ରମୁଖ ଏକ ପ୍ୟାନେଲରେ ସାମିଲ ଥିଲେ। ଏହି ପ୍ୟାନେଲକୁ ଶିବାନୀ ଦାଣ୍ଡେକର ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜେନେଲିଆ ଡି'ସୁଜା ଯୋଗଦେଇଥିଲେ।

# ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ

- ୨୦୩୦ ସୁଦ୍ଧା ବାର୍ଷିକ ୨୦୦ ନିୟୁତ ଟନ୍ ମାଲ ପରିବହନ ଲକ୍ଷ୍ୟ
- ଆଇସିସିର ଅନ୍ତର୍ଦ୍ଦେଶୀୟ ଜଳପଥ ସମ୍ମିଳନୀ

**ଭୁବନେଶ୍ୱର, ୧୭।୨**

ଓଡ଼ିଶାରେ ଥିବା ସୁଦୀର୍ଘ ଜଳପଥର ଉତ୍ତମ ଯୋଗାଯୋଗ ସହ ରାଜ୍ୟର ବିକାଶ ପାଇଁ ଉଭୟ ସରକାରଙ୍କ ପକ୍ଷରୁ ମିଳିତ ପ୍ରୟାସ ଆରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ଆଇସିସି ପକ୍ଷରୁ ଦିନିକିଆ ଅନ୍ତର୍ଦ୍ଦେଶୀୟ ଜଳପଥ ସମ୍ମିଳନୀ ଗୁରୁବାର ଭର୍ଚୁଆଲି ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଓଡ଼ିଶା ସରକାରଙ୍କ ଶିଳ୍ପ ବିଭାଗର ଅତିରିକ୍ତ ପ୍ରମୁଖ ସଚିବ ଭୂପିନ୍ଦର ସିଂହ ପୁନିଆ ଯୋଗଦେଇ କହିଛନ୍ତି, ଓଡ଼ିଶା ଓ ସାରା ଦେଶ ପାଇଁ ଅନ୍ତର୍ଦ୍ଦେଶୀୟ ଜଳପଥର ଗୁରୁତ୍ୱ ବର୍ତ୍ତମାନ ସମୟରେ ବେଶ୍ ଆବଶ୍ୟକତା ରହିଛି। ସେଥିପାଇଁ ଓଡ଼ିଶା କ୍ଷେତ୍ରରେ ରହିଥିବା ଜଳପଥଗୁଡ଼ିକର ସର୍ବେକ୍ଷଣ କରିବା ଲାଗି ରାଜ୍ୟ ସରକାର ବିଭିନ୍ନ ଏଜେନ୍ସି ସହ ହାତ ମିଳାଇଛନ୍ତି। ଏହି ସର୍ବେକ୍ଷଣ ଲାଗି ସରକାର ସବୁ ପ୍ରକାର ସହାୟତା ମିଳିତ ଟିମ୍‌କୁ ଯୋଗାଇଦେବାକୁ ପ୍ରତିବଦ୍ଧ ରହିଛନ୍ତି।




ଅନ୍ୟତମ ସମ୍ମାନିତ ଅତିଥି ଇନ୍‌ଲ୍ୟାଣ୍ଡ ୱାଟରୱେଜ୍ ଅଥରିଟି ଅଫ୍ ଇଣ୍ଡିଆର ଉପାଧ୍ୟକ୍ଷ ଜୟନ୍ତ ସିଂହ କହିଛନ୍ତି, ଅଥରିଟି ଜଳପଥକୁ ପରିବହନର ଏକ ବିଶ୍ୱାସଯୋଗ୍ୟ ଓ ବାଣିଜ୍ୟିକ ଦୃଷ୍ଟିକୋଣରୁ ଯୁକ୍ତିଯୁକ୍ତ ମାଧ୍ୟମ ଭାବେ ବିକଶିତ କରିବାକୁ ଯୋଜନା ରଖିଛନ୍ତି। ଆମର ଲକ୍ଷ୍ୟ ହେଉଛି ୨୦୩୦ ସୁଦ୍ଧା ବାର୍ଷିକ ୨୦୦ ନିୟୁତ ଟନ୍ ମାଲ ପରିବହନ କରିବା ଏବଂ ଦେଶର ୫% ମାଲ ପରିବହନ ପ୍ରତି ଯୋଗଦାନ ଦିଗରେ ଏହାର ଭୂମିକା ରହିବ। ଏହି ପରିପ୍ରେକ୍ଷୀରେ ଆଇସିସି ଓଡ଼ିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ ଜେ.ବି. ପାଣି କହିଛନ୍ତି, ଦେଶର ଅର୍ଥନୈତିକ ବିକାଶରେ ପରିବହନ କ୍ଷେତ୍ରର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ଏକ ମଲ୍‌ଟି ମୋଡାଲ ନେଟ୍‌ୱର୍କ ବିକଶିତ କରିବାକୁ ପଡ଼ିବ, ଯେଉଁଥିରେ ଜଳାଶୟ, କଲଭର୍ଟ ଓ ପୋଲଗୁଡ଼ିକୁ ସାମିଲ କରିବାକୁ ହେବ। ଲଜିଷ୍ଟିକ୍ ଦୃଷ୍ଟିରୁ ଜଳପଥଗୁଡ଼ିକ ସୁଲଭ ଓ ଅଧିକ ପରିବେଶ ମିତବ୍ୟୟୀ ହେବ। ଭାରତରେ ଜଳପଥର ପରିବହନକୁ ଅବଦାନ ୬% ରହିଛି, ଯାହା ବିକାଶଶୀଳ ଦେଶଗୁଡ଼ିକ ତୁଳନାରେ କମ୍। ବିକଶିତ ଦେଶରେ ଏହି ହାର ୧୫% ରହିଥିବା ଜଣାପଡ଼ିଛି। ଏହି କ୍ଷେତ୍ର ଆଗକୁ ବଢ଼ିବାକୁ ହେଲେ ସରକାରୀ ସହାୟତା ଆବଶ୍ୟକ ବୋଲି ସେ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଆଇସିସି ଓଡ଼ିଶା ଶିଳ୍ପ ଲଜିଷ୍ଟିକ୍ କମିଟିର ସଦସ୍ୟ ସନ୍ତୋଷ କୁମାର ମହାପାତ୍ର, ଅଜୟ କୁମାର ବେହେରା, ପଙ୍କଜ ସତିଜା, ପରିବହନ ସଚିବ ରାଜେଶ ରାୟ ଚୌଧୁରୀ, ରାଇଟ୍ସ ଲିମିଟେଡ୍‌ର ଜିଏମ୍ ମନୋଜ କୁମାର ମିଶ୍ର ଓ ସହକାରୀ ମ୍ୟାନେଜର ଆନି ଶ୍ରୀବାସ୍ତବ ପ୍ରମୁଖ ଉପସ୍ଥିତ ଥିଲେ।

## ବିଏସ୍‌ଏଚ୍ ପକ୍ଷରୁ ନୂତନ ପ୍ରଡକ୍ଟର ଉନ୍ମୋଚିତ



**ଭୁବନେଶ୍ୱର, ୧୭।୨**

ଅନ୍ତଃରାଷ୍ଟ୍ରୀୟ ହୋମ୍ ଆପ୍ଲାଏନ୍ସ ଉତ୍ପାଦନକାରୀ କମ୍ପାନୀ ବିଏସ୍‌ଏଚ୍ ପକ୍ଷରୁ ସମ୍ପୂର୍ଣ୍ଣ ସ୍ୱୟଂଚାଳିତ ୱାଶିଂମେଶିନ 'ବୋସ୍କ ଟପ୍ ଲୋଡ୍ ୱାଶିଂମେଶିନ'ର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଭାରତୀୟ ଗ୍ରାହକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି କମ୍ପାନୀ ଏଭଳି ଉଚ୍ଚମାନର ଅତ୍ୟାଧୁନିକ ୱାଶିଂମେଶିନ ନିର୍ମାଣ କରିଛି। ଆନ୍ଧ୍ରପ୍ରଦେଶର ତିରୁପତିଠାରେ କମ୍ପାନୀ ମେଡ୍ ଇନ୍ ଇଣ୍ଡିଆ ଯୋଜନା ଅନ୍ତର୍ଗତ ଏଭଳି ବାସୋପଯୋଗୀ ସାମଗ୍ରୀ ନିର୍ମାଣ କରୁଛି। ଏଥିରେ ପ୍ରିମିୟମ ବୈଶିଷ୍ଟ୍ୟକୁ ସାମିଲ କରାଯାଇଛି। ସେହିଭଳି ଉପଭୋକ୍ତା କେନ୍ଦ୍ରିକ ଅଗ୍ରଣୀ ହେବା ଏବଂ ୨୦୨୫ ସୁଦ୍ଧା ଭାରତର ପ୍ରତ୍ୟେକ ଘରର ଏକ ଅଂଶ ହେବା ଲାଗି କମ୍ପାନୀର ଲକ୍ଷ୍ୟ ରହିଛି। ଏ ସମ୍ପର୍କରେ ବିଏସ୍‌ଏଚ୍ ହୋମ୍ ଆପ୍ଲାଏନ୍ସର ସିଇଓ ନୀରଜ ବାହଲ କହିଛନ୍ତି, ଭାରତରେ ଟପ୍ ଲୋଡ୍ ୱାଶିଂମେଶିନ ଏକ ଗୁରୁତ୍ୱପୂର୍ଣ୍ଣ ସେଗ୍‌ମେଣ୍ଟ ରହିଛି। ଏଭଳି ଏକ ଉତ୍ପାଦର ବଜାର ପ୍ରବେଶ କରାଇଥିବାରୁ ବେଶ୍ ଆନନ୍ଦିତ। ଉପଭୋକ୍ତା କେନ୍ଦ୍ରିକ ଡିଜାଇନ ଏବଂ ବିକାଶ ପ୍ରକ୍ରିୟା ମାଧ୍ୟମରେ ଏହି ମେଶିନଗୁଡିକୁ ନିର୍ମାଣ କରିଛୁ। ଏହାର ମୂଲ୍ୟ ୨୧,୭୯୦ ଟଙ୍କାରୁ ଆରମ୍ଭ ହେଉଛି।

## ସିଏସ୍‌ଡି ଷ୍ଟୋର୍‌ରେ ହୋଣ୍ଡା ହାଇନେସ୍ ଉପଲବ୍ଧ

**ନୂଆଦିଲ୍ଲୀ, ୧୭।୨**

ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ (ଏଚ୍‌ଏମ୍‌ଏସ୍‌ଆଇ) ପକ୍ଷରୁ ଏହାର ଦୁଇ ମୋଟରସାଇକଲ ହୋଣ୍ଡା ହାଇନେସ୍ ସିବି୩୫୦ ଓ ସିବି୩୫୦ଆର୍‌ଏସ୍ ସାରା ଦେଶରେ ଥିବା କ୍ୟାଣ୍ଟିନ୍ ଷ୍ଟୋର ଡିପାର୍ଟମେଣ୍ଟ (ସିଏସ୍‌ଡି) ରେ ଉପଲବ୍ଧ ହୋଇଥିବା ବିଷୟରେ ଘୋଷଣା କରାଯାଇଛି। ପ୍ରଥମ ଥର ଲାଗି ହୋଣ୍ଡା ବିଗ୍‌ୱିଙ୍ଗ୍ ଉତ୍ପାଦ ବର୍ଗମାଳାକୁ ୩୫ଟି ସିଏସ୍‌ଡି ଡିପୋରେ ଉପସ୍ଥାପନ କରାଯାଇଛି। ଏ ସମ୍ପର୍କରେ ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶକ ବିକ୍ରି ଓ ମାର୍କେଟିଂ, ଯଦବିନ୍ଦର ସିଂହ ଗୁଲେରିଆ କହିଛନ୍ତି, ଭାରତୀୟ ପ୍ରତିରକ୍ଷା ଗୋଷ୍ଠୀ ସହିତ ହୋଣ୍ଡା ୨ହ୍ୱିଲର୍ସ ଇଣ୍ଡିଆ ଏକ ଦୀର୍ଘସ୍ଥାୟୀ ସମ୍ପର୍କ ରଖିଛି। ଆମେ ଆମର ଗୁଣାତ୍ମକ ଉତ୍ପାଦ ଓ ବିକ୍ରି ପରବର୍ତ୍ତୀ ସେବା ଜରିଆରେ




ସେମାନଙ୍କୁ ସେବା ପ୍ରଦାନ କରିବାରେ ଗର୍ବିତ ମନେ କରୁଛୁ। ସିଏସ୍‌ଡି ମଞ୍ଜୁରିପ୍ରାପ୍ତ ସ୍ୱତନ୍ତ୍ର ମୂଲ୍ୟରେ ଉପଲବ୍ଧ ହୋଇଥିବାରୁ ପ୍ରତିରକ୍ଷା କର୍ମଚାରୀ ଓ ସିଏସ୍‌ଡି ହିତାଧିକାରୀମାନଙ୍କ ପାଇଁ ସେମାନଙ୍କ ପସନ୍ଦର ହୋଣ୍ଡା ୩୫୦ ସିସି ମୋଟରସାଇକେଲ କିଣିବା ଓ ଏକ ନୂଆ ରୋମାଞ୍ଚକ ଯାତ୍ରା ଆରମ୍ଭ କରିବା ସହଜ ହୋଇଛି। ପ୍ରତିରକ୍ଷା କର୍ମଚାରୀମାନେ ସିଏସ୍‌ଡି ପୋର୍ଟାଲରେ ଲଗ୍ ଅନ୍ କରି ସେଥିରେ ପଞ୍ଜୀକରଣ କରିବା ପରେ ଡିଲର ଓ ନିଜର ପସନ୍ଦର ମଡେଲ ଚୟନ କରିପାରିବେ। ହୋଣ୍ଡା ହାଇନେସ୍ ସିବି୩୫୦ ଡିଏଲ୍‌ଏକ୍ସ ଓ ଡିଏଲ୍‌ଏକ୍ସ ପ୍ରୋ ଭାରିଆଣ୍ଟରେ ବିଭିନ୍ନ ରଙ୍ଗରେ ଉପଲବ୍ଧ ହୋଇଛି। ଏହାର ନୂଆଦିଲ୍ଲୀରେ ଏକ୍ସ ଶୋ'ରୁମ୍ ମୂଲ୍ୟ ଡିଏଲ୍‌ଏକ୍ସ ପାଇଁ ୧,୭୦,୫୮୦ ଟଙ୍କା ଓ ଡିଏଲ୍‌ଏକ୍ସ ପ୍ରୋ ପାଇଁ ୧,୭୪,୯୨୩ ଟଙ୍କା ରହିଛି। ସେହିପରି ହୋଣ୍ଡା ସିବି୩୫୦ଆର୍‌ଏସ୍‌ର ଡିଏଲ୍‌ଏକ୍ସ ମଡେଲ୍ ମୂଲ୍ୟ ୧,୭୪,୯୨୩ ଟଙ୍କା ଓ ଡିଏଲ୍‌ଏକ୍ସ ପ୍ରୋ ମଡେଲ ଦାମ୍ ୧,୭୫,୪୬୯ ଟଙ୍କା ରହିଛି।

## ୩୮ ଲକ୍ଷ ମହିଳାଙ୍କୁ ମିଳିଛି ବନ୍ଧକମୁକ୍ତ ଋଣ

**ଭୁବନେଶ୍ୱର, ୧୭।୨**

ମାଇକ୍ରୋଫାଇନାନ୍ସ ଭାରତରେ ବାଦ୍ ପଡ଼ିଥିବା ଏବଂ ସେବା ପାଇବାରୁ ବଞ୍ଚିତ ଜନସଂଖ୍ୟାଙ୍କୁ ବନ୍ଧକମୁକ୍ତ ଋଣ ଯୋଗାଇଦେଇ ଆର୍ଥିକ ଅନ୍ତର୍ଭୁକ୍ତି କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ୨୦୨୧ ସେପ୍ଟେମ୍ବର ୩୦ ସୁଦ୍ଧା ଓଡ଼ିଶାରେ ମାଇକ୍ରୋ ଫାଇନାନ୍ସ ସଂସ୍ଥାଗୁଡ଼ିକ ମୋଟ ୧୪,୮୭୦ କୋଟି ଟଙ୍କା ଋଣ ଆକାରରେ ଯୋଗାଇ ଦେଇଥିବା ଏମ୍‌ଏଫ୍‌ଆଇଏନ୍ ବୋର୍ଡ ସଦସ୍ୟ ତଥା ଅନ୍ନପୂର୍ଣ୍ଣା ମାଇକ୍ରୋଫାଇନାନ୍ସ ଲିମିଟେଡ୍‌ର ଡାଇରେକ୍ଟର ଦିବ୍ୟଜ୍ୟୋତି ପଟ୍ଟନାୟକ କହିଛନ୍ତି। ବୁଧବାର ଏକ ଆଭାସୀ ସାମ୍ବାଦିକ ସମ୍ମିଳନୀ ଜରିଆରେ ପଟ୍ଟନାୟକ କହିଥିଲେ, ଓଡ଼ିଶାରେ ମାଇକ୍ରୋଫାଇନାନ୍ସ ସଂସ୍ଥାଗୁଡ଼ିକ ୩୮ ଲକ୍ଷ ମହିଳାଙ୍କୁ ବନ୍ଧକମୁକ୍ତ ଋଣ ଯୋଗାଇ ଦେଇଛନ୍ତି।

## ଗ୍ରୀଡ୍‌କୋର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ

**ଭୁବନେଶ୍ୱର, ୧୭।୨:** ରାଜ୍ୟରେ ଉଭୟ ସରକାରୀ ଓ ଘରୋଇ କ୍ଷେତ୍ରରୁ ମିଳୁଥିବା ବିଦ୍ୟୁତ୍ ଶକ୍ତିକୁ ଠିକ୍ ଭାବେ ପରିଚାଳନା କରୁଥିବା ଓଡ଼ିଶା ସରକାରଙ୍କ ସ୍ୱୀକୃତିପ୍ରାପ୍ତ ସଂସ୍ଥା ଗ୍ରୀଡ୍‌କୋ ଲିମିଟେଡ୍‌ର ୨୦୦ତମ ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ରାଜ୍ୟ ଶକ୍ତି ବିଭାଗର ପ୍ରମୁଖ ସଚିବ ତଥା ଗ୍ରୀଡ୍‌କୋର ଅଧ୍ୟକ୍ଷ ନିକୁଞ୍ଜ ବିହାରୀ ଧଳ ଅଧ୍ୟକ୍ଷତା କରିଥିଲେ। ଉକ୍ତ ବୈଠକ ଗ୍ରୀଡ୍‌କୋ ପରିଚାଳନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ବୋଲି ଅଭିହିତ କରିବା ସହିତ ସଂସ୍ଥାର ସାମ୍ପ୍ରତିକ କାର୍ଯ୍ୟାବଳୀ ଓ ପରିଚାଳନାଗତ ସ୍ଥିତିର ସବିଶେଷ ବିବରଣୀ ଉପସ୍ଥିତ ସଦସ୍ୟ ଓ ଅଧିକାରୀଙ୍କୁ ସେ ଅବଗତ କରାଇଥିଲେ। ସେହିପରି ଗ୍ରୀଡ୍‌କୋ ପରିଚାଳନା କର୍ତ୍ତୃପକ୍ଷଙ୍କୁ ନିରବଚ୍ଛିନ୍ନ ଭାବେ ମାର୍ଗଦର୍ଶନ ଦେଇଆସୁଥିବା ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ ଓ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ମଧ୍ୟ ସେ ନିର୍ଦ୍ଦେଶକ ମଣ୍ଡଳୀ ପକ୍ଷରୁ ଧନ୍ୟବାଦ ଦେଇଥିଲେ। ଚଳିତ ଆର୍ଥିକ ବର୍ଷର ପ୍ରଥମ ୯ମାସ ଅବଧିରେ ଦ୍ୱିପାକ୍ଷିକ ଶକ୍ତି ବିନିମୟ ବ୍ୟବସ୍ଥା ମାଧ୍ୟମରେ ବିଦ୍ୟୁତ୍ ଶକ୍ତି ବ୍ୟବସାୟରେ ଉନ୍ନତି ଘଟାଇ ସଂସ୍ଥାର କ୍ଷତି ହ୍ରାସ କରିବାରେ ସଫଳ ହୋଇଥିବା ଗ୍ରୀଡ୍‌କୋର ଟ୍ରେଡିଂ ଓ ବିଜ୍‌ନେସ୍ ଡେଭଲପମେଣ୍ଟ ଟିମ୍‌ର ପ୍ରୟାସକୁ ସେ ପ୍ରଶଂସା କରିଥିଲେ। ଶେଷରେ ଗ୍ରୀଡ୍‌କୋର ପରିଚାଳନା ନିର୍ଦ୍ଦେଶକ ତ୍ରିଲୋଚନ ପଣ୍ଡା ଦୀର୍ଘ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ଗ୍ରୀଡ୍‌କୋକୁ ନିରନ୍ତର ମାର୍ଗଦର୍ଶନ ଓ ଉପଦେଶ ଦେଇଆସୁଥିବା ସ୍ୱାଧୀନ ନିର୍ଦ୍ଦେଶକମାନଙ୍କୁ ଓ ରାଜ୍ୟରେ ସ୍ଥିର ଓ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇଦେବା ଦିଗରେ ସଫଳ ହୋଇଥିବା ଗ୍ରୀଡ୍‌କୋକୁ ଅକୁଣ୍ଠ ସହଯୋଗ ଓ ସହାୟତା ଦେଇଥିବା ରାଜ୍ୟ ସରକାରଙ୍କୁ ସେ କୃତଜ୍ଞତା ଜଣାଇଥିଲେ। ଉକ୍ତ ବୈଠକରେ ବୋର୍ଡର ନିର୍ଦ୍ଦେଶକ ମଣ୍ଡଳୀର ସଦସ୍ୟ ଯୁଧିଷ୍ଠିର ନାୟକ, ଡ.ସତ୍ୟପ୍ରିୟ ରଥ, ଡ. କମଳାକାନ୍ତ ଦାସ, ଧୀରେନ୍ଦ୍ର କୁମାର ରାୟ, ପ୍ରଫେସର ଡ. ପଦ୍ମଜା ମିଶ୍ର ଓ ଚିତ୍ତରଞ୍ଜନ ପ୍ରଧାନ ପ୍ରମୁଖ ସ୍ୱାଧୀନ ନିର୍ଦ୍ଦେଶକମାନଙ୍କ ସହ ଅର୍ଥ ନିର୍ଦ୍ଦେଶକ ଗଗନ ବିହାରୀ ସ୍ୱାଇଁ ଓ ବ୍ୟବସାୟିକ ନିର୍ଦ୍ଦେଶକ ଇଂ ଉମାକାନ୍ତ ସାହୁ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

**MISSING**



**ନାମ: ଶାନ୍ତିଲତା ମାଝୀ,** ବୟସ: ୫୨ବର୍ଷ, ତାରିଖ: ୦୧।୦୨।୨୦୨୨, ସମୟ: ସକାଳ ୮ଘଟିକା, ନିଖୋଜ ସ୍ଥାନ: ପାହାଳ, ଭୁବନେଶ୍ୱର, ଫୋନ୍ ନଂ.- 7205781448, 9438689362, 9668264078, 8658516702 ପାହାଳ ଥାନା କିମ୍ବା ନିକଟସ୍ଥ ପୋଲିସ୍ ଷ୍ଟେସନ୍‌କୁ ଯୋଗାଯୋଗ କରନ୍ତୁ। ଓ.ଆଇ.ସି- 9438411083.
ଧ-୨୩୧୪୨

### ଫୁରସତ୍

# କାଠଗଡ଼ାରେ 'ଗଙ୍ଗୁବାଈ କାଠିଆବାଡ଼ି'

**ମୁମ୍ବାଇ:** ଅଡୁଆରେ ପଡିଲେ ବଲିଉଡ୍‌ର ବୁଲବୁଲି ନାୟିକା ଆଲିଆ ଭଟ୍ଟ। ଫିଲ୍ମ 'ଗଙ୍ଗୁବାଈ କାଠିଆବାଡି'କୁ ନେଇ ତାଙ୍କୁ ବିବାଦର ସାମ୍ନା କରିବାକୁ ପଡିଛି। ତାଙ୍କ ସହ ଚଳଚ୍ଚିତ୍ର ନିର୍ଦ୍ଦେଶକ ସଞ୍ଜୟ ଲିଲା ଭଁସାଲୀଙ୍କ ନାମରେ ମଧ୍ୟ ମାମଲା ରୁଜୁ ହୋଇଛି। ମୁଭିର ଟ୍ରେଲର୍ ରିଲିଜ ହେବା ପରଠାରୁ ଦୁହିଁଙ୍କ ଅଡୁଆ ବଢିଯାଇଛି। ଚଳଚ୍ଚିତ୍ରରେ ଗଙ୍ଗୁବାଈଙ୍କ ଚରିତ୍ରକୁ ଖରାପ ଚିତ୍ରଣ କରାଯାଇଛି। ଗଙ୍ଗୁବାଈଙ୍କୁ ଜଣେ ସାମାଜିକ କର୍ମୀ ବଦଳରେ ଦେହଜୀବୀ ଦର୍ଶାଯାଇଥିବା ଅଭିଯୋଗ ହୋଇଛି। ଗଙ୍ଗୁବାଈଙ୍କ ପୋଷ୍ୟପୁତ୍ର ବାବୁ ରାଓଜୀ ଶାହା ଏବଂ ତାଙ୍କ ନାତୁଣୀ ଭାରତୀ ସିନେମାର କାହାଣୀକୁ ଜୋରଦାର ବିରୋଧ କରିଛନ୍ତି। ସେ ମୁମ୍ବାଇର ଏକ କୋର୍ଟରେ ଆଲିଆ ଏବଂ ସଞ୍ଜୟଙ୍କ ନାମରେ ମାମଲା ରୁଜୁ କରିଛନ୍ତି। ବାବୁଙ୍କ ଅଭିଯୋଗ ଅନୁଯାୟୀ, ଫିଲ୍ମ ନିର୍ମାଣବେଳେ ତାଙ୍କ ପରିବାରଠାରୁ କୌଣସି ଅନୁମତି ନିଆଯାଇ ନ ଥିଲା। ପୂର୍ବରୁ ଯେତେବେଳେ ଗଙ୍ଗୁବାଈଙ୍କ ଉପରେ ବହି ଲେଖାଯାଇଥିଲା ସେତେବେଳେ ମଧ୍ୟ ଅନୁମତି ନେଇ ନ ଥିଲେ। ମୁଭିରେ ଗଙ୍ଗୁବାଈଙ୍କ ଚରିତ୍ର ପାଇଁ ତାଙ୍କ ପରିବାରର ସମସ୍ୟା ବଢିଯାଇଛି। ପରିବାରକୁ ମୁମ୍ବାଇରେ ବାରମ୍ବାର ଘର ବଦଳାଇବାକୁ ପଡୁଛି ବୋଲି ସେ କହିଛନ୍ତି। ସୂଚନା ମୁତାବକ, ୨୦୨୨ରେ ଫିଲ୍ମର ପ୍ରଥମ ପ୍ରୋମୋ ରିଲିଜ୍ ହେବା ସମୟରେ ବାବୁ ଚଳଚ୍ଚିତ୍ର ବିରୋଧରେ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ସେତେବେଳେ ଆଲିଆ ଏବଂ ସଞ୍ଜୟଙ୍କୁ ଲିଗାଲ ନୋଟିସ୍ ପଠାଯାଇଥିଲା। କିନ୍ତୁ ପରେ ବମ୍ବେ ହାଇକୋର୍ଟ ଫିଲ୍ମ ରିଲିଜ୍ ଉପରେ ରୋକ ଲଗାଇବାକୁ ମନା କରିଦେଇଥିଲେ।



## ବିରଳ ବେବି ସାର୍କ

**ୱେଲିଂଟନ୍:** ନ୍ୟୁଜିଲାଣ୍ଡର ସମୁଦ୍ର ତଟରେ ସାର୍କ ମାଛର ଏପରି ଏକ ଦୁର୍ଲଭ ପ୍ରଜାତି ଠାବ ହୋଇଛି। ଉକ୍ତ ସାର୍କ ମାଛକୁ ଚିମେରା ମଧ୍ୟ କୁହାଯାଏ। ବୈଜ୍ଞାନିକମାନେ ମାଛ ସଂଖ୍ୟା ଗଣନା କରୁଥିଲେ ଏହି ଛୁଆ ସାର୍କଟି ସେମାନଙ୍କ ନଜରକୁ ଆସିଥିଲା। 'ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ୱାଟର ଆଣ୍ଡ ଆଟ୍‌ମୋସ୍ଫିୟରିକ୍ ରିସର୍ଚ୍ଚ'ର ବୈଜ୍ଞାନିକମାନେ ନ୍ୟୁଜିଲାଣ୍ଡର ଦକ୍ଷିଣ ଦ୍ୱୀପର ପାଖାପାଖି କିଲୋମିଟରରୁ ଊର୍ଦ୍ଧ୍ୱ ଗଭୀରରୁ ଛୁଆ ସାର୍କଟିକୁ ପାଇଥିଲେ। ବୈଜ୍ଞାନିକଙ୍କ କହିବା ଅନୁଯାୟୀ, ବାୟୋଲୋଜି ଏବଂ ଇକୋଲୋଜି ପାଇଁ ଏହି ପ୍ରଜାତିର ଜୀବ ମିଳିବା ବହୁତ ଉପାଦେୟ ହେବ। ଏହି ମାଛଟିର ପ୍ରକୃତ ନାମ କାର୍ଟିଲାଜିନସ୍। ଏହାର କଙ୍କାଳର ଅଧିକାଂଶ ଭାଗ କାର୍ଟିଲେଜ୍‌ରେ ତିଆରି। ବାହାରକୁ ଏହା ଅଜବ ଦୃଶ୍ୟମାନ ହେଉଥିବାରୁ ଏହାକୁ ଘୋଷ୍ଟ ସାର୍କ ବୋଲି କୁହାଯାଉଛି।



**CLASSIFIED DISPLAY**

MORE SPACE • SAME PRICE

TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

ALL EDITION - B/W (Everyday)
for Booking Contact: 0674-2580385, 8637280816, 7894447167, 9338226625

**GALAXY TOWER**
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କ ର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।
Rupees 60 ଲକ୍ଷ advance 45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା
Bansal Tower, B wing, Bangalore Karnataka-400021
8901110759

**FREE ADMISSION**
YEAR - 2022 - 23
UNDER RTE 25% SEAT RESERVATION
SARASWATI SISHU VIDYAMANDIR
Khandagiri, Bari
For STD - 1Only
Phone No. 9337671814
Apply in
www.RteParadarshi.odisha.gov.in
Apply Start on Dt.22.02.2022
(SC, ST, OBC, Ration Card Holder & Other Group under RTE can apply)

**FREE ADMISSION**
YEAR - 2022 - 23
UNDER RTE 25% SEAT RESERVATION
SARASWATI SISHU VIDYAMANDIR
Plot No. 603, Brahmeswar Colony, Rasulgarh
For STD - 1Only
Phone No. 8093299788
Apply in
www.RteParadarshi.odisha.gov.in
Apply Start on Dt.22.02.2022
(SC, ST, OBC, Ration Card Holder & Other Group under RTE can apply)

**ଲୋନ୍ ଲୋନ୍ ଲୋନ୍**
ଗୁରୁକୃପା ଫାଇନାନ୍ସ ଦ୍ୱାରା ଲୋନ୍।
1 ଲକ୍ଷରୁ 90 ଲକ୍ଷ ପର୍ଯ୍ୟନ୍ତ।
0% ସୁଧ, 35% ରିହାତି।
ମାର୍କଶିଟ୍, ପ୍ରପର୍ଟି, ବିଜ୍‌ନେସ୍, ହୋମ୍ ଲୋନ୍, ଏଗ୍ରୀକଲ୍ଚର ଏବଂ ସମସ୍ତ ଲୋନ୍ ମାତ୍ର 890 ଟଙ୍କାରେ।
9870683762

**BALAJI FINANCE**
(Reg. No.- 003367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡ଼ାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8902403341

**BIDISHA FINANCE**
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ, କୃଷି, ଗାଈ, ଛେଳି, ମାଛଚାଷ ଓ କୁକୁଡ଼ା ପାଳନ ଇତ୍ୟାଦି ପାଇଁ ସମସ୍ତ ପ୍ରକାର LOAN 2% ସୁଧରେ ଯୋଗାଇ ଦିଆଯାଉଛି। ଅନ୍‌ଲାଇନ୍ ସୁବିଧା, Agent ପାଇଁ Call:
M.: 8280679245, 7653803952
Asrayagad, Gulaijang, Gajapati

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ସଂଯୁକ୍ତା ମହାପାତ୍ର
ଧରାବତରଣ: ୧୩।୦୬।୧୯୬୬
ସ୍ୱର୍ଗାରୋହଣ: ୦୮।୦୨।୨୦୨୨
'ତୁମପରି ମା' କିଏ ହେବ। ନୀତିକୁ କେବଳ ଆଦର୍ଶ କରି ଦୁନିଆ ଆଗରେ ଠିଆ ହେବା। ତୁମ ଆତ୍ମାର ଶାନ୍ତି ଓ ସଦ୍‌ଗତି କାମନା କରୁଛୁ।
ଶୋକସନ୍ତପ୍ତ: ଝିଅ: ସୋନୁ, ସ୍ୱାମୀ, ବନ୍ଧୁ ଓ ପରିବାରବର୍ଗ।
ଧ-୨୩୧୮୫

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



Susamani Pani
ବିଦୂରପୁର, ଡେଲାଙ୍ଗ, ପୁରୀ
ଆବିର୍ଭାବ: ୧୨।୦୬।୧୯୨୬
ତିରୋଧାନ: ୨୮।୦୨।୨୦୨୧
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶ୍ରଦ୍ଧାଞ୍ଜଳି ସହିତ:-
ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ଅମନ୍, ଡୁଡୁ।
ଧ-୨୩୧୭୨

## ପୁଅଙ୍କୁ ଡେଟିଂ କୋଚିଂ



**ଲଣ୍ଡନ:** ଝିଅଙ୍କୁ ଡେଟିଂରେ ନେଇ ପ୍ରଭାବିତ କରିବାର କଳା ଶିଖିବା ପାଇଁ କୋଚିଂ। କଥାଟା ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ସତ। ଜଣେ ବ୍ରିଟିଶ ମଡେଲ କେଜିଆ ନୋବେଲ ଡେଟିଂ ପାଇଁ କୋଚିଂ ଦେଉଛନ୍ତି। ଝିଅମାନଙ୍କୁ ପୁଅମାନେ କିପରି ପ୍ରଭାବିତ କରିବେ ସେ ନେଇ ଟିପ୍ସ ଦେଉଛନ୍ତି। କୋଚିଂ ପାଇଁ ସେ ଘଣ୍ଟାକୁ ଫି ଭାବରେ ୩୦ ହଜାର ଟଙ୍କା ଚାର୍ଜ କରନ୍ତି।

କେଜିଆ ୧୫ ବର୍ଷ ବୟସରେ ପାଠପଢା ଛାଡିଦେଇଥିଲେ। ୨୦୦୬ର ସେ ଲଣ୍ଡନର ଏକ ବାର୍‌ରେ ବସିଥିଲେ। ଏହି ସମୟରେ ଏପରି କୋଚିଂର ଚିନ୍ତା ତାଙ୍କ ମୁଣ୍ଡକୁ ଜୁଟିଥିଲା। ସେତେବେଳେ ତାଙ୍କୁ ୨୫ ବର୍ଷ ହୋଇଥିଲା। ଜଣେ ବ୍ୟକ୍ତି ତାଙ୍କ ପାଖକୁ ଆସ ମହିଳାଙ୍କ ସହ କଥାବାର୍ତ୍ତା ହେବାର କୌଶଳ ପଚାରିଥିଲେ। କେଜିଆ ତାଙ୍କୁ ଟିପ୍ସ ମଧ୍ୟ ଦେଇଥିଲେ। ଏହା ପରଠାରୁ କେଜିଆ ଏପରି କାମ ଆରମ୍ଭ କରିଛନ୍ତି। ତାଙ୍କର ଏକ ୟୁଟ୍ୟୁବ ଚ୍ୟାନେଲ ଥିବାବେଳେ ସେଥିରେ ୪ ଲକ୍ଷରୁ ଊର୍ଦ୍ଧ୍ୱ ସବ୍‌ସ୍କ୍ରାଇବର ଅଛନ୍ତି। ଏଥିପାଇଁ ସେ ୨୫ ଜଣଙ୍କୁ ନିଯୁକ୍ତି ଦେଇଛନ୍ତି। ସେମାନେ ଡେଟିଂ କର୍ମଶାଳା ଆୟୋଜନ କରନ୍ତି। ଏ ପର୍ଯ୍ୟନ୍ତ କେଜିଆ ଏହି ବ୍ୟବସାୟରୁ ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ରୋଜଗାର କରିଛନ୍ତି। କେଜିଆ ସ୍ୱାମୀଙ୍କୁ ଛାଡପତ୍ର ଦେଇ ଅଲଗା ରହୁଥିବାବେଳେ ତାଙ୍କର ଜଣେ ୬ ବର୍ଷର ପୁଅ ରହିଛି।

# ଗେମ୍ ଅଫ୍ ମନି



ନିର୍ମଳ କୁମାର ମିଶ୍ର

ଟାଟା ପ୍ରାୟୋଜିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଖେଳାଳି ନିଲାମ ପ୍ରକ୍ରିୟା ନିକଟରେ ଶେଷ ହୋଇଛି। ଫେବୃୟାରୀ ୧୨ ଏବଂ ୧୩ ରେ ହୋଇଥିବା ଏହି ମେଗା ନିଲାମ ଉପରେ କ୍ରିକେଟ ଜଗତର ନଜର ରହିଥିଲା। ୧୦ଟି ଟିମ୍‌ର ଫ୍ରାଞ୍ଚାଇଜ ସେମାନଙ୍କ ମନ ପସନ୍ଦର ଖେଳାଳିଙ୍କୁ ଚୟନ କରିଥିଲେ। ଏଥର ନୂତନ ଦଳ ଭାବେ ଗୁଜରାଟ ଟାଇଟାନ୍ସ ଏବଂ ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ନିଲାମ ପ୍ରକ୍ରିୟାରେ ଭାଗ ନେଇଥିଲେ। ଭାରତୀୟ ଯୁବ ଖେଳାଳିଙ୍କ ଉପରେ ଅଧିକାଂଶ ଫ୍ରାଞ୍ଚାଇଜ ଭରଷା ଦେଖାଇଥିବାବେଳେ ଅନେକ ନାମୀଦାମୀ ଖେଳାଳି ନିରାଶ ହୋଇଥିଲେ। ଅନ୍ୟପକ୍ଷରେ ଇଶାନ କିଶନ, ଋତୁରାଜ ଗାଏକ୍ୱାଡ୍, ଦେବଦତ୍ତ ପଡିକାଲ, ନୀତୀଶ ରାଣା, ରାହୁଲ ଟେୱାଟିଆ, ୱାଶିଂଟନ ସୁନ୍ଦର, କ୍ରୁନାଲ ପାଣ୍ଡ୍ୟା, ଅଭିଷେକ ଶର୍ମା, ଦୀପକ ହୁଡା, ରାହୁଲ ତ୍ରିପାଠୀ, ହର୍ଷଲ ପଟେଲ, ପ୍ରସିଦ୍ଧ କ୍ରିଷ୍ଣାଙ୍କ ପରି ଯୁବଖେଳାଳି ସେମାନଙ୍କ ବେଶ୍ ପ୍ରାଇସ୍ ଠାରୁ ଅଧିକ ମୂଲ୍ୟରେ ଯାଇଥିଲେ। ଇଶାନ ନିଲାମରେ ସବୁଠାରୁ ଦାମୀ ଖେଳାଳି ବିବେଚିତ ହୋଇଥିଲେ। ଆଇପିଏଲ-୧୪ରେ ବହୁ ନାମୀଦାମୀ ଖେଳାଳି ଦକ୍ଷତା ଅନୁସାରେ ପ୍ରଦର୍ଶନ କରିପାରି ନ ଥିଲେ। ତା'ର ପ୍ରଭାବ ଏଥର ନିଲାମରେ



ପ୍ରତିଫଳିତ ହୋଇଛି। ନିୟମ ଅନୁସାରେ ଅଂଶଗ୍ରହଣକାରୀ ଦଳ ଗୁଡ଼ିକ ୨ରୁ ୪ ଜଣ ଖେଳାଳି ରିଟେନ୍ କରି ଅନ୍ୟ ସମସ୍ତଙ୍କୁ ରିଲିଜ କରିଥିଲେ। କ୍ରୁନାଲ ପାଣ୍ଡ୍ୟା, ଡେଭିଡ ମିଲର, ଡାରେନ୍ ବ୍ରାଭୋ, ଷ୍ଟିଭ ସ୍ମିଥ, କ୍ରିସ୍ ମୋରିସ, କ୍ୱିଣ୍ଟନ ଡି'କକ୍, ସୁରେଶ ରାଇନା, ଇଅନ ମୋର୍ଗାନ, ଶକିବ ଅଲ୍ ହାସନଙ୍କ ମଧ୍ୟରୁ ଏଥର ନିଲାମରେ କେତେକଙ୍କର ମୂଲ୍ୟ ହ୍ରାସ ଘଟିଛି ଏବଂ ଆଉ କେତେଜଣଙ୍କୁ କୌଣସି ଫ୍ରାଞ୍ଚାଇଜ୍ କିଣି ନାହାନ୍ତି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଆଇପିଏଲର ଅନ୍ୟତମ ଶ୍ରେଷ୍ଠ ଖେଳାଳି ସୁରେଶ ରାଇନା, ଶକିବ ଅଲ୍ ହାସନ, ଆଡିଲ୍ ରଶିଦ୍, ଇମ୍ରାନ୍ ତାହିର, ଷ୍ଟିଭ୍ ସ୍ମିଥ, ଦାୱିଦ ମଲନ, ଇଅନ ମୋର୍ଗାନ, ଆରୋନ୍ ଫିଞ୍ଚ, ଚାରିଥ ଆଶାଲଙ୍କା, ବେନ କଟିଂ, ଆଡାମ ଜାମ୍ପା, ଚେତେଶ୍ୱର ପୂଜାରା, ଇଶାନ୍ତ ଶର୍ମାଙ୍କ ପରି ଖେଳାଳି ଏଥର ଫ୍ରାଞ୍ଚାଇଜମାନଙ୍କୁ ଆକର୍ଷିତ କରିପାରି ନ ଥିଲେ। ଆଇପିଏଲ ଇତିହାସରେ ରାଇନା ପ୍ରଥମ ଥର ପାଇଁ ଅନ୍‌ସୋଲ୍ଡ ରହିଥିଲେ। ଏପରିକି ଅମିତ ମିଶ୍ର ଏବଂ ପୀୟୂଷ ଚାୱଲାଙ୍କ ପରି ସ୍ପିନର ମଧ୍ୟ ଅଲୋଡ଼ା ରହିବା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି।

ଦୁଇଦିନ ଧରି ଚାଲିଥିବା ଏହି ମେଗା ନିଲାମରେ ୨୨୪ ଜଣ ଖେଳାଳିଙ୍କୁ ୫୫୨ କୋଟି ଟଙ୍କାରେ ବିଭିନ୍ନ ଫ୍ରାଞ୍ଚାଇଜ କିଣିଥିଲେ। ୧୦ ଖେଳାଳି ଏହି ମେଗା ନିଲାମ ପ୍ରକ୍ରିୟାରେ ୧୦ କୋଟିର ମାଇଲଖୁଣ୍ଟ ଅତିକ୍ରମ କରଥିଲେ। ସେମାନଙ୍କ ମଧ୍ୟରେ ଥିଲେ ଇଶାନ କିଶନ (ମୁମ୍ବାଇ), ଦୀପକ ଚହର (ଚେନ୍ନାଇ), ଶ୍ରେୟସ ଆୟାର (କୋଲକାତା), ହର୍ଷଲ ପଟେଲ (ବାଙ୍ଗାଲୋର), ଆଭେଶ ଖାନ୍ (ଲକ୍ଷ୍ନୌ) ଶାର୍ଦ୍ଦୁଳ ଠାକୁର (ଦିଲ୍ଲୀ), ୱାନିନ୍ଦୁ ହସରଙ୍ଗା (ବାଙ୍ଗଲୋର), ନିକୋଲାସ ପୁରନ (ହାଇଦ୍ରାବାଦ), ପ୍ରସିଦ୍ଧ କ୍ରିଷ୍ଣା (ରାଜସ୍ଥାନ) ଲୋକି ଫର୍ଗୁସନ (ଗୁଜରାଟ) ଓ ଲିଆମ୍ ଲିଭିଂଷ୍ଟୋନ୍ (ପଞ୍ଜାବ)। ଆଭେସଙ୍କ ବେସ୍ ପ୍ରାଇସ ୨୦ ଲକ୍ଷ ଥିବା ବେଳେ ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ତାଙ୍କୁ ୧୦ କୋଟି ଟଙ୍କାରେ କଣିଥିଲା। ଆଇପିଏଲ୍ ଇତିହାସରେ ଜଣେ ଅନ୍ କ୍ୟାପଡ୍ ଖେଳାଳି ସର୍ବାଧିକ ଟଙ୍କାରେ ବିକ୍ରିହେବାରେ ଆଭେଶ ରେକର୍ଡ କରିଥିଲେ।

୨ଟି ନୂଆ ଟିମ୍ ଗୁଜରାଟ ଟାଇଟାନ୍ସ ଏବଂ ଲକ୍ଷ୍ନୌ ସୁପର ଜିଆଣ୍ଟ୍ସର ଫ୍ରାଞ୍ଚାଇଜ ଉପରେ ସମସ୍ତଙ୍କର ନଜର ରହିଥିଲା। ହାର୍ଦ୍ଦିକ ପାଣ୍ଡ୍ୟା ଗୁଜରାଟ ଟାଇଟାନ୍ସର ଅଧିନାୟକ ହୋଇଥିବା ବେଳେ ରସିଦ୍ ଖାଁ, ଶୁବମନ ଗିଲ୍, ଜାସନ ରୟ, ଲୋକି ଫର୍ଗୁସନ, ମହମ୍ମଦ ସାମି, ଡେଭିଡ ମିଲର ଓ ମାଥ୍ୟୁ ୱେଡ୍‌ଙ୍କ ଉପରେ ଭରସା ଦେଖାଇଛି। ସେହିପରି ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ଭାରତୀୟ ଦଳର ଓପନର ଲୋକେଶ ରାହୁଲଙ୍କ ଅଧିନାୟକତ୍ୱରେ ୨୧ ଖେଳାଳିଙ୍କୁ ଚୟନ କରିଛି। ମାର୍କୁସ୍ ଷ୍ଟୋଇନିସ୍, ରବି ବିଷ୍ଣୋଇଙ୍କୁ ନିଲାମ ପୂର୍ବରୁ ଏହି ଦଳ ନିଜ ପାଖକୁ ନେଇ ଥିବାବେଳେ ୭ଜଣ ବିଦେଶୀ ଖେଳାଳିଙ୍କୁ ପସନ୍ଦ କରିଛି। ମାର୍କ ଉଡ୍, କ୍ୱିଣ୍ଟନ ଡି'କକ୍, ଜାସନ ହୋଲ୍ଡର, ଇଭିନ୍ ଲୁଇସ୍‌ଙ୍କପରି ଦକ୍ଷ ଟି୨୦ ଖେଳାଳିଙ୍କୁ ନେଇ ଦଳ ବେଶ୍ ସନ୍ତୁଳିତ ମନେହୁଏ।

୪ଥର ଚାମ୍ପିୟନ ଚେନ୍ନାଇ ସୁପର କିଙ୍ଗ୍ସ ଅନେକ ଅଭିଜ୍ଞ ଖେଳାଳିଙ୍କୁ ଦଳରେ ସାମିଲ କରିଛି। ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱରେ ଦଳ ରବିନ୍ ଉଥପା, ଯୁବ ଓପନର ଋତୁରାଜ ଗାଏକ୍ୱାଡ ଏବଂ ଅମ୍ବାତି ରାଇଡୁଙ୍କ ଉପରେ ବିଶେଷ ନିର୍ଭର କରିବ। ଓଡ଼ିଶାର ତୃତୀୟ ଆଇପିଏଲ ଖେଳାଳି ରୂପେ ବର୍ତ୍ତମାନର ରଣଜୀ ଅଧିନାୟକ ଶୁଭ୍ରାଂଶୁ ସେନାପତି ୨୦ଲକ୍ଷ ଟଙ୍କା ବେସ୍ ପ୍ରାଇସରେ ଚେନ୍ନାଇ ଦଳରେ ସାମିଲ ହୋଇଛନ୍ତି। ପ୍ରତିଭାସମ୍ପନ୍ନ ଏହି ଯୁବ ବ୍ୟାଟର ସୁଯୋଗ ପାଇଲେ ନିଶ୍ଚିତ ଭଲ ପ୍ରଦର୍ଶନ କରିବେ। ନେଟ୍ସରେ ତାଙ୍କର ବ୍ୟାଟିଂ ଧୋନୀଙ୍କୁ ବେଶ୍ ପ୍ରଭାବିତ କରିଥିଲା। ତାଙ୍କର ଆଇପିଏଲ ଏଣ୍ଟ୍ରି ଓଡ଼ିଶା କ୍ରିକେଟ ପାଇଁ ଶୁଭ ସଙ୍କେତ ହୋଇଥିବା ବେଳେ ଓସିଏର ଭିଜନ ୨୦୨୪ର ଏହା ଏକ ସଫଳତା କହିଲେ ଅତ୍ୟୁକ୍ତି ହେବ ନାହିଁ। ପୂର୍ବରୁ ବିପ୍ଳବ ସାମନ୍ତରାୟ ଏବଂ ହଳଧର ଦାସ ଆଇପିଏଲ ଖେଳିବାର ସୁଯୋଗ ପାଇଥିଲେ। ଶୁଭ୍ରାଂଶୁ ସେନାପତି ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫିରେ ଚଳିତ ସିଜିନ୍‌ରେ ୫ଟି ମ୍ୟାଚରୁ ୧୩୮ ରନ୍ କରିଥିଲେ। ଆନ୍ଧ୍ରପ୍ରଦେଶ ବିପକ୍ଷରେ ବିଜୟ ହଜାରେ ଟ୍ରଫି ଶତକ ସହିତ ବିଦର୍ଭ ଏବଂ ହିମାଚଳ ପ୍ରଦେଶ ବିପକ୍ଷରେ ଅର୍ଦ୍ଧଶତକ ହାସଲ କରିଥିଲେ। ମୋଟ ୨୬ଟି ଟି୨୦ ମ୍ୟାଚ ଖେଳି ସେ ୬୩୭ ରନ୍ କରିଥିଲେ। ସୁଯୋଗର ସେ ସଦୁପଯୋଗ କରିପାରିଲେ ଭବିଷ୍ୟତ ଉଜ୍ଜ୍ୱଳ ହେବ।



ଇଶାନ କିଶନ

**ଆଇପିଏଲ୍-୧୫ର ଖେଳାଳି ନିଲାମ ପ୍ରକ୍ରିୟା ନିକଟରେ ଶେଷ ହୋଇଛି। ଫେବୃୟାରୀ ୧୨ ଓ ୧୩ ରେ ହୋଇଥିବା ଏହି ମେଗା ନିଲାମରେ ୧୦ ଦଳର ଫ୍ରାଞ୍ଚାଇଜ ସେମାନଙ୍କ ମନ ପସନ୍ଦର ଖେଳାଳିଙ୍କୁ ଚୟନ କରିଛନ୍ତି। ଭାରତୀୟ ଯୁବ ଖେଳାଳିଙ୍କ ଉପରେ ଅଧିକାଂଶ ଫ୍ରାଞ୍ଚାଇଜ ଭରସା ଦେଖାଇଥିବାବେଳେ ଇଶାନ କିଶନ ସବୁଠାରୁ ଦାମୀ ସାବ୍ୟସ୍ତ ହୋଇଛନ୍ତି...**

## ଆଇପିଏଲ୍-୧୫
## ବିଭିନ୍ନ ଦଳର ରୂପରେଖ

### ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର

| ଖେଳାଳି | ମୂଲ୍ୟ (ଟଙ୍କାରେ) |
|---|---|
| * ବିରାଟ କୋହଲି | ୧୫ କୋଟି |
| * ଗ୍ଲେନ୍ ମ୍ୟାକ୍ସୱେଲ | ୧୧ କୋଟି |
| * ମହମ୍ମଦ ସିରାଜ | ୭ କୋଟି |
| ଜୋସ୍ ହାଜେଲଉଡ୍ | ୭ କୋଟି ୭୫ ଲକ୍ଷ |
| ଦୀନେଶ କାର୍ତ୍ତିକ | ୫ କୋଟି ୫୦ ଲକ୍ଷ |
| ହର୍ଷଲ ପଟେଲ | ୧୦ କୋଟି ୭୫ ଲକ୍ଷ |
| ଫାଫ୍ ଡୁ'ପ୍ଲେସି | ୭ କୋଟି |
| ୱାନିନ୍ଦୁ ହସରଙ୍ଗା | ୧୦ କୋଟି ୭୫ ଲକ୍ଷ |
| ଶାହାବାଜ ଅହମଦ | ୨ କୋଟି ୪୦ ଲକ୍ଷ |
| ଅନୁଜ ରାୱତ | ୩ କୋଟି ୪୦ ଲକ୍ଷ |
| ଆକାଶ ଦୀପ | ୨୦ ଲକ୍ଷ |
| ଫିନ୍ ଆଲେନ | ୮୦ ଲକ୍ଷ |
| ଶେର୍ଫାନେ ରୁଦରଫୋର୍ଡ | ୧ କୋଟି |
| ମହିପାଲ ଲୋମରୋର | ୯୫ ଲକ୍ଷ |
| ଚାମା ମିଲିନ୍ଦ | ୨୫ ଲକ୍ଷ |
| ସିଦ୍ଧାର୍ଥ କୌଲ | ୭୫ ଲକ୍ଷ |
| ଡେଭିଡ ୱିଲି | ୨ କୋଟି |
| କର୍ନ ଶର୍ମା | ୫୦ ଲକ୍ଷ |
| ଜାସନ ବେହରେନଡର୍ଫ | ୭୫ ଲକ୍ଷ |
| ଅନିଶ୍ୱର ଗୌତମ | ୨୦ ଲକ୍ଷ |
| ଲୁଭନିଥ ସିସୋଡିଆ | ୨୦ ଲକ୍ଷ |
| ସୂୟାସ ପ୍ରଭୁଦେଶାଇ | ୩୦ ଲକ୍ଷ |

### କୋଲକାତା ନାଇଟ ରାଇଡର୍ସ

| ଖେଳାଳି | ମୂଲ୍ୟ (ଟଙ୍କାରେ) |
|---|---|
| * ବରୁଣ ଚକ୍ରବର୍ତ୍ତୀ | ୮ କୋଟି |
| * ସୁନୀଲ ନାରିନ | ୬ କୋଟି |
| * ଆନ୍ଦ୍ରେ ରସେଲ | ୧୨ କୋଟି |
| * ଭେଙ୍କଟେଶ ଆୟାର | ୮ କୋଟି |
| ପ୍ୟାଟ୍ କୁମିନ୍ସ | ୭ କୋଟି ୨୫ ଲକ୍ଷ |
| ନୀତୀଶ ରାଣା | ୮ କୋଟି |
| ଶ୍ରେୟାସ ଆୟାର | ୧୨କୋଟି ୨୫ ଲକ୍ଷ |
| ଶିବମ୍ ମାଭି | ୭ କୋଟି ୨୫ ଲକ୍ଷ |
| ଶେଲଡନ ଜ୍ୟାକସନ | ୬୦ ଲକ୍ଷ |
| ରିଙ୍କୁ ସିଂ | ୫୫ ଲକ୍ଷ |
| ଚାମିକା କରୁଣାରତ୍ନେ | ୫୦ ଲକ୍ଷ |
| ବାବା ଇନ୍ଦ୍ରଜିତ | ୨୦ ଲକ୍ଷ |
| ଉମେଶ ଯାଦବ | ୨ କୋଟି |
| ସାମ୍ ବିଲିଙ୍ଗ୍ସ | ୨ କୋଟି |
| ଅଜିଙ୍କ୍ୟ ରାହାନେ | ୧ କୋଟି |
| ମହମ୍ମଦ ନବି | ୧ କୋଟି |
| ଆଲେକ୍ସ ହେଲ୍ସ | ୧ କୋଟି ୫୦ ଲକ୍ଷ |
| ଟିମ୍ ସୌଦୀ | ୧ କୋଟି ୫୦ ଲକ୍ଷ |
| ଅଶୋକ ଶର୍ମା | ୫୫ ଲକ୍ଷ |
| ରମେଶ କୁମାର | ୨୦ ଲକ୍ଷ |
| ଅମନ୍ ଖାନ୍ | ୨୦ ଲକ୍ଷ |
| ରସିଖ ସଲାମ | ୨୦ ଲକ୍ଷ |
| ପ୍ରଥମ ସିଂ | ୨୦ ଲକ୍ଷ |
| ଅଭିଜିତ ତୋମାର | ୪୦ ଲକ୍ଷ |
| ଅନୁକୂଳ ରାୟ | ୨୦ ଲକ୍ଷ |

### ପଞ୍ଜାବ କିଙ୍ଗ୍ସ

| ଖେଳାଳି | ବେସ୍ ପ୍ରାଇସ୍ ମୂଲ୍ୟ (ଟଙ୍କାରେ) |
|---|---|
| * ମୟଙ୍କ ଅଗ୍ରୱାଲ | ୧୨ କୋଟି |
| * ଅର୍ଶଦୀପ ସିଂ | ୪ କୋଟି |
| ଶିଖର ଧାୱନ | ୮ କୋଟି ୨୫ ଲକ୍ଷ |
| ଜନି ବେୟାରଷ୍ଟୋ | ୬ କୋଟି ୭୫ ଲକ୍ଷ |
| କାଗିଶୋ ରାବାଡ଼ା | ୯ କୋଟି ୨୫ ଲକ୍ଷ |
| ରାହୁଲ ଚହର | ୫ କୋଟି ୨୫ ଲକ୍ଷ |
| ଶାହରୁଖ ଖାନ୍ | ୯ କୋଟି |
| ହରପ୍ରୀତ୍ ବ୍ରାର | ୩ କୋଟି ୮୦ ଲକ୍ଷ |
| ପ୍ରଭସିମରନ ସିଂ | ୬୦ ଲକ୍ଷ |
| ଜିତେଶ ଶର୍ମା | ୨୦ ଲକ୍ଷ |
| ଇଶାନ ପୋରେଲ | ୨୫ ଲକ୍ଷ |
| ଅଥର୍ବ ତାଇଦେ | ୨୦ ଲକ୍ଷ |
| ବୈଭବ ଆରୋରା | ୨ କୋଟି |
| ଅଂଶ ପଟେଲ | ୨୦ ଲକ୍ଷ |
| ରାଜ ଅଙ୍ଗଦ ବାୱା | ୨ କୋଟି |
| ବେନି ହୋୱେଲ | ୪୦ ଲକ୍ଷ |
| ଋଷି ଧାୱନ | ୫୫ ଲକ୍ଷ |
| ଭାନୁକା ରାଜପାକ୍ସା | ୫୦ ଲକ୍ଷ |
| ଲିଆମ ଲିଭିଂଷ୍ଟୋନ | ୧୧ କୋଟି ୫୦ ଲକ୍ଷ |
| ସନ୍ଦୀପ ଶର୍ମା | ୫୦ ଲକ୍ଷ |
| ବାଲତେଜ ସିଂ | ୨୦ ଲକ୍ଷ |
| ରିତିକ ଚାଟାର୍ଜୀ | ୨୦ ଲକ୍ଷ |
| ଓଡେନ ସ୍ମିଥ | ୬ କୋଟି |
| ନାଥାନ ଏଲିସ | ୭୫ ଲକ୍ଷ |
| ପ୍ରେରକ ମଙ୍କଡ଼ | ୨୦ ଲକ୍ଷ |

### ଚେନ୍ନାଇ ସୁପରକିଙ୍ଗ୍ସ

| ଖେଳାଳି | ମୂଲ୍ୟ (ଟଙ୍କାରେ) |
|---|---|
| * ରବୀନ୍ଦ୍ର ଜାଡେଜା | ୧୬ କୋଟି |
| * ମହେନ୍ଦ୍ର ସିଂ ଧୋନୀ | ୧୨ କୋଟି |
| * ମୋଇନ୍ ଅଲୀ | ୮ କୋଟି |
| * ଋତୁରାଜ ଗାଏକ୍ୱାଡ | ୬ କୋଟି |
| ଅମ୍ବାତି ରାୟୁଡୁ | ୬ କୋଟି ୭୫ ଲକ୍ଷ |
| ରବିନ ଉଥପ୍ପା | ୨ କୋଟି |
| ଦୀପକ ଚହର | ୧୪ କୋଟି |
| ଡ୍ୱେନ ବ୍ରାଭୋ | ୪ କୋଟି ୪୦ ଲକ୍ଷ |
| ଶୁଭ୍ରାଂଶୁ ସେନାପତି | ୨୦ ଲକ୍ଷ |
| କେ.ଏମ୍. ଅସିଫ | ୨୦ ଲକ୍ଷ |
| ତୁଷାର ଦେଶପାଣ୍ଡେ | ୨୦ ଲକ୍ଷ |
| ଶିବମ୍ ଦୁବେ | ୪ କୋଟି |
| ମିଚେଲ ସାଣ୍ଟନର | ୧ କୋଟି ୯୦ ଲକ୍ଷ |
| ଆଡାମ ମିଲ୍‌ନେ | ୧ କୋଟି ୯୦ ଲକ୍ଷ |
| ଡେଭନ କନ୍‌ୱେ | ୧ କୋଟି |
| ଡ୍ୱେନ ପ୍ରିଟୋରିଅସ | ୫୦ ଲକ୍ଷ |
| କ୍ରିସ୍ ଜୋର୍ଡାନ | ୩ କୋଟି ୬୦ ଲକ୍ଷ |
| ପ୍ରଶାନ୍ତ ସୋଲାଙ୍କି | ୧ କୋଟି ୨୦ ଲକ୍ଷ |
| ଭଗତ ବର୍ମା | ୨୦ ଲକ୍ଷ |
| ରାଜବର୍ଦ୍ଧନ ହାଙ୍ଗରଗେକର | ୧ କୋଟି ୫୦ ଲକ୍ଷ |
| ସିମରନଜିତ ସିଂ | ୨୦ ଲକ୍ଷ |
| ମହେଶ ଥିକ୍‌ସାନା | ୭୦ ଲକ୍ଷ |
| ମୁକେଶ ଚୌଧାରୀ | ୨୦ ଲକ୍ଷ |
| ହରି ନିଶାନ୍ତ | ୨୦ ଲକ୍ଷ |
| ଏନ୍. ଜଗଦୀଶନ | ୨୦ ଲକ୍ଷ |

### ଦିଲ୍ଲୀ କ୍ୟାପିଟାଲ୍ସ

| ଖେଳାଳି | ମୂଲ୍ୟ (ଟଙ୍କାରେ) |
|---|---|
| * ରିଷଭ ପନ୍ତ | ୧୬ କୋଟି |
| * ପୃଥ୍ୱୀ ଶ' | ୭ କୋଟି ୫୦ ଲକ୍ଷ |
| * ଏନ୍‌ରିଚ ନର୍ଜେ | ୬ କୋଟି ୫୦ ଲକ୍ଷ |
| * ଅକ୍ଷର ପଟେଲ | ୯ କୋଟି |
| ଡେଭିଡ ୱାର୍ନର | ୬ କୋଟି ୨୫ ଲକ୍ଷ |
| ମିଚେଲ ମାର୍ଶ | ୬ କୋଟି ୫୦ ଲକ୍ଷ |
| ମୁସ୍ତାଫିଜୁର ରହମନ | ୨ କୋଟି |
| ଶାର୍ଦ୍ଦୂଳ ଠାକୁର | ୧୦ କୋଟି ୭୫ ଲକ୍ଷ |
| କୁଲଦୀପ ଯାଦବ | ୨ କୋଟି |
| ଅଶ୍ୱିନ ହେବାର | ୨୦ ଲକ୍ଷ |
| ସର୍ଫରାଜ ଖାଁ | ୨୦ ଲକ୍ଷ |
| କମଲେଶ ନାଗରକୋଟି | ୧ କୋଟି ୧୦ ଲକ୍ଷ |
| କେ.ଏସ୍, ଭରତ | ୨ କୋଟି |
| ଚେତନ ସାକାରିଆ | ୪ କୋଟି ୨୦ ଲକ୍ଷ |
| ରିପଲ ପଟେଲ | ୨୦ ଲକ୍ଷ |
| ୟାଶ୍ ଧୁଲ | ୫୦ ଲକ୍ଷ |
| ଭିକି ଓସ୍‌ୱାଲ | ୨୦ ଲକ୍ଷ |
| ମନଦୀପ ସିଂ | ୧ କୋଟି ୧୦ ଲକ୍ଷ |
| ଲୁନ୍‌ଗି ଏନ୍‌ଗିଡ଼ | ୫୦ ଲକ୍ଷ |
| ଟିମ୍ ସିଫର୍ଟ | ୫୦ ଲକ୍ଷ |
| ପ୍ରବୀଣ ଦୁବେ | ୫୦ ଲକ୍ଷ |
| ରୋଭମାନ ପଓ୍ୱେଲ | ୨ କୋଟି ୮୦ ଲକ୍ଷ |
| ଲଳିତ ଯାଦବ | ୮୦ ଲକ୍ଷ |
| ଖଲିଲ ଅହମଦ | ୫ କୋଟି ୨୫ ଲକ୍ଷ |

### ରାଜସ୍ଥାନ ରୟାଲ୍ସ

| ଖେଳାଳି | ମୂଲ୍ୟ (ଟଙ୍କାରେ) |
|---|---|
| * ସଞ୍ଜୁ ସାମସନ | ୧୪ କୋଟି |
| * ଯଶସ୍ୱୀ ଜୟସ୍ୱାଲ | ୪ କୋଟି |
| * ଜୋସ ବଟଲର | ୧୦ କୋଟି |
| ଦେବଦତ୍ତ ପଡିକାଲ | ୭ କୋଟି ୭୫ ଲକ୍ଷ |
| ରବିଚନ୍ଦ୍ରନ ଅଶ୍ୱିନ | ୫ କୋଟି |
| ଟ୍ରେଣ୍ଟ ବୋଲ୍ଟ | ୮ କୋଟି |
| ଯୁଜବେନ୍ଦ୍ର ଚହଲ | ୬ କୋଟି ୫୦ ଲକ୍ଷ |
| ଶିମରନ ହେଟମେର | ୮ କୋଟି ୫୦ ଲକ୍ଷ |
| ପ୍ରସିଦ୍ଧ କ୍ରିଷ୍ଣା | ୧୦ କୋଟି |
| ରିୟାନ ପରାଗ | ୩ କୋଟି ୮୦ ଲକ୍ଷ |
| ତେଜାସ ବାରୋକା | ୨୦ ଲକ୍ଷ |
| ଅନୁନୟ ସିଂ | ୨୦ ଲକ୍ଷ |
| କୁଲଦୀପ ସେନ | ୨୦ ଲକ୍ଷ |
| ଧ୍ରୁବ ଜୁରେଲ | ୨୦ ଲକ୍ଷ |
| କୁଲଦୀପ ଯାଦବ | ୨୦ ଲକ୍ଷ |
| ଶୁଭମ୍ ଗରୱାଲ | ୨୦ ଲକ୍ଷ |
| ନାଥାନ କୁଲ୍ଟର ନୀଲ | ୨ କୋଟି |
| ରସି ଭାନ୍ ଡର୍ ଡୁସେନ | ୧ କୋଟି |
| ଜେମ୍ସ ନିଶାମ | ୧ କୋଟି ୫୦ ଲକ୍ଷ |
| ଡାରେଲ ମିଚେଲ | ୭୫ ଲକ୍ଷ |
| କରୁଣ ନାୟାର | ୧ କୋଟି ୪୦ ଲକ୍ଷ |
| ନବଦୀପ ସଇନୀ | ୨ କୋଟି ୬୦ ଲକ୍ଷ |
| କେ.ସି. କାରିଆପ୍ପା | ୩୦ ଲକ୍ଷ |
| ଓବେଡ ମ୍ୟାକକୟ | ୭୫ ଲକ୍ଷ |

### ମୁମ୍ବାଇ ଇଣ୍ଡିଆନ୍ସ

| ଖେଳାଳି | ମୂଲ୍ୟ (ଟଙ୍କାରେ) |
|---|---|
| * ରୋହିତ ଶର୍ମା | ୧୬ କୋଟି |
| * ସୂର୍ଯ୍ୟକୁମାର ଯାଦବ | ୮ କୋଟି |
| * ଯଶପ୍ରୀତ୍ ବୁମ୍‌ରା | ୧୨ କୋଟି |
| * କିରନ ପୋଲାର୍ଡ | ୬ କୋଟି |
| ଇଶାନ କିଶନ | ୧୫ କୋଟି ୨୫ ଲକ୍ଷ |
| ଡେୱାଲ୍ଡ ବ୍ରେଭିସ | ୩ କୋଟି |
| ବାସିଲ ଥାମ୍ପି | ୩୦ ଲକ୍ଷ |
| ରିଲେ ମେରେଡିଥ | ୧ କୋଟି |
| ଟିମ୍ ଡାଭିଡ | ୮ କୋଟି ୨୫ ଲକ୍ଷ |
| ଅନମୋଲପ୍ରୀତ ସିଂ | ୨୦ ଲକ୍ଷ |
| ଡାନିଏଲ ସାମ୍ସ | ୨ କୋଟି ୬୦ ଲକ୍ଷ |
| ଫାବିଆନ ଆଲେନ | ୭୫ ଲକ୍ଷ |
| ଜୋଫ୍ରା ଆର୍ଚର | ୮ କୋଟି |
| ମୁରୁଗାନ ଅଶ୍ୱିନ | ୧ କୋଟି ୬୦ ଲକ୍ଷ |
| ଟାଇମଲ ମିଲ୍ସ | ୧ କୋଟି ୫୦ ଲକ୍ଷ |
| ଜୟଦେବ ଉନାଡକଟ୍ | ୧ କୋଟି ୩୦ ଲକ୍ଷ |
| ଅର୍ଶଦ ଖାଁ | ୨୦ ଲକ୍ଷ |
| ରାହୁଲ ବୁଦ୍ଧି | ୨୦ ଲକ୍ଷ |
| ହ୍ରିତିକ୍ ସୋକେନ | ୨୦ ଲକ୍ଷ |
| ତିଲକ ବର୍ମା | ୧ କୋଟି ୭୦ ଲକ୍ଷ |
| ଅର୍ଜୁନ ତେନ୍ଦୁଲକର | ୩୦ ଲକ୍ଷ |
| ଆର୍ଯ୍ୟନ ଜୁୟାଲ | ୨୦ ଲକ୍ଷ |
| ମୟଙ୍କ ମର୍କଣ୍ଡେ | ୬୫ ଲକ୍ଷ |
| ରମଣଦୀପ ସିଂ | ୨୦ ଲକ୍ଷ |
| ସଞ୍ଜୟ ଯାଦବ | ୫୦ ଲକ୍ଷ |

### ସନ୍‌ରାଇଜର୍ସ ହାଇଦ୍ରାବାଦ

| ଖେଳାଳି | ମୂଲ୍ୟ (ଟଙ୍କାରେ) |
|---|---|
| * ଅବଦୁଲ ସମଦ | ୪ କୋଟି |
| * ଉମ୍ରାନ ମଲିକ | ୪ କୋଟି |
| * କେନ୍ ୱିଲିୟମସନ | ୧୪ କୋଟି |
| ଭୁବନେଶ୍ୱର କୁମାର | ୪ କୋଟି ୨୦ ଲକ୍ଷ |
| ନିକୋଲସ ପୁରନ | ୧୦ କୋଟି ୭୫ ଲକ୍ଷ |
| ୱାଶିଂଟନ ସୁନ୍ଦର | ୮ କୋଟି ୭୫ ଲକ୍ଷ |
| ଟି. ନଟରାଜନ | ୪ କୋଟି |
| ପ୍ରିୟମ ଗର୍ଗ | ୨୦ ଲକ୍ଷ |
| ରାହୁଲ ତ୍ରିପାଠୀ | ୮ କୋଟି ୫୦ ଲକ୍ଷ |
| ଅଭିଷେକ ଶର୍ମା | ୬ କୋଟି ୫ ଲକ୍ଷ |
| କାର୍ତ୍ତିକ ତ୍ୟାଗୀ | ୪ କୋଟି |
| ଫଜଲହକ୍ ଫାରୁକି | ୫୦ ଲକ୍ଷ |
| ଗ୍ଲେନ ଫିଲିପ୍ସ | ୧ କୋଟି ୫୦ ଲକ୍ଷ |
| ବିଷ୍ଣୁ ବିନୋଦ | ୫୦ ଲକ୍ଷ |
| ମାର୍କୋ ଜାନସେନ | ୪ କୋଟି ୨୦ ଲକ୍ଷ |
| ରୋମାରିଓ ଶେଫର୍ଡ | ୭ କୋଟି ୭୫ ଲକ୍ଷ |
| ଏଡେନ ମାରକ୍ରାମ | ୨ କୋଟି ୬୦ ଲକ୍ଷ |
| ଜଗଦୀଶ ସୁଚିଥ | ୨୦ ଲକ୍ଷ |
| ଆର. ସମର୍ଥ | ୨୦ ଲକ୍ଷ |
| ସିଅନ ଆବଟ | ୨ କୋଟି ୪୦ ଲକ୍ଷ |
| ଶଶାଙ୍କ ସିଂ | ୨୦ ଲକ୍ଷ |
| ଶ୍ରେୟାସ ଗୋପାଳ | ୭୫ ଲକ୍ଷ |
| ସୌରଭ ଦୁବେ | ୨୦ ଲକ୍ଷ |

### ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ

| ଖେଳାଳି | ମୂଲ୍ୟ (ଟଙ୍କାରେ) |
|---|---|
| * ଲୋକେଶ ରାହୁଲ | ୧୭ କୋଟି |
| * ମାର୍କୁସ ଷ୍ଟୋଇନିସ | ୯ କୋଟି ୨୦ ଲକ୍ଷ |
| * ରବି ବିଷ୍ଣୋଇ | ୪ କୋଟି |
| ମନୀଷ ପାଣ୍ଡେ | ୪ କୋଟି ୬୦ ଲକ୍ଷ |
| ମାର୍କ ଉଡ୍ | ୭ କୋଟି ୫୦ ଲକ୍ଷ |
| କ୍ୱିଣ୍ଟନ ଡି'କକ୍ | ୬ କୋଟି ୭୫ ଲକ୍ଷ |
| ଜାସନ ହୋଲ୍ଡର | ୮ କୋଟି ୭୫ ଲକ୍ଷ |
| କ୍ରୁନାଲ ପାଣ୍ଡ୍ୟା | ୮ କୋଟି ୨୫ ଲକ୍ଷ |
| ଦୀପକ ହୁଡା | ୫ କୋଟି ୭୫ ଲକ୍ଷ |
| ଆଭେଶ ଖାଁ | ୧୦ କୋଟି |
| ଅଙ୍କିତ ରାଜପୁତ | ୫୦ ଲକ୍ଷ |
| ଦୁଷ୍ମନ୍ତ ଚାମିରା | ୨ କୋଟି |
| ମନନ ଭୋରା | ୨୦ ଲକ୍ଷ |
| ଇଭିନ ଲୁଇସ | ୨ କୋଟି |
| କ୍ରିଷ୍ଣାପ୍ପା ଗୋଥାମ | ୯୦ ଲକ୍ଷ |
| କାଏଲ ମେୟର୍ସ | ୫୦ ଲକ୍ଷ |
| ଶାହାବାଜ ନଦିମ | ୫୦ ଲକ୍ଷ |
| ମୟଙ୍କ ଯାଦବ | ୨୦ ଲକ୍ଷ |
| କରନ ଶର୍ମା | ୨୦ ଲକ୍ଷ |
| ଆୟୁଷ ବାଦୋନୀ | ୨୦ ଲକ୍ଷ |
| ମହସିନ ଖାଁ | ୨୦ ଲକ୍ଷ |

### ଗୁଜରାଟ ଟାଇଟାନ୍ସ

| ଖେଳାଳି | ମୂଲ୍ୟ (ଟଙ୍କାରେ) |
|---|---|
| * ହାର୍ଦ୍ଦିକ ପାଣ୍ଡ୍ୟା | ୧୫ କୋଟି |
| * ରଶିଦ ଖାଁ | ୧୫ କୋଟି |
| * ଶୁବମନ ଗିଲ | ୮ କୋଟି |
| ଜାସନ ରୟ | ୨ କୋଟି |
| ମହମ୍ମଦ ସାମି | ୬ କୋଟି ୨୫ ଲକ୍ଷ |
| ଲୋକି ଫର୍ଗୁସନ | ୧୦ କୋଟି |
| ଅଭିନବ ମନୋହର | ୨ କୋଟି ୬୦ ଲକ୍ଷ |
| ରାହୁଲ ଟେୱାଟିଆ | ୯ କୋଟି |
| ନୁର୍ ଅହମଦ | ୩୦ ଲକ୍ଷ |
| ଡୋମିନିକ୍ ଡ୍ରେକ୍ସ | ୧ କୋଟି ୧୦ ଲକ୍ଷ |
| ଆଲଜାରି ଜୋସେଫ | ୨ କୋଟି ୪୦ ଲକ୍ଷ |
| ଗୁରକୀରତସିଂ ମାନ୍ | ୫୦ ଲକ୍ଷ |
| ବିଜୟ ଶଙ୍କର | ୧ କୋଟି ୪୦ ଲକ୍ଷ |
| ଜୟନ୍ତ ଯାଦବ | ୧ କୋଟି ୭୦ ଲକ୍ଷ |
| ବରୁଣ ଆରୋନ | ୫୦ ଲକ୍ଷ |
| ଡେଭିଡ ମିଲର | ୩ କୋଟି |
| ଋଦ୍ଧିମାନ ଶାହା | ୧ କୋଟି ୯୦ ଲକ୍ଷ |
| ପ୍ରଦୀପ ସଙ୍ଗୱନ | ୨୦ ଲକ୍ଷ |
| ମାଥ୍ୟୁ ୱାଡେ | ୨ କୋଟି ୪୦ ଲକ୍ଷ |
| ୟାଶ ଦୟାଲ | ୩ କୋଟି ୨୦ ଲକ୍ଷ |
| ଆର. ସାଇ କିଶୋର | ୩ କୋଟି |
| ସାଇ ସୁଦର୍ଶନ | ୨୦ ଲକ୍ଷ |
| ଦର୍ଶନ ନଲକନ୍ଦେ | ୨୦ ଲକ୍ଷ |

(ବି.ଦ୍ର.: ତାରକା ଚିହ୍ନିତ ଖେଳାଳିମାନେ ରିଟେନ ହୋଇଛନ୍ତି କିମ୍ବା ନିଲାମ ପୂର୍ବରୁ ଦଳରେ ସାମିଲ ହୋଇଛନ୍ତି)।

# ଧରିତ୍ରୀ
DHARITRI




# ଗୋଆ ୧୮୧, ଓଡ଼ିଶା ୨୩/୩

**ଭୁବନେଶ୍ୱର, ୧୭।୨ (କ୍ରୀଡ଼ା ପ୍ରତିନିଧି)**

କରୋନା ମହାମାରୀ ପାଇଁ ଗୋଟିଏ ସିଜନର ବ୍ରେକ୍ ପରେ ଭାରତୀୟ ଘରୋଇ କ୍ରିକେଟର ସର୍ବୋଚ୍ଚ ପ୍ରତିଯୋଗିତା ରଣଜୀ ଟ୍ରଫି ଗୁରୁବାରଠାରୁ ଦେଶର ବିଭିନ୍ନ ଗ୍ରାଉଣ୍ଡରେ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମ (ଗ୍ରାଉଣ୍ଡ 'ବି')ରେ ଓଡ଼ିଶା ଦଳର ଅଭିଯାନ ଆରମ୍ଭ ହୋଇଛି। ଏଲିଟ ଗ୍ରୁପ୍ 'ଡି'ରେ ଓଡ଼ିଶାର ପ୍ରଥମ ପ୍ରତିଦ୍ୱନ୍ଦ୍ୱୀ ହେଉଛି ଗୋଆ। ଅହମଦାବାଦ୍ ପିଚ୍ ପ୍ରଥମ ଦିବସରେ ବୋଲରଙ୍କୁ ସୁହାଇଛି। ଫଳରେ ଗୋଟିଏ ଦିନରେ ୧୩ଟି ଉଇକେଟର ପତନ ଘଟିଛି। ଗୋଆ ପ୍ରଥମ ଇନିଂସରେ ୧୮୧ ରନରେ ଅଲ୍ଆଉଟ ହୋଇଥିବାବେଳେ ଷ୍ଟମ୍ପ ପ୍ରତ୍ୟାହୃତ ହେବା ବେଳକୁ ଓଡ଼ିଶା ୨୩ ରନ ମଧ୍ୟରେ ୩ ଉଇକେଟ ହରାଇଛି।

ଟସ୍ ଜିତି ଓଡ଼ିଶା ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଦଳର ବୋଲରମାନେ ଅଧିନାୟକ ଶୁଭ୍ରାଂଶୁ ସେନାପତିଙ୍କ ନିଷ୍ପତ୍ତିକୁ ଉଚିତ ସାବ୍ୟସ୍ତ କରି କ୍ରମାଗତ ବ୍ୟବଧାନରେ ଗୋଆର ଉଇକେଟ ପତନ ଘଟାଇଥିଲେ। ୬ ନମ୍ବର ବ୍ୟାଟର ଉଇକେଟ କିପର ଏକନାଥ କେରକର ଓ ୧୧ ନମ୍ବର ଖେଳାଳି ଅମୂଲ୍ୟ ପଣ୍ଡ୍ରେକରଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ଗୋଆ ବ୍ୟାଟର ଓଡ଼ିଶା ବୋଲରଙ୍କୁ ଉଚିତ ମୁକାବିଲା କରିପାରି ନ ଥିଲେ। ଏକନାଥ ୧୧୩ଟି ବଲ୍‌ର ସମ୍ମୁଖୀନ ହୋଇ ୧୨ ଚୌକା ଓ ୧ ଛକା ସହାୟତାରେ ସର୍ବାଧିକ ୭୬ ରନ କରିଥିଲେ। ଗୋଆ ୧୪୦ ରନରେ ୯ମ ଉଇକେଟ ହରାଇଥିଲା। ମାତ୍ର ପଣ୍ଡ୍ରେକର ୫୩ ବଲ୍‌ରୁ ୨୭ ରନ କରି ଅପରାଜିତ ରହିବାରୁ ଦଳ ୧୮୧ ରନ କରିବାକୁ ସକ୍ଷମ ହୋଇଥିଲା। ଶେଷ ଉଇକେଟ ଯୋଡ଼ିରେ ଏକନାଥ ଓ ପଣ୍ଡ୍ରେକର ୯୭ ବଲ୍‌ରୁ ୪୭ ରନର ମୂଲ୍ୟବାନ ଭାଗୀଦାରି ଗଢ଼ିଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ଭେଟେରାନ ବସନ୍ତ ମହାନ୍ତି ସର୍ବାଧିକ ୩ଟି, ଅଭିଷେକ ରାଉତ ୨ଟି ଏବଂ ରାଜେଶ ମହାନ୍ତି, ଆଶିଷ ରାୟ ଓ ଦେବବ୍ରତ ପ୍ରଧାନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରି ଡାହାଣହାତୀ ମିଡିୟମ ପେସ୍ ବୋଲର ଆଶିଷ ରାୟ ଏହି ମ୍ୟାଚରେ ପ୍ରଥମଶ୍ରେଣୀ କ୍ରିକେଟ କ୍ୟାରିୟର ଆରମ୍ଭ କରିଥିଲେ। ଉତ୍ତର ପ୍ରଦେଶର ଆଶିଷ ଜୁନିୟର ବର୍ଗରୁ ଓଡ଼ିଶା ପକ୍ଷରୁ ଖେଳି ଆସୁଛନ୍ତି।

ଗୋଆ ପରି ଓଡ଼ିଶାର ଆରମ୍ଭ ମଧ୍ୟ ଭଲ ହୋଇନାହିଁ। ଅନୁରାଗ ଷଡ଼ଙ୍ଗୀ ୧ ଓ ଶାନ୍ତନୁ ମିଶ୍ର ୬ ରନ ଏବଂ ସନ୍ଦୀପ ପଟ୍ଟନାୟକ ଖାତା ଖୋଲିବା ପୂର୍ବରୁ ପ୍ୟାଭିଲିୟନ ଫେରିଛନ୍ତି। ଅଧିନାୟକ ଶୁଭ୍ରାଂଶୁ ୧୪ ରନରେ ଅପରାଜିତ ରହିଛନ୍ତି। ଫଳରେ ୭ ଉଇକେଟ ସୁରକ୍ଷିତ ଥାଇ ଓଡ଼ିଶା ୧୫୮ ରନ ପଛରେ ରହିଛି। ଗୋଆ ବୋଲରଙ୍କ ମଧ୍ୟରେ ଲକ୍ଷ୍ୟ ଗର୍ଗ ୨ଟି ଓ ଶୁଭମ୍ ରଞ୍ଜନେ ଗୋଟିଏ ଉଇକେଟ ଅକ୍ତିଆର କରିଛନ୍ତି।

## ରଣଜୀ ଟ୍ରଫି କ୍ରିକେଟ ଆରମ୍ଭ

**ସଂକ୍ଷିପ୍ତ ସ୍କୋର**

ଗୋଆ ପ୍ରଥମ ଇନିଂସ: ୧୮୧/ଅଲ୍ଆଉଟ (ଏକନାଥ କେରକର-୭୬, ଅମୂଲ୍ୟ ପଣ୍ଡ୍ରେକର-୨୭*, ବସନ୍ତ ମହାନ୍ତି-୩/୨୭, ଅଭିଷେକ ରାଉତ-୨/୨୦, ରାଜେଶ ମହାନ୍ତି-୧/୪୮, ଆଶିଷ ରାୟ-୧/୪୪, ଦେବବ୍ରତ ପ୍ରଧାନ-୧/୨୮)। ଓଡ଼ିଶା ପ୍ରଥମ ଇନିଂସ: ୨୩/୩ (ଶୁଭ୍ରାଂଶୁ ସେନାପତି-୧୪*, ଲକ୍ଷ ଗର୍ଗ-୨/୯, ଶୁଭମ୍ ରଞ୍ଜନେ-୧/୨)।



ଅଭିଷେକ ରାଉତଙ୍କ ସହ ବସନ୍ତ ମହାନ୍ତି।

# ହେନ୍‌ରୀଙ୍କୁ ୭ଉଇକେଟ, ନ୍ୟୁଜିଲାଣ୍ଡ ଅଗ୍ରଣୀ

**ଖ୍ରୀଷ୍ଟଚର୍ଚ୍ଚ,୧୭।୨(ଏପି):** ସ୍ଥାନୀୟ ହାଗ୍‌ଲେ ଓଭାଲଠାରେ ଗୁରୁବାରଠାରୁ ନ୍ୟୁଜିଲାଣ୍ଡ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ପ୍ରଥମ କ୍ରିକେଟ ଟେଷ୍ଟ ଆରମ୍ଭ ହୋଇଛି। ଏଥିରେ ନ୍ୟୁଜିଲାଣ୍ଡର ମ୍ୟାଟ୍ ହେନ୍‌ରୀ ତାଙ୍କ କ୍ୟାରିୟର ଶ୍ରେଷ୍ଠ ବୋଲିଂ କରି ୨୩ରନ ବିନିମୟରେ ୭ ଉଇକେଟ ଅକ୍ତିଆର କରିଛନ୍ତି। ଦକ୍ଷିଣ ଆଫ୍ରିକା ମାତ୍ର ୯୫ ରନରେ ଅଲଆଉଟ ହୋଇଯାଇଛି। ନ୍ୟୁଜିଲାଣ୍ଡ ବିପକ୍ଷରେ ଦଳର ଏହା ହେଉଛି ସର୍ବନିମ୍ନ ସ୍କୋର। ଜବାବରେ ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ନ୍ୟୁଜିଲାଣ୍ଡ ୩ ଉଇକେଟ ବିନିମୟରେ ୧୧୬ ରନ କରିବା ସହ ଇତିମଧ୍ୟରେ ୨୧ ରନ ପ୍ରଥମ ଇନିଂସ ଅଗ୍ରଣୀ ଲାଭ କରିଛି। ପ୍ରଥମ ଦିବସ ଖେଳରେ ଦଳର ଟପ୍ ସ୍କୋର ହେନ୍‌ରୀ ନିକୋଲାସ ୩୭ ଏବଂ ନାଇଟ୍ ୱାଚ୍‌ମ୍ୟାନ ତଥା ଦକ୍ଷିଣ ଆଫ୍ରିକା ଜନ୍ମିତ ନିଲ୍ ୱାଗନର ୧୩ ରନ କରି ଅପରାଜିତ ରହିଛନ୍ତି। ପ୍ରଥମ ଦିବସରେ ୧୩ ଉଇକେଟ ପତନ ଘଟିଛି। ନିକୋଲାସ ଓ ଡେଭନ କନୱେଙ୍କ ମଧ୍ୟରେ ଦ୍ୱିତୀୟ ଉଇକେଟରେ ୭୫ ରନର ପାର୍ଟନରଶିପ୍ ଯୋଗୁ ନ୍ୟୁଜିଲାଣ୍ଡ ଅଗ୍ରଣୀ ଲାଭ କରିପାରିଥିଲା।






# ହନୁମା ବିହାରୀଙ୍କ ଅର୍ଦ୍ଧଶତକ



ଚଣ୍ଡିଗଡ଼ ପକ୍ଷରୁ ଖେଳୁଥିବା ୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପର ଅନ୍ୟତମ ହିରୋ ରାଜ ଅଙ୍ଗଦ ବାୱା ବିକାଶ କ୍ରିକେଟ ଗ୍ରାଉଣ୍ଡରେ ପିଲାମାନଙ୍କୁ ଅଟୋଗ୍ରାଫ୍ ଦେଉଛନ୍ତି।

**ଭୁବନେଶ୍ୱର, ୧୭।୨ (କ୍ରୀଡ଼ା ପ୍ରତିନିଧି):** ସ୍ଥାନୀୟ ବିକାଶ କ୍ରିକେଟ ଗ୍ରାଉଣ୍ଡରେ ଗୁରୁବାର ହାଇଦ୍ରାବାଦ ଓ ଚଣ୍ଡିଗଡ଼ ମଧ୍ୟରେ ରଣଜୀ ଟ୍ରଫି ମ୍ୟାଚ ଆରମ୍ଭ ହୋଇଛି। ଟିମ୍ ଇଣ୍ଡିଆ ଟେଷ୍ଟ ତାରକା ହନୁମା ବିହାରୀ ଅର୍ଦ୍ଧଶତକ ହାସଲ କରିଥିବାବେଳେ ପ୍ରଥମ ଦିନ ଖେଳ ଶେଷ ବେଳକୁ ହାଇଦ୍ରାବାଦ ପ୍ରଥମ ଇନିଂସରେ ୭ ଉଇକେଟ ହରାଇ ୨୭୦ ରନ କରିଛି। ହନୁମା ୧୩୪ ବଲ୍‌ରୁ ୫୯, ପ୍ରତୀକ ରେଡ୍ଡୀ ୩୬ ଏବଂ ତିଲକ ବର୍ମା ଓ ଟି. ରବି ତେଜା ୩୧ ରନ ଲେଖାଏ ସ୍କୋର କରିଛନ୍ତି। ଚଣ୍ଡିଗଡ଼ ବୋଲରଙ୍କ ମଧ୍ୟରେ ଜଗଜିତ ସିଂ ସାନ୍ଧୁ ୩ଟି ଏବଂ ରାଜ ଅଙ୍ଗଦ ବାୱା ଓ ଗୌରବ ଗମ୍ଭୀର ୨ଟି ଲେଖାଏ ଉଇକେଟ ନେଇଛନ୍ତି। ଏହି ମ୍ୟାଚରେ ୧୯ ବର୍ଷରୁ କମ୍ ବିଶ୍ୱକପ ଚାମ୍ପିୟନ ଭାରତୀୟ ଦଳର ଅନ୍ୟତମ ହିରୋ ବାୱାଙ୍କ ସମେତ ୫ ଖେଳାଳି ପ୍ରଥମଶ୍ରେଣୀ କ୍ୟାରିୟର ଆରମ୍ଭ କରିଛନ୍ତି।

# ବରୋଦା ୧୮୧ରେ ଅଲ୍ଆଉଟ

**ଭୁବନେଶ୍ୱର, ୧୭।୨ (କ୍ରୀଡ଼ା ପ୍ରତିନିଧି):** କଟକର ବାରବାଟୀ ଷ୍ଟାଡିୟମରେ ଗୁରୁବାର ବରୋଦା ଓ ବେଙ୍ଗଲ ଏଲିଟ ଗ୍ରୁପ୍ 'ବି' ରଣଜୀ ଟ୍ରଫି କ୍ରିକେଟ ମ୍ୟାଚ ଆରମ୍ଭ ହୋଇଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ବରୋଦା ପ୍ରଥମ ଇନିଂସରେ ୧୮୧ ରନରେ ଅଲ୍ଆଉଟ ହୋଇଛି। ଦଳ ପକ୍ଷରୁ ଉଇକେଟ କିପର ମିତେଶ ପଟେଲ ସର୍ବାଧିକ ୬୬ ଓ ଅଧିନାୟକ କେଦାର ଦେବଧର ୩୧ ରନ କରି ଆଉଟ ହୋଇଥିବାବେଳେ ଭାର୍ଗବ ଭଟ୍ଟ ୩୦ ରନରେ ଅପରାଜିତ ରହିଥିଲେ। ବେଙ୍ଗଲ ପକ୍ଷରୁ ଇଶାନ ପୋରେଲ ୪ଟି, ମୁକେଶ କୁମାର ୩ଟି, ଆକାଶ ଦୀପ ୨ଟି ଓ ଶାହାବାଜ ଅହମଦ ଗୋଟିଏ ଉଇକେଟ ନେଇଛନ୍ତି। ପ୍ରଥମ ଦିବସ ଖେଳ ଶେଷ ବେଳକୁ ବେଙ୍ଗଲ ପ୍ରଥମ ଇନିଂସରେ ୧ ଉଇକେଟ ହରାଇ ୨୪ ରନ କରିଛି। ହାତରେ ୯ ଉଇକେଟ ସୁରକ୍ଷିତ ଥିବାବେଳେ ଦଳ ୧୫୭ ରନ ପଛରେ ରହିଛି।



ବରୋଦା ଦଳର ଏକ ଉଇକେଟ ପତନରେ ଉଲ୍ଲସିତ ବେଙ୍ଗଲ ଖେଳାଳି।





*ସରାର୍ବଜୀ ଲାଗୁ। ସମସ୍ତ କର ଅନ୍ତର୍ଭୁକ୍ତ। କେବଳ MRP ଉପରେ ଅଫର ବୈଧ। କୌଣସି ଦୁଇଟି ଅଫରକୁ ଏକାଠି ଯୋଡ଼ି ପାରିବ ନାହିଁ। ଷ୍ଟକ ଶେଷ ହେବା ପର୍ଯ୍ୟନ୍ତ ଚୟନିତ ମଡେଲ ଉପରେ ଅଫର ଲାଗୁ। କେବଳ ଚୟନିତ ଷ୍ଟୋରଗୁଡ଼ିକରେ ଅଫର ବୈଧ। ନିୟମ ଏବଂ ସର୍ତ୍ତାବଳୀର ସମ୍ପୂର୍ଣ୍ଣ ବିବରଣୀ ପାଇଁ ଆପଣ ନିକଟତମ ପ୍ରେଷ୍ଟିଜ୍ ଏକ୍ସକ୍ଲୁସିଭ ଷ୍ଟୋର କିମ୍ବା ଡିଲର ଆଉଟଲେଟ୍ ଭିଜିଟ କରନ୍ତୁ। ଓମେଗା ଡିଲକ୍ସ ଗ୍ରାନାଇଟ୍ BYK ରେ ରହିଛି ଫ୍ରାଏ ପ୍ୟାନ୍ 24 ସେ.ମି, ଓମ୍ନି ତାୱା 25 ସେ.ମି, ଗ୍ଲାସ୍ ଲିଡ୍ ସହିତ କଡ଼ାଇ 24 ସେ.ମି। ମୂଲ୍ୟ ପ୍ରଡକ୍ଟର ଏମଆରପିକୁ ଦର୍ଶାଏ। ଲାଭ ହେଉଛି ନନ୍ ଅଫର ମୂଲ୍ୟରେ କ୍ରୟ କରିଥିବା ତୁଳନାରେ ସୁପର ସେଭର ଅଫର ମାଧ୍ୟମରେ ଆପଣଙ୍କ ମନପସନ୍ଦ TTK ପ୍ରେଷ୍ଟିଜ୍ ପ୍ରଡକ୍ଟ କିଣିବାର ଖର୍ଚ୍ଚ ସମ୍ପର୍କିତ ସଂଚୟ। ଛାଡ଼ ଏମଆରପି ଉପରେ ଛାଡ଼ର ଶତକଡ଼ାକୁ ଦର୍ଶାଏ। ଅଫର କର୍ଣ୍ଣାଟକ, କେରଳ, ଆନ୍ଧ୍ର ପ୍ରଦେଶ, ତେଲେଙ୍ଗାନା, ତାମିଲନାଡୁ, ମହାରାଷ୍ଟ୍ର, ଗୁଜରାଟ ଏବଂ ଗୋଆ ରାଜ୍ୟ ପାଇଁ ଲାଗୁ ନୁହେଁ।

For Franchisee Enquiry:- Call +91 7077721612 • For Trade Enquiries, Call +91 7077721602 • For Clean Home Products Trade Enquiries, Call +91 8826102361

Prestige Xclusive

**BHUBANESWAR, Rabi Takies Chhak:** opposite to Kedar Gouri Resort Mob: 7750925223 **Bapuji Nagar**: 105 Bapuji Nagar, Behind Yes Bank (Old Post Office Lane) Lane No 08, 0674-2597141/9937138998 **Bapuji Nagar**: 237, Pani Tanki Lane, Bapuji Nagar, Ph: 0674 2597685 Mob: 9777744071, **Satyangar:** 10, Janpath, Satyangar, Mob: 8280056821, **ID Market:** Shop No FG 3, I.D. Market, Near Reliance Fresh, IRC Village, Mob: 9861404879, **Damana:** 248, Sailashree Vihar Road, Damana Mob : 7327902258, **Baramunda:** A/37, Ruchika Market, Baramunda, Mob : 9937073674, **Raghunathpur:** Shop no - S5, Manson Green, Raghunathpur, Nandankanan road Mob: 8895390144; **CUTTACK, Dolmundai:** Hotel Akbari complex, Dolomundai, Haripur Road, Ph: 0671 2411580; Mob: 9348222581, **Baxi Bazar:** Manisahoo Chhak, Mob: 6371736954; **CDA:** Plot No.CM/3 (In front of Police Station), Markat Nagar, Sector - 7, Ph: 0671-2504833, Mob: 8917442506; **Rourkela:** Daily Market,Near Reliance trend, Rourkela,Mob:9777457774 **PURI**: Behind Gundicha Temple , Sarvodaya Nagar Road, Beside Suruchi Mandap, Ph-7978547991; **BALUGAON**: Chilika Road, Balugaon, Mob: 8984858783; **KENDRAPARA**: Kakat Chhak, Ph: 06727 221241; Mob: 9040562233; **DHENKANAL:** I.G. Super Market, Near SBI ATM; Mob: 9337477279/ 9348178750; **BOLANGIR:** A.B.S.S. Road, Near Samaleswari Temple, Ph: 06652 232419; Mob : 9437331171, 9437241863; **SEMILIGUDA:** Infront of RAM Mandir Gate, Main Road, Mob: 8328800974. **BARGARH:** New patra needs, infront of Gopal Goshala, NH-6, Main Road, Mob: 9776323188; **SAMBALPUR, Golbazaar**: Near Durga Temple, Mob: 9338194750, **JEYPORE:** Pani Nala Sahi Junction, Main Road, Opp. Mayuri Jewellers, Mob: 9437175029, **JAGATSINGHAPUR:** Orchid Mart, Central Market, Ph: 06724221090/06724221080, **ANGUL:** Near Havells Galaxy Store, Shankar Cinema Rd, Mob: 7608885430, **JHARSUGUDA:** Near khimji jewellers, sarbahal road, Jharsuguda, Mob: 7004518123.

**AUTHORISED DISTRIBUTORS: BHUBANESWAR:** Manorama Trading Co., Ph No.9437279239; Saraswati Enterprises-8249250386; **JATINI:** Kanha Agencies, Ph. No.9437090516, **CUTTACK:** Mahavir Enterprise,Chauliganga, Ph. No.9937092599; Kendrapada: Nalini& Sons Ph No.9938175761 **TALCHER:** Sidharth Enterprises, Hatatota, Ph. No.9437003384; **ROURKELA:** Shah Distributor, Ph: 0661-2506904, 9438712456; **SAMBALPUR:** Gayatri Traders-9437925273 Mayurbhanj- Shree Sai Mobiles-7008514533; **KEONJHAR:** PP Traders -9937049149; **GANJAM:** Aditya Agencies Ph no 8249822902 **BALANGIR:** Ably Info Solutions Ph No. 9437025475. **KALAHANDI:** R.K Agrawall& Sons-7008074518, **JAJPUR:** Excellent Engicon-9438866545, **JEYPORE:** Likhit Enterprises-9348430456, **NAYAGARH:** Ganapati Traders-9583281930, **BARGARH:** Sunergy Power-9937912973, **SUNDERGARH:** Vedvyas Technologies (Cleaning Solutions)-7894455846, Adventure- Bhadrak-7978403686, Durga Metal-9937009855; Malkangiri,Shri Shyam Agency-9338628564-Balasore, Krisna Enterprises-Cuttack-9437012843; **AUTHORISED DEALERS: BHUBANESWAR:** Reeta-06742597111, Spectra Vision, Ph.-9937722277, Pratap Sweing Machine-9937138544, Bharath Electronics & Home Appliances-9437506163, Utkal Light house-9937019272, Utkal Sales-9853150619, Palace-9348652955-Bhubaneswar,Sai Traders-7008298692-Bhubaneswar, Sarakar Electro Digital-9776457173-Bhubaneswar, P D Marketing,Ph-7377735345, Anu Agency-Anu Agency, Tarini Aluminium Stores, SB Enterprises, Ph: 9861155551, Crockery Plaza-9938399889, Kitchen King-9938475819, Prasad Kitchen-9437041063, Sivam Enterprises-7008565807, Shree Traders-9937131901, **CUTTACK:** Union Sales Emporium-9338461472, Janata General Store, Ph-2419948, Aurobinda Plastic, Ph 8763923528, Arbinda home Appliances-9438480346; Puspak Agency-7205016581, Balaji Distributor-8763153928, Patra electronics (CDA)-9348863657, Sanjaya Electronics-9777777529-Salepur, Maapadmavati Bastralaya-8908194534; Rahama-Patra Electronics (Chauliganja)-9938941317; **KENDRAPARA:** Purnamasi Electrical, Ph. 9937070448. **PARADEEP:** Krishna Enterprise, Ph. 9937451474. **ROURKELA:** Prestige, Ph-2642265. City Super Bazar, Ph-9437047413. Khemka General Store, Ph-2502396. Garg Enterprises, Ph: 9437046546. Kitchen Accessories-9437837833, **RAJGANGPUR:** Pradeep Store, Ph-9437244015; **SUNDARGARH:** Laxmi Steel, Ph-9776164771. **BALASORE:** United Sales Agency-9853519516, Rohit Sales-7978204587; **RAHAMA:** Maa Padmabati Enterprise, 9861202577, **Sambalpur:** Bhatia Home Appliances-9556053558, Samuka Steel Center-9437331074, **Bolangir:** Bapi Steel-Akash Steel-9437331491,Suraj Steel-9437151437, **Bhadrak:** Sai Enterprises-9776701165, **Baripada:** Aerovision-9861828643,**Gajapati:** Panda General Store-8249162067, **Baripada Bazar:** 9439298333, Dream Home-9437435010; **Jaypore:** Uma Electronics-9937076299; **Chandenswar:** Kanha Enterprises; **Angul:** 9437334629,Beauty Place-9777456655; **Talcher:** Bulu Electronics-95562 09149-Dasapala


3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ଲିଫ୍ଟ ଦେବା ଆଳରେ ଲୁଟ୍ ର୍ୟାକେଟ ଧରାପଡ଼ିଲା

## ୨ ଗିରଫ, କାର୍, ସୁନା, ଟଙ୍କା ଓ ନିଶା ଟାବ୍‌ଲେଟ୍ ଜବତ





ଭୁବନେଶ୍ୱର, ୧୭।୨(ବ୍ୟୁରୋ)

ଲିଫ୍ଟ ଦେବା ଆଳରେ ନିଶା ଦେଇ ଲୁଟୁଥିଲେ। ରାଜଧାନୀ ଭୁବନେଶ୍ୱର ସମେତ ବିଭିନ୍ନ ଜିଲାରେ ସକ୍ରିୟ ଥିବା ଏହି ଲୁଟେରା ଗ୍ୟାଙ୍ଗକୁ କମିଶନରେଟ ପୋଲିସ ଧରିଛି। ଗ୍ୟାଙ୍ଗ ୨ଜଣ ସଦସ୍ୟଙ୍କୁ ଶହୀଦନଗର ଥାନା ପୋଲିସ ଓ ସ୍ପେଶାଲ ସ୍କ୍ୱାଡ୍ ଗିରଫ କରିବା ସହ ର୍ୟାକେଟର ପର୍ଦ୍ଦାଫାଶ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ କଟକ ସଦର ଥାନା ଅନ୍ତର୍ଗତ ତେଲେଙ୍ଗାପେଣ୍ଠରେ ରହୁଥିବା କଟକ ଯାଜପୁର ଜିଲା ଟାଉନ ଥାନା ତଳିଆ ଗ୍ରାମର ଦେବେନ୍ଦ୍ର କୁମାର ପରିଡ଼ା ଓ ଭଦ୍ରକ ଜିଲା ଚାନ୍ଦବାଲି ଥାନାଞ୍ଚଳର ବୁଧିରାମ ସ୍ୱାଇଁ। ସେମାନଙ୍କଠାରୁ ଗୋଟିଏ କାର, ୪ ମୋବାଇଲ ଫୋନ, ୪୦ ଗ୍ରାମ ସୁନା ଅଳଙ୍କାର, ୫ ହଜାର ଟଙ୍କା ଓ ନିଶା ଟାବ୍‌ଲେଟ୍ ଜବତ କରାଯାଇଛି। ଉଭୟଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯିବ। ଏହି ଗ୍ୟାଙ୍ଗରେ ଥିବା ଅନ୍ୟ ସଦସ୍ୟଙ୍କୁ ଧରିବାକୁ ଉଦ୍ୟମ କରାଯାଉଥିବା ଡିସିପି ଉମାଶଙ୍କର ଦାଶ ସୂଚନା ଦେଇଛନ୍ତି। ତାଙ୍କ ସୂଚନାନୁସାରେ, ଏହି ର୍ୟାକେଟ କଟକ, ଯାଜପୁର, ବାଲେଶ୍ୱର, ଭୁବନେଶ୍ୱର ଅଞ୍ଚଳରେ ସକ୍ରିୟ ଥିଲେ। ଏମାନେ ପ୍ରାୟତଃ ବସ୍ ଷ୍ଟାଣ୍ଡରେ ଓହ୍ଲାଇ ଦୁର୍ଗମ ତଥା ଗାଁ ଅଞ୍ଚଳକୁ ଯିବାକୁ ଅପେକ୍ଷା କରିଥିବା ସାଧାରଣ ଲୋକଙ୍କୁ ଟାର୍ଗେଟ କରନ୍ତି। ସେମାନଙ୍କ ସହ ପ୍ରଥମେ ବନ୍ଧୁତା ସ୍ଥାପନ କରି ବିଶ୍ୱାସଭାଜନ ହୁଅନ୍ତି। ପରେ ସେମାନଙ୍କୁ କାରରେ ବସାଇ ଗନ୍ତବ୍ୟ ସ୍ଥଳରେ ଛାଡ଼ିବାକୁ ପ୍ରବର୍ତ୍ତାଇଥାନ୍ତି। ଯାତ୍ରୀଙ୍କୁ ସେମାନେ ଚା, ମୃଦୁ ପାନୀୟ କିମ୍ବା ସ୍ନାକ୍ସରେ ନିଶା ଔଷଧ ମିଶାଇ ଖାଇବାକୁ ଦେଇଥାନ୍ତି। ସେମାନେ ଅଚେତ ହୋଇଯିବା ପରେ ଅଭିଯୁକ୍ତମାନେ ସେମାନଙ୍କଠାରୁ ଲୁଟ୍ କରି ଏକ ଶୂନ୍‌ଶାନ୍ ସ୍ଥାନରେ ଫିଙ୍ଗି ଦେଇଥାନ୍ତି।

### ରିମାଣ୍ଡରେ ଆସିବେ ଅଭିଯୁକ୍ତ

ଏହି ଗ୍ୟାଙ୍ଗରେ ଏକାଧିକ ସଦସ୍ୟ ଅଛନ୍ତି। ସେମାନଙ୍କୁ ଧରିବାକୁ ପୋଲିସ ଖୋଳତାଡ଼ ଜାରି ରଖିଛି। ଗୁରୁବାର କୋର୍ଟ ଚାଲାଣ କରାଯିବା ପରେ ପୋଲିସ ଅଭିଯୁକ୍ତଦ୍ୱୟଙ୍କୁ ୫ କିମ୍ବା ୭ ଦିନ ରିମାଣ୍ଡରେ ଆଣିବ। ସେମାନଙ୍କୁ ପଚରା ଉଚରା କରି ସମ୍ପୃକ୍ତ ଅନ୍ୟ ସଦସ୍ୟଙ୍କୁ ଧରିବାକୁ ପୋଲିସ ଆଶା ରଖିଛି।

### ୨୦ ମାମଲାରେ ସମ୍ପୃକ୍ତ

ଅଭିଯୁକ୍ତଦ୍ୱୟ ଭୁବନେଶ୍ୱର ସହରାଞ୍ଚଳ ଜିଲା, କଟକ, ପୁରୀ, ଯାଜପୁର, ଆର୍‌ପିଏଫ୍ ଓ ଜିଆର୍‌ପି ଥାନାରେ ଥିବା ସମାନ ପ୍ରକାରର ୨୦ଟି ଲୁଟ୍ ମାମଲାରେ ସମ୍ପୃକ୍ତ ଅଛନ୍ତି। ଗତ ବର୍ଷ ନଭେମ୍ବର ୨୬ରେ କଟକର ଜଣେ ବ୍ୟକ୍ତିଙ୍କୁ ଲିଫ୍ଟ ଦେଇ ନିଶା ଦେଇ ଝିଅ ବିବାହ ପାଇଁ ରଖିଥିବା ମୂଲ୍ୟବାନ ସାମଗ୍ରୀ, ୨ ଲକ୍ଷ ଟଙ୍କା ଓ ସୁନା ଅଳଙ୍କାର ନେଇଯାଇଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି।

### ନିଶା ଔଷଧ ବିକ୍ରି ନ କରିବାକୁ ନିବେଦନ

ଭୁବନେଶ୍ୱର ସହରାଞ୍ଚଳରେ ଥିବା ସମସ୍ତ ଔଷଧ ଦୋକାନୀଙ୍କୁ କୌଣସି ନିଶା ଔଷଧ ବିକ୍ରି ନ କରିବାରୁ ପୋଲିସ ନିବେଦନ କରିଛି। ତେବେ କୌଣସି ସନ୍ଦେହଜନକ ବ୍ୟକ୍ତି ବିନା କୌଣସି ପ୍ରେସକ୍ରିପସନରେ କିଛି ନିଶା ଔଷଧ ନେବା ପାଇଁ ଚେଷ୍ଟା କଲେ ତୁରନ୍ତ ସ୍ଥାନୀୟ ଥାନା କିମ୍ବା କଣ୍ଟ୍ରୋଲ ରୁମକୁ ଯୋଗଯୋଗ କରିବାକୁ କୁହାଯାଇଛି। ଯଦି କୌଣସି ବ୍ୟକ୍ତି ଏହାକୁ ଅବମାନନା କରନ୍ତି, ତାଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରେସ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ରାଜଧାନୀରେ ଏପରି ଅପରାଧର ଶିକାର ନ ହେବା ପାଇଁ ଯାତ୍ରୀମାନଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ପୋଲିସ ଅଟୋ, ବସ୍ ଓ ଟ୍ୟାକ୍ସିଆସୋସିଏଶନ୍‌କୁ ଅଭିଯୁକ୍ତଙ୍କ ଫଟୋ ପ୍ରଦାନ କରିବ। ଏଥିସହ ଜନସାଧାରଣଙ୍କୁମଧ୍ୟସଚେତନକରାଯିବ ବୋଲି ପୋଲିସ ସୂଚନା ଦେଇଛି।

### ୨ ଜଣଙ୍କୁ ଧବଳେଶ୍ୱର, ଛତିଆରେ ଫିଙ୍ଗିଥିଲେ

ଭୁବନେଶ୍ୱରର ଶହୀଦନଗର ଥାନା ଅଞ୍ଚଳରୁ ୨ଜଣଙ୍କୁ ଏମାନେ ଲିଫ୍ଟ ଦେଇ ଲୁଟିଥିଲେ। ଢେଙ୍କାନାଳ ଜରଡ଼ା ଅଞ୍ଚଳର ଶିକ୍ଷକ ଅକ୍ଷୟ କୁମାର ପାଲ ଭୁବନେଶ୍ୱରରେ ରହୁଥିବା ତାଙ୍କ ଝିଅରିଙ୍କ ଘରକୁ ଆସି ଫେବୃୟାରୀ ୧ରେ ଆଚାର୍ଯ୍ୟ ବିହାର ଦେଇ ବସ୍‌ଷ୍ଟାଣ୍ଡକୁ ଯାଉଥିଲେ। ଏହି ସମୟରେ ଅଭିଯୁକ୍ତମାନେ ଅକ୍ଷୟଙ୍କୁ ଢେଙ୍କାନାଳରେ ଛାଡ଼ିଦେବାକୁ କହିଥିଲେ। ଅକ୍ଷୟ ସେମାନଙ୍କୁ ବିଶ୍ୱାସ କରି କାରରେ ବସିଥିଲେ। ବାଟରେ ସେମାନେ ମୃଦୁ ପାନୀୟ ପିଇବାକୁ ଅକ୍ଷୟଙ୍କୁ ଦେଇଥିଲେ। ତେବେ ଅକ୍ଷୟ ପିଇବା ପରେ ଅଚେତ ହୋଇପଡିଥିଲେ। ଏହାପରେ ଅଭିଯୁକ୍ତମାନେ ଅକ୍ଷୟଙ୍କ ପାଖରେ ଥିବା ୬,୭୦୦ ଟଙ୍କା, ମୋବାଇଲ ଫୋନ୍ ଓ ଏଟିଏମ୍ କାର୍ଡ ନେଇ ଧବଳେଶ୍ୱର ଘାଟ ନିକଟ ରାସ୍ତାକଡ଼ରେ ଫିଙ୍ଗି ପଳାଇଥିଲେ। ସେହିପରି କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ଓଳାଭର ଅଞ୍ଚଳର ବୀରେନ କୁମାର ପରିଡା ସେହିଦିନ ସତସଙ୍ଗବିହାର ଛକରେ ବସ୍‌କୁ ଅପେକ୍ଷା କରିଥିଲେ। ଅଭିଯୁକ୍ତମାନେ ତାଙ୍କୁ ଓଳାଭରରେ ଛାଡିଦେବାକୁ କହି କାରରେ ନେଇଥିଲେ। ସେମାନେ ଅମୁଲ୍‌କୁଲ୍‌ରେ ନିଶାଦ୍ରବ୍ୟ ମିଶାଇ ତାଙ୍କୁ ପିଇବାକୁ ଦେବାରୁ ବୀରେନ୍ ଅଚେତ ହୋଇଯାଇଥିଲେ। ସେମାନେ ତାଙ୍କ ପାଖରୁ ୭୫ହଜାର ଟଙ୍କା ଓ ଅନ୍ୟାନ୍ୟ ଜିନିଷ ଲୁଟି ନେଇ ଯାଜପୁର ଛତିଆ ନିକଟ ରାସ୍ତାକଡ଼ରେ ଫୋପାଡ଼ି ଦେଇଥିଲେ। ଏନେଇ ଶହୀଦନଗର ଥାନା ପୋଲିସ ଦୁଇଟି ମାମଲା (ନଂ. ୫୦,୫୧/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୭।୨।୨୦୨୨

| ୩,୭୭,୭୭୭ ଟଙ୍କା | |
|---|---|
| ସୁନା | ୧.୭୭୦ ଗ୍ରାମ |
| ରୁପା | ୫.୪୦୦ ଗ୍ରାମ |

## ବୁଢ଼ାପଙ୍କରୁ ୧୦୩ ରେକ୍ ଫ୍ଲାଏଆଶ୍ ପରିବହନ



ଜଟଣୀ,୧୭।୨(ଡି.ଏନ୍.ଏ.): ବିଜ୍‌ନେସ୍ ଡେଭଲପମେଣ୍ଟ ୟୁନିଟ୍ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ଅଧୀନ ବୁଢ଼ାପଙ୍କ ସାଇଡିଂରୁ ୧୦୩ ରେକ୍ ଫ୍ଲାଏଆଶ୍(ପାଉଁଶ) ପରିବହନ କରାଯାଇଛି। ଫ୍ଲାଏଆଶ୍‌ର ପ୍ରଥମ ରେକ୍ ୨୫ ଅକ୍ଟୋବର ୨୦୨୦ରେ ଏହି ସାଇଡିଂରୁ ପରିବହନ କରାଯାଇଥିଲା। ଫ୍ଲାଏଆଶ ଏକ ପଦାର୍ଥ; ଯାହା ଜଳର ସଂସ୍ପର୍ଶରେ ଆସିଲେ, ସିମେଣ୍ଟ ସୃଷ୍ଟି ହେବାରେ ସହାୟକ ହୋଇଥାଏ। ଖୋର୍ଦ୍ଧାରୋଡ୍ ମଣ୍ଡଳର ବ୍ୟବସାୟ ବିକାଶ ୟୁନିଟ୍ ନିୟମିତ ଭାବେ ବାଣିଜ୍ୟ ୟୁନିଟ୍ ସହିତ ଯୋଗାଯୋଗ ସ୍ଥାପନ କରି କାର୍ଯ୍ୟକ୍ଷମତା ପାଇଁ ନୂତନ ଟ୍ରାଫିକ ପ୍ରସ୍ତାବ ଗୁଡ଼ିକର ଏକ ନୋଡାଲ୍ ପଏଣ୍ଟ ଭାବେ କାର୍ଯ୍ୟ କରୁଥିବା ମଣ୍ଡଳ ରେଳପ୍ରଶାସନ ପକ୍ଷରୁ କୁହାଯାଇଛି।



ଆସୁଛି ମହାଶିବରାତ୍ରି: କଟକ ବିଡାନାସୀ କୁମ୍ଭାରସାହି ଅଞ୍ଚଳରେ ଶିଳ୍ପୀ ସୁରେନ୍ଦ୍ର ବେହେରା ୪ ଫୁଟ ଲମ୍ବ ଓ ୨ ଫୁଟ ଉଚ୍ଚତାର ମାଟିଦୀପ ପ୍ରସ୍ତୁତ କରୁଛନ୍ତି।

## ଥାନା ଆଗରେ ଯୁବକଙ୍କୁ ଗୋଡ଼ାଇ ହାଣିଲେ

■ରକ୍ଷା କରିବାକୁ ଯାଇ ୨ ଆକ୍ରମଣର ଶିକାର
■ଜଣେ ଅଟକ, ପୋଲିସର ତଦନ୍ତ ଜାରି

ବୋଲଗଡ଼,୧୭।୨(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ଆଗରେ ବୁଧବାର ରାତିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି କେତେଜଣ ଦୁର୍ବୃତ୍ତ ଗୋଡ଼ାଇ ଗୋଡ଼ାଇ ଜଣେ ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ କରିଛନ୍ତି। ସେ ହେଲେ ଗୋବର୍ଦ୍ଧନପୁର ଗ୍ରାମର ବିଜୟ କୁମାର ପାହାଡ଼ସିଂହ ଓରଫ ବିଜୁ। ବିଜୟଙ୍କୁ ରକ୍ଷା କରିବାକୁ ଯାଇ ଏହି ଗ୍ରାମର ସୁଦାମ ମାଝୀ ଓ ବୁଲୁ ପ୍ରଧାନ ମଧ୍ୟ ଆକ୍ରମଣର ଶିକାର ହୋଇଛନ୍ତି। ଗୁରୁତର ଅବସ୍ଥାରେ ୩ଜଣଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏନେଇ ଗୁରୁବାର ବିଜୟଙ୍କ ସ୍ତ୍ରୀ ବବିତା ସାମଲଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୩୭/୨୨) ରୁଜୁକରି ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

ଅଭିଯୋଗ ମୁତାବକ, ବୁଧବାର ରାତିରେ ଗୋବର୍ଦ୍ଧନପୁର ଗ୍ରାମର ଜଣେ ଯୁବକ ଖଣ୍ଡା ଧରି ବିଜୟଙ୍କୁ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲେ। ଏହି ସମୟରେ କେତେଜଣ ଗ୍ରାମବାସୀ ପହଞ୍ଚି ସମ୍ପୃକ୍ତ ଯୁବକଙ୍କୁ କାବୁ କରି ବୋଲଗଡ଼ ଥାନାକୁ ନେଉଥିଲେ। ୭ରୁ ୮ଜଣ ଦୁର୍ବୃତ୍ତ ବାଇକରେ ଆସି ହଠାତ୍ ଥାନା ଆଗରେ ବିଜୟଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ବୁଲୁ ଓ ସୁଦାମ ଛଡ଼ାଇବାକୁ ଉଦ୍ୟମ କରୁଥିବା ବେଳେ ଦୁର୍ବୃତ୍ତମାନେ ମଧ୍ୟ ସେମାନଙ୍କୁ ଖଣ୍ଡାରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ପରେ ଗ୍ରାମବାସୀ ସମ୍ପୃକ୍ତ ଯୁବକଙ୍କ କାବୁ କରି ଥାନାରେ ଜିମା ଦେଇଥିଲେ। ଥାନା ଅଧିକାରୀ ବିଦିତା ନାୟକ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଚିକିତ୍ସା ପାଇଁ ବୋଲଗଡ଼ ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଏମ୍‌ସ ଓ ପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାକୁ ନେଇ ଗୋବର୍ଦ୍ଧନପୁର ଗ୍ରାମରେ ଉତ୍ତେଜନା ଲାଗି ରହିଛି। ପୋଲିସ ଜଣଙ୍କୁ ଅଟକ ରଖି ପଚରାଉଚୁରା ଚଳାଇଥିବା ବେଳେ ଅନ୍ୟ ଅଭିଯୁକ୍ତମାନେ ଫେରାର ଥିବା ଜଣାପଡ଼ିଛି।

## ମାର୍ଚ୍ଚ ୧୩ରେ କଳିଙ୍ଗ ବୀରାଙ୍ଗନା ସମ୍ମାନ, ମହିଳା କାର୍ ରାଲି




ଭୁବନେଶ୍ୱର,୧୭।୨(ବ୍ୟୁରୋ)

ମାର୍ଚ୍ଚ ୧୩ ଅନ୍ତର୍ଜାତୀୟ ମହିଳା ଦିବସରେ ସେବା ପ୍ରୟାସ ଫାଉଣ୍ଡେଶନ ପକ୍ଷରୁ 'କଳିଙ୍ଗ ବିରାଙ୍ଗନା ସମ୍ମାନ' ପ୍ରଦାନ କରାଯିବ। ଅଭିନେତ୍ରୀ, କଳାକାର, ରାଜନୀତି, ସାମାଜିକ କର୍ମୀ, ସ୍ୱାସ୍ଥ୍ୟ ସେବା, ଶିକ୍ଷା, ଖେଳ ଓ ସାମ୍ବାଦିକତା କ୍ଷେତ୍ରରେ ଏହି ସମ୍ମାନ ଦିଆଯିବ। ଏଥିସହ ଏକ ମହିଳା କାର୍ ରାଲି ଆୟୋଜନ କରାଯିବ ବୋଲି ଫାଉଣ୍ଡେଶନର ପ୍ରତିଷ୍ଠାତା ଲିଙ୍କନ ସୁବୁଦ୍ଧି ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି।

କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ଲିଙ୍କନ କହିଛନ୍ତି, ଚଳିତ ବର୍ଷ ଅନ୍ତର୍ଜାତୀୟ ମହିଳା ଦିବସର ଥିମ୍ ରହିଛି 'ଭବିଷ୍ୟତ ପାଇଁ ଲିଙ୍ଗଗତ ସମାନତା ଏକ ନିରନ୍ତର ପ୍ରୟାସ'। ଏହି ଦିବସରେ ଜଳବାୟୁ ପରିବର୍ତ୍ତନ, ପରିବେଶ ଓ ବିପର୍ଯ୍ୟୟ ବିପଦ ହ୍ରାସ ପରିପ୍ରେକ୍ଷୀରେ ଲିଙ୍ଗଗତ ସମାନତା, ସମସ୍ତ ମହିଳା ଓ ବାଳିକାଙ୍କ ସଶକ୍ତୀକରଣ ଉପରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଆୟୋଜିତ ହେବାକୁ ଥିବା ମହିଳା କାର୍ ରାଲି ନଖରାସ୍ଥିତ ଆଦିତ୍ୟ ମୋଟର୍ସ ନିକଟରୁ ବାହାରି ପୁରୀ ୱାଟର ୱାର୍ଲ୍ଡ ପାର୍କ ପର୍ଯ୍ୟନ୍ତ ଯିବ ବୋଲି ସେ କହିଛନ୍ତି। ସ୍ତମ୍ଭକାର ତଥା ସାମାଜିକ କର୍ମୀ ପ୍ରୀତି ଧଳ କଳିଙ୍ଗ ବୀରାଙ୍ଗନା ଚୟନର ବର୍ଗ ବିଷୟରେ ସୂଚନା ଦେଇଥିବାବେଳେ ଆଥ୍‌ଲେଟ୍ ଭାଲେନା ଭାଲେଣ୍ଟିନା ମହିଳାଙ୍କ ଦ୍ୱାରା ଏକ ସ୍ୱତନ୍ତ୍ର ଲମ୍ବା ଡ୍ରାଇଭ୍ ଭଳି ସାହସିକ କାର୍ଯ୍ୟର ଉତ୍ସାହ ବାଣ୍ଟିଥିଲେ। ଫାଉଣ୍ଡେଶନର ନିର୍ଦ୍ଦେଶକ ନମ୍ରତା ଚଢ଼ା ଏକ ଉଜ୍ଜ୍ୱଳ ସ୍ଥାୟୀ ଅର୍ଥନୈତିକ ରାଷ୍ଟ୍ର ପାଇଁ ସୋସାଇଟିରେ ଥିବା ତିନି ଲିଙ୍ଗର ସାମଗ୍ରିକ ସଶକ୍ତୀକରଣକୁ ପ୍ରାଧାନ୍ୟ ଦେଇଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବାପୁନ



@ ପ୍ରିୟାଂଶୁ



@ ଉମାକାନ୍ତ



@ ପ୍ରିୟଙ୍କା



@ ପ୍ରିୟତମା



@ ଅଭିନୟ

## ମହାପ୍ରଭୁଙ୍କ ଦର୍ଶନ ପାଇଁ ନୂଆ ଏସ୍‌ଓପି ଜାରି

### ୨୧ ତାରିଖରୁ ଲାଗୁ ହେବ

ପୁରୀ ଅଫିସ ୧୭।୨

ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଗୁରୁବାର ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଦର୍ଶନ ପାଇଁ ନୂଆ ଏସ୍‌ଓପି ଜାରି କରାଯାଇଛି। ଜାରି ହୋଇଥିବା ନୂଆ ଏସ୍‌ଓପି ଚଳିତ ମାସ ୨୧ତାରିଖ ଅର୍ଥାତ ସୋମବାରଠାରୁ ଲାଗୁ ହେବ। କୋଭିଡ୍‌ର ତୃତୀୟ ଲହରି ପ୍ରଭାବ କମୁଥିବାରୁ ଦର୍ଶନ କଟକଣାରେ ପ୍ରଶାସନ ପକ୍ଷରୁ କୋହଳ କରାଯାଇଛି। ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ଜାରି କରାଯାଇଥିବା ନୂତନ ଏସ୍‌ଓପି ଅନୁଯାୟୀ ଶ୍ରଦ୍ଧାଳୁମାନେ ଚଳିତ ମାସ ୨୧ ତାରିଖରୁ ସକାଳ ୬ଟାରୁ ରାତି ୯ଟା ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ପ୍ରବେଶ କରି ମହାପ୍ରଭୁଙ୍କ ଦର୍ଶନ କରିପାରିବେ। ଏଣିକି ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଭକ୍ତଙ୍କୁ କୋଭିଡ୍ ପ୍ରମାଣପତ୍ରର ଆବଶ୍ୟକ ପଡ଼ିବ ନାହିଁ। ଏପରିକି ଆର୍‌ଟି-ପିସିଆର ପ୍ରମାଣପତ୍ର ମଧ୍ୟ ଦରକାର ନାହିଁ। କିନ୍ତୁ ଭକ୍ତମାନେ ସାମାଜିକ ଦୂରତା ରଖିବା ସହ ମୁହଁରେ ମାସ୍କ ପରିଧାନ କରିବେ। ପୂର୍ବ ଭଳି ରବିବାର ଶ୍ରୀମନ୍ଦିର ସାନିଟାଇଜ୍ ପାଇଁ ଭକ୍ତଙ୍କ ପାଇଁ ବନ୍ଦ ରହିବ। ବରିଷ୍ଠ ନାଗରିକ ଶୃଙ୍ଖଳିତ ଭାବେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ସେହିଭଳି ଭକ୍ତମାନଙ୍କ ପାଇଁ ପିଇବା ପାଣିର ବ୍ୟବସ୍ଥା କରାଯିବ ବୋଲି ସୂଚନା ମିଳିଛି। ଗତ ୧୪ରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ କୁମାରଙ୍କ ଅଧ୍ୟକ୍ଷତାରେ ଛତିଶା ନିଯୋଗ ଓ ନୀତି ସବକମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କୋଭିଡ୍ ସ୍ଥିତିକୁ ନେଇ ସମୀକ୍ଷା କରାଯାଇ ଏହି ଏସ୍‌ଓପି ସମ୍ପର୍କରେ ଆଲୋଚନା ହୋଇଥିଲେ।



ପୁରୀ ବେଳାଭୂମିରେ ପଡ଼ି ରହିଥିବା ମୃତ କଇଁଛ।



ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଅସୀମ ବସୁ ଫାଉଣ୍ଡେଶନ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଆରମ୍ଭ ହୋଇଥିବା ଅସୀମ ନାଟ୍ୟ ଉତ୍ସବରେ ଗୁରୁବାର ପରିବେଷିତ ନାଟକ 'ଅବସର'ର ଏକ ଦୃଶ୍ୟ।



କଟକ ତୁଳସୀପୁର ରିଂବନ୍ଧ ପାର୍ଶ୍ୱସ୍ଥ ମହାନଦୀ ଜଳରାଶି ମଧ୍ୟରେ ଗେଣ୍ଡାଳିଆ ଓ ଅନ୍ୟପକ୍ଷୀଙ୍କ ସମାଗମ।

## ସଂକ୍ଷେପରେ

### ଲୁହା ଗେଟ୍‌ରେ ପିଟି ହୋଇ ହରିଣ ମୃତ



**ବାଲିଅନ୍ତା,୧୭।୨(ଡି.ଏନ୍‌.ଏ.):** ବାଲିଅନ୍ତା ଥାନା ଅଧୀନ ବଇଁଚୁଆ ଗ୍ରାମରେ କେନାଲ ବନ୍ଧ ପାର୍ଶ୍ୱରେ ଥିବା ଏକ ବିଦ୍ୟାଳୟର ଲୁହାଗେଟ୍‌ରେ ପିଟି ହୋଇ ଏକ ଅଣ୍ଡିରା ଚିତା ହରିଣର ମୃତ୍ୟୁ ଘଟିଛି। ମୃତ ହରିଣଟିର ବୟସ ୪ରୁ ୫ ବର୍ଷ ହେବ। ଏହାର ଲମ୍ବ ୪ଫୁଟ ଓ ଉଚ୍ଚତା ୨.୭ ଫୁଟ ବୋଲି ବାଲିପାଟଣା ରେଞ୍ଜ ଅଫିସର ଫରେଷ୍ଟର ସୁଶାନ୍ତ ସ୍ୱାଇଁ କହିଛନ୍ତି। ଏହି ହରିଣଟି ଗୁରୁବାର ଆସି ସ୍କୁଲ କ୍ୟାମ୍ପସ ଭିତରେ ରହିଥିଲା। କିଛି ସମୟ ପରେ ହରିଣଟି ଲୁହା ଗେଟ୍ ଡେଇଁ ବାହାରକୁ ଆସିବାକୁ ଉଦ୍ୟମ କରିବା ବେଳେ ତା’ର ମୁଣ୍ଡ ଲୁହା ଗେଟ୍‌ରେ ପିଟି ହୋଇଯାଇଥିଲା। ଗେଟ୍‌ରେ ମାଡ଼ ହୋଇ ପାର୍ଶ୍ୱରେ ଥିବା କେନାଲ ବନ୍ଧ ଉପରେ ମୁମୂର୍ଷୁ ଅବସ୍ଥାରେ ପଡ଼ିଥିଲା। ପରେ ଲୋକେ ଆସି ଦେଖିବାବେଳେ ହରିଣଟିର ମୃତ୍ୟୁ ହୋଇଯାଇଥିଲା। ତା’ର ଆଖି, ବେକ ଓ ମୁଣ୍ଡରେ କ୍ଷତଚିହ୍ନ ଥିଲା। ଖବରପାଇ ବାଲିପାଟଣା ଫରେଷ୍ଟ ରେଞ୍ଜର ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ମୃତ ହରିଣକୁ ଜବତ କରିଥିଲେ।

### ଷ୍ଟ୍ରଙ୍ଗ ରୁମ୍‌ରେ ୩୯୦ ପ୍ରାର୍ଥୀଙ୍କ ଭାଗ୍ୟ

**କୃଷ୍ଣପ୍ରସାଦ,୧୭।୨(ଡି.ଏନ୍‌.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ୪୦ଟି ବୁଥରେ ପ୍ରଥମ ପର୍ଯ୍ୟାୟ ମତଦାନ ଶେଷ ହୋଇଛି। ୫୬ ସରପଞ୍ଚ, ୪୮ ସମିତିସଭ୍ୟ, ୧୨ ଜିଲା ପରିଷଦ ଏବଂ ୨୭୪ ୱାର୍ଡମେମ୍ବର ପ୍ରାର୍ଥୀଙ୍କ ଭାଗ୍ୟ ବାଲଟ୍ ବକ୍ସ ମଧ୍ୟରେ ଏହି ବ୍ଲକର ଷ୍ଟ୍ରଙ୍ଗରୁମରେ ରହିଛି। ଏହି ଷ୍ଟ୍ରଙ୍ଗ ରୁମ ସୁରକ୍ଷା ଦାୟିତ୍ୱରେ ୪ଜଣ ଯବାନ ନିୟୋଜିତ ହୋଇଛନ୍ତି। ଆସନ୍ତା ୨୬ ତାରିଖରେ ପ୍ରଥମେ ୯ନମ୍ବର ଜୋନ ଓ ପରେ ୧୦ନଂ. ଜୋନ ଭୋଟ୍ ଗଣତି ହେବ ବୋଲି ଜଣାପଡିଛି। ବିଡିଓ ମନୋଜ କୁମାର ନାୟକ, ଆଇଆଇସି ଦିଲୀପ କୁମାର ସ୍ୱାଇଁ, ତହସିଲଦାର ଉଲାସ କୁମାର ସେଠୀ, ଜିପିଓ ରଶ୍ମି ରଞ୍ଜନ ସାହୁ ଏହି ଷ୍ଟ୍ରଙ୍ଗ ରୁମ୍ ଉପରେ ନଜର ରଖିଥିବା ପ୍ରକାଶ।

### ହରପ୍ରସାଦ ଥିଲେ ଆଧୁନିକ ଓଡ଼ିଆ କବିତାର ବଳିଷ୍ଠ ସ୍ୱର

**ଭୁବନେଶ୍ୱର,୧୭।୨(ବ୍ୟୁରୋ) :** କବି ଡ. ହରପ୍ରସାଦ ପରିଛା ପଟନାୟକ ଥିଲେ ଆଧୁନିକ ଓଡ଼ିଆ କବିତାର ବଳିଷ୍ଠ ସ୍ୱର। ଓଡ଼ିଆ ତଥା ଇଂଲିଶ ସାହିତ୍ୟର ଜଣେ ଧୁରୀଣ ଲେଖକ। ତାଙ୍କ ବିୟୋଗ ଓଡ଼ିଆ ସାହିତ୍ୟ ଜଗତର ଅପୂରଣୀୟ କ୍ଷତି। ଏହି ଯଶସ୍ୱୀ କବିଙ୍କ ବିୟୋଗରେ ଗୁରୁବାର ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଏକାଡେମୀ ପରିସରରେ ଅନୁଷ୍ଠିତ ଶୋକସଭାରେ ଅତିଥିମାନେ ତାଙ୍କ ସ୍ମୃତିଚାରଣ କରି ଏହା କହିଛନ୍ତି। ଏହି ଅବସରରେ ତାଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏକାଡେମୀର ସଭାପତି ଡ. ହୃଷୀକେଶ ମଲ୍ଲିକ ପୌରୋହିତ୍ୟ କରିଥିଲେ। ଏକାଡେମୀ ଉପସଭାପତି ଡ. ସଂଗ୍ରାମ ଜେନା ଓ ସଚିବ ପ୍ରବୋଧ କୁମାର ରାଉତ, କାର୍ଯ୍ୟକାରୀ ପରିଷଦର ସଦସ୍ୟ ଡ. ନୃସିଂହ ଷଡ଼ଙ୍ଗୀ, ସାଧାରଣ ପରିଷଦ ସଦସ୍ୟ ଡ. ଅଭୟ ବାରିକ, ଡ. ବିବେକାନନ୍ଦ ପାଣିଗ୍ରାହୀ, ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ ଡ. ପ୍ରେମାନନ୍ଦ ମହାପାତ୍ର, ଡକ୍ଟର ଫଣୀନ୍ଦ୍ରଭୂଷଣ ନନ୍ଦ ଓ ନାଇଜର ରେଜିଷ୍ଟ୍ରାର ଡ. ଅଭୟ ନାୟକ ପ୍ରମୁଖ ଯୋଗଦେଇ କବି ହରପ୍ରସାଦଙ୍କ ସମ୍ପର୍କରେ କହିଥିଲେ।

# ଆଜି ୫୬୫ ବୁଥ୍‌ରେ ମତଦାନ

**ଖୋର୍ଦ୍ଧା ଅଫିସ/ବେଗୁନିଆ, ୧୭।୨ (ଡି.ଏନ୍‌.ଏ.)**

## ବାଣପୁର ଓ ବେଗୁନିଆ ବ୍ଲକ

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଶୁକ୍ରବାର ଦ୍ୱିତୀୟ ପର୍ଯ୍ୟାୟ ଭୋଟ ଗ୍ରହଣ କରାଯିବ। ଦ୍ୱିତୀୟ ପର୍ଯ୍ୟାୟରେ ଖୋର୍ଦ୍ଧା ଜିଲା ବାଣପୁର ବ୍ଲକର ୩ ଜିଲା ପରିଷଦ, ୧୭ ପଞ୍ଚାୟତର ସମିତିସଭ୍ୟ, ସରପଞ୍ଚ ଏବଂ ୨୩୩ ୱାର୍ଡମେମ୍ବର ଆସନ ପାଇଁ ମତଦାନ ହେବ। ସେହିପରି ବେଗୁନିଆ ବ୍ଲକର ୩ ଜିଲାପରିଷଦ, ୨୧ ପଞ୍ଚାୟତର ସମିତି ସଭ୍ୟ, ସରପଞ୍ଚ ଓ ୩୩୨ ୱାର୍ଡମେମ୍ବର ଆସନ ପାଇଁ ମତଦାନ ହେବ। ବାଣପୁର ବ୍ଲକରେ ୧ଲକ୍ଷ ୩ହଜାର ୮୧୯ ଏବଂ ବେଗୁନିଆ ବ୍ଲକରେ ୧ଲକ୍ଷ ୩୦ହଜାର ୩୬୧ ଭୋଟର ମତାଧିକାର ସାବ୍ୟସ୍ତ କରିବେ। ବାଣପୁର ପାଇଁ ୧୭ ଓ ବେଗୁନିଆ ପାଇଁ ୨୧ଜଣ ସେକ୍ଟର ଅଫିସର ନିଯୁକ୍ତ ହୋଇଛନ୍ତି। ଗୁରୁବାର ଖୋର୍ଦ୍ଧା ଅତିରିକ୍ତ ଜିଲାପାଳ(ରାଜସ୍ୱ) ମନୋଜ କୁମାର ପାଢ଼ି ବେଗୁନିଆ ବ୍ଲକ ଗସ୍ତରେ ଆସି ନିର୍ବାଚନ ପରିଚାଳନାକୁ ସମୀକ୍ଷା କରିବା ସହ ବିଭିନ୍ନ ବୁଥକୁ ଯାଇ ତଦାରଖ କରି ଫେରିଯାଇଛନ୍ତି। ବେଗୁନିଆ ବ୍ଲକ ନିର୍ବାଚନ ଅଧିକାରୀ ଲକ୍ଷ୍ମୀଧର ସାହୁ ଓ ୨୧ଟି ପଞ୍ଚାୟତ ଦାୟିତ୍ୱରେ ଥିବା ସମ୍ପ୍ରସାରଣ ଅଧିକାରୀ ଦେବାଶିଷ ସାହୁ ମତଦାନ କେନ୍ଦ୍ର ବୁଲି ତଦାରଖ କରିଥିଲେ। ବେଗୁନିଆ ଥାନା ଅଧିକାରୀ ଲକ୍ଷ୍ମୀପ୍ରସାଦ ଶତପଥୀ ଆଇନଶୃଙ୍ଖଳା ଉପରେ ନଜର ରଖିଛନ୍ତି। ତେବେ ଭୋଟ୍‌ଗ୍ରହଣ ଲାଗି ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି। ସେହିପରି ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ବାଣପୁର ବ୍ଲକ ପରିଦର୍ଶନ କରି ଶୃଙ୍ଖଳିତ ନିର୍ବାଚନ ଆୟୋଜନ ନେଇ ପରାମର୍ଶ ଦେଇଛନ୍ତି। ପୋଲିଂ ପାର୍ଟିମାନେ ସମ୍ପୃକ୍ତ ବ୍ଲକରେ ରିପୋର୍ଟିଂ କରିବା ପରେ ସେମାନଙ୍କ ମତଦାନ କେନ୍ଦ୍ରରେ ପହଞ୍ଚି ସାରିଛନ୍ତି। ଅବାଧ ଓ ନିରପେକ୍ଷ ମତଦାନ ନିମନ୍ତେ ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଖୋର୍ଦ୍ଧା ଜିଲାରେ ୭୧ପ୍ରତିଶତ ମତଦାନ ହୋଇଛି। ସମସ୍ତ ଭୋଟବାକ୍ସକୁ ସମ୍ପୃକ୍ତ ବ୍ଲକର ଷ୍ଟ୍ରଙ୍ଗ ରୁମରେ ରଖାଯାଇ ଏହାକୁ ସିଲ୍ କରାଯିବା ସହ କଡ଼ା ସୁରକ୍ଷା ଗ୍ରହଣ କରାଯାଇଛି ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

### ପିଙ୍କ୍ ବୁଥ୍‌ରେ ମତଦାନ କରିବେ ୩୦୦ ଭୋଟର

**ବେଗୁନିଆ,୧୭।୨(ଡି.ଏନ୍‌.ଏ.):** ବେଗୁନିଆ ବ୍ଲକର ୩୩୨ ବୁଥ୍ ମଧ୍ୟରୁ ଗୋଟିଏ ପିଙ୍କ୍ କରାଯାଇଛି। ବେଗୁନିଆ ପଞ୍ଚାୟତର ୧୬ନଂ. ୱାର୍ଡକୁ ପ୍ରଶାସନ ପକ୍ଷରୁ ବିଧିବଦ୍ଧ ଭାବେ ଘୋଷଣା କରାଯାଇଛି। ସଦର ମହକୁମାରେ ଥିବା ସରକାରୀ ଗୋପବନ୍ଧୁ ଉଚ୍ଚବିଦ୍ୟାଳୟ ପରିସରରେ ଏହି ପିଙ୍କ୍ ମତଦାନ କେନ୍ଦ୍ରକୁ ସ୍ଥାନିତ କରାଯାଇଛି। ଏହି ବୁଥକୁ ମହିଳା ପ୍ରିଜାଇଡିଂ, ପୋଲିଂ ଓ ପୋଲିସ କର୍ମଚାରୀମାନେ ପରିଚାଳନା କରିବେ। ୩୦୦ ଭୋଟର ଏହି ବୁଥ୍‌ରେ ମତ ସାବ୍ୟସ୍ତ କରିବେ ବୋଲି ଜିପିଇଓଙ୍କ ଠାରୁ ସୂଚନା ମିଳିଛି।

## ମତଦାନ ବେଳେ ଗୋଷ୍ଠୀ ସଂଘର୍ଷ ଘଟଣା, ୮ ଗିରଫ



ଗିରଫ ଅଭିଯୁକ୍ତମାନେ।

**କୃଷ୍ଣପ୍ରସାଦ,୧୭।୨(ଡି.ଏନ୍‌.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଅଲଣ୍ଡା ପଞ୍ଚାୟତର ୪ନମ୍ବର ବୁଥ୍‌ରେ ବୁଧବାର ମତଦାନ ବେଳେ ତିଛିଣି ଓ ଅଲଣ୍ଡା ଗ୍ରାମର ଭୋଟରଙ୍କ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଘଟିଥିଲା। ଏଥିରେ ୪୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଛନ୍ତି। ଏହି ଘଟଣାରେ ଗୁରୁବାର କୃଷ୍ଣପ୍ରସାଦ ପୋଲିସ ୮ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଅଲଣ୍ଡା ଗ୍ରାମର ଲୋକନାଥ ସାହୁ, ଝାଡୁ ସାହୁ, ଦେବ ସାହୁ, ସନ୍ନ୍ୟାସୀ ସାହୁ, ପାଣ୍ଡବ ତରେଇ, ସୋମନାଥ ପଲେଇ, ସହଦେବ ସାହୁ ଓ ଶିବ ସାହୁ। ଏନେଇ ଥାନାରେ ଏକ ମାମଲା (ନଂ.୪୧/୨୨)ରୁଜୁ ହୋଇଛି। ଏହି ଦୁଇ ଗ୍ରାମରେ ଚାପା ଉତ୍ତେଜନା ଲାଗି ରହିଥିବାରୁ ଶାନ୍ତିଶୃଙ୍ଖଳା ପାଇଁ ୧ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଗ୍ରାମ ଉପରେ ନଜର ରଖାଯାଇଛି ବୋଲି ଆଇଆଇସି ଦିଲୀପ କୁମାର ସ୍ୱାଇଁ କହିଛନ୍ତି। ସୂଚନାଥାଉ କି, ବୁଧବାର ନିର୍ବାଚନ ସମୟରେ ଅଲଣ୍ଡା ଗ୍ରାମରେ ୪୩୨ଜଣ ଭୋଟରଙ୍କ ମଧ୍ୟରେ ତିଛିଣି ଗ୍ରାମର ୩୨୩ ଜଣ ରହିଥିବାରୁ କେତେଜଣ ବ୍ୟକ୍ତି ୪ନଂ.ବୁଥ୍‌କୁ ମତଦାନ ପାଇଁ ଯାଇଥିଲେ। ତେବେ ଅଲଣ୍ଡା ଗ୍ରାମବାସୀ ବାରଣ କରିବାରୁ ଗୋଷ୍ଠୀ ସଂଘର୍ଷ ଘଟିଥିଲା।



## ସାତକୋଶିଆରେ ଛଡ଼ାଗଲା ୨ ଘଡ଼ିଆଳ କୁମ୍ଭୀର

**ବାରଙ୍ଗ,୧୭।୨(ଡି.ଏନ୍‌.ଏ.)**

ପ୍ରାଣୀ ଉଦ୍ୟାନ ନନ୍ଦନକାନନରୁ ଗୁରୁବାର ୨ ମାଈ ଘଡିଆଳ କୁମ୍ଭୀରକୁ ସାତକୋଶିଆରେ ଛଡ଼ାଯାଇଛି। ମଙ୍ଗଳବାର ବିରୁପାରୁ ଏକ କୁମ୍ଭୀର ଧରା ହୋଇ ନନ୍ଦନକାନନକୁ ଆସିଥିଲା। ଉକ୍ତ କୁମ୍ଭୀର ସହ ନନ୍ଦନକାନନରେ ଥିବା ଏକ ମାଈ ଘଡିଆଳ କୁମ୍ଭୀରକୁ ପ୍ରାଣୀଉଦ୍ୟାନର ବିଶେଷଜ୍ଞ ସୁଦର୍ଶନ ମହାରଣାଙ୍କ ତତ୍ତ୍ୱାବଧାନରେ ସାତକୋଶିଆସ୍ଥିତ ମହାନଦୀରେ ଗୁରୁବାର ଛଡାଯାଇଥିବା ନନ୍ଦନକାନନ କର୍ତ୍ତୃପକ୍ଷ ପକ୍ଷରୁ ସୂଚନା ଦିଆଯାଇଛି।

## ଓଭରବ୍ରିଜ୍‌ରୁ ଖସିପଡ଼ି ବାଇକ୍ ଚାଳକ ଗୁରୁତର

**ଭୁବନେଶ୍ୱର, ୧୭।୨(ବ୍ୟୁରୋ)**

ଶହୀଦନଗର ଥାନା ୧୬ ନମ୍ବର ଜାତୀୟ ରାଜପଥର ଜୟଦେବ ବିହାର ଓଭରବ୍ରିଜ ଉପରୁ ଗୁରୁବାର ପୂର୍ବାହ୍ନରେ ଜଣେ ବାଇକ୍ ଚାଳକ ଖସିପଡ଼ି ଗୁରୁତର ଆହତ ହୋଇଛନ୍ତି। ଆହତ ଯୁବକ ହେଲେ କଟକ ସଦର ଥାନା ଅଞ୍ଚଳର ଶାରଦା ପ୍ରସନ୍ନ ପରିଡ଼ା(୩୦)। ତାଙ୍କ ଶରୀରରେ ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ହୋଇଛି। ଖବରପାଇ ପୋଲିସ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ମେଡିକାଲ ସ୍ଥାନାନ୍ତର କରାଯାଇଛି। ପୋଲିସ ଓଭରବ୍ରିଜ ଉପରୁ ବାଇକ୍(ଓଡି୦୫ଏକେ-୧୬୦୦) ଜବତ କରିଛି। ସୂଚନା ଅନୁଯାୟୀ, ପୂର୍ବାହ୍ନ ୯ଟା ୩୦ରେ ଶାରଦା ଏକ ବାଇକ୍ ଯୋଗେ ଖଣ୍ଡଗିରିରୁ ରସୁଲଗଡ ଅଭିମୁଖେ ଆସୁଥିଲେ। ଜୟଦେବ ବିହାର ଓଭରବ୍ରିଜ ୱାଲକୁ ଧକ୍କା ଦେଇ ତଳକୁ ଖସି ପଡ଼ିଥିଲେ। ତେବେ କିଭଳି ଶାରଦା ତଳକୁ ଖସିଲେ ତାହା ଜଣାପଡ଼ିନାହିଁ। କିନ୍ତୁ ଡିସ୍ ବ୍ରେକ୍ ମାରିବାରୁ ଏଭଳି ଅଘଟଣ ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ପୋଲିସ ତଦନ୍ତ ଜାରି ରଖିଛି।

## ୩ ପର୍ଯ୍ୟାୟରେ ହେବ ଇନ୍ଦ୍ର ଧନୁଷ ଟିକାଦାନ



ବୈଠକରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

**ଖୋର୍ଦ୍ଧା ଅଫିସ,୧୭।୨**

କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ୯୦ ପ୍ରତିଶତରୁ ଅଧିକ ରୋଗ ପ୍ରତିଷେଧମୂଳକ ଟିକାଦାନ କାର୍ଯ୍ୟକ୍ରମ ମିଶନ ଇନ୍ଦ୍ର ଧନୁଷ ମାଧ୍ୟମରେ ଜିଲାରେ ୩ଟି ପର୍ଯ୍ୟାୟରେ ସପ୍ତାହ ବ୍ୟାପୀ ଟିକାଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପ୍ରଥମ ପର୍ଯ୍ୟାୟରେ ମାର୍ଚ୍ଚ ୭ରୁ ୧୩, ୨ୟ ପର୍ଯ୍ୟାୟ ଏପ୍ରିଲ ୪ରୁ ୧୦ ଓ ତୃତୀୟ ପର୍ଯ୍ୟାୟରେ ମେ’୨ରୁ ୮ତାରିଖ ପର୍ଯ୍ୟନ୍ତ କରାଯିବ। ଟିକାଦାନ ସମୟରେ ସରକାରୀ ଛୁଟିଦିନ ଥିଲେ ମଧ୍ୟ କାର୍ଯ୍ୟକ୍ରମ ଜାରି ରହିବ। ଦୁଇ ବର୍ଷରୁ କମ୍ ବୟସର ଶିଶୁ ଓ ଗର୍ଭବତୀଙ୍କୁ ଏହି ଟିକା ପ୍ରଦାନ କରାଯିବ। ବିଶେଷତଃ ଯେଉଁ ଶିଶୁମାନେ ୨୦୨୦ ଫେବୃୟାରୀ ମଧ୍ୟରେ ବା ପରେ ଜନ୍ମଗ୍ରହଣ କରିଥିବେ ଓ ଆଦୌ ଟିକା ନେଇ ନ ଥିବେ, ଅଳ୍ପ କିଛି ଟିକା ଗ୍ରହଣ କରିଥିବେ ସେହି ଶିଶୁମାନେ ଏହି ଟିକା ନେଇପାରିବେ। ଗର୍ଭବତୀଙ୍କ କ୍ଷେତ୍ରରେ ଯେଉଁମାନେ ଇନ୍ଦ୍ର ଧନୁଷ କାର୍ଯ୍ୟକ୍ରମର ସର୍ଭେ ତାରିଖ ସୁଦ୍ଧା ଟିକା ଗ୍ରହଣ କରି ନ ଥିବେ ସେହିମାନେ ଏହି କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ ହୋଇପାରିବେ। ଅଦ୍ୟାବଧି ଖୋର୍ଦ୍ଧା ଜିଲାରେ ଦଶଟି ପର୍ଯ୍ୟାୟ ଟିକାଦାନ କାର୍ଯ୍ୟକ୍ରମ ହୋଇସାରିଛି ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ଆର୍ତ୍ତବନ୍ଧୁ ନାୟକ କହିଛନ୍ତି। ଶିଶୁ ମୃତ୍ୟୁହାର ଓ ମାତୃ ମୃତ୍ୟୁହାର ରୋକିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ। ଏଥିରେ ୧୨ଟି ରୋଗର ନିଦାନ ପାଇଁ ଟିକାକରଣ କରାଯାଇଛି। କେନ୍ଦ୍ର ସରକାର ଭାରତ ବର୍ଷର ୪୧୬ ଜିଲାକୁ ଚୟନ କରିଥିବା ବେଳେ ଓଡ଼ିଶାର ୧୨ଟି ଜିଲା ଓ ୪୫ଟି ମ୍ୟୁନିସିପାଲିଟି କର୍ପୋରେଶନ ଇନ୍ଦ୍ର ଧନୁଷ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ ହୋଇଛନ୍ତି। ତନ୍ମଧ୍ୟରୁ ଖୋର୍ଦ୍ଧା ଅନ୍ୟତମ ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନାୟକ କହିଛନ୍ତି।

## ଖବରଦାତାଙ୍କୁ ଆକ୍ରମଣ କରି ୮ ଗିରଫ

**ପୁରୀ ଅଫିସ/କଣାସ,୧୭।୨(ସ୍ୱ.ପ୍ର.)**

### ୨ ବୁମ୍, ଲାଇଭ୍ ମେଶିନ୍, ତାର ବଣ୍ଡଲ ଜବତ

କଣାସ ଗଡ଼ିଶାଗୋଦା ଥାନା ଅନ୍ତର୍ଗତ ବଡ଼ାଲ ପଞ୍ଚାୟତରେ ନିର୍ବାଚନ ଖବର ସଂଗ୍ରହ କରିବାକୁ ଯାଇଥିବା ଜଣେ ଖବରଦାତାଙ୍କୁ ଆକ୍ରମଣ କରିବା ଘଟଣାରେ ପୁରୀ ପୋଲିସ ୮ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ବଡ଼ାଲ ଗ୍ରାମର ସତ୍ୟପ୍ରିୟ ମହାରଣା (୪୦), ବିଜୟ ସ୍ୱାଇଁ(୩୦), ସୁବାସ ମାଝି(୩୬), ନିକୁଞ୍ଜ ସ୍ୱାଇଁ(୫୭), ଉତ୍ତମ ଭୁଜବଳ (୨୧), ଅଜୟ ବାରିସାଲ(୩୮), ବିଦ୍ୟାଧର ସ୍ୱାଇଁ (୪୦) ଏବଂ ବ୍ରଜବନ୍ଧୁ ସ୍ୱାଇଁ (୬୦)। ପୋଲିସ ସେମାନଙ୍କ ନିକଟରୁ ଗୋଟିଏ ମୋବାଇଲ ଫୋନ, ଦୁଇଟି ବୁମ୍, ତାର ବଣ୍ଡଲ, ଲାଇଭ ମେଶିନ୍ ଏବଂ ବିଭିନ୍ନ ଉପକରଣ ଜବତ କରିଛି। ଏ ନେଇ ପୋଲିସ ପୃଥକ୍ ୩ଟି ମାମଲା (ନଂ. ୫୦, ୫୧, ୫୨ /୨୨) ରୁଜୁ କରିଛି। ଥାନାରେ ଘଟଣା ସମ୍ପର୍କରେ ଅଭିଯୋଗ ହେବା ପରେ ପୋଲିସ ବୁଧବାର ରାତିରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ସାକ୍ଷ୍ୟ ପ୍ରମାଣ ଆଧାରରେ ୮ଜଣଙ୍କୁ ଗିରଫ କରିଛି। ଅତିରିକ୍ତ ଏସ୍‌ପି ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଓ ଏସ୍‌ଡିପିଓ କିଶୋର ମୁଣ୍ଡଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଘଟଣା ସମ୍ପର୍କରେ ଅଧିକ ତଦନ୍ତ ଜାରି ରହିଛି।

ସୂଚନା ଅନୁଯାୟୀ, କଣାସରେ ବୁଧବାର ପଞ୍ଚାୟତ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ ଚାଲିଥିବା ବେଳେ ଖବର ସଂଗ୍ରହ କରିବାକୁ ଯାଇଥିବା ଦୁଇଟି ବୈଦ୍ୟୁତିକ ଗଣମାଧ୍ୟମର ଖବରଦାତାଙ୍କୁ କୌଣସି କଥାକୁ ନେଇ ଉକ୍ତ ଅଭିଯୁକ୍ତମାନେ ଆକ୍ରମଣ କରିଥିଲେ। ଏ ନେଇ ସ୍ଥାନୀୟ ଅଞ୍ଚଳର ଖବରଦାତାମାନେ ଗଡ଼ିଶାଗୋଦା ଥାନାରେ ଧାରଣା ଦେବା ସହ ପୃଥକ ୨ଟି ଅଭିଯୋଗ କରିଥିଲେ। ଏଥିସହ ବୁଥ୍‌ରେ ଗଣ୍ଡଗୋଳ ହେବା ଓ କାଗଜପତ୍ର ନେଇଯାଇଥିବାରୁ କଣାସ ବ୍ଲକ ନିର୍ବାଚନ ଅଧିକାରୀ ତଥା ବିଡିଓ ଲୋଚନ ଦାସ ମଧ୍ୟ ଆଉ ଗୋଟିଏ ଅଭିଯୋଗ କରିଥିଲେ। ଏହି ଆକ୍ରମଣରେ ୪ଜଣ ଗୁରୁତର ଆହତ ହୋଇଥିଲେ। ତେବେ ବର୍ତ୍ତମାନ ମଧ୍ୟ ଉକ୍ତ ଘଟଣାକୁ ନେଇ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ଫଳରେ ଗିରଫ ସଂଖ୍ୟା ବୃଦ୍ଧି ପାଇବ ବୋଲି ସୂଚନା ମିଳିଛି।

## ପି.କେ. ଡାଇମଣ୍ଡ ଟିମ୍ ଚାମ୍ପିୟନ

**ବାଲିଅନ୍ତା,୧୭।୨(ଡି.ଏନ୍‌.ଏ.)**

ବାଲିଅନ୍ତା ବ୍ଲକ ଅଧୀନ ଭୁବନପୁର ଗ୍ରାମର କୁଶଭଦ୍ରା ନଦୀପଠା ପଡ଼ିଆରେ ଚାଲିଥିବା ଦ୍ୱିତୀୟ ପିପିଏଲ୍ ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ସାଇଲେଣ୍ଟ ଉତ୍ତର ଟିମ୍‌କୁ ହରାଇ ପି.କେ. ଡାଇମଣ୍ଡ ଟିମ୍ ଚାମ୍ପିୟନ ହୋଇଛି। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଭୁବନେଶ୍ୱର(ଉତ୍ତର) ବିଧାୟକ ସୁଶାନ୍ତ କୁମାର ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଟିମ୍ ଓ ରନର୍ସ ଅପ ଟିମ୍‌କୁ ପୁରସ୍କୃତ କରିଥିଲେ।

# ଟାର୍ଗେଟ ନ ଆସିବାରୁ ଧାନ ଉଠୁନି

**ନିରାକାରପୁର,୧୭।୨(ଡି.ଏନ୍‌.ଏ.)**

### ଗୋଳବାଇ ସେବା ସମବାୟ ସମିତି



ଖୋର୍ଦ୍ଧା ଜିଲାରେ ଧାନକିଣାରେ ଅବ୍ୟବସ୍ଥା ଲାଗି ରହିଛି। ଚାଷୀ ଖରା, ଶୀତ କାକରରେ ମଣ୍ଡିରେ ଧାନ ଧରି ବସିରହିଛି, କିନ୍ତୁ ଧାନ କିଣାଯାଉନାହିଁ। ବିଭିନ୍ନ ଆଳ ଦେଖାଇ ମିଲର୍ସ ଧାନ ଉଠାଉ ନାହାନ୍ତି। ଟୋକନ ଅବଧି ଶେଷ ହେବାକୁ ବସିଥିବା ବେଳେ ଧାନ ବିକ୍ରି ନେଇ ଚାଷୀଙ୍କୁ ଚିନ୍ତା ଘାରିଛି। ଏଭଳି ଦୃଶ୍ୟ ଗୋଳବାଇ ସେବା ସମବାୟ ସମିତିରେ ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ଟାର୍ଗେଟ୍ ଆସୁ ନ ଥିବାରୁ ଧାନ କିଣାଯାଉନି ବୋଲି ସମିତି ସମ୍ପାଦକ ପରମାନନ୍ଦ ନାୟକ କହିଛନ୍ତି।

ପ୍ରକାଶ ଯେ, ଏହି ସେବା ସମବାୟ ସମିତି ଗୋଳବାଇ, ଜଙ୍କିଆ ଓ ଗୋଡିପଡା ପଞ୍ଚାୟତକୁ ନେଇ ଗଠିତ। ଚଳିତ ବର୍ଷ ୪୦୦ଚାଷୀ ୧୩ହଜାର କୁଇଣ୍ଟାଲ ଧାନ ବିକ୍ରି କରିବା ପାଇଁ ପଞ୍ଜୀକରଣ କରିଥିଲେ। ଏଯାବତ୍ ୧୨୦ଚାଷୀଙ୍କ ଠାରୁ ୩୯୯୯ କୁଇଣ୍ଟାଲ ଧାନ ମିଲର୍ସ ନେଇଛନ୍ତି। ଫଳରେ ଅବଶିଷ୍ଟ ଧାନ ଖରା କାକରରେ, ବାରି ଓ ଘର ବାରଣ୍ଡାରେ ପଡିରହିଛି। ଏହି ଧାନ ନେବା ପାଇଁ ଛଣଗିରି ପଞ୍ଚାୟତ ରମାବିଲି ଠାରେ ଥିବା ଗଣେଶ ରାଇସ୍ ମିଲକୁ ସମବାୟ ସମିତି ପକ୍ଷରୁ ଧାନ ସଂଗ୍ରହ ନିମନ୍ତେ ଚୁକ୍ତି ହୋଇଛି। ତେବେ ଟୋକନ ଅନୁସାରେ ଧାନ ଉଠୁନଥିବା ଚାଷୀ ଅଭିଯୋଗ କରିଛନ୍ତି। ଆସନ୍ତା ୨୦ତାରିଖ ସୁଦ୍ଧା ମିଲର୍ସ ଧାନ ନ ନେଲେ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଟୋକନ ଅବଧି ଶେଷ ହୋଇଯିବ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ମଣ୍ଡି ଠିକ୍‌ରେ ଖୋଲୁ ନ ଥିବାରୁ ଆନ୍ଧ୍ରପ୍ରଦେଶ ବେପାରୀମାନେ ଗାଁରେ ପଶି କମ୍ ମୂଲ୍ୟରେ ଧାନ କିଣୁଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।



ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଗୁରୁବାର ଅନୁଷ୍ଠିତ କବି ଡ. ହରପ୍ରସାଦ ପରିଛା ପଟନାୟକଙ୍କ ଶୋକସଭାରେ ଉପସ୍ଥିତ ଅଛନ୍ତି ଏକାଡେମୀର ସଭାପତି ଡ. ହୃଷୀକେଶ ମଲ୍ଲିକ ଓ ଅନ୍ୟମାନେ।



ଖୋର୍ଦ୍ଧା ଜିଲା ୨୯ ନଂ ଜୋନ୍ ଜିଲା ପରିଷଦ କଂଗ୍ରେସ ପ୍ରାର୍ଥୀ ପ୍ରସନ୍ନ ଦାସଙ୍କ ସମର୍ଥନରେ ଗୁରୁବାର ବାହାରିଥିବା ବାଇକ୍ ରାଲି।



ଖୋର୍ଦ୍ଧା ଜିଲା ୨୧ ନଂ ଜୋନର ବିଜେଡି ପ୍ରାର୍ଥୀ ପବିତ୍ର ମୋହନ ପଟେଲଙ୍କ ପାଇଁ ରାଜ୍ୟ ସଭା ସଦସ୍ୟ ମୁନା ଖାଁ ପ୍ରଚାର କରୁଛନ୍ତି।

# ଲିଫ୍ଟ ଦେବା ଆଳରେ ଲୁଟ୍ ର୍ୟାକେଟ ଧରାପଡ଼ିଲା

## ୨ ଗିରଫ, କାର୍, ସୁନା, ଟଙ୍କା ଓ ନିଶା ଟାବ୍‌ଲେଟ୍ ଜବତ





ଭୁବନେଶ୍ୱର, ୧୭।୨(ବ୍ୟୁରୋ)

ଲିଫ୍ଟ ଦେବା ଆଳରେ ନିଶା ଦେଇ ଲୁଟୁଥିଲେ। ରାଜଧାନୀ ଭୁବନେଶ୍ୱର ସମେତ ବିଭିନ୍ନ ଜିଲାରେ ସକ୍ରିୟ ଥିବା ଏହି ଲୁଟେରା ଗ୍ୟାଙ୍ଗକୁ କମିଶନରେଟ ପୋଲିସ ଧରିଛି। ଗ୍ୟାଙ୍ଗ ୨ଜଣ ସଦସ୍ୟଙ୍କୁ ଶହୀଦନଗର ଥାନା ପୋଲିସ ଓ ସ୍ପେଶାଲ ସ୍କ୍ୱାଡ୍ ଗିରଫ କରିବା ସହ ର୍ୟାକେଟର ପର୍ଦ୍ଦାଫାଶ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ କଟକ ସଦର ଥାନା ଅନ୍ତର୍ଗତ ତେଲେଙ୍ଗାପେଣ୍ଠରେ ରହୁଥିବା କଟକ ଯାଜପୁର ଜିଲା ଟାଉନ ଥାନା ତଳିଆ ଗ୍ରାମର ଦେବେନ୍ଦ୍ର କୁମାର ପରିଡ଼ା ଓ ଭଦ୍ରକ ଜିଲା ଚାନ୍ଦବାଲି ଥାନାଞ୍ଚଳର ବୁଧିରାମ ସ୍ୱାଇଁ। ସେମାନଙ୍କଠାରୁ ଗୋଟିଏ କାର, ୪ ମୋବାଇଲ ଫୋନ, ୪୦ ଗ୍ରାମ ସୁନା ଅଳଙ୍କାର, ୫ ହଜାର ଟଙ୍କା ଓ ନିଶା ଟାବ୍‌ଲେଟ୍ ଜବତ କରାଯାଇଛି। ଉଭୟଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯିବ। ଏହି ଗ୍ୟାଙ୍ଗରେ ଥିବା ଅନ୍ୟ ସଦସ୍ୟଙ୍କୁ ଧରିବାକୁ ଉଦ୍ୟମ କରାଯାଉଥିବା ଡିସିପି ଉମାଶଙ୍କର ଦାଶ ସୂଚନା ଦେଇଛନ୍ତି। ତାଙ୍କ ସୂଚନାନୁସାରେ, ଏହି ର୍ୟାକେଟ କଟକ, ଯାଜପୁର, ବାଲେଶ୍ୱର, ଭୁବନେଶ୍ୱର ଅଞ୍ଚଳରେ ସକ୍ରିୟ ଥିଲେ। ଏମାନେ ପ୍ରାୟତଃ ବସ୍ ଷ୍ଟାଣ୍ଡରେ ଓହ୍ଲାଇ ଦୁର୍ଗମ ତଥା ଗାଁ ଅଞ୍ଚଳକୁ ଯିବାକୁ ଅପେକ୍ଷା କରିଥିବା ସାଧାରଣ ଲୋକଙ୍କୁ ଟାର୍ଗେଟ କରନ୍ତି। ସେମାନଙ୍କ ସହ ପ୍ରଥମେ ବନ୍ଧୁତା ସ୍ଥାପନ କରି ବିଶ୍ୱାସଭାଜନ ହୁଅନ୍ତି। ପରେ ସେମାନଙ୍କୁ କାରରେ ବସାଇ ଗନ୍ତବ୍ୟ ସ୍ଥଳରେ ଛାଡ଼ିବାକୁ ପ୍ରବର୍ତ୍ତାଇଥାନ୍ତି। ଯାତ୍ରୀଙ୍କୁ ସେମାନେ ଚା, ମୃଦୁ ପାନୀୟ କିମ୍ବା ସ୍ନାକ୍ସରେ ନିଶା ଔଷଧ ମିଶାଇ ଖାଇବାକୁ ଦେଇଥାନ୍ତି। ସେମାନେ ଅଚେତ ହୋଇଯିବା ପରେ ଅଭିଯୁକ୍ତମାନେ ସେମାନଙ୍କଠାରୁ ଲୁଟ୍ କରି ଏକ ଶୂନ୍‌ଶାନ୍ ସ୍ଥାନରେ ଫିଙ୍ଗି ଦେଇଥାନ୍ତି।

### ରିମାଣ୍ଡରେ ଆସିବେ ଅଭିଯୁକ୍ତ

ଏହି ଗ୍ୟାଙ୍ଗରେ ଏକାଧିକ ସଦସ୍ୟ ଅଛନ୍ତି। ସେମାନଙ୍କୁ ଧରିବାକୁ ପୋଲିସ ଖୋଲତାଡ଼ ଜାରି ରଖିଛି। ଗୁରୁବାର କୋର୍ଟ ଚାଲାଣ କରାଯିବା ପରେ ପୋଲିସ ଅଭିଯୁକ୍ତଦ୍ୱୟଙ୍କୁ ୫ କିମ୍ବା ୭ ଦିନ ରିମାଣ୍ଡରେ ଆଣିବ। ସେମାନଙ୍କୁ ପଚରାଉଚରା କରି ସମ୍ପୃକ୍ତ ଅନ୍ୟ ସଦସ୍ୟଙ୍କୁ ଧରିବାକୁ ପୋଲିସ ଆଶା ରଖିଛି।

### ୨୦ ମାମଲାରେ ସମ୍ପୃକ୍ତ

ଅଭିଯୁକ୍ତଦ୍ୱୟ ଭୁବନେଶ୍ୱର ସହରାଞ୍ଚଳ ଜିଲା, କଟକ, ପୁରୀ, ଯାଜପୁର, ଆର୍‌ପିଏଫ୍ ଓ ଜିଆର୍‌ପି ଥାନାରେ ଥିବା ସମାନ ପ୍ରକାରର ୨୦ଟି ଲୁଟ୍ ମାମଲାରେ ସମ୍ପୃକ୍ତ ଅଛନ୍ତି। ଗତ ବର୍ଷ ନଭେମ୍ବର ୨୬ରେ କଟକର ଜଣେ ବ୍ୟକ୍ତିଙ୍କୁ ଲିଫ୍ଟ ଦେଇ ନିଶା ଦେଇ ଝିଅ ବିବାହ ପାଇଁ ରଖିଥିବା ମୂଲ୍ୟବାନ ସାମଗ୍ରୀ, ୨ ଲକ୍ଷ ଟଙ୍କା ଓ ସୁନା ଅଳଙ୍କାର ନେଇଯାଇଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି।

### ନିଶା ଔଷଧ ବିକ୍ରି ନ କରିବାକୁ ନିବେଦନ

ଭୁବନେଶ୍ୱର ସହରାଞ୍ଚଳରେ ଥିବା ସମସ୍ତ ଔଷଧ ଦୋକାନୀଙ୍କୁ କୌଣସି ନିଶା ଔଷଧ ବିକ୍ରି ନ କରିବାରୁ ପୋଲିସ ନିବେଦନ କରିଛି। ତେବେ କୌଣସି ସନ୍ଦେହଜନକ ବ୍ୟକ୍ତି ବିନା କୌଣସି ପ୍ରେସକ୍ରିପସନରେ କିଛି ନିଶା ଔଷଧ ନେବା ପାଇଁ ଚେଷ୍ଟା କଲେ ତୁରନ୍ତ ସ୍ଥାନୀୟ ଥାନା କିମ୍ବା କଣ୍ଟ୍ରୋଲ ରୁମକୁ ଯୋଗଯୋଗ କରିବାକୁ କୁହାଯାଇଛି। ଯଦି କୌଣସି ବ୍ୟକ୍ତି ଏହାକୁ ଅବମାନନା କରନ୍ତି, ତାଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରେସ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ରାଜଧାନୀରେ ଏପରି ଅପରାଧର ଶିକାର ନ ହେବା ପାଇଁ ଯାତ୍ରୀମାନଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ପୋଲିସ ଅଟୋ, ବସ୍ ଓ ଟ୍ୟାକ୍ସିଆସୋସିଏଶନ୍‌କୁ ଅଭିଯୁକ୍ତଙ୍କ ଫଟୋ ପ୍ରଦାନ କରିବ। ଏଥିସହ ଜନସାଧାରଣଙ୍କୁମଧ୍ୟସଚେତନକରାଯିବ ବୋଲି ପୋଲିସ ସୂଚନା ଦେଇଛି।

### ୨ ଜଣଙ୍କୁ ଧବଳେଶ୍ୱର, ଛତିଆରେ ଫିଙ୍ଗିଥିଲେ

ଭୁବନେଶ୍ୱରର ଶହୀଦନଗର ଥାନା ଅଞ୍ଚଳରୁ ୨ଜଣଙ୍କୁ ଏମାନେ ଲିଫ୍ଟ ଦେଇ ଲୁଟିଥିଲେ। ଢେଙ୍କାନାଳ ଜରଡ଼ା ଅଞ୍ଚଳର ଶିକ୍ଷକ ଅକ୍ଷୟ କୁମାର ପାଲ ଭୁବନେଶ୍ୱରରେ ରହୁଥିବା ତାଙ୍କ ଝିଆରିଙ୍କ ଘରକୁ ଆସି ଫେବୃୟାରୀ ୧ରେ ଆଚାର୍ଯ୍ୟ ବିହାର ଦେଇ ବସ୍‌ଷ୍ଟାଣ୍ଡକୁ ଯାଉଥିଲେ। ଏହି ସମୟରେ ଅଭିଯୁକ୍ତମାନେ ଅକ୍ଷୟଙ୍କୁ ଢେଙ୍କାନାଳରେ ଛାଡ଼ିଦେବାକୁ କହିଥିଲେ। ଅକ୍ଷୟ ସେମାନଙ୍କୁ ବିଶ୍ୱାସ କରି କାରରେ ବସିଥିଲେ। ବାଟରେ ସେମାନେ ମୃଦୁ ପାନୀୟ ପିଇବାକୁ ଅକ୍ଷୟଙ୍କୁ ଦେଇଥିଲେ। ତେବେ ଅକ୍ଷୟ ପିଇବା ପରେ ଅଚେତ ହୋଇପଡିଥିଲେ। ଏହାପରେ ଅଭିଯୁକ୍ତମାନେ ଅକ୍ଷୟଙ୍କ ପାଖରେ ଥିବା ୬,୭୦୦ ଟଙ୍କା, ମୋବାଇଲ ଫୋନ୍ ଓ ଏଟିଏମ୍ କାର୍ଡ ନେଇ ଧବଳେଶ୍ୱର ଘାଟ ନିକଟ ରାସ୍ତାକଡ଼ରେ ଫିଙ୍ଗି ପକାଇଥିଲେ। ସେହିପରି କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ଓଳାଭର ଅଞ୍ଚଳର ବୀରେନ କୁମାର ପରିଡା ସେହିଦିନ ସତସଙ୍ଗବିହାର ଛକରେ ବସ୍‌କୁ ଅପେକ୍ଷା କରିଥିଲେ। ଅଭିଯୁକ୍ତମାନେ ତାଙ୍କୁ ଓଳାଭରରେ ଛାଡିଦେବାକୁ କହି କାରରେ ନେଇଥିଲେ। ସେମାନେ ଅମୁଲ୍‌କୁଲ୍‌ରେ ନିଶାଦ୍ରବ୍ୟ ମିଶାଇ ତାଙ୍କୁ ପିଇବାକୁ ଦେବାରୁ ବୀରେନ୍ ଅଚେତ ହୋଇଯାଇଥିଲେ। ସେମାନେ ତାଙ୍କ ପାଖରୁ ୭୫ହଜାର ଟଙ୍କା ଓ ଅନ୍ୟାନ୍ୟ ଜିନିଷ ଲୁଟି ନେଇ ଯାଜପୁର ଛତିଆ ନିକଟ ରାସ୍ତାକଡ଼ରେ ଫୋପାଡ଼ି ଦେଇଥିଲେ। ଏନେଇ ଶହୀଦନଗର ଥାନା ପୋଲିସ ଦୁଇଟି ମାମଲା (ନଂ. ୫୦,୫୧/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।



### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୧୭।୨।୨୦୨୨

| ୩,୭୭,୭୭୭ ଟଙ୍କା | |
|---|---|
| ସୁନା | ୧.୭୭୦ ଗ୍ରାମ |
| ରୁପା | ୫.୪୦୦ ଗ୍ରାମ |



ଆସୁଛି ମହାଶିବରାତ୍ରି: କଟକ ବିଡାନାସୀ କୁମ୍ଭାରସାହି ଅଞ୍ଚଳରେ ଶିଳ୍ପୀ ସୁରେନ୍ଦ୍ର ବେହେରା ୪ ଫୁଟ ଲମ୍ବ ଓ ୨ ଫୁଟ ଉଚ୍ଚତାର ମାଟିଦୀପ ପ୍ରସ୍ତୁତ କରୁଛନ୍ତି।

## ମାର୍ଚ୍ଚ ୧୩ରେ କଳିଙ୍ଗ ବୀରାଙ୍ଗନା ସମ୍ମାନ, ମହିଳା କାର୍ ରାଲି




ଭୁବନେଶ୍ୱର,୧୭।୨(ବ୍ୟୁରୋ)

ମାର୍ଚ୍ଚ ୧୩ ଅନ୍ତର୍ଜାତୀୟ ମହିଳା ଦିବସରେ ସେବା ପ୍ରୟାସ ଫାଉଣ୍ଡେଶନ ପକ୍ଷରୁ 'କଳିଙ୍ଗ ବିରାଙ୍ଗନା ସମ୍ମାନ' ପ୍ରଦାନ କରାଯିବ। ଅଭିନେତ୍ରୀ, କଳାକାର, ରାଜନୀତି, ସାମାଜିକ କର୍ମୀ, ସ୍ୱାସ୍ଥ୍ୟ ସେବା, ଶିକ୍ଷା, ଖେଳ ଓ ସାମ୍ବାଦିକତା କ୍ଷେତ୍ରରେ ଏହି ସମ୍ମାନ ଦିଆଯିବ। ଏଥିସହ ଏକ ମହିଳା କାର୍ ରାଲି ଆୟୋଜନ କରାଯିବ ବୋଲି ଫାଉଣ୍ଡେଶନର ପ୍ରତିଷ୍ଠାତା ଲିଙ୍କନ ସୁବୁଦ୍ଧି ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି।

କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ଲିଙ୍କନ କହିଛନ୍ତି, ଚଳିତ ବର୍ଷ ଅନ୍ତର୍ଜାତୀୟ ମହିଳା ଦିବସର ଥିମ୍ ରହିଛି 'ଭବିଷ୍ୟତ ପାଇଁ ଲିଙ୍ଗଗତ ସମାନତା ଏକ ନିରନ୍ତର ପ୍ରୟାସ'। ଏହି ଦିବସରେ ଜଳବାୟୁ ପରିବର୍ତ୍ତନ, ପରିବେଶ ଓ ବିପର୍ଯ୍ୟୟ ବିପଦ ହ୍ରାସ ପରିପ୍ରେକ୍ଷୀରେ ଲିଙ୍ଗଗତ ସମାନତା, ସମସ୍ତ ମହିଳା ଓ ବାଳିକାଙ୍କ ସଶକ୍ତୀକରଣ ଉପରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଆୟୋଜିତ ହେବାକୁ ଥିବା ମହିଳା କାର୍ ରାଲି ନଖରାସ୍ଥିତ ଆଦିତ୍ୟ ମୋଟର୍ସ ନିକଟରୁ ବାହାରି ପୁରୀ ୱାଟର ୱାର୍ଲ୍ଡ ପାର୍କ ପର୍ଯ୍ୟନ୍ତ ଯିବ ବୋଲି ସେ କହିଛନ୍ତି। ସ୍ତମ୍ଭକାର ତଥା ସାମାଜିକ କର୍ମୀ ପ୍ରୀତି ଧଳ କଳିଙ୍ଗ ବୀରାଙ୍ଗନା ଚୟନର ବର୍ଗ ବିଷୟରେ ସୂଚନା ଦେଇଥିବାବେଳେ ଆଥ୍‌ଲେଟ୍ ଭାଲେନା ଭାଲେଣ୍ଟିନା ମହିଳାଙ୍କ ଦ୍ୱାରା ଏକ ସ୍ୱତନ୍ତ୍ର ଲମ୍ବା ଡ୍ରାଇଭ୍ ଭଳି ସାହସିକ କାର୍ଯ୍ୟର ଉତ୍ସାହ ବାଣ୍ଟିଥିଲେ। ଫାଉଣ୍ଡେଶନର ନିର୍ଦ୍ଦେଶକ ନମ୍ରତା ଚଢ଼ା ଏକ ଉଜ୍ଜ୍ୱଳ ସ୍ଥାୟୀ ଅର୍ଥନୈତିକ ରାଷ୍ଟ୍ର ପାଇଁ ସୋସାଇଟିରେ ଥିବା ତିନି ଲିଙ୍ଗର ସାମଗ୍ରିକ ସଶକ୍ତୀକରଣକୁ ପ୍ରାଧାନ୍ୟ ଦେଇଛନ୍ତି।

## ବୁଢ଼ାପଙ୍କରୁ ୧୦୩ ରେକ୍ ଫ୍ଲାଏଆଶ୍ ପରିବହନ



ଜଟଣୀ,୧୭।୨(ଡି.ଏନ୍.ଏ.): ବିଜ୍‌ନେସ୍ ଡେଭଲପମେଣ୍ଟ ୟୁନିଟ୍ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ଅଧୀନ ବୁଢ଼ାପଙ୍କ ସାଇଡିଂରୁ ୧୦୩ ରେକ୍ ଫ୍ଲାଏଆଶ୍(ପାଉଁଶ) ପରିବହନ କରାଯାଇଛି। ଫ୍ଲାଏଆଶ୍‌ର ପ୍ରଥମ ରେକ୍ ୨୫ ଅକ୍ଟୋବର ୨୦୨୦ରେ ଏହି ସାଇଡିଂରୁ ପରିବହନ କରାଯାଇଥିଲା। ଫ୍ଲାଏଆଶ ଏକ ପଦାର୍ଥ; ଯାହା ଜଳର ସଂସ୍ପର୍ଶରେ ଆସିଲେ, ସିମେଣ୍ଟ ସୃଷ୍ଟି ହେବାରେ ସହାୟକ ହୋଇଥାଏ। ଖୋର୍ଦ୍ଧାରୋଡ୍ ମଣ୍ଡଳର ବ୍ୟବସାୟ ବିକାଶ ୟୁନିଟ୍ ନିୟମିତ ଭାବେ ବାଣିଜ୍ୟ ୟୁନିଟ୍ ସହିତ ଯୋଗାଯୋଗ ସ୍ଥାପନ କରି କାର୍ଯ୍ୟକ୍ଷମତା ପାଇଁ ନୂତନ ଟ୍ରାଫିକ ପ୍ରସ୍ତାବ ଗୁଡ଼ିକର ଏକ ନୋଡାଲ୍ ପଏଣ୍ଟ ଭାବେ କାର୍ଯ୍ୟ କରୁଥିବା ମଣ୍ଡଳ ରେଳପ୍ରଶାସନ ପକ୍ଷରୁ କୁହାଯାଇଛି।

## ଥାନା ଆଗରେ ଯୁବକଙ୍କୁ ଗୋଡ଼ାଇ ହାଣିଲେ

■ରକ୍ଷା କରିବାକୁ ଯାଇ ୨ ଆକ୍ରମଣର ଶିକାର
■ଜଣେ ଅଟକ, ପୋଲିସର ତଦନ୍ତ ଜାରି

ବୋଲଗଡ଼,୧୭।୨(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ଆଗରେ ବୁଧବାର ରାତିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି କେତେଜଣ ଦୁର୍ବୃତ୍ତ ଗୋଡ଼ାଇ ଗୋଡ଼ାଇ ଜଣେ ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ କରିଛନ୍ତି। ସେ ହେଲେ ଗୋବର୍ଦ୍ଧନପୁର ଗ୍ରାମର ବିଜୟ କୁମାର ପାହାଡ଼ସିଂହ ଓରଫ ବିକ୍କୁ। ବିଜୟଙ୍କୁ ରକ୍ଷା କରିବାକୁ ଯାଇ ଏହି ଗ୍ରାମର ସୁଦାମ ମାଝୀ ଓ ବୁଲୁ ପ୍ରଧାନ ମଧ୍ୟ ଆକ୍ରମଣର ଶିକାର ହୋଇଛନ୍ତି। ଗୁରୁତର ଅବସ୍ଥାରେ ୩ଜଣଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏନେଇ ଗୁରୁବାର ବିଜୟଙ୍କ ସ୍ତ୍ରୀ ବବିତା ସାମଲଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୩୭/୨୨) ରୁଜୁକରି ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

ଅଭିଯୋଗ ମୁତାବକ, ବୁଧବାର ରାତିରେ ଗୋବର୍ଦ୍ଧନପୁର ଗ୍ରାମର ଜଣେ ଯୁବକ ଖଣ୍ଡା ଧରି ବିଜୟଙ୍କୁ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲେ। ଏହି ସମୟରେ କେତେଜଣ ଗ୍ରାମବାସୀ ପହଞ୍ଚି ସମ୍ପୃକ୍ତ ଯୁବକଙ୍କୁ କାବୁ କରି ବୋଲଗଡ଼ ଥାନାକୁ ନେଉଥିଲେ। ୭ରୁ ୮ଜଣ ଦୁର୍ବୃତ୍ତ ବାଇକରେ ଆସି ହଠାତ୍ ଥାନା ଆଗରେ ବିଜୟଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ବୁଲୁ ଓ ସୁଦାମ ଛଡ଼ାଇବାକୁ ଉଦ୍ୟମ କରୁଥିବା ବେଳେ ଦୁର୍ବୃତ୍ତମାନେ ମଧ୍ୟ ସେମାନଙ୍କୁ ଖଣ୍ଡାରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ପରେ ଗ୍ରାମବାସୀ ସମ୍ପୃକ୍ତ ଯୁବକଙ୍କ କାବୁ କରି ଥାନାରେ ଜିମା ଦେଇଥିଲେ। ଥାନା ଅଧିକାରୀ ବିଦିତା ନାୟକ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଚିକିତ୍ସା ପାଇଁ ବୋଲଗଡ଼ ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଏମ୍‌ସ ଓ ପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାକୁ ନେଇ ଗୋବର୍ଦ୍ଧନପୁର ଗ୍ରାମରେ ଉତ୍ତେଜନା ଲାଗି ରହିଛି। ପୋଲିସ ଜଣଙ୍କୁ ଅଟକ ରଖି ପଚରାଉଚୁରା ଚଳାଇଥିବା ବେଳେ ଅନ୍ୟ ଅଭିଯୁକ୍ତମାନେ ଫେରାର ଥିବା ଜଣାପଡ଼ିଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ବାପୁନ



@ ପ୍ରିୟାଂଶୁ



@ ଉମାକାନ୍ତ



@ ପ୍ରିୟଙ୍କା



@ ପ୍ରିୟତମା



@ ଅଭିନୟ

## ମହାପ୍ରଭୁଙ୍କ ଦର୍ଶନ ପାଇଁ ନୂଆ ଏସ୍‌ଓପି ଜାରି

### ୨୧ ତାରିଖରୁ ଲାଗୁ ହେବ

ପୁରୀ ଅଫିସ ୧୭।୨

ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଗୁରୁବାର ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଦର୍ଶନ ପାଇଁ ନୂଆ ଏସ୍‌ଓପି ଜାରି କରାଯାଇଛି। ଜାରି ହୋଇଥିବା ନୂଆ ଏସ୍‌ଓପି ଚଳିତ ମାସ ୨୧ତାରିଖ ଅର୍ଥାତ ସୋମବାରଠାରୁ ଲାଗୁ ହେବ। କୋଭିଡ୍‌ର ତୃତୀୟ ଲହରି ପ୍ରଭାବ କମୁଥିବାରୁ ଦର୍ଶନ କଟକଣାରେ ପ୍ରଶାସନ ପକ୍ଷରୁ କୋହଳ କରାଯାଇଛି। ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ଜାରି କରାଯାଇଥିବା ନୂତନ ଏସ୍‌ଓପି ଅନୁଯାୟୀ ଶ୍ରଦ୍ଧାଳୁମାନେ ଚଳିତ ମାସ ୨୧ ତାରିଖରୁ ସକାଳ ୬ଟାରୁ ରାତି ୯ଟା ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ପ୍ରବେଶ କରି ମହାପ୍ରଭୁଙ୍କ ଦର୍ଶନ କରିପାରିବେ। ଏଣିକି ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଭକ୍ତଙ୍କୁ କୋଭିଡ୍ ପ୍ରମାଣପତ୍ରର ଆବଶ୍ୟକ ପଡ଼ିବ ନାହିଁ। ଏପରିକି ଆର୍‌ଟି-ପିସିଆର ପ୍ରମାଣପତ୍ର ମଧ୍ୟ ଦରକାର ନାହିଁ। କିନ୍ତୁ ଭକ୍ତମାନେ ସାମାଜିକ ଦୂରତା ରଖିବା ସହ ମୁହଁରେ ମାସ୍କ ପରିଧାନ କରିବେ। ପୂର୍ବ ଭଳି ରବିବାର ଶ୍ରୀମନ୍ଦିର ସାନିଟାଇଜ୍ ପାଇଁ ଭକ୍ତଙ୍କ ପାଇଁ ବନ୍ଦ ରହିବ। ବରିଷ୍ଠ ନାଗରିକ ଶୃଙ୍ଖଳିତ ଭାବେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ସେହିଭଳି ଭକ୍ତମାନଙ୍କ ପାଇଁ ପିଇବା ପାଣିର ବ୍ୟବସ୍ଥା କରାଯିବ ବୋଲି ସୂଚନା ମିଳିଛି। ଗତ ୧୪ରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ କୁମାରଙ୍କ ଅଧ୍ୟକ୍ଷତାରେ ଛତିଶା ନିଯୋଗ ଓ ନୀତି ସବକମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କୋଭିଡ୍ ସ୍ଥିତିକୁ ନେଇ ସମୀକ୍ଷା କରାଯାଇ ଏହି ଏସ୍‌ଓପି ସମ୍ପର୍କରେ ଆଲୋଚନା ହୋଇଥିଲେ।



ପୁରୀ ବେଳାଭୂମିରେ ପଡ଼ି ରହିଥିବା ମୃତ କଇଁଛ।



ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଅସୀମ ବସୁ ଫାଉଣ୍ଡେଶନ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଆରମ୍ଭ ହୋଇଥିବା ଅସୀମ ନାଟ୍ୟ ଉତ୍ସବରେ ଗୁରୁବାର ପରିବେଷିତ ନାଟକ 'ଅବସର'ର ଏକ ଦୃଶ୍ୟ।



କଟକ ତୁଳସୀପୁର ରିଂବନ୍ଧ ପାର୍ଶ୍ୱସ୍ଥ ମହାନଦୀ ଜଳରାଶି ମଧ୍ୟରେ ଗେଣ୍ଡାଳିଆ ଓ ଅନ୍ୟପକ୍ଷୀଙ୍କ ସମାଗମ।

## ଶିଶୁଙ୍କ ଲାଗି ସ୍ୱର୍ଣ୍ଣପ୍ରାଶନ ପ୍ରଦାନ

ପୁରୀ ଅଫିସ: ସ୍ଥାନୀୟ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପକ୍ଷରୁ ମହାବିଦ୍ୟାଳୟ ପରିସରରେ ଗୁରୁବାର ଶିଶୁ ଜ୍ଞାନ, ଦକ୍ଷତା ବୃଦ୍ଧି ସମ୍ବନ୍ଧୀୟ ସ୍ୱର୍ଣ୍ଣ ପ୍ରାଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମାଧବ ଚନ୍ଦ୍ର ପୂଜାପଣ୍ଡା, ମାଧବ ଚନ୍ଦ୍ର ମହାପାତ୍ର, ଶ୍ରୀ ଚୈତନ୍ୟ ମଠର ସ୍ୱାମୀ ଦେବେନ୍ଦ୍ର ବାବା, ଏଚ୍‌ଡିଏଫ୍‌ସି ବ୍ୟାଙ୍କର ବାସୁଦେବ ବେହେରା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଶିଶୁରୋଗ ବିଶେଷଜ୍ଞ ଡା. ଦୀପ୍ତିରେଖା ଦାସ, ଡା. ସୌଭାଗ୍ୟ ରଞ୍ଜନ ପରିଜା ଏବଂ ଡା. ସଙ୍ଗୀତା ପୃଷ୍ଟି ଯୋଗଦେଇ ଏହି କାର୍ଯ୍ୟକ୍ରମର ଉପାଦେୟତା ଉପରେ କହିଥିଲେ। ଏଥିରେ ଉପସ୍ଥିତ ଶିଶୁମାନଙ୍କୁ ସ୍ୱର୍ଣ୍ଣ ପ୍ରଶାନ (ପୋଲିଓ ବୁନ୍ଦା ଭଳି) ପ୍ରଦାନ କରାଯିବା ସହ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା।

# ଆଜି ୨,୨୫୭ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ

**ନିମାପଡ଼ା, ଗୋପରେ ମତଦାନ**
- ୨ ବ୍ଲକରେ ୬୩ ସେକ୍ଟର ଅଫିସର ନିଯୁକ୍ତ
- ସମ୍ବେଦନଶୀଳ ବୁଥ୍‌ରେ ୩ ଡିଏସ୍‌ପି, ୨ ଅତିରିକ୍ତ ଏସ୍‌ପି ରହିବେ

ପୁରୀ ଅଫିସ,୧୭।୨

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଶୁକ୍ରବାର ୨ୟ ପର୍ଯ୍ୟାୟ ମତଦାନ ହେବ। ନିମାପଡ଼ା ବ୍ଲକର ୩୨ଟି ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ, ୪୮୧ଟି ୱାର୍ଡ, ୪ଟି ଜିଲା ପରିଷଦ ଜୋନ ଓ ଗୋପ ବ୍ଲକ୍‌ର ୩୧ଟି ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ, ୪୫୯ଟି ୱାର୍ଡ, ୪ଟି ଜିଲା ପରିଷଦ ଜୋନ ନିମନ୍ତେ ମତଦାନ ହେବ। ନିମାପଡ଼ାରେ ୧୦୦ଜଣ ସରପଞ୍ଚ, ୯୩ଜଣ ସମିତି ସଭ୍ୟ, ୯୦୭ଜଣ ୱାର୍ଡ ମେମ୍ବର, ୧୮ଜଣ ଜିଲା ପରିଷଦ, ଗୋପ ବ୍ଲକ୍‌ରେ ୧୦୩ ସରପଞ୍ଚ, ୧୦୧ ସମିତି ସଭ୍ୟ, ୯୧୭ ୱାର୍ଡମେମ୍ବର, ୧୮ ଜିଲା ପରିଷଦଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ। ନିମାପଡ଼ା ବ୍ଲକ୍‌ର ୧ ଲକ୍ଷ ୫୭ ହଜାର ୭୩୬ ଜଣ ଭୋଟର, ଗୋପର ୧ ଲକ୍ଷ ୪୫ ହଜାର ୭୯୧ ଜଣ ଭୋଟରଙ୍କୁ ମିଶାଇ ସମୁଦାୟ ୩ ଲକ୍ଷ ୩ ହଜାର ୫୨୭ ଜଣ ଭୋଟର ମତଦାତା ମତାଧିକାର ସାବ୍ୟସ୍ତ କରିବେ। ଏଥିଲାଗି ନିମାପଡ଼ା ପାଇଁ ୩୩ଜଣ ଓ ଗୋପ ପାଇଁ ୩୦ଜଣ ସେକ୍ଟର ଅଫିସର ନିଯୁକ୍ତ ହୋଇଥିଲେ। ଉଭୟ କେନ୍ଦ୍ରରେ ୨୧୯ (୧୧୩ଟି ଗୋପ)ଟି ସମ୍ବେଦନଶୀଳ ମତଦାନ କେନ୍ଦ୍ର ରହିଛି।

ଗୋପ ବ୍ଲକ୍‌ର ୩ ନମ୍ବର ୱାର୍ଡ, ନିମାପଡ଼ାର ତେରୁଣ୍ଡିଆ ପଞ୍ଚାୟତର ୧୬ ନମ୍ବର ୱାର୍ଡକୁ ପିଙ୍କ୍ ବୁଥ୍ ଭାବେ ପ୍ରସ୍ତୁତ କରାଯାଉଛି। ଯେଉଁଠାରେ ମତଦାନ ପରିଚାଳନା ନିମନ୍ତେ ସମସ୍ତ କର୍ମଚାରୀ ଓ ଅଧିକାରୀ ମହିଳା ରହିବେ। ପୋଲିଂ ପାର୍ଟିମାନେ ବୁଧବାରଠାରୁ ସମ୍ପୃକ୍ତ ବ୍ଲକ୍‌ରେ ପହଞ୍ଚିସାରିଥିବା ବେଳେ ମତଦାନ କେନ୍ଦ୍ରରେ ପହଞ୍ଚି ସାରିଛନ୍ତି। ଶୁକ୍ରବାର ସକାଳ ୭ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ମତଦାନ ହେବ। ଆସନ୍ତା ୨୬ରେ ଭୋଟଗଣତି ହେବ। ଅବାଧ ଓ ନିରପେକ୍ଷ ମତଦାନ ନିମନ୍ତେ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଛି। ପ୍ରଥମ ପର୍ଯ୍ୟାୟ ଭୋଟ କାଁ ଭାଁ କିଛି ସ୍ଥାନ ବ୍ୟତୀତ ଅନ୍ୟ ସବୁଠି ମତଦାନ ଶାନ୍ତିପୂର୍ଣ୍ଣ ଥିଲା ଓ ଆଗାମୀ ପର୍ଯ୍ୟାୟ ନିର୍ବାଚନରେ ମଧ୍ୟ ସୁରକ୍ଷା ଉପରେ ଧ୍ୟାନ ଦିଆଯାଉଛି ବୋଲି ଜିଲାପାଳ ସମର୍ଥ ବର୍ମା କହିଛନ୍ତି। ସମ୍ବେଦନଶୀଳ ବୁଥ୍‌ରେ ଅତିରିକ୍ତ ଫୋର୍ସ, ପ୍ରତି ବୁଥ୍‌ରେ ଜଣେ ଲେଖାଏ ପୋଲିସ କର୍ମଚାରୀ, ମୋବାଇଲ୍ ଭ୍ୟାନ୍ ସହ ପ୍ରତି କ୍ଲଷ୍ଟରରେ ପୋଲିସ୍ ଅଧିକାରୀଙ୍କ ନିଯୁକ୍ତି ଉପରେ ଧ୍ୟାନ ଦିଆଯାଇଛି। ସେହିଭଳି ୩ଜଣ ଡିଏସ୍‌ପି ଓ ୨ ଅତିରିକ୍ତ ଏସ୍‌ପି ମଧ୍ୟ ଦାୟିତ୍ୱରେ ରହିଛନ୍ତି। ବିଶେଷ ଭାବେ ପ୍ରଥମ ପର୍ଯ୍ୟାୟ ମତଦାନରେ କଣାସ, ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ଭଳି ସ୍ଥାନରେ ହିଂସା ଦେଖାଦେଇଥିବା ହେତୁ ପୋଲିସ ପ୍ରଶାସନ କଡ଼ା ସୁରକ୍ଷା ନେଇ ସମସ୍ତ ଫୋକସ୍ ଦେଉଛି ବୋଲି ଏସ୍‌ପି କନୱର ବିଶାଲ ସିଂ କହିଛନ୍ତି।

## ସଂକ୍ଷେପରେ

### ବଡ଼ାଲ ୫, ୭, ୮ ନଂ. ବୁଥ୍‌ରେ ହେବ ସାନି ମତଦାନ

**କଣାସ,୧୭।୨(ସ୍ୱ.ପ୍ର.):** କଣାସ ବ୍ଲକ ଅନ୍ତର୍ଗତ ବଡ଼ାଲ ପଞ୍ଚାୟତର ୫, ୭, ୮ ନମ୍ବର ବୁଥରେ ବୁଧବାର ପଞ୍ଚାୟତ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ଭୋଟ ଚାଲିଥିବା ସମୟରେ ଗଣ୍ଡଗୋଳ, ବାଲଟ ପେପର ଓ ନିର୍ବାଚନ କାଗଜପତ୍ର ଛଡାଇ ନେଇଯାଇଥିଲେ। ଏ ନେଇ କାର୍ଯ୍ୟ ଦାୟିତ୍ୱରେ ଥିବା ପ୍ରିଜାଇଡିଂ ଅଫିସରମାନେ ବ୍ଲକ ନିର୍ବାଚନ ଅଧିକାରୀ ତଥା ବିଡିଓ ଲୋଚନ ଦାସଙ୍କୁ ଖବର ଜଣାଇବା ସହ ଅଧାରୁ ଭୋଟ ବନ୍ଦ କରି ପଳାଇଆସିଥିଲେ। ଫଳରେ ଉକ୍ତ ୩ଟି କେନ୍ଦ୍ରରେ ଭୋଟ ହୋଇପାରି ନ ଥିବା ସମ୍ପର୍କରେ ଜିଲାପାଳ ପୁରୀ ଓ ରାଜ୍ୟ ନିର୍ବାଚନ କମିଶନଙ୍କୁ ବିଡିଓ ଦାସ ଜଣାଇଥିବା ସୂଚନା ଦେଇଛନ୍ତି। ତେବେ ନିର୍ବାଚନ କମିଶନ ୨୪ ତାରିଖ ମଧ୍ୟରେ କୌଣସି ଏକ ଦିନ ଦେଖି ୩ଟି କେନ୍ଦ୍ରରେ ଭୋଟ ଗ୍ରହଣ କରାଯିବ ବୋଲି ଜଣାଇବା ପରେ ଉକ୍ତ ୩ଟି କେନ୍ଦ୍ରରେ ସାନି ନିର୍ବାଚନ କରାଯିବ ବୋଲି ବିଡିଓ ଦାସ କହିଛନ୍ତି।

### ୯ ନଂ. ବୁଥ୍‌ରେ ସାନି ନିର୍ବାଚନ ଦାବି

**କଣାସ,୧୭।୨(ସ୍ୱ.ପ୍ର.):** କଣାସ ବ୍ଲକ ଅନ୍ତର୍ଗତ ସିରେଇ ପଞ୍ଚାୟତର ୯ ନମ୍ବର ବୁଥରେ ଭୋଟ ରିଗିଂ ହୋଇଥିବା ନେଇ ସରପଞ୍ଚ ପ୍ରାର୍ଥୀ ନିଳିମା ପରିଡା ଓ ସମିତି ସଭ୍ୟ ପ୍ରାର୍ଥୀ ବିଷ୍ଣୁପ୍ରିୟା ନାୟକ ବିଡିଓ ଲୋଚନ ଦାସ, ପୁରୀ ଜିଲାପାଳ ଓ ନିର୍ବାଚନ କମିଶନରଙ୍କୁ ଜଣାଇଥିଲେ। ଏଥିସହ ଉକ୍ତ ୯ ନମ୍ବର ବୁଥରେ କଡା ସୁରକ୍ଷା ମଧ୍ୟରେ ସାନି ନିର୍ବାଚନ କରିବାକୁ ୨ ପ୍ରାର୍ଥୀ ଦାବି କରିଛନ୍ତି। ବୁଧବାର ଉକ୍ତ ବୁଥ୍‌ରେ ମତଦାନ ଚାଲିଥିବା ବେଳେ କେତେଜଣ ବ୍ୟକ୍ତି ଭୋଟ ରିଗିଂ କରୁଥିଲେ। ଏହି ସମୟରେ ଟେଲିଫୋନ ମାଧ୍ୟମରେ ବିଭିନ୍ନ ପ୍ରାର୍ଥୀମାନେ ବିଡିଓ ଲୋଚନ ଦାସ ଓ ତହସିଲଦାର ଲକ୍ଷ୍ମୀଧର ମହାରଣାଙ୍କୁ ଜଣାଇଥିଲେ। ଖବରପାଇ ବିଡିଓ କଣାସ ଥାନା ଆଇଆଇସି ସୁଜିତ ଦାସଙ୍କୁ ଘଟଣାସ୍ଥଳକୁ ପଠାଇଥିଲେ। ରିଗିଂ କରୁଥିବା ବ୍ୟକ୍ତିଙ୍କୁ ସେଠାରେ ଥିବା ଅନ୍ୟ ଲୋକମାନେ ଉଠାଇ ନେଇ ତିପୁରୀ ଗ୍ରାମରେ ଅଟକ ରଖିଥିଲେ। ଆଇଆଇସି ଦାସ ସେଠାକୁ ଯାଇ ସେମାନଙ୍କୁ ବୁଝାଶୁଝା କରି ରିଗିଂ କରୁଥିବା ବ୍ୟକ୍ତିଙ୍କୁ ଆଣିଥିଲେ।

### ଉତ୍ତେଜନାପ୍ରବଣ ସ୍ଥାନରେ ପୋଲିସର ଫ୍ଲାଗ୍‌ମାର୍ଚ୍ଚ

**ଗୋପ,୧୭।୨(ଡି.ଏନ୍.ଏ.):** ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସମୟରେ ଆଇନଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ ଲାଗି ଗୋପ ପୋଲିସ ବିଭିନ୍ନ ଉତ୍ତେଜନାପ୍ରବଣ ସ୍ଥାନଗୁଡ଼ିକରେ ଶକ୍ତି ପ୍ରଦର୍ଶନ କରିଛି। ବ୍ଲକରେ ଥିବା ପ୍ରତିଟି ଉତ୍ତେଜନାପ୍ରବଣ ସ୍ଥାନ ଯଥା ନୂଆଖୋଲମରା ରାହାଙ୍ଗୋରଡ଼ା, ଡଭାର, ବଡ଼ତରା, ଗଣେଶ୍ୱରପୁର ଆଦି ପଞ୍ଚାୟତରେ ପୋଲିସ ଗୁରୁବାର ଫ୍ଲାଗମାର୍ଚ୍ଚ କରିଛି। ସେହିପରି ବ୍ଲକ୍‌ରେ ଥିବା ୧୧୩ଟି ଉତ୍ତେଜନାପ୍ରବଣ ବୁଥ୍ ଓ ୪ଟି ଅତି ଉତ୍ତେଜନାପ୍ରବଣ ବୁଥ୍‌ରେ ସ୍ୱତନ୍ତ୍ର ଭାବେ ନଜର ରଖାଯାଇଛି। ବ୍ଲକକୁ ୧୪ଟି ସେକ୍ଟରରେ ବିଭକ୍ତ କରାଯାଇ ବିଭିନ୍ନ ସେକ୍ଟରରେ ପୋଲିସ ଅଧିକାରୀମାନଙ୍କୁ ନିୟୋଜିତ କରାଯାଇଥିବାବେଳେ ୨୨ଟି ମୋବାଇଲ୍ ଟିମ୍ ପାଟ୍ରୋଲିଂ ଦାୟିତ୍ୱରେ ରହିଛନ୍ତି। କୌଣସି ସ୍ଥାନରେ ବିଶୃଙ୍ଖଳିତ ପରିସ୍ଥିତି ସୃଷ୍ଟି ହେଲେ ସଙ୍ଗେ ସଙ୍ଗେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଗୋପ ଥାନାଧିକାରୀ କାଳନ୍ଦି ବେହେରା ସୂଚନା ଦେଇଛନ୍ତି। ସେହିପରି ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ଦାୟିତ୍ୱରେ ଗୋପ ତହସିଲଦାର ଏସ୍.କେ. ସାଗିର ରହିଛନ୍ତି।



## ସାତକୋଶିଆରେ ଛଡ଼ାଗଲା ୨ ଘଡ଼ିଆଳ କୁମ୍ଭୀର

ବାରଙ୍ଗ,୧୭।୨(ଡି.ଏନ୍.ଏ.)

ପ୍ରାଣୀ ଉଦ୍ୟାନ ନନ୍ଦନକାନନରୁ ଗୁରୁବାର ୨ ମାଈ ଘଡିଆଳ କୁମ୍ଭୀରକୁ ସାତକୋଶିଆରେ ଛଡ଼ାଯାଇଛି। ମଙ୍ଗଳବାର ବିରୁପାରୁ ଏକ କୁମ୍ଭୀର ଧରା ହୋଇ ନନ୍ଦନକାନନକୁ ଆସିଥିଲା। ଉକ୍ତ କୁମ୍ଭୀର ସହ ନନ୍ଦନକାନନରେ ଥିବା ଏକ ମାଈ ଘଡିଆଳ କୁମ୍ଭୀରକୁ ପ୍ରାଣୀଉଦ୍ୟାନର ବିଶେଷଜ୍ଞ ସୁଦର୍ଶନ ମହାରଣାଙ୍କ ତତ୍ତ୍ୱାବଧାନରେ ସାତକୋଶିଆସ୍ଥିତ ମହାନଦୀରେ ଗୁରୁବାର ଛଡାଯାଇଥିବା ନନ୍ଦନକାନନ କର୍ତ୍ତୃପକ୍ଷ ପକ୍ଷରୁ ସୂଚନା ଦିଆଯାଇଛି।

## ୭୧ ଅଫିସର, ୨୧ ମୋବାଇଲ ଟିମ୍ ମୁତୟନ

ନିମାପଡ଼ା,୧୭।୨(ଡି.ଏନ୍.ଏ.)

ନିମାପଡ଼ା ବ୍ଲକରେ ଶୁକ୍ରବାର ଦ୍ୱିତୀୟ ପର୍ଯ୍ୟାୟ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ହେବ। ଏଥିଲାଗି ବ୍ଲକ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି। ପୋଲିଂ ପାର୍ଟି, ପ୍ରିଜାଇଡିଂ ଅଫିସରମାନେ ପ୍ରତ୍ୟେକ ବୁଥ୍‌ରେ ପହଞ୍ଚି ସାରିଛନ୍ତି। ନିର୍ବାଚନ କାର୍ଯ୍ୟ ତଦାରଖ ପାଇଁ ୪ଜଣ ମାଜିଷ୍ଟ୍ରେଟଙ୍କ ସମେତ ୩୩ଜଣ ସେକ୍ଟର ଅଫିସର ନିୟୋଜିତ ହୋଇଥିବା ବିଡିଓ ବସନ୍ତ କୁମାର ମଲ୍ଲିକ କହିଛନ୍ତି। ଅନ୍ୟପକ୍ଷେ ବ୍ଲକର ୩୨ଟି ପଞ୍ଚାୟତର ୪୮୧ ବୁଥ୍‌ରେ ମୁକ୍ତ ନିର୍ବାଚନ ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଥିବା ଓ ଅତି ଉତ୍ତେଜନାପ୍ରବଣ ବୁଥ୍‌ଗୁଡ଼ିକ ପ୍ରତି ସତର୍କ ଦୃଷ୍ଟି ରଖାଯାଇଥିବା ଅତିରିକ୍ତ ଏସ୍‌ପି ପୂର୍ଣ୍ଣଚନ୍ଦ୍ର ପ୍ରଧାନ କହିଛନ୍ତି। ନିର୍ବାଚନ ଶାନ୍ତିଶୃଙ୍ଖଳା ପାଇଁ ଜଣେ ଅତିରିକ୍ତ ଏସ୍‌ପି, ୨ ଡିଏସ୍‌ପି, ୮ ଇନ୍ସପେକ୍ଟର, ୬୦ ଏସ୍‌ଆଇ ଓ ଏଏସ୍‌ଆଇ, ୪୮୧ ବୁଥ୍‌ରେ କନଷ୍ଟେବଳ, ଗୃହରକ୍ଷୀ, ଗ୍ରାମରକ୍ଷୀ ପ୍ରମୁଖ ନିୟୋଜିତ ହୋଇଥିବା ଏସ୍‌ଡିପିଓ ଦେବାଶିଷ ମିଶ୍ର ଓ ଆଇଆଇସି ଶଙ୍କର୍ଷଣ ଦଳେଇ ପ୍ରମୁଖ ସୂଚନା ଦେଇଛନ୍ତି। ପୋଲିସ ପ୍ରଶାସନ ପକ୍ଷରୁ ୨୧ଟି ପୋଲିସ ମୋବାଇଲ ଟିମ୍‌ର ବ୍ୟବସ୍ଥା କରାଯାଇଛି। ଭୋଟବେଳେ ବିଶୃଙ୍ଖଳା ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ ଅଧିକାରୀମାନେ କହିଛନ୍ତି। ପରେ ଏସ୍‌ପି କେ. ବିଶାଲ ସିଂ ନିମାପଡ଼ା ବ୍ଲକ ପରିଦର୍ଶନରେ ଆସି ନିର୍ବାଚନ ସମ୍ପର୍କରେ ଆଇନଶୃଙ୍ଖଳା ପରିସ୍ଥିତିର ସମୀକ୍ଷା କରିଛନ୍ତି।

## ଅନ୍‌ଲାଇନ୍ ପରୀକ୍ଷା ଦାବିରେ ବିକ୍ଷୋଭ


ଅନ୍‌ଲାଇନ୍ ପରୀକ୍ଷା ଦାବିରେ ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରମାନଙ୍କ ବିକ୍ଷୋଭ।

ନିମାପଡ଼ା,୧୭।୨(ଡି.ଏନ୍.ଏ.)

ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଗୁରୁବାର ଛାତ୍ର ଅଶାନ୍ତି ଓ ଉତ୍ତେଜନା ଦେଖାଦେଇଛି। ଯୁକ୍ତ ୩ ଶ୍ରେଣୀର ଦ୍ୱିତୀୟ ବର୍ଷ ଓ ଫାଇନାଲ ଶ୍ରେଣୀର ହେବାକୁ ଥିବା ୩ୟ ସେମିଷ୍ଟର ଓ ୫ମ ସେମିଷ୍ଟର ପରୀକ୍ଷା ବାତିଲ କରାଯିବା ତଥା ଅଫ୍‌ଲାଇନ ପରୀକ୍ଷା ବଦଳରେ ଅନ୍‌ଲାଇନ୍‌ରେ ପରୀକ୍ଷା କରାଯିବା ଦାବିରେ ଶତାଧିକ ଛାତ୍ରୀଛାତ୍ର କଲେଜର ମୁଖ୍ୟ ଫାଟକରେ ତାଲା ପକାଇବା ସହ କଲେଜ ପରିସରରେ ଟାୟାର ଜାଳି ଅଧ୍ୟକ୍ଷଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିସହ ଛାତ୍ରୀଛାତ୍ରମାନେ ବିଭିନ୍ନ ଦାବି ସମ୍ପର୍କରେ ଏକ ସ୍ମାରକପତ୍ର ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ପ୍ରଦାନ କରିଥିଲେ। ଖବରପାଇ କଲେଜ ଅଧ୍ୟକ୍ଷ ରମାକାନ୍ତ ଦାଶ, ପ୍ରଶାସନିକ ଅଧିକାରୀ ଅଧ୍ୟାପକ ଅମିତାଭ ଦାଶ, କୃଷ୍ଣଚନ୍ଦ୍ର ସାବୁତ, ପୋଲିସ ଏସ୍‌ଆଇ ପି.କେ. ଜୁଝାର ସିଂ ପ୍ରମୁଖ ଆନ୍ଦୋଳନସ୍ଥଳରେ ପହଞ୍ଚି ଆନ୍ଦୋଳନରତ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ। ଛାତ୍ରୀଛାତ୍ରଙ୍କ ବିଭିନ୍ନ ସମସ୍ୟା ସମ୍ପର୍କିତ ଦାବିପତ୍ର ଶିକ୍ଷା ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଇ ଦିଆଯିବ ଓ ଦାବି ସମ୍ପର୍କରେ ବିଚାର ବିମର୍ଷ କରାଯିବ ବୋଲି ଅଧ୍ୟକ୍ଷ ଦାଶ, ପ୍ରଶାସନିକ ଅଧିକାରୀ ଦାଶ ପ୍ରମୁଖ ପ୍ରତିଶ୍ରୁତି ଦେବା ପରେ ଏହି ଆନ୍ଦୋଳନ ପ୍ରତ୍ୟାହାର ହୋଇଥିଲା। ଦିବା ୧୧ଟାରୁ ସାଢ଼େ ଗୋଟାଏ ପର୍ଯ୍ୟନ୍ତ ଅଢ଼େଇ ଘଣ୍ଟା ଧରି ଏହି ଆନ୍ଦୋଳନ ଚାଲିଥିଲା। ଉତ୍ତେଜନା ଓ ହିଂସା କାର୍ଯ୍ୟରୁ ନିବୃତ୍ତ ରହିବାକୁ ପୋଲିସ ଅଧିକାରୀ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ।

## ଇସ୍କନ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଯୋଗ ନ ଦେବାକୁ ସ୍ମାରକପତ୍ର

ପୁରୀ ଅଫିସ, ୧୭।୨

ଶରଧାବାଲିଠାରେ ଇସ୍କନ ପକ୍ଷରୁ ଆୟୋଜନ କରାଯାଇଥିବା ଭକ୍ତି ସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀ ପ୍ରଭୁପାଦଙ୍କ ୧୫୦ତମ ଜୟନ୍ତୀ ଦିବସ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। କିନ୍ତୁ ଇସ୍କନ ପକ୍ଷରୁ ଆୟୋଜନ କରାଯାଉଥିବା ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଯୋଗ ନ ଦେବା ପାଇଁ ଅନୁରୋଧ କରି ଭଏସ ଅଫ୍ କମନମ୍ୟାନ ଅନୁଷ୍ଠାନ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିସହ ଏହାର ନକଲ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟକୁ ନିବେଦନପତ୍ର ପଠାଯାଇଛି। ଭଏସ ଅଫ୍ କମନ ମ୍ୟାନର ସଦସ୍ୟ ହେକ୍ଟର ମିଶ୍ରଙ୍କ କହିବାନୁଯାୟୀ, ଇସ୍କନ ସଂଗଠନ ଅନେକ ସମୟରେ ନିଜର କାର୍ଯ୍ୟ ପାଇଁ ବିବାଦୀୟ ରହି ଆସିଛି। ସନାତନ ଧର୍ମ ପ୍ରତି କୁଠାରାଘାତ ହେଉ ବା ଶ୍ରୀକ୍ଷେତ୍ରରେ ଦ୍ୱିତୀୟ ଜଗନ୍ନାଥ ମନ୍ଦିର ନିର୍ମାଣ ପ୍ରସଙ୍ଗ ହେଉ। ଶରଧାବାଲି ହିନ୍ଦୁମାନଙ୍କର ଏକ ପବିତ୍ର ଧାର୍ମିକ ସ୍ଥଳ ଅଟେ। ମାତ୍ର ସେଠାରେ ଇସ୍କନ ସଂଗଠନ ପକ୍ଷରୁ ଚଳିତ ମାସ ୨୦ତାରିଖରେ ଆୟୋଜିତ ହେଉଥିବା କାର୍ଯ୍ୟକ୍ରମରେ ସଂଖ୍ୟାଧିକ ବିଭିନ୍ନ ଧର୍ମର ଇସ୍କନ ଭକ୍ତ ଯୋଗଦେବେ। ଫଳରେ ପବିତ୍ର ଶରଧାବାଲିର ପବିତ୍ରତା କ୍ଷୁଣ୍ଣ ହେବ ଏବଂ ଅଗଣିତ ଜଗନ୍ନାଥ ପ୍ରେମୀଙ୍କୁ ଆଘାତ ଦେବ। ସେହିଭଳି ରାଷ୍ଟ୍ରପତିଙ୍କ ଦୁଇଦିନିଆ ପୁରୀ ଗସ୍ତକୁ ଦୃଷ୍ଟିରେ ରଖି ବଡ଼ଦାଣ୍ଡର ଉଭୟ ପାର୍ଶ୍ୱରେ ଥିବା ଉଠାଦୋକାନୀଗୁଡ଼ିକୁ ବନ୍ଦ ରଖିବା ପାଇଁ ନିର୍ଦ୍ଦେଶ ରହିଛି। ଫଳରେ ପ୍ରାୟ ୬ ହଜାର ଉଠାଦୋକାନୀ ଓ ତାଙ୍କ ପରିବାର ଆର୍ଥିକ ସମସ୍ୟାରେ ସମ୍ମୁଖୀନ ହେବେ। ତେଣୁ ରାଷ୍ଟ୍ରପତି ତାଙ୍କର ଶରଧାବାଲି କାର୍ଯ୍ୟକ୍ରମକୁ ବାତିଲ କରନ୍ତୁ। ଅପରପକ୍ଷେ ବଡ଼ଦାଣ୍ଡର ଉଭୟ ପାର୍ଶ୍ୱରେ ଥିବା ଉଠାଦୋକାନୀଙ୍କୁ ଦୋକାନ ଖୋଲିବା ପାଇଁ ଅନୁମତି ମିଳିବା ପାଇଁ ମିଶ୍ର ଦାବିପତ୍ରରେ ଦର୍ଶାଇଛନ୍ତି।

## ନିର୍ବାଚନବେଳେ ଖବରଦାତାଙ୍କୁ ଆକ୍ରମଣ ଘଟଣା, ୮ ଗିରଫ

ପୁରୀ ଅଫିସ/କଣାସ,୧୭।୨(ସ୍ୱ.ପ୍ର.)

କଣାସ ଗଡ଼ିଶାଗୋଦା ଥାନା ଅନ୍ତର୍ଗତ ବଡ଼ାଲ ପଞ୍ଚାୟତରେ ନିର୍ବାଚନ ଖବର ସଂଗ୍ରହ କରିବାକୁ ଯାଇଥିବା ଜଣେ ଖବରଦାତାଙ୍କୁ ଆକ୍ରମଣ କରିବା ଘଟଣାରେ ପୁରୀ ପୋଲିସ ୮ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ବଡ଼ାଲ ଗ୍ରାମର ସତ୍ୟପ୍ରିୟ ମହାରଣା (୪୦), ବିଜୟ ସ୍ୱାଇଁ(୩୦), ସୁବାସ ମାଝି(୩୬), ନିକୁଞ୍ଜ ସ୍ୱାଇଁ(୫୭), ଉତ୍ତମ ଭୁଜବଳ (୨୧), ଅଜୟ ବାରିସାଲ(୩୮), ବିଦ୍ୟାଧର ସ୍ୱାଇଁ (୪୦) ଏବଂ ବ୍ରଜବନ୍ଧୁ ସ୍ୱାଇଁ (୬୦)। ପୋଲିସ ସେମାନଙ୍କ ନିକଟରୁ ଗୋଟିଏ ମୋବାଇଲ ଫୋନ, ଦୁଇଟି ବୁମ୍, ତାର ବଣ୍ଡଲ, ଲାଇଭ ମେଶିନ୍ ଏବଂ ବିଭିନ୍ନ ଉପକରଣ ଜବତ କରିଛି। ଏ ନେଇ ପୋଲିସ ପୃଥକ୍ ୩ଟି ମାମଲା (ନଂ. ୫୦, ୫୧, ୫୨ /୨୨) ରୁଜୁ କରିଛି। ଥାନାରେ ଘଟଣା ସମ୍ପର୍କରେ ଅଭିଯୋଗ ହେବା ପରେ ପୋଲିସ ବୁଧବାର ରାତିରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ସାକ୍ଷ୍ୟ ପ୍ରମାଣ ଆଧାରରେ ୮ଜଣଙ୍କୁ ଗିରଫ କରିଛି। ଅତିରିକ୍ତ ଏସ୍‌ପି ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଓ ଏସ୍‌ଡିପିଓ କିଶୋର ମୁଣ୍ଡଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଘଟଣା ସମ୍ପର୍କରେ ଅଧିକ ତଦନ୍ତ ଜାରି ରହିଛି। ସୂଚନା ଅନୁଯାୟୀ, କଣାସରେ ବୁଧବାର ପଞ୍ଚାୟତ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ ଚାଲିଥିବା ବେଳେ ଖବର ସଂଗ୍ରହ କରିବାକୁ ଯାଇଥିବା ଦୁଇଟି ବୈଦ୍ୟୁତିକ ଗଣମାଧ୍ୟମର ଖବରଦାତାଙ୍କୁ କୌଣସି କଥାକୁ ନେଇ ଉକ୍ତ ଅଭିଯୁକ୍ତମାନେ ଆକ୍ରମଣ କରିଥିଲେ। ଏ ନେଇ ସ୍ଥାନୀୟ ଅଞ୍ଚଳର ଖବରଦାତାମାନେ ଗଡ଼ିଶାଗୋଦା ଥାନାରେ ଧାରଣା ଦେବା ସହ ପୃଥକ ୨ଟି ଅଭିଯୋଗ କରିଥିଲେ। ଏଥିସହ ବୁଥ୍‌ରେ ଗଣ୍ଡଗୋଳ ହେବା ଓ କାଗଜପତ୍ର ନେଇଯାଇଥିବାରୁ କଣାସ ବ୍ଲକ ନିର୍ବାଚନ ଅଧିକାରୀ ତଥା ବିଡିଓ ଲୋଚନ ଦାସ ମଧ୍ୟ ଆଉ ଗୋଟିଏ ଅଭିଯୋଗ କରିଥିଲେ। ଏହି ଆକ୍ରମଣରେ ୪ଜଣ ଗୁରୁତର ଆହତ ହୋଇଥିଲେ। ତେବେ ବର୍ତ୍ତମାନ ମଧ୍ୟ ଉକ୍ତ ଘଟଣାକୁ ନେଇ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ଫଳରେ ଗିରଫ ସଂଖ୍ୟା ବୃଦ୍ଧି ପାଇବ ବୋଲି ସୂଚନା ମିଳିଛି।




**୨ ବୁମ୍, ଲାଇଭ୍ ମେଶିନ୍, ତାର ବଣ୍ଡଲ ଜବତ**

## ସଙ୍ଗୀତଜ୍ଞଙ୍କୁ ପ୍ରେରଣା ଦେବ 'କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ ଲହରି'

ପୁରୀ ଅଫିସ, ୧୭।୨

କଣ୍ଠଶିଳ୍ପୀ ଲତା ମଙ୍ଗେସ୍‌କର ଏବଂ ସଙ୍ଗୀତାଚାର୍ଯ୍ୟ ଡ. ଦାମୋଦର ହୋତାଙ୍କ ଏକାଦଶାହରେ ଲିଙ୍ଗରାଜ ଯୋଗ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ମରିଚିକୋଟ ପଥର ଆଖଡା ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ଯୋଗ ନିକେତନର ପ୍ରତିଷ୍ଠାତା ତଥା ମହାବିଦ୍ୟାଳୟର ଅଧ୍ୟକ୍ଷ ସଙ୍ଗୀତ ବିଶାରଦ ଡ. ରମାକାନ୍ତ କରଙ୍କ ପୌରୋହିତ୍ୟ କରି କହିଥିଲେ, ସଙ୍ଗୀତ ଗୁରୁ ହୋତା ଓଡ଼ିଶୀ ତଥା ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ଉଭୟରେ ଗବେଷଣା କରି ପୁସ୍ତକ 'କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ ଲହରି' ରଚନା କରିଯାଇଛନ୍ତି, ତାହା ପ୍ରତ୍ୟେକ ସଙ୍ଗୀତଜ୍ଞଙ୍କୁ ପ୍ରେରଣା ଦେବ। ସମ୍ମାନିତ ଅତିଥି ଅବସରପ୍ରାପ୍ତ ଡିଏସ୍‌ପି ମାନସନନ୍ଦ ତ୍ରିପାଠୀ, ସଙ୍ଗୀତଶିଳ୍ପୀ ରସିକ ଚନ୍ଦ୍ର ସିଂହ ସାମିଲ ଥିଲେ।

## ୩ ଦଫା ଦାବି ନେଇ ଏସ୍‌ପିଙ୍କୁ ଦାବିପତ୍ର

**ଖବରଦାତାଙ୍କ ଉପରେ ଆକ୍ରମଣ ଘଟଣା**

ପିପିଲି,୧୭।୨(ଡି.ଏନ୍.ଏ.)

ଗତ ୧୪ତାରିଖରେ ନିର୍ବାଚନ ପ୍ରଚାର ସମୟରେ ଖବର ସଂଗ୍ରହ କରିବାକୁ ଯାଇଥିବା ପିପିଲି ଅଞ୍ଚଳର ଖବରଦାତା ବିଜୟ କୁମାର ମହାପାତ୍ରଙ୍କୁ ହୋଇଥିବା ମରଣାନ୍ତକ ଆକ୍ରମଣ ହୋଇଥିଲା। ଏହି ଘଟଣାକୁ ପିପିଲି ଅଞ୍ଚଳର କାର୍ଯ୍ୟରତ ଖବରଦାତାଙ୍କ ମହଲରେ ମଧ୍ୟ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ନେଇ ପିପିଲି ଅଞ୍ଚଳର ଖବରଦାତାମାନେ ଗୁରୁବାର ୩ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ରକୁ ପୁରୀ ଏସ୍‌ପିଙ୍କ ଉଦ୍ଦେଶ୍ୟରେ ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳଙ୍କୁ ପ୍ରଦାନ କରିଛନ୍ତି। ଉକ୍ତ ସ୍ମାରକପତ୍ରରେ ଆକ୍ରମଣର ଶିକାର ହୋଇଥିବା ଖବରଦାତା ବିଜୟ ଦେଇଥିବା ଏତଲା ଆଧାରରେ ଥାନାରେ ମାମଲା ରୁଜୁ କରିବା, ସମସ୍ତ ଅଭିଯୁକ୍ତଙ୍କ ପ୍ରତି ଆଇନଗତ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଓ ଖବରଦାତାଙ୍କ ସୁରକ୍ଷା ପାଇଁ ପୋଲିସ ପଦକ୍ଷେପ ଗ୍ରହଣ କରିବା ଆଦି ଦାବି ରହିଛି। ପିପିଲିର ବରିଷ୍ଠ ଖବରଦାତା ପୂର୍ଣ୍ଣଚନ୍ଦ୍ର ନାୟକ ଓ ରାଜକିଶୋର ସ୍ୱାଇଁଙ୍କ ନେତୃତ୍ୱରେ ଖବରଦାତା ଚନ୍ଦ୍ରମାଧବ ମିଶ୍ର, ଦୁର୍ଗାମାଧବ ମିଶ୍ର, ପ୍ରଦ୍ୟୁମ୍ନ ସୁବୁଦ୍ଧି, ହେମନ୍ତ ସେଠୀ, ପ୍ରଶାନ୍ତ ଦୀକ୍ଷିତ, ଅରୁଣ ରାଉତ, ସଞ୍ଜୟ ପ୍ରଧାନ, ବସନ୍ତ ଖଣ୍ଡାୟତରାୟ, ପ୍ରଶାନ୍ତ ମହାରାଣା, ସୁବିର ପାଣ୍ଡେ, ନିଗମାନନ୍ଦ ଶର୍ମା ପ୍ରମୁଖ ପ୍ରତିନିଧିମାନେ ଏସ୍‌ଡିପିଓ ବରାଳଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଘଟଣାକୁ ପୋଲିସ ଗୁରୁତ୍ୱର ସହ ନେଇଥିବା ବେଳେ ଅଭିଯୁକ୍ତଙ୍କୁ ଗିରଫ କରିବା ପ୍ରକ୍ରିୟା ଜାରି ରହିଛି ବୋଲି ଏସ୍‌ଡିପିଓ ବରାଳ ସୂଚନା ଦେବା ସହ ପୋଲିସର କାର୍ଯ୍ୟାନୁଷ୍ଠାନ ନେଇ ନିଶ୍ଚିତ ରହିବାକୁ ଖବରଦାତାମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ।


ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଗୁରୁବାର ଅନୁଷ୍ଠିତ କବି ଡ. ହରପ୍ରସାଦ ପରିଛା ପଟ୍ଟନାୟକଙ୍କ ଶୋକସଭାରେ ଉପସ୍ଥିତ ଅଛନ୍ତି ଏକାଡେମୀର ସଭାପତି ଡ. ହୃଷୀକେଶ ମଲ୍ଲିକ ଓ ଅନ୍ୟମାନେ।



ଖୋର୍ଦ୍ଧା ଜିଲା ୨୯ ନଂ. ଜୋନ୍ ଜିଲା ପରିଷଦ କଂଗ୍ରେସ ପ୍ରାର୍ଥୀ ପ୍ରସନ୍ନ ଦାସଙ୍କ ସମର୍ଥନରେ ଗୁରୁବାର ବାହାରିଥିବା ବାଇକ୍ ରାଲି।


ଖୋର୍ଦ୍ଧା ଜିଲା ୨୧ ନଂ. ଜୋନ୍‌ର ବିଜେଡି ପ୍ରାର୍ଥୀ ପବିତ୍ର ମୋହନ ପଟେଲଙ୍କ ପାଇଁ ରାଜ୍ୟ ସଭା ସଦସ୍ୟ ମୁନା ଖାଁ ପ୍ରଚାର କରୁଛନ୍ତି।

# ଲିଫ୍ଟ ଦେବା ଆଳରେ ଲୁଟ୍ ର୍ୟାକେଟ ଧରାପଡ଼ିଲା

## ୨ ଗିରଫ, କାର୍, ସୁନା, ଟଙ୍କା ଓ ନିଶା ଟାବ୍ଲେଟ୍ ଜବତ





ଭୁବନେଶ୍ୱର, ୧୭।୨(ବ୍ୟୁରୋ)

ଲିଫ୍ଟ ଦେବା ଆଳରେ ନିଶା ଦେଇ ଲୁଟୁଥିଲେ। ରାଜଧାନୀ ଭୁବନେଶ୍ୱର ସମେତ ବିଭିନ୍ନ ଜିଲାରେ ସକ୍ରିୟ ଥିବା ଏହି ଲୁଟେରା ଗ୍ୟାଙ୍ଗକୁ କମିଶନରେଟ ପୋଲିସ ଧରିଛି। ଗ୍ୟାଙ୍ଗ ୨ଜଣ ସଦସ୍ୟଙ୍କୁ ଶହୀଦନଗର ଥାନା ପୋଲିସ ଓ ସ୍ପେଶାଲ ସ୍କ୍ୱାଡ୍ ଗିରଫ କରିବା ସହ ର୍ୟାକେଟର ପର୍ଦ୍ଦାଫାଶ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ କଟକ ସଦର ଥାନା ଅନ୍ତର୍ଗତ ତେଲେଙ୍ଗାପେଣ୍ଠରେ ରହୁଥିବା କଟକ ଯାଜପୁର ଜିଲା ଟାଉନ ଥାନା ତଳିଆ ଗ୍ରାମର ଦେବେନ୍ଦ୍ର କୁମାର ପରିଡ଼ା ଓ ଭଦ୍ରକ ଜିଲା ଚାନ୍ଦବାଲି ଥାନାଞ୍ଚଳର ବୁଧିରାମ ସ୍ୱାଇଁ। ସେମାନଙ୍କଠାରୁ ଗୋଟିଏ କାର, ୪ ମୋବାଇଲ ଫୋନ, ୪୦ ଗ୍ରାମ ସୁନା ଅଳଙ୍କାର, ୫ ହଜାର ଟଙ୍କା ଓ ନିଶା ଟାବ୍ଲେଟ୍ ଜବତ କରାଯାଇଛି। ଉଭୟଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯିବ। ଏହି ଗ୍ୟାଙ୍ଗରେ ଥିବା ଅନ୍ୟ ସଦସ୍ୟଙ୍କୁ ଧରିବାକୁ ଉଦ୍ୟମ କରାଯାଉଥିବା ଡିସିପି ଉମାଶଙ୍କର ଦାଶ ସୂଚନା ଦେଇଛନ୍ତି। ତାଙ୍କ ସୂଚନାନୁସାରେ, ଏହି ର୍ୟାକେଟ କଟକ, ଯାଜପୁର, ବାଲେଶ୍ୱର, ଭୁବନେଶ୍ୱର ଅଞ୍ଚଳରେ ସକ୍ରିୟ ଥିଲେ। ଏମାନେ ପ୍ରାୟତଃ ବସ୍ ଷ୍ଟାଣ୍ଡରେ ଓହ୍ଲାଇ ଦୁର୍ଗମ ତଥା ଗାଁ ଅଞ୍ଚଳକୁ ଯିବାକୁ ଅପେକ୍ଷା କରିଥିବା ସାଧାରଣ ଲୋକଙ୍କୁ ଟାର୍ଗେଟ କରନ୍ତି। ସେମାନଙ୍କ ସହ ପ୍ରଥମେ ବନ୍ଧୁତା ସ୍ଥାପନ କରି ବିଶ୍ୱାସଭାଜନ ହୁଅନ୍ତି। ପରେ ସେମାନଙ୍କୁ କାରରେ ବସାଇ ଗନ୍ତବ୍ୟ ସ୍ଥଳରେ ଛାଡ଼ିବାକୁ ପ୍ରବର୍ତ୍ତାଇଥାନ୍ତି। ଯାତ୍ରୀଙ୍କୁ ସେମାନେ ଚା, ମୃଦୁ ପାନୀୟ କିମ୍ବା ସ୍ନାକ୍ସରେ ନିଶା ଔଷଧ ମିଶାଇ ଖାଇବାକୁ ଦେଇଥାନ୍ତି। ସେମାନେ ଅଚେତ ହୋଇଯିବା ପରେ ଅଭିଯୁକ୍ତମାନେ ସେମାନଙ୍କଠାରୁ ଲୁଟ୍ କରି ଏକ ଶୂନ୍‌ଶାନ୍ ସ୍ଥାନରେ ଫିଙ୍ଗି ଦେଇଥାନ୍ତି।

### ରିମାଣ୍ଡରେ ଆସିବେ ଅଭିଯୁକ୍ତ

ଏହି ଗ୍ୟାଙ୍ଗରେ ଏକାଧିକ ସଦସ୍ୟ ଅଛନ୍ତି। ସେମାନଙ୍କୁ ଧରିବାକୁ ପୋଲିସ ଖୋଳତାଡ଼ ଜାରି ରଖିଛି। ଗୁରୁବାର କୋର୍ଟ ଚାଲାଣ କରାଯିବା ପରେ ପୋଲିସ ଅଭିଯୁକ୍ତଦ୍ୱୟଙ୍କୁ ୫ କିମ୍ବା ୭ ଦିନ ରିମାଣ୍ଡରେ ଆଣିବ। ସେମାନଙ୍କୁ ପଚରା ଉଚରା କରି ସମ୍ପୃକ୍ତ ଅନ୍ୟ ସଦସ୍ୟଙ୍କୁ ଧରିବାକୁ ପୋଲିସ ଆଶା ରଖିଛି।

### ୨୦ ମାମଲାରେ ସମ୍ପୃକ୍ତ

ଅଭିଯୁକ୍ତଦ୍ୱୟ ଭୁବନେଶ୍ୱର ସହରାଞ୍ଚଳ ଜିଲା, କଟକ, ପୁରୀ, ଯାଜପୁର, ଆର୍‌ପିଏଫ୍ ଓ ଜିଆର୍‌ପି ଥାନାରେ ଥିବା ସମାନ ପ୍ରକାରର ୨୦ଟି ଲୁଟ୍ ମାମଲାରେ ସମ୍ପୃକ୍ତ ଅଛନ୍ତି। ଗତ ବର୍ଷ ନଭେମ୍ବର ୨୬ରେ କଟକର ଜଣେ ବ୍ୟକ୍ତିଙ୍କୁ ଲିଫ୍ଟ ଦେଇ ନିଶା ଦେଇ ଝିଅ ବିବାହ ପାଇଁ ରଖିଥିବା ମୂଲ୍ୟବାନ ସାମଗ୍ରୀ, ୨ ଲକ୍ଷ ଟଙ୍କା ଓ ସୁନା ଅଳଙ୍କାର ନେଇଯାଇଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି।

### ନିଶା ଔଷଧ ବିକ୍ରି ନ କରିବାକୁ ନିବେଦନ

ଭୁବନେଶ୍ୱର ସହରାଞ୍ଚଳରେ ଥିବା ସମସ୍ତ ଔଷଧ ଦୋକାନୀଙ୍କୁ କୌଣସି ନିଶା ଔଷଧ ବିକ୍ରି ନ କରିବାକୁ ପୋଲିସ ନିବେଦନ କରିଛି। ତେବେ କୌଣସି ସନ୍ଦେହଜନକ ବ୍ୟକ୍ତି ବିନା କୌଣସି ପ୍ରେସକ୍ରିପସନରେ କିଛି ନିଶା ଔଷଧ ନେବା ପାଇଁ ଚେଷ୍ଟା କଲେ ତୁରନ୍ତ ସ୍ଥାନୀୟ ଥାନା କିମ୍ବା କଣ୍ଟ୍ରୋଲ ରୁମକୁ ଯୋଗଯୋଗ କରିବାକୁ କୁହାଯାଇଛି। ଯଦି କୌଣସି ବ୍ୟକ୍ତି ଏହାକୁ ଅବମାନନା କରନ୍ତି, ତାଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରେସ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ରାଜଧାନୀରେ ଏପରି ଅପରାଧର ଶିକାର ନ ହେବା ପାଇଁ ଯାତ୍ରୀମାନଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ପୋଲିସ ଅଟୋ, ବସ୍ ଓ ଟ୍ୟାକ୍ସିଆସୋସିଏଶନ୍‌କୁ ଅଭିଯୁକ୍ତଙ୍କ ଫଟୋ ପ୍ରଦାନ କରିବ। ଏଥିସହ ଜନସାଧାରଣଙ୍କୁମଧ୍ୟସଚେତନକରାଯିବ ବୋଲି ପୋଲିସ ସୂଚନା ଦେଇଛି।

### ୨ ଜଣଙ୍କୁ ଧବଳେଶ୍ୱର, ଛତିଆରେ ଫିଙ୍ଗିଥିଲେ

ଭୁବନେଶ୍ୱରର ଶହୀଦନଗର ଥାନା ଅଞ୍ଚଳରୁ ୨ଜଣଙ୍କୁ ଏମାନେ ଲିଫ୍ଟ ଦେଇ ଲୁଟିଥିଲେ। ଢେଙ୍କାନାଳ ଜରଡ଼ା ଅଞ୍ଚଳର ଶିକ୍ଷକ ଅକ୍ଷୟ କୁମାର ପାଲ ଭୁବନେଶ୍ୱରରେ ରହୁଥିବା ତାଙ୍କ ଝିଆରିଙ୍କ ଘରକୁ ଆସି ଫେବୃୟାରୀ ୧ରେ ଆଚାର୍ଯ୍ୟ ବିହାର ଦେଇ ବସ୍‌ଷ୍ଟାଣ୍ଡକୁ ଯାଉଥିଲେ। ଏହି ସମୟରେ ଅଭିଯୁକ୍ତମାନେ ଅକ୍ଷୟଙ୍କୁ ଢେଙ୍କାନାଳରେ ଛାଡ଼ିଦେବାକୁ କହିଥିଲେ। ଅକ୍ଷୟ ସେମାନଙ୍କୁ ବିଶ୍ୱାସ କରି କାରରେ ବସିଥିଲେ। ବାଟରେ ସେମାନେ ମୃଦୁ ପାନୀୟ ପିଇବାକୁ ଅକ୍ଷୟଙ୍କୁ ଦେଇଥିଲେ। ତେବେ ଅକ୍ଷୟ ପିଇବା ପରେ ଅଚେତ ହୋଇପଡିଥିଲେ। ଏହାପରେ ଅଭିଯୁକ୍ତମାନେ ଅକ୍ଷୟଙ୍କ ପାଖରେ ଥିବା ୬,୭୦୦ ଟଙ୍କା, ମୋବାଇଲ ଫୋନ୍ ଓ ଏଟିଏମ୍ କାର୍ଡ ନେଇ ଧବଳେଶ୍ୱର ଘାଟ ନିକଟ ରାସ୍ତାକଡ଼ରେ ଫିଙ୍ଗି ପକାଇଥିଲେ। ସେହିପରି କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ଓଳାଭର ଅଞ୍ଚଳର ବୀରେନ କୁମାର ପରିଡା ସେହିଦିନ ସତସଙ୍ଗ୍‌ବିହାର ଛକରେ ବସ୍‌କୁ ଅପେକ୍ଷା କରିଥିଲେ। ଅଭିଯୁକ୍ତମାନେ ତାଙ୍କୁ ଓଳାଭରରେ ଛାଡିଦେବାକୁ କହି କାରରେ ନେଇଥିଲେ। ସେମାନେ ଅମୁଲ୍‌କୁଲ୍‌ରେ ନିଶାଦ୍ରବ୍ୟ ମିଶାଇ ତାଙ୍କୁ ପିଇବାକୁ ଦେବାରୁ ବୀରେନ୍ ଅଚେତ ହୋଇଯାଇଥିଲେ। ସେମାନେ ତାଙ୍କ ପାଖରୁ ୭୫ହଜାର ଟଙ୍କା ଓ ଅନ୍ୟାନ୍ୟ ଜିନିଷ ଲୁଟି ନେଇ ଯାଜପୁର ଛତିଆ ନିକଟ ରାସ୍ତାକଡ଼ରେ ଫୋପାଡ଼ି ଦେଇଥିଲେ। ଏନେଇ ଶହୀଦନଗର ଥାନା ପୋଲିସ ଦୁଇଟି ମାମଲା (ନଂ. ୫୦,୫୧/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୭।୨।୨୦୨୨

| ୩,୭୭,୭୭୭ ଟଙ୍କା | |
|---|---|
| ସୁନା | ୧.୭୭୦ ଗ୍ରାମ |
| ରୁପା | ୫.୪୦୦ ଗ୍ରାମ |



ଆସୁଛି ମହାଶିବରାତ୍ରି: କଟକ ବିଡାନାସୀ କୁମ୍ଭାରସାହି ଅଞ୍ଚଳରେ ଶିଳ୍ପୀ ସୁରେନ୍ଦ୍ର ବେହେରା ୪ ଫୁଟ ଲମ୍ବ ଓ ୨ ଫୁଟ ଉଚ୍ଚତାର ମାଟିଦୀପ ପ୍ରସ୍ତୁତ କରୁଛନ୍ତି।

## ମାର୍ଚ୍ଚ ୧୩ରେ କଳିଙ୍ଗ ବୀରାଙ୍ଗନା ସମ୍ମାନ, ମହିଳା କାର୍ ରାଲି




ଭୁବନେଶ୍ୱର, ୧୭।୨(ବ୍ୟୁରୋ)

ମାର୍ଚ୍ଚ ୧୩ ଅନ୍ତର୍ଜାତୀୟ ମହିଳା ଦିବସରେ ସେବା ପ୍ରୟାସ ଫାଉଣ୍ଡେଶନ ପକ୍ଷରୁ 'କଳିଙ୍ଗ ବିରାଙ୍ଗନା ସମ୍ମାନ' ପ୍ରଦାନ କରାଯିବ। ଅଭିନେତ୍ରୀ, କଳାକାର, ରାଜନୀତି, ସାମାଜିକ କର୍ମୀ, ସ୍ୱାସ୍ଥ୍ୟ ସେବା, ଶିକ୍ଷା, ଖେଳ ଓ ସାମ୍ବାଦିକତା କ୍ଷେତ୍ରରେ ଏହି ସମ୍ମାନ ଦିଆଯିବ। ଏଥିସହ ଏକ ମହିଳା କାର୍ ରାଲି ଆୟୋଜନ କରାଯିବ ବୋଲି ଫାଉଣ୍ଡେଶନର ପ୍ରତିଷ୍ଠାତା ଲିଙ୍କନ ସୁବୁଦ୍ଧି ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି।

କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ଲିଙ୍କନ କହିଛନ୍ତି, ଚଳିତ ବର୍ଷ ଅନ୍ତର୍ଜାତୀୟ ମହିଳା ଦିବସର ଥିମ୍ ରହିଛି 'ଭବିଷ୍ୟତ ପାଇଁ ଲିଙ୍ଗଗତ ସମାନତା ଏକ ନିରନ୍ତର ପ୍ରୟାସ'। ଏହି ଦିବସରେ ଜଳବାୟୁ ପରିବର୍ତ୍ତନ, ପରିବେଶ ଓ ବିପର୍ଯ୍ୟୟ ବିପଦ ହ୍ରାସ ପରିପ୍ରେକ୍ଷୀରେ ଲିଙ୍ଗଗତ ସମାନତା, ସମସ୍ତ ମହିଳା ଓ ବାଳିକାଙ୍କ ସଶକ୍ତୀକରଣ ଉପରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଆୟୋଜିତ ହେବାକୁ ଥିବା ମହିଳା କାର୍ ରାଲି ନଖରାସ୍ଥିତ ଆଦିତ୍ୟ ମୋଟର୍ସ ନିକଟରୁ ବାହାରି ପୁରୀ ୱାଟର ୱାର୍ଲ୍ଡ ପାର୍କ ପର୍ଯ୍ୟନ୍ତ ଯିବ ବୋଲି ସେ କହିଛନ୍ତି। ସ୍ତମ୍ଭକାର ତଥା ସାମାଜିକ କର୍ମୀ ପ୍ରୀତି ଧଳ କଳିଙ୍ଗ ବୀରାଙ୍ଗନା ଚୟନର ବର୍ଗ ବିଷୟରେ ସୂଚନା ଦେଇଥିବାବେଳେ ଆଥ୍‌ଲେଟ୍ ଭାଲେନା ଭାଲେଣ୍ଟିନା ମହିଳାଙ୍କ ଦ୍ୱାରା ଏକ ସ୍ୱତନ୍ତ୍ର ଲମ୍ବା ଡ୍ରାଇଭ୍ ଭଳିସାହସିକ କାର୍ଯ୍ୟର ଉତ୍ସାହ ବାଣ୍ଟିଥିଲେ। ଫାଉଣ୍ଡେଶନର ନିର୍ଦ୍ଦେଶକ ନମ୍ରତା ଚଢ଼ା ଏକ ଉଜ୍ଜ୍ୱଳ ସ୍ଥାୟୀ ଅର୍ଥନୈତିକ ରାଷ୍ଟ୍ର ପାଇଁ ସୋସାଇଟିରେ ଥିବା ତିନି ଲିଙ୍ଗର ସାମଗ୍ରିକ ସଶକ୍ତୀକରଣକୁ ପ୍ରାଧାନ୍ୟ ଦେଇଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବାପୁନ



@ ପ୍ରିୟାଂଶୁ



@ ଉମାକାନ୍ତ



@ ପ୍ରିୟଙ୍କା



@ ପ୍ରିୟତମା



@ ଅଭିନୟ

## ବୁଢ଼ାପଙ୍କରୁ ୧୦୩ ରେକ୍ ଫ୍ଲାଏଆଶ୍ ପରିବହନ



ଜଟଣୀ,୧୭।୨(ଡି.ଏନ୍.ଏ.): ବିଜ୍‌ନେସ୍ ଡେଭଲପମେଣ୍ଟ ୟୁନିଟ୍ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ଅଧୀନ ବୁଢ଼ାପଙ୍କ ସାଇଡିଂରୁ ୧୦୩ ରେକ୍ ଫ୍ଲାଏଆଶ(ପାଉଁଶ) ପରିବହନ କରାଯାଇଛି। ଫ୍ଲାଏଆଶ୍‌ର ପ୍ରଥମ ରେକ୍ ୨୫ ଅକ୍ଟୋବର ୨୦୨୦ରେ ଏହି ସାଇଡିଂରୁ ପରିବହନ କରାଯାଇଥିଲା। ଫ୍ଲାଏଆଶ ଏକ ପଦାର୍ଥ; ଯାହା ଜଳର ସଂସ୍ପର୍ଶରେ ଆସିଲେ, ସିମେଣ୍ଟ ସୃଷ୍ଟି ହେବାରେ ସହାୟକ ହୋଇଥାଏ। ଖୋର୍ଦ୍ଧାରୋଡ୍ ମଣ୍ଡଳର ବ୍ୟବସାୟ ବିକାଶ ୟୁନିଟ୍ ନିୟମିତ ଭାବେ ବାଣିଜ୍ୟ ୟୁନିଟ୍ ସହିତ ଯୋଗାଯୋଗ ସ୍ଥାପନ କରି କାର୍ଯ୍ୟକ୍ଷମତା ପାଇଁ ନୂତନ ଟ୍ରାଫିକ ପ୍ରସ୍ତାବ ଗୁଡ଼ିକର ଏକ ନୋଡାଲ୍ ପଏଣ୍ଟ ଭାବେ କାର୍ଯ୍ୟ କରୁଥିବା ମଣ୍ଡଳ ରେଳପ୍ରଶାସନ ପକ୍ଷରୁ କୁହାଯାଇଛି।

## ଥାନା ଆଗରେ ଯୁବକଙ୍କୁ ଗୋଡ଼ାଇ ହାଣିଲେ

- ରକ୍ଷା କରିବାକୁ ଯାଇ ୨ ଆକ୍ରମଣର ଶିକାର
- ଜଣେ ଅଟକ, ପୋଲିସର ତଦନ୍ତ ଜାରି

ବୋଲଗଡ଼,୧୭।୨(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ଆଗରେ ବୁଧବାର ରାତିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି କେତେଜଣ ଦୁର୍ବୃତ୍ତ ଗୋଡ଼ାଇ ଗୋଡ଼ାଇ ଜଣେ ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ କରିଛନ୍ତି। ସେ ହେଲେ ଗୋବର୍ଦ୍ଧନପୁର ଗ୍ରାମର ବିଜୟ କୁମାର ପାହାଡ଼ସିଂହ ଓରଫ ବିଜୁ। ବିଜୟଙ୍କୁ ରକ୍ଷା କରିବାକୁ ଯାଇ ଏହି ଗ୍ରାମର ସୁଦାମ ମାଝୀ ଓ ବୁଲୁ ପ୍ରଧାନ ମଧ ଆକ୍ରମଣର ଶିକାର ହୋଇଛନ୍ତି। ଗୁରୁତର ଅବସ୍ଥାରେ ୩ଜଣଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏନେଇ ଗୁରୁବାର ବିଜୟଙ୍କ ସ୍ତ୍ରୀ ବବିତା ସାମଲଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୩୭/୨୨) ରୁଜୁକରି ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

ଅଭିଯୋଗ ମୁତାବକ, ବୁଧବାର ରାତିରେ ଗୋବର୍ଦ୍ଧନପୁର ଗ୍ରାମର ଜଣେ ଯୁବକ ଖଣ୍ଡା ଧରି ବିଜୟଙ୍କୁ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲେ। ଏହି ସମୟରେ କେତେଜଣ ଗ୍ରାମବାସୀ ପହଞ୍ଚି ସମ୍ପୃକ୍ତ ଯୁବକଙ୍କୁ କାବୁ କରି ବୋଲଗଡ଼ ଥାନାକୁ ନେଉଥିଲେ। ୭ରୁ ୮ଜଣ ଦୁର୍ବୃତ୍ତ ବାଇକରେ ଆସି ହଠାତ୍ ଥାନା ଆଗରେ ବିଜୟଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ବୁଲୁ ଓ ସୁଦାମ ଛଡ଼ାଇବାକୁ ଉଦ୍ୟମ କରୁଥିବା ବେଳେ ଦୁର୍ବୃତ୍ତମାନେ ମଧ ସେମାନଙ୍କୁ ଖଣ୍ଡାରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ପରେ ଗ୍ରାମବାସୀ ସମ୍ପୃକ୍ତ ଯୁବକଙ୍କ କାବୁ କରି ଥାନାରେ ଜିମା ଦେଇଥିଲେ। ଥାନା ଅଧିକାରୀ ବିଦିତା ନାୟକ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଚିକିତ୍ସା ପାଇଁ ବୋଲଗଡ଼ ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଏମ୍‌ସ ଓ ପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାକୁ ନେଇ ଗୋବର୍ଦ୍ଧନପୁର ଗ୍ରାମରେ ଉତ୍ତେଜନା ଲାଗି ରହିଛି। ପୋଲିସ ଜଣଙ୍କୁ ଅଟକ ରଖି ପଚରାଉଚୁରା ଚଳାଇଥିବା ବେଳେ ଅନ୍ୟ ଅଭିଯୁକ୍ତମାନେ ଫେରାର ଥିବା ଜଣାପଡ଼ିଛି।

## ମହାପ୍ରଭୁଙ୍କ ଦର୍ଶନ ପାଇଁ ନୂଆ ଏସ୍‌ଓପି ଜାରି

### ୨୧ ତାରିଖରୁ ଲାଗୁ ହେବ

ପୁରୀ ଅଫିସ ୧୭।୨

ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଗୁରୁବାର ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଦର୍ଶନ ପାଇଁ ନୂଆ ଏସ୍‌ଓପି ଜାରି କରାଯାଇଛି। ଜାରି ହୋଇଥିବା ନୂଆ ଏସ୍‌ଓପି ଚଳିତ ମାସ ୨୧ତାରିଖ ଅର୍ଥାତ ସୋମବାରଠାରୁ ଲାଗୁ ହେବ। କୋଭିଡ୍‌ର ତୃତୀୟ ଲହରି ପ୍ରଭାବ କମୁଥିବାରୁ ଦର୍ଶନ କଟକଣାରେ ପ୍ରଶାସନ ପକ୍ଷରୁ କୋହଳ କରାଯାଇଛି। ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ଜାରି କରାଯାଇଥିବା ନୂତନ ଏସ୍‌ଓପି ଅନୁଯାୟୀ ଶ୍ରଦ୍ଧାଳୁମାନେ ଚଳିତ ମାସ ୨୧ ତାରିଖରୁ ସକାଳ ୬ଟାରୁ ରାତି ୯ଟା ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ପ୍ରବେଶ କରି ମହାପ୍ରଭୁଙ୍କ ଦର୍ଶନ କରିପାରିବେ। ଏଣିକି ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଭକ୍ତଙ୍କୁ କୋଭିଡ୍ ପ୍ରମାଣପତ୍ରର ଆବଶ୍ୟକ ପଡ଼ିବ ନାହିଁ। ଏପରିକି ଆର୍‌ଟି-ପିସିଆର ପ୍ରମାଣପତ୍ର ମଧ ଦରକାର ନାହିଁ। କିନ୍ତୁ ଭକ୍ତମାନେ ସାମାଜିକ ଦୂରତା ରଖିବା ସହ ମୁହଁରେ ମାସ୍କ ପରିଧାନ କରିବେ। ପୂର୍ବ ଭଳି ରବିବାର ଶ୍ରୀମନ୍ଦିର ସାନିଟାଇଜ୍ ପାଇଁ ଭକ୍ତଙ୍କ ପାଇଁ ବନ୍ଦ ରହିବ। ବରିଷ୍ଠ ନାଗରିକ ଶୃଙ୍ଖଳିତ ଭାବେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ସେହିଭଳି ଭକ୍ତମାନଙ୍କ ପାଇଁ ପିଇବା ପାଣିର ବ୍ୟବସ୍ଥା କରାଯିବ ବୋଲି ସୂଚନା ମିଳିଛି। ଗତ ୧୪ରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ କୁମାରଙ୍କ ଅଧ୍ୟକ୍ଷତାରେ ଛତିଶା ନିଯୋଗ ଓ ନୀତି ସବକମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କୋଭିଡ୍ ସ୍ଥିତିକୁ ନେଇ ସମୀକ୍ଷା କରାଯାଇ ଏହି ଏସ୍‌ଓପି ସମ୍ପର୍କରେ ଆଲୋଚନା ହୋଇଥିଲେ।



ପୁରୀ ବେଳାଭୂମିରେ ପଡ଼ି ରହିଥିବା ମୃତ କଇଁଛ।



ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଅସୀମ ବସୁ ଫାଉଣ୍ଡେଶନ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଆରମ୍ଭ ହୋଇଥିବା ଅସୀମ ନାଟ୍ୟ ଉତ୍ସବରେ ଗୁରୁବାର ପରିବେଷିତ ନାଟକ 'ଅବସର'ର ଏକ ଦୃଶ୍ୟ।



କଟକ ତୁଳସୀପୁର ରିଂବନ୍ଧ ପାର୍ଶ୍ୱସ୍ଥ ମହାନଦୀ ଜଳରାଶି ମଧ୍ୟରେ ଗେଣ୍ଡାଳିଆ ଓ ଅନ୍ୟପକ୍ଷୀଙ୍କ ସମାଗମ।

## ଧାନ ବୋଝେଇ ଟ୍ରକ ଓଲଟିଲା

କଟକ ସଦର,(ଡି.ଏନ୍.ଏ.): କଟକ-ନୂଆଗାଁ ଜାତୀୟ ରାଜପଥର କନ୍ଦରପୁର ଲେଭଲକ୍ରସିଂ ନିକଟରେ ବୁଧବାର ବିଳମ୍ବିତ ରାତିରେ ଧାନ ବୋଝେଇ ଟ୍ରକ ସଫେଇ ନାଳ ଭିତରକୁ ଓଲଟି ପଡ଼ିଛି। ଏଥିରେ ଟ୍ରକ ଚାଳକ ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣାସ୍ଥଳରେ ରାସ୍ତାର ଅବସ୍ଥା ବିପଦସଙ୍କୁଳ ଥିବାରୁ ଟ୍ରକ୍‌ଟି ଓଲଟି ପଡ଼ିଥିବା ସ୍ଥାନୀୟ ଲୋକେ କହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଜଗତ୍‌ସିଂହପୁର ଜିଲାର ଏକ ସମବାୟ ସମିତି ଦ୍ୱାରା ସଂଗୃହୀତ ଧାନକୁ ବୋଝେଇ କରି ଉକ୍ତ ଟ୍ରକ ଯାଜପୁର ଜିଲା ଚଣ୍ଡିଖୋଲ ଅଭିମୁଖେ ଯାଉଥିଲା। ଲେଭଲକ୍ରସିଂ ନିକଟରେ କଟକ ଆଡୁ ଆସୁଥିବା ଆଉଏକ ଟ୍ରକ୍‌କୁ ଯିବା ପାଇଁ ସାଇଡ୍ ଦେବାବେଳେ ଭାରସାମ୍ୟ ହରାଇ ଓଲଟି ପଡ଼ିଲା।

## ସଂକ୍ଷେପରେ

### ଘରୁ ଟଙ୍କା, ଅଳଙ୍କାର ଚୋରି

**ଚୌଦ୍ୱାର,୧୭।୨(ଡି.ଏନ୍.ଏ.):** ଚୌଦ୍ୱାର ଥାନା ଟିପିଏମ୍ ଫାଣ୍ଡି ଅନ୍ତର୍ଗତ ଶିମିଳିହାଣ୍ଡ ଗ୍ରାମର ଶିବ ପ୍ରସାଦ ସାହୁଙ୍କ ଘରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଶିବଙ୍କ ଶରୀର ଅସୁସ୍ଥ ଥିବାରୁ ପରିବାର ଲୋକେ ଚିକିତ୍ସା ପାଇଁ ତାଙ୍କୁ ଆଠଗଡ଼ ନେଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ତାଙ୍କ ଘର କବାଟର ତାଲା ଭାଙ୍ଗି ଭିତରେ ପଶିବା ସହ ଝିଅ ବାହାଘର ପାଇଁ ରଖା ଯାଇଥିବା ଟଙ୍କା, ଅଳଙ୍କାର ଓ ଅନ୍ୟ ସାମଗ୍ରୀ ଚୋରି କରି ନେଇଥିଲେ। ଗୁରୁବାର ପରିବାର ଲୋକେ ଫେରିବା ପରେ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଏ ନେଇ ଶିବଙ୍କ ସ୍ତ୍ରୀ ସସ୍ମିତା ଅଭିଯୋଗ କରିବା ପରେ ଥାନାରେ ମାମଲା(ନଂ.୭୭/୨୨) ରୁଜୁ ହୋଇଛି। ଚୌଦ୍ୱାର ଆଇଆଇସି ବିରଞ୍ଚି ନାରାୟଣ ପତି ଓ ଟିପିଏମ୍ ଫାଣ୍ଡି ଅଧିକାରୀ ରଞ୍ଜନ ନାୟକ ଫରେନ୍‌ସିକ୍ ଟିମ୍ ସହିତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

### କବି ନିମାଇଁଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

**କଟକ ଅଫିସ,୧୭।୨:** ଗୀତିକବି ତଥା ଆଇନଜୀବୀ ନିମାଇଁ ଚରଣ ପଟ୍ଟନାୟକଙ୍କ ବିୟୋଗରେ ପୁଣ୍ୟଭୂମି ଅନୁଷ୍ଠାନ ପକ୍ଷରୁ ମର୍କତନଗର ସେକ୍ଟର-୭ସ୍ଥିତ ଫରେଷ୍ଟ ପାର୍କଠାରେ ଶ୍ରଦ୍ଧାଞ୍ଜଳି ସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନାଟ୍ୟକାର ସଞ୍ଜିତ୍ ପଟ୍ଟନାୟକ ଅଧ୍ୟକ୍ଷତା କରି କହିଥିଲେ, କବି ନିମାଇଁ ଚରଣ ଭକ୍ତି ସଙ୍ଗୀତ ଓ ଲଘୁ ସଙ୍ଗୀତ ପ୍ରଚାରପ୍ରସାର ପାଇଁ ବହୁବିଧ କାର୍ଯ୍ୟ କରିଛନ୍ତି। ତାଙ୍କ ରଚିତ ମହାଦୀପ ପୁସ୍ତକ ଓଡ଼ିଆ ସାହିତ୍ୟର ଅନବଦ୍ୟ କୃତି ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି ସଭାରେ ପୂର୍ବତନ ପ୍ରଶାସକ ବଂଶୀଧର ରାଉତ, ଆଡଭୋକେଟ୍ ଶୁଭ୍ରାଂଶୁ କୁମାର ମହାନ୍ତି, ଆଡଭୋକେଟ ଅରୁନ୍ କୁମାର ପରିଡ଼ା, ଡ. ଲକ୍ଷ୍ମୀନାରାୟଣ ପଣ୍ଡା, ପ୍ରଫେସର ନିରଞ୍ଜନ ରାଉତ, ବିଜୟ କୁମାର ଦାସ, ଡ. ନାରାୟଣ ମହାନ୍ତି, ନାଟ୍ୟକାର କିଶୋର ମହାନ୍ତି ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

### 'ଠିକ୍ ମାର୍ଗଦର୍ଶନ ଦ୍ୱାରା ଅନୁଷ୍ଠାନ ଆଗକୁ ବଢ଼ିଥାଏ'

**କଟକ ଅଫିସ,୧୭।୨:** କଟକ ଜିଲା ଟାଙ୍ଗୀସ୍ଥିତ ଡ୍ରିମ୍‌ସ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରସ୍ଥ ପଦ୍ମିନୀ ଦେବୀ ଅଡିଟୋରିୟମରେ ଏକ ସମ୍ବର୍ଦ୍ଧନା ସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ ଯୋଗଦେଇ କହିଥିଲେ, ସମ୍ମିଳିତ ପ୍ରଚେଷ୍ଟା ଓ ଠିକ୍ ମାର୍ଗଦର୍ଶନ ଦ୍ୱାରା ହିଁ ଅନୁଷ୍ଠାନ ଆଗକୁ ବଢିଥାଏ। ଏହାକୁ ନଜରରେ ରଖି ସହଯୋଗ ଜାରି ରଖିବାକୁ ରଥ ଉପସ୍ଥିତ ସଦସ୍ୟଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ଆଡମିସନ୍ ସେଲ୍ ମୁଖ୍ୟ ପ୍ରାଧାପକ ଲୋକନାଥ ବେହେରା ଓ ଉପମୁଖ୍ୟ ପ୍ରାଧାପକ ରାଜୀବ କୁମାର ଅଗ୍ରୱାଲଙ୍କୁ ଅଧ୍ୟକ୍ଷ ରଥ ସମ୍ମାନିତ କରିଥିଲେ। ସେହିପରି ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ଏକାଡେମିକ୍ ନିର୍ଦ୍ଦେଶକ ଡ. କପିଳେଶ୍ୱର ମିଶ୍ର, ଉପାଧ୍ୟକ୍ଷ ଡ. ଆଲୋକ ରଞ୍ଜନ ବିଶ୍ୱାଳ ଯୋଗଦେଇ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ଉପରେ ଶିକ୍ଷାନୁଷ୍ଠାନର ବିକାଶ ନିର୍ଭରଶୀଳ ବୋଲି କହିଥିଲେ। ପ୍ରାଧାପିକା ଡ. କ୍ରିଷ୍ଣାପ୍ରଦା ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ଧନେଶ୍ୱର ରଥଙ୍କ ପ୍ରତିକୃତିରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଏଥିରେ ସଚିବ ପ୍ରାଣବନ୍ଧୁ ନାୟକ, ଚନ୍ଦ୍ରକାନ୍ତ ପଣ୍ଡା, ସୁଧାଂଶୁ ଭୂଷଣ କର, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀଙ୍କ ସମେତ ବିଭିନ୍ନ ବିଭାଗର ଅଧାପିକା, ଅଧାପକ ଓ ଅଧିକାରୀ ଉପସ୍ଥିତ ଥିଲେ।

# ଚୋରି ସୁନା ବନ୍ଧକ ରଖି ବନ୍ଧା ହେଲେ ମ୍ୟାନେଜର

**ଭୁବନେଶ୍ୱର,୧୭।୨(ବ୍ୟୁରୋ)**

ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଶ୍ରୀବିହାରସ୍ଥିତ ଏକ ଆପାର୍ଟମେଣ୍ଟରୁ ଶନିବାର ହୋଇଥିବା ଚୋରି ଘଟଣାରେ ଗୁରୁବାର ପୋଲିସ ଆଉଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଅର୍ଥ ଲଗାଣକାରୀ ସଂସ୍ଥା ଆଇଆଇଏଫ୍‌ଏଲ୍ ଚନ୍ଦ୍ରଶେଖରପୁର ଶାଖା ମ୍ୟାନେଜର ଆର୍ତ୍ତବନ୍ଧୁ ସାମଲ (୪୧)। ସେ ଚୋରି ଅଳଙ୍କାର ଗ୍ରହଣବେଳେ ବାଧ୍ୟତାମୂଳକ ଥିବା ମାଲିକାନା ଯାଞ୍ଚ ସମ୍ବନ୍ଧୀୟ ସମସ୍ତ ନିର୍ଦ୍ଦେଶାବଳୀ ଅନୁସରଣ କରି ନ ଥିଲେ। ଏନେଇ ପୋଲିସ ଆଇପିସି ଧାରା ୩୮୧, ୪୧୧ ଅନୁଯାୟୀ ମାମଲା (ନଂ. ୬୮/୨୦୨୨) ରୁଜୁ କରି ଆର୍ତ୍ତବନ୍ଧୁଙ୍କୁ କୋର୍ଟ ଚାଲାଣ କରିଛି।

ସୂଚନାଯୋଗ୍ୟ, ପୂର୍ବରୁ ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତା ତଥା ଚାକରାଣୀ ନିରୁପମା ପାଲ (୨୪) ଗିରଫ ହୋଇଥିଲେ। ଅଭିଯୋଗ ଅନୁଯାୟୀ, ଅଭିଯୋଗକାରିଣୀ ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଶ୍ରୀବିହାରସ୍ଥିତ ହାବିଟାଟ୍ ଗ୍ରୀନ୍ ଆପାର୍ଟମେଣ୍ଟର ଫ୍ଲାଟ ନଂ. ୩୦୮ରେ ରୁହନ୍ତି। ତାଙ୍କ ଘରେ ନିରୁପମା ୮ ମାସ ହେବ ଚାକରାଣୀ ଭାବରେ କାମ କରିବା ସହ ମାଲିକାଣିଙ୍କ ଦେଖାଶୁଣା କରୁଥିଲେ। ଦିନେ ଘରେ କେହି ନଥିବା ଦେଖି ସେ ଆଲମାରି ଲକରରୁ କିଛି ସୁନା ଗହଣା ଚୋରି କରି ନେଇଯାଇଥିଲେ। ମାଲିକାଣୀ ଘରକୁ ଫେରି ଚୋରି ସମ୍ପର୍କରେ ଜାଣିବା ପରେ ନିରୁପମାଙ୍କ ଉପରେ ସନ୍ଦେହ କରି ଚନ୍ଦ୍ରଶେଖରପୁର ଥାନାରେ ଏତଲା ଦେଇଥିଲେ। ପୋଲିସ ଘଟଣାର ତଦନ୍ତ କରି ନିରୁପମାଙ୍କୁ ଗିରଫ କରିଥିଲା। ପଚରାଉଚରାବେଳେ ସେ ଚୋରି ସୁନାଗହଣା ଆଇଆଇଏଫ୍‌ଏଲ ଚନ୍ଦ୍ରଶେଖରପୁର ଶାଖାରେ ବନ୍ଧକ ରଖିଥିବା ଋଣ ଆଣିଥିବା ଜାଣିବାକୁ ପାଇଥିଲା। ପୋଲିସ ଅଧିକ ତଦନ୍ତ କରି ଜାଣିବାକୁ ପାଇଲା ଯେ, ଆଇଆଇଏଫ୍‌ଏଲ ସଂସ୍ଥା ଗ୍ରାହକଙ୍କ ସୁନା ବନ୍ଧକ ରଖି ଋଣ ଦେଇଥାଏ। ତେବେ ସୁନା ରଖିବା ସମୟରେ ଆବଶ୍ୟକ ନିର୍ଦ୍ଦେଶାବଳୀ ଅନୁସରଣ କରିବା ପାଇଁ ନିୟମ ରହିଛି। ହେଲେ ଆଇଆଇଏଫ୍‌ଏଲ୍ ଚନ୍ଦ୍ରଶେଖରପୁର ଶାଖା ମ୍ୟାନେଜର ଆର୍ତ୍ତବନ୍ଧୁ ତାହାକୁ ଅନୁସରଣ ନ କରି ବିଭିନ୍ନ ତାରିଖରେ ୬ଟି କିସ୍ତିରେ ପ୍ରାୟ ୫୭.୪ ଗ୍ରାମର ଉକ୍ତ ଚୋରି ଅଳଙ୍କାର ଗ୍ରହଣ କରିଥିଲେ। ଏହା ବେଆଇନ ତଥା ଅପରାଧ ହୋଇଥିବାରୁ ପୋଲିସ ଆର୍ତ୍ତବନ୍ଧୁଙ୍କୁ ଗିରଫ କରିଛି।



ଗିରଫ ଆର୍ତ୍ତବନ୍ଧୁ ସାମଲ

**ଆପାର୍ଟମେଣ୍ଟରୁ ଚୋରି ଘଟଣା**

■ପୂର୍ବରୁ ଗିରଫ ହୋଇଥିଲେ ଚାକରାଣୀ

## ଓଭରବ୍ରିଜ୍‌ରୁ ଖସି ପଡ଼ିଲେ ବାଇକ୍ ଚାଳକ

**ଭୁବନେଶ୍ୱର,୧୭।୨(ବ୍ୟୁରୋ)**

ଶହୀଦନଗର ଥାନା ୧୬ ନଂ. ଜାତୀୟ ରାଜପଥର ଜୟଦେବବିହାର ଓଭରବ୍ରିଜ ଉପରୁ ଗୁରୁବାର ଜଣେ ବାଇକ୍ ଚାଳକ ତଳକୁ ଖସି ପଡି ଗୁରୁତର ଆହତ ହୋଇଛନ୍ତି। ସେ ହେଲେ କଟକ ସଦର ଥାନା ଅଞ୍ଚଳର ଶାରଦା ପ୍ରସନ୍ନ ପରିଡ଼ା(୩୦)। ତାଙ୍କ ଶରୀରରେ ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ପୋଲିସ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ପ୍ରସନ୍ନଙ୍କୁ କଟକ ବଡ଼ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଓଭରବ୍ରିଜ ଉପରୁ ତାଙ୍କ ବାଇକ୍ (ନଂ.ଓଡି୦୫ଏକେ୧୬୦୦) ଜବତ କରିଛି।

ସୂଚନା ଅନୁଯାୟୀ, ସକାଳ ସାଢ଼େ ୯ଟାବେଳେ ଶାରଦା ବାଇକ୍ ଯୋଗେ ଖଣ୍ଡଗିରିରୁ ରସୁଲଗଡ ଅଭିମୁଖେ ଆସୁଥିଲେ। ହଠାତ୍ ତାଙ୍କ ବାଇକ୍ ଜୟଦେବବିହାର ଓଭରବ୍ରିଜ ଉପରେ ବ୍ରିଜ ୱାଲ୍‌ରେ ମାଡ଼ ହୋଇଯିବାରୁ ସେ ଛିଟିକି ତଳକୁ ଖସି ପଡ଼ିଥିଲେ। ତେବେ କିଭଳି ଶାରଦା ତଳକୁ ଖସିଲେ ତାହା ଜଣାପଡ଼ିନାହିଁ। କିନ୍ତୁ ଦ୍ରୁତ ଗତି ସମୟରେ ଡିସ୍ ବ୍ରେକ୍ ମାରିବାରୁ ଏଭଳି ଦୁର୍ଘଟଣା ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

# ଜିଲା ପରିଷଦ ପ୍ରାର୍ଥିନୀଙ୍କ ରୋଡ୍ ଶୋ'ରେ ୨ ସରପଞ୍ଚ ପ୍ରାର୍ଥୀ



ନିର୍ବାଚନ ପ୍ରଚାର ଶୋଭାଯାତ୍ରାବେଳେ ଗୋଟିଏ ଜିପ୍‌ରେ ୨ ସରପଞ୍ଚ ପ୍ରାର୍ଥୀ।

**କଣ୍ଟାପଡା,୧୭।୨(ଡି.ଏନ୍.ଏ.)**

କଣ୍ଟାପଡା ବ୍ଲକ ଅଧୀନ ବ୍ରାହ୍ମଣବାଟୀ ପଞ୍ଚାୟତର ସରପଞ୍ଚ ପଦବୀ ପାଇଁ ପରସ୍ପର ବିରୋଧରେ ନିର୍ବାଚନ ଲଢୁଥିବା ୨ଜଣ ସରପଞ୍ଚ ପ୍ରାର୍ଥୀ ଗୁରୁବାର ଜିଲା ପରିଷଦ ପ୍ରାର୍ଥିନୀଙ୍କ ସପକ୍ଷରେ ଗୋଟିଏ ଜିପ୍‌ରେ ବସି ଶୋଭାଯାତ୍ରାରେ ଯିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ୮ନଂ. ଜୋନ୍‌ରେ ବିଜେଡି ପକ୍ଷରୁ ଜିଲା ପରିଷଦ ପ୍ରାର୍ଥିନୀ କ୍ରିଷ୍ଣାରାଣୀ ବେହେରା ନିର୍ବାଚନ ଲଢୁଛନ୍ତି। ଗୁରୁବାର ସେ ଉକ୍ତ ଜୋନ୍‌ର ବାଗଲପୁର, କଣ୍ଟାପଡା, ଅଡଶପୁର, ଉରାଢ଼, ଡିମିରି, ଉତ୍ତାରଣ, ପୋସ୍ତଲ ଓ ବ୍ରାହ୍ମଣବାଟୀ ପଞ୍ଚାୟତରେ ରୋଡ୍ ଶୋ'କରିଥିଲେ। ବ୍ରାହ୍ମଣବାଟୀ ପଞ୍ଚାୟତରେ ସରପଞ୍ଚ ପଦବୀ ପାଇଁ ପରସ୍ପର ବିରୋଧରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ମଧୁସୂଦନ ପାତ୍ର ଓ ସୁରେନ୍ଦ୍ର ପାତ୍ର ଉଭୟ ଶାସକ ଦଳର ସମର୍ଥକ ଅଟନ୍ତି। ତେବେ ପଞ୍ଚାୟତରେ ପରସ୍ପର ପ୍ରତି ଆକ୍ଷେପ ଓ ପ୍ରତିଆକ୍ଷେପ କରି ଭୋଟ ଭିକ୍ଷା କରୁଥିବା ସମ୍ପୃକ୍ତ ପ୍ରାର୍ଥୀଦ୍ୱୟ ଗୋଟିଏ ଜିପରେ ଛିଡାହୋଇ ବ୍ରାହ୍ମଣବାଟୀ ପଞ୍ଚାୟତରେ ରୋଡ୍‌ଶୋ'ରେ ଭାଗନେବା ଘଟଣା ଭୋଟରଙ୍କୁ ଆଶ୍ଚର୍ଯ୍ୟ କରିଛି। ଭୋଟରମାନେ ଏମାନଙ୍କ କାର୍ଯ୍ୟକଳାପକୁ କେତେଦୂର ଗ୍ରହଣ କରୁଛନ୍ତି ତାହା ଫଳ ଘୋଷଣା ପରେ ଜଣାପଡିବ। ଅପରପକ୍ଷେ ଏହି ପଞ୍ଚାୟତରୁ ସରପଞ୍ଚ ପଦବୀ ପାଇଁ ନିର୍ବାଚନ ଲଢୁଥିବା ସୁବ୍ରତ ପାତ୍ର ପୂର୍ବତନ ସରପଞ୍ଚ ଗାୟତ୍ରୀ ରାଉତରାୟଙ୍କ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଭୋଟରଙ୍କୁ ଅବଗତ କରାଇ ନିଜ ସପକ୍ଷରେ ଭୋଟ ଦେବା ପାଇଁ କହୁଥିବାବେଳେ ଅନ୍ୟତମ ପ୍ରାର୍ଥୀ ସଞ୍ଜୟ ରାଉତରାୟ ସ୍ୱଚ୍ଛ ଶାସନ ପାଇଁ ଭୋଟ୍‌ଭିକ୍ଷା କରୁଥିବା ଜଣାପଡିଛି।



# ସାତକୋଶିଆରେ ଛଡ଼ାଗଲା ୨ ଘଡ଼ିଆଳ କୁମ୍ଭୀର

**ବାରଙ୍ଗ,୧୭।୨(ଡି.ଏନ୍.ଏ.)**

ପ୍ରାଣୀ ଉଦ୍ୟାନ ନନ୍ଦନକାନନରୁ ଗୁରୁବାର ୨ ମାଈ ଘଡିଆଳ କୁମ୍ଭୀରକୁ ସାତକୋଶିଆରେ ଛଡ଼ାଯାଇଛି। ମଙ୍ଗଳବାର ବିରୁପାରୁ ଏକ କୁମ୍ଭୀର ଧରା ହୋଇ ନନ୍ଦନକାନନକୁ ଆସିଥିଲା। ଉକ୍ତ କୁମ୍ଭୀର ସହ ନନ୍ଦନକାନନରେ ଥିବା ଏକ ମାଈ ଘଡିଆଳ କୁମ୍ଭୀରକୁ ପ୍ରାଣୀଉଦ୍ୟାନର ବିଶେଷଜ୍ଞ ସୁଦର୍ଶନ ମହାରଣାଙ୍କ ତତ୍ତ୍ୱାବଧାନରେ ସାତକୋଶିଆସ୍ଥିତ ମହାନଦୀରେ ଗୁରୁବାର ଛଡାଯାଇଥିବା ନନ୍ଦନକାନନ କର୍ତ୍ତୃପକ୍ଷ ପକ୍ଷରୁ ସୂଚନା ଦିଆଯାଇଛି।

## 'ହରପ୍ରସାଦଙ୍କ ବିୟୋଗରେ ଓଡ଼ିଆ ସାହିତ୍ୟର ଅପୂରଣୀୟ କ୍ଷତି'

**କଟକ ଅଫିସ, ୧୭।୨**

ବିଶିଷ୍ଟ କବି ହରପ୍ରସାଦ ପରିଚ୍ଛା ପଟ୍ଟନାୟକଙ୍କ ବିୟୋଗରେ ସାରଳା ସାହିତ୍ୟ ସଂସଦ ପକ୍ଷରୁ ଗୁରୁବାର କଟକ ସାରଳା ଭବନଠାରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସଂସଦର ପ୍ରତିଷ୍ଠାତା ଓ ସଭାପତି ଡ. ପ୍ରଭାକର ସ୍ୱାଇଁ ଏଥିରେ ଅଧ୍ୟକ୍ଷତା କରି କହିଥିଲେ, କବି ହରପ୍ରସାଦ ଓଡ଼ିଆ କବିତା ଜଗତର ଜଣେ ସଫଳ ସ୍ରଷ୍ଟା ଭାବେ ଓଡ଼ିଆ ପାଠକଙ୍କ ନିକଟରେ ସୁପରିଚିତ ଥିଲେ। ହରପ୍ରସାଦଙ୍କ ବିୟୋଗରେ ଓଡ଼ିଆ ସାହିତ୍ୟର ଅପୂରଣୀୟ କ୍ଷତି ଘଟିଲା ବୋଲି ସେ କହିଥିଲେ। ଏହି ସଭାରେ ପ୍ରଫେସର ନିରଞ୍ଜନ ତ୍ରିପାଠୀ, ଡ. ମହେଶ୍ୱର ମହାନ୍ତି, ପ୍ରଫେସର ଡ. ନିମାଇଁ ଚରଣ ପରିଜା, ନାଟ୍ୟକାର ସଞ୍ଜିତ କୁମାର ପଟ୍ଟନାୟକ, ଶିକ୍ଷାବିତ୍ କୈଳାସ ଚନ୍ଦ୍ର ବରାଳ ପ୍ରମୁଖ ଉପସ୍ଥିତ ଥିଲେ।

# ଖୋଲିବ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କ୍ୟାଣ୍ଟିନ

**କଟକ ଅଫିସ,୧୭।୨**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ପାଇଁ ଖୋଲିବ କ୍ୟାଣ୍ଟିନ। ଖାଇବା ପାଇଁ ସେମାନଙ୍କୁ ଆଉ ବାହାର ଦୋକାନ କିମ୍ବା ହୋଟେଲ ଉପରେ ନିର୍ଭର କରିବାକୁ ପଡିବ ନାହିଁ। ପ୍ରାୟ ୬ ବର୍ଷ ହେବ ବିଶ୍ୱବିଦ୍ୟାଳୟ ପରିସରରେ ବନ୍ଦ ରହିଥିବା କ୍ୟାଣ୍ଟିନ ଖୋଲିବାକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି। କିଛି ବର୍ଷ ପୂର୍ବେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକ ଘରୋଇ ସଂସ୍ଥାକୁ ଟେଣ୍ଡର ମାଧ୍ୟମରେ କ୍ୟାଣ୍ଟିନର ଦାୟିତ୍ୱ ଦିଆଯାଇଥିଲା। ହେଲେ ଉକ୍ତ ସଂସ୍ଥାର କର୍ମଚାରୀମାନେ ନିମ୍ନମାନର ଖାଦ୍ୟ ଯୋଗାଉଥିବା ଅଭିଯୋଗ ହୋଇଥିଲା। ଏହି ଖାଦ୍ୟ ଖାଇ ଅନେକଙ୍କ ସ୍ୱାସ୍ଥ୍ୟ ଖରାପ ହୋଇଥିଲା। ଏହାପରେ କର୍ତ୍ତୃପକ୍ଷ ଉକ୍ତ ସଂସ୍ଥାର ଟେଣ୍ଡରକୁ ବାତିଲ କରିବା ସହ କ୍ୟାଣ୍ଟିନ ବନ୍ଦ କରିଦେଇଥିଲେ। ହେଲେ ଏବେ କ୍ୟାଣ୍ଟିନ ଖୋଲିବା ପାଇଁ ପ୍ରକ୍ରିୟା ଚାଲିଛି। ଓଡ଼ିଶା ରାଜ୍ୟ ପୋଲିସ ଗୃହ ଓ କଲ୍ୟାଣ ନିଗମ ପକ୍ଷରୁ କରାଯାଉଥିବା କ୍ୟାଣ୍ଟିନ ବିଲ୍ଡିଂର ମରାମତି ଓ ରୂପାନ୍ତରୀକରଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ୨୪ରେ ଘରୋଇ ସଂସ୍ଥାଗୁଡିକ ପକ୍ଷରୁ ଟେଣ୍ଡର ସମ୍ପର୍କରେ ବିଶ୍ୱବିଦ୍ୟାଳୟ କ୍ୟାଣ୍ଟିନ କମିଟି ନିକଟରେ ତଥ୍ୟ ଉପସ୍ଥାପନ କରାଯିବ। ଏହାପରେ ସଂସ୍ଥା ଚୟନ କରାଯାଇ ମାର୍ଚ୍ଚ ମଧ୍ୟରେ କ୍ୟାଣ୍ଟିନ ଖୋଲିବ ବୋଲି କ୍ୟାଣ୍ଟିନ କମିଟି ପକ୍ଷରୁ ସୂଚନା ମିଳିଛି। ତେବେ ଟେଣ୍ଡରରେ ରେଭେନ୍‌ଶା ପକ୍ଷରୁ ବିଭିନ୍ନ ସର୍ତ୍ତ ରଖାଯାଇଛି। ଖାଦ୍ୟ ସୁରକ୍ଷା ଲାଇସେନ୍ସ ଥିବା ସଂସ୍ଥା ହିଁ ଆବେଦନ କରିପାରିବେ। ସକାଳ ୯ରୁ ରାତି ୯ଟା ପର୍ଯ୍ୟନ୍ତ କ୍ୟାଣ୍ଟିନ ଖୋଲା ରହିବ। ଏଠାରେ ସକାଳ ଜଳଖିଆଠାରୁ ଆରମ୍ଭ କରି ରାତ୍ରିଭୋଜନ ମିଳିବ। କ୍ୟାଣ୍ଟିନରେ ବିକ୍ରି ହେବାକୁ ଥିବା ଖାଦ୍ୟର ପରିମାଣ ଓ ମୂଲ୍ୟ ଧାର୍ଯ୍ୟ କରାଯାଇଛି। ଟେଣ୍ଡର ପାଇଁ ଆବେଦନ କରିଥିବା ସଂସ୍ଥାଗୁଡିକ ବିଶ୍ୱବିଦ୍ୟାଳୟ ପକ୍ଷରୁ ଜାରି କରାଯାଇଥିବା ସର୍ତ୍ତାବଳୀ ମାନୁଛନ୍ତି କି ନାହିଁ ତାହାକୁ କ୍ୟାଣ୍ଟିନ କମିଟି ତଦାରଖ କରିବ। ଆସନ୍ତା ମାର୍ଚ୍ଚରୁ କ୍ୟାଣ୍ଟିନ ପୁନଃ କାର୍ଯ୍ୟକ୍ଷମ ହେବା ଯୋଜନା ରହିଛି ବୋଲି କୁଳସଚିବ ଭକ୍ତଚରଣ ପ୍ରଧାନ କହିଛନ୍ତି ।



ଖୋଲିବାକୁ ଥିବା ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କ୍ୟାଣ୍ଟିନ।

■ଶେଷ ପର୍ଯ୍ୟାୟରେ ରୂପାନ୍ତରଣ କାର୍ଯ୍ୟ

■ସକାଳ ୯ରୁ ରାତି ୯ଟା ପର୍ଯ୍ୟନ୍ତ ମିଳିବ ଖାଦ୍ୟ

## ପୂଜା କମିଟି ସଭାପତିଙ୍କ ପରଲୋକ

**ଚୌଦ୍ୱାର,୧୭।୨(ଡି.ଏନ୍.ଏ.)**

ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ଗୋଡ଼ିପାଟଣା ପୂଜା କମିଟି ସଭାପତି ପ୍ରଭାକର ମହାପାତ୍ର(୯୪)ଙ୍କର ଗୁରୁବାର ପରଲୋକ ହୋଇଯାଇଛି। କିଛିଦିନ ହେବ ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ମୃତ୍ୟୁ ଖବର ମିଳିବା ପରେ ଶାନ୍ତି କମିଟିର ନରେନ୍ଦ୍ର ମହାପାତ୍ର, ପୂର୍ବତନ ଉପନଗରପାଳ ଅଜୟ ବେହେରା, ସୁଧାକର ମହାପାତ୍ର, ହରିହର ଭୂୟାଁ, ଗ୍ରାମ କମିଟି ବରିଷ୍ଠ ସଦସ୍ୟ ହୃଷୀକେଶ ଭୂୟାଁ, ନରେନ୍ଦ୍ର ସ୍ୱାଇଁ ପ୍ରମୁଖ ପ୍ରଭାକରଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ପରେ ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ଶ୍ମଶାନରେ ସତ୍କାର କରାଯାଇଥିଲା। ଜ୍ୟେଷ୍ଠପୁତ୍ର ରବୀନ୍ଦ୍ର ମୁଖାଗ୍ନି ଦେଇଥିଲେ। ସୂଚନାଯୋଗ୍ୟ, ପ୍ରଭାକର ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସାମାଜିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ଅନୁଷ୍ଠାନର ସହ ଜଡ଼ିତ ରହି ବହୁ ଜନହିତକର କାର୍ଯ୍ୟ କରିଛନ୍ତି।

# ଟ୍ରାକ୍ଟର ସହ ପାଳଗଦା ପୋଡ଼ିଗଲା



ଅଗ୍ନିଶମ କର୍ମଚାରୀ ପାଳଗଦାରୁ ନିଆଁ ଲିଭାଉଛନ୍ତି।

**ନରସିଂହପୁର,୧୭।୨(ସ୍ୱ.ପ୍ର.)**

**ନିର୍ବାଚନ ପରବର୍ତ୍ତୀ ହିଂସା**

ନରସିଂହପୁର ବ୍ଲକ କାନପୁର ଥାନା ଅନ୍ତର୍ଗତ ତାମେରା ଗ୍ରାମର ଜଣେ ବ୍ୟକ୍ତିଙ୍କ ପାଳଗଦା ଓ ଟ୍ରାକ୍ଟରକୁ ବୁଧବାର ବିଳମ୍ବିତ ରାତିରେ ପୋଡ଼ି ଦିଆଯାଇଥିବା ଅଭିଯୋଗ ହୋଇଛି। ଏଥିରେ ଯୁଧିଷ୍ଠିର ବାରିକ କ୍ଷତିଗ୍ରସ୍ତ ହୋଇଛନ୍ତି। ନିଆଁ ଲାଗିବା ପରେ ଗ୍ରାମବାସୀଙ୍କଠାରୁ ଖବରପାଇ ବାଲିଝରି ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଏହାକୁ ଆୟତ୍ତ କରିଥିଲା। ଏନେଇ ଯୁଧିଷ୍ଠିର ଥାନାରେ ଅଭିଯୋଗ କରିଛନ୍ତି। ସେ ସେଥିରେ ଉଲ୍ଲେଖ କରିଛନ୍ତି ଯେ, ପଞ୍ଚାୟତ ନିର୍ବାଚନରେ ସେ ଜଣେ ସମିତି ସଭ୍ୟ ପ୍ରାର୍ଥୀଙ୍କୁ ସମର୍ଥନ କରୁଥିଲେ। ଏହାକୁ ତାଙ୍କର ଜଣେ ସମ୍ପର୍କୀୟ ବିରୋଧ କରୁଥିଲେ। ବୁଧବାର ନିର୍ବାଚନ ପାଇଁ ମତଦାନ ସରିବା ପରେ ଯୁଧିଷ୍ଠିରଙ୍କ ସମ୍ପର୍କୀୟ ତାଙ୍କୁ ଗାଳିଗୁଲଜ କରିଥିଲେ। ଏପରିକି ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ନିଆଁ ଲାଗିବାରେ ଉକ୍ତ ସମ୍ପର୍କୀୟଙ୍କ ସମ୍ପୃକ୍ତି ରହିଛି ବୋଲି ଯୁଧିଷ୍ଠିର ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ସହ ଟ୍ରାକ୍ଟର ନିକଟରୁ ମଦ ବୋତଲ ଜବତ କରିଛି। ତଦନ୍ତ ପରେ ଆଇନ ଅନୁଯାୟୀ, କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନା ଅଧିକାରୀ ରବୀନ୍ଦ୍ର ଭୁଜବଳ କହିଛନ୍ତି।



ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଗୁରୁବାର ଅନୁଷ୍ଠିତ କବି ଡ. ହରପ୍ରସାଦ ପରିଚ୍ଛା ପଟନାୟକଙ୍କ ଶୋକସଭାରେ ଉପସ୍ଥିତ ଅଛନ୍ତି ଏକାଡେମୀର ସଭାପତି ଡ. ହୃଷୀକେଶ ମଲ୍ଲିକ ଓ ଅନ୍ୟମାନେ।



ଖୋର୍ଦ୍ଧା ଜିଲା ୨୯ ନଂ ଜୋନ୍ ଜିଲା ପରିଷଦ କଂଗ୍ରେସ ପ୍ରାର୍ଥୀ ପ୍ରସନ୍ନ ଦାସଙ୍କ ସମର୍ଥନରେ ଗୁରୁବାର ବାହାରିଥିବା ବାଇକ୍ ରାଲି।



ଖୋର୍ଦ୍ଧା ଜିଲା ୨୧ ନଂ ଜୋନର ବିଜେଡି ପ୍ରାର୍ଥୀ ପବିତ୍ର ମୋହନ ପଟେଲଙ୍କ ପାଇଁ ରାଜ୍ୟ ସଭା ସଦସ୍ୟ ମୁନା ଖାଁ ପ୍ରଚାର କରୁଛନ୍ତି।